

ଆଇପିଏଲ୍ ନିଲାମୀ: ଗ୍ରୀନ୍ ସବୁଠୁ ଦାମୀ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-171 ♦WEDNESDAY ♦17 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୭୧ ♦ବୁଧବାର ♦୧୭ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ‘ମନରେଗା’ର ନାମ ପରିବର୍ତ୍ତନ

# ସଂସଦରେ ହଙ୍ଗାମା



■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା ସ୍କିମର ନାମ ପରିବର୍ତ୍ତନକୁ ନେଇ ବିରୋଧୀ ଦଳ ଆଜି ସଂସଦ ଭିତରେ ଓ ବାହାରେ ପ୍ରବଳ ହଙ୍ଗାମା କରିଛନ୍ତି। ଏହା ବଦଳରେ ଆସିବାକୁ ଥିବା ନୂଆ ସ୍କିମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ଆଜୀବିକା ମିଶନ୍ (ଗ୍ରାମୀଣ) ‘ଭିବି ଜି ରାମ୍ ଜି’ କରାଯାଇଥିବାରୁ ସେମାନେ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ଜାତିର ପିତାଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ଆଜି ଲୋକସଭାରେ ସରକାର ଏସଂକ୍ରାନ୍ତ ବିଲ୍ ଆଗତ କରିବା ମାତ୍ରେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ବିଲ୍ ଆଗତ କରିବା ସହିତ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ ଯେ ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ବିଶ୍ୱାସ କରିବା ସହିତ ଏହାର ଅନୁକରଣ ମଧ୍ୟ କରୁଛନ୍ତି। ଗ୍ରାମାଞ୍ଚଳ ବିକାଶ ପାଇଁ ପୂର୍ବ ସରକାର ଯାହା କରିଥିଲେ ତାଠାରୁ ଅଧିକ ବିକାଶ କରିଛନ୍ତି ମୋଦୀ ସରକାର। କିନ୍ତୁ ବିରୋଧୀ ଦଳର ସଭ୍ୟମାନେ କିଛି ଶୁଣିନଥିଲେ। ସେମାନେ ଏହାର ଦୃଢ଼ ବିରୋଧ କରିବା ସହିତ ଅଧିକ ତର୍ଜମା ପାଇଁ ସଂସଦୀୟ କମିଟିକୁ ପଠାଇବା ଲାଗି ଦାବି କରିଥିଲେ। ସେମାନେ ହାତରେ ଗାନ୍ଧୀଙ୍କ ଫଟୋ ଧରି ସରକାରଙ୍କ ନୂଆ ଉଦ୍ୟମର ପ୍ରତିବାଦ କରିଥିଲେ।

ଏହାପରେ ବିରୋଧୀ ଦଳର ସଭ୍ୟମାନେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି ଧାରଣା ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଡିଏମକେର ଟିଆର ବାଲୁ, ▶ପୃଷ୍ଠା-୭

### ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନକୁ ସହିବୁ ନାହିଁ: ବିରୋଧୀ

### ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି ମୋଦୀ ସରକାର: ମନ୍ତ୍ରୀ

### ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ

# ଅଲୋଡ଼ା ରେକର୍ଡ: ‘ଟଙ୍କା’ର ଅବମୂଲ୍ୟାୟନ ସର୍ବାଧିକ

## ୧ ଡଲାର୍ = ୯୧.୦୭ ଟଙ୍କା



### ବର୍ଷକରେ ଟଙ୍କା ମୂଲ୍ୟ ୬%ରୁ ଅଧିକ ଖସିଛି

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଦୁର୍ବଳ ହେଉଛି ଭାରତୀୟ ମୁଦ୍ରା ‘ଟଙ୍କା’। ‘ଟଙ୍କା’ ଅବମୂଲ୍ୟାୟନ ଧାରା ଆଜି ବି ଜାରି ରହିଛି। ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୧ ଟଙ୍କା ସ୍ତରରେ ପହଞ୍ଚିଛି। ଏମିତିକି ଭାରତୀୟ ଟଙ୍କା ଚଳିତ ବର୍ଷ ଏସିଆରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଜାନୁଆରୀରୁ ଡିସେମ୍ବର ୧୫ ମଧ୍ୟରେ ଟଙ୍କା ମୂଲ୍ୟରେ ସର୍ବାଧିକ ୬ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ତେବେ ଏଥିରେ କୌତୂହଳର ବିଷୟ ହେଉଛି ଯେ, ପଡୋଶୀ ପାକିସ୍ତାନ, ବାଙ୍ଗଲାଦେଶ ଏବଂ ଶ୍ରୀଲଙ୍କା ମୁଦ୍ରା ତୁଳନାରେ ମଧ୍ୟ ଟଙ୍କା ୨୦୨୫ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଅର୍ଥାତ୍ ୨୦୨୫ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ଘଟିଛି।

ଭାରତର ରପ୍ତାନି ସହ ପ୍ରତିଯୋଗିତା କରୁଥିବା ପ୍ରମୁଖ ଏସୀୟ ଦେଶଗୁଡ଼ିକର ମୁଦ୍ରା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ଭାରତୀୟ ଟଙ୍କା, ଭିଏତନାମ୍‌ର ଡଙ୍ଗ ଏବଂ ଇଣ୍ଡୋନେସିଆନ୍ ରୁପିୟା ଚଳିତ ବର୍ଷ ଡଲାର ତୁଳନାରେ ଅଧିକ ହ୍ରାସ ଘଟିଛି। ଅପରପକ୍ଷେ ଦକ୍ଷିଣ କୋରିଆର ମୁଦ୍ରା ୱାନ୍ ମୂଲ୍ୟ ତୁଳନାତ୍ମକ ଭାବରେ ସ୍ଥିର ରହିଥିବା ବେଳେ, ଚୀନ୍‌ର ୟୁଆନ୍, ସିଙ୍ଗାପୁର ଡଲାର, ଥାଇ ବାଟ ଏବଂ ମାଲେସିଆର ରିଙ୍ଗିଟ୍ର ସ୍ଥିତି ସୁଦୃଢ଼ ହୋଇଛି। ତେବେ ଯଦି ଆମେ ▶ପୃଷ୍ଠା-୭

# ଧଉଳି ଲଜ୍ଜା | ଜୋକର ହାପିର ପତ୍ତା ପାଉନି ପୁଲିସ

## ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ ସଦସ୍ୟା

■ ଭୁବନେଶ୍ୱର, ୧୬।୧୨ (ସମିସ): ଦିନ ଯେତିକି ଗଡ଼ୁଛି ଧଉଳି ଗଣଦୁଷ୍କର୍ମ ଗୁମରର କଳା କାହାଣୀ ଧୀରେଧୀରେ ଖୋଲିବାରେ ଲାଗିଛି। ନାବାଳିକା ଯୁକ୍ତ ଦୁଇ ଛାତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଲୁଟପାଟ କରାଯିବା ସହ ଗଣଦୁଷ୍କର୍ମ କରାଗଲା। ଏପରିକି ଗଣଦୁଷ୍କର୍ମର ଭିଡ଼ିଓ ରେକର୍ଡିଂ କରାଗଲା, ପୁଲିସରେ ଅଭିଯୋଗ କଲେ ଭିଡ଼ିଓ ଭାଇରାଲ କରାଯିବାକୁ ଧମକ ଦିଆଗଲା। ଏହି ବୀଭତ୍ସ ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଅନୁରୂପ ▶ପୃଷ୍ଠା-୭

**ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା କ୍ରାଇମ୍‌ବ୍ରାଞ୍ଚ୍**

**ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୁଲିସ ନାରାଜ**

## ସୀମା ଟପୁଛି ଅରାଜକତା: ନବୀନ



■ ଭୁବନେଶ୍ୱର, ୧୬।୧୨ (ସମିସ): ଧଉଳିରେ ଜନୈକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବିଚଳିତ କରିଦେବା ପରି ବିଷୟ। ରାଜ୍ୟରେ ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ନବୀନ କହିଛନ୍ତି ଯେ ରାଜ୍ୟରେ ଅପରାଧୀ ଭୟଶୂନ୍ୟ ହେଉଛନ୍ତି, ▶ପୃଷ୍ଠା-୭

**ବିଶ୍ୱସନୀୟତା ହରାଉଛନ୍ତି ରାଜ୍ୟର ବିଜେପି ସରକାର**

**ସମ୍ବେଦନହୀନ ଆଚରଣ ସରକାରଙ୍କ ଅପାରଗତା ଦର୍ଶାଉଛି**

### କାଳ ହେଲା ଘନ କୁହୁଡ଼ି; ୮ ବସ-୩ କାର୍ ଧକ୍କା

## ୧୩ ଜୀବନ୍ତ ଦଗ୍ଧ; ୭୦ ଆହତ



■ ମଥୁରା, ୧୬।୧୨ (ଏଜେନ୍ସି): ଘନ କୁହୁଡ଼ି ଯୋଗୁଁ ଉତ୍ତର ପ୍ରଦେଶ ମଥୁରାର ଯମୁନା ଏକ୍ସପ୍ରେସୱେରେ ମଙ୍ଗଳବାର ବଡ଼ି ଭୋରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବଲଦେବ ଥାନା କ୍ଷେତ୍ରର ୧୨୭ ମାଇଲଷ୍ଟୋନ ନିକଟରେ ୮ ବସ୍ ଏବଂ ୩ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିଯୋଗୁଁ ଗାଡ଼ି ଗୁଡ଼ିକରେ ନିଆଁ ଲାଗି ବିଜେପି ନେତାଙ୍କ ସମେତ ୧୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୭୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ▶ପୃଷ୍ଠା-୭




## ବଡ଼ଗାଁରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୧୬।୧୨(ସମିସ):** ବଡଗାଁ ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୮୯ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୩ ଗୋଟି ଆବେଦନ ରହିଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ତ୍ରି-ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କେବିସି ରାଜଗାଙ୍ଗପୁର ଚାମ୍ପିଅନ୍

**ବଣାଇଁ, ୧୬।୧୨(ସମିସ):** ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ସୁରୁପଟଳା, ଉରୁମକଳା ସ୍ଥିତ ଜଗତ କଲ୍ୟାଣ ଗ୍ରୁପ ପକ୍ଷରୁ ଆୟୋଜିତ ପଞ୍ଚମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୨୪ଟି ଦଳକୁ ନେଇ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଯାପନୀ ଖେଳ କେବିସୀ ରାଜଗାଙ୍ଗପୁର ଓ ଲାୟନ ଟାଇଗର ବଳିତା କୁଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟି କିକରେ କେବିସି ରାଜଗାଙ୍ଗପୁର ବିଜୟ ହୋଇଥିଲା। ତୃତୀୟ ଓ ଚତୁର୍ଥ ପୁରସ୍କାର ଯଥାକ୍ରମେ ଖାଲକୋ ବ୍ରଦର ଚାନ୍ଦିପୋଷ, କିସାନ ବ୍ରଦର ବିସିପାଲୀ ଦଳକୁ ମିଳିଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୌରୀ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଓ ଗୌରୀ ନର୍ସିଂ ସ୍କୁଲର ସହଯୋଗୀ ନିର୍ଦ୍ଦେଶକ ସୁମନ ସୌରଭ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୁନିଅର ଇଞ୍ଜିନିୟର ଝସକେତନ କିସାନ, ତ୍ରିଲୋଚନ କିଷାନ, ବୁଲୁ ବାରିକ, ବିରଞ୍ଚି ନାରାୟଣ ସାହୁ, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ କୁମାର ବେହେରା, ନାଏବ ସରପଞ୍ଚ କୁଳେଶ୍ୱର କିଷାନ, ଭଜନ କିଷାନ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତପନ କୁମାର ଜୟସ୍ୱାଲ, ଯୁଗଳ, ସୁଶାନ୍ତ, ବିକ୍ରମ, ଅମରେନ୍ଦ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି ବଳଭଦ୍ର କିସାନ, ସମ୍ପାଦକ ଶରତ ଚନ୍ଦ୍ର କିସାନ, କୋଷାଧକ୍ଷ ରୂପଧର କିସାନ, କ୍ରୀଡ଼ା ବିଭାଗର ରାଜ କୁମାର କିଷାନ, ଜୀବନ କିଷାନ, ରଣଜିତ କିଷାନ ପ୍ରମୁଖ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା, ୧୬।୧୨(ସମିସ): ସୁନ୍ଦରଗଡ଼ରେ ମଙ୍ଗଳବାର ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ ପରିସରରେ ଏହି ମହୋତ୍ସବ ଆରମ୍ଭ ହୋଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦାରଗଡ଼ ସାଂସଦ ଜୁଏଲ ଓରାମ, ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନ, କ୍ରୀଡାବିତ୍ ପ୍ରତୀକ ମହାରଣା ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ସୁନ୍ଦରଗଡ଼ ଜିଲ୍ଲା ହେଉଛି କ୍ରୀଡାର ଏକ ବୃହତ୍ କ୍ଷେତ୍ର ବୋଲି କହିବା ସହ ଏହି ଖେଳ ମହୋତ୍ସବ ଦ୍ୱାରା ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାଙ୍କୁ ଅନ୍ୱେଷଣ କରାଯାଇପାରିଥିବା କହିଥିଲେ। ଏହି ମହୋତ୍ସବ ଚଳିତ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୫ ଗୋଟି ବର୍ଗରେ ସମଗ୍ର ସାତ ଗୋଟି ବିଧାନସଭା କ୍ଷେତ୍ରରୁ ପ୍ରାୟ ୩୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ପଞ୍ଜିକରଣ କରିଥିଲେ। ଗ୍ରାମ ପଞ୍ଚାୟତ ସ୍ତର, ବ୍ଲକସ୍ତର ଦେଇ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ପହଞ୍ଚିଛନ୍ତି। ଏହି ଅବସରରେ ଆଜି ଏକ ବିଶାଳ ମଶାଲ ଶୋଭାଯାତ୍ରା ସମଲେଇ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଭବନୀପୁର୍ ପଡ଼ିଆଠାରେ ପହଞ୍ଚିଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ରାଉରକେଲା ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ଓଡ଼ିଶା ତୀରନ୍ଦାଜ୍ ସଙ୍ଘର ଉପସଭାପତି ତଥା ସାଂସଦ ଖେଳ ମହୋତ୍ସବ ଜିଲ୍ଲା ସଂଯୋଜକ ବଟକିଶୋର ମିଶ୍ର, ସହ ସଂଯୋଜକ ଅଭୟ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ, ଅନ୍ୟାନ୍ୟ ବରେଣ୍ୟ ଅତିଥିବୃନ୍ଦ, କ୍ରୀଡା ଶିକ୍ଷକ, କୋଚ, ରେଫରୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷଦେବ ନନ୍ଦ ଏବଂ ପ୍ରିୟଙ୍କା ଜେନା ସଂଯୋଜନା କରିଥିଲେ।

# ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ଧାବକ ସୁମିତ ସିଂହ

ରାଉରକେଲା, ୧୬।୧୨(ସମିସ)

ଇସ୍ପାତ ନଗରୀ ରାଉରକେଲାର ସୁନାମଧନ୍ୟ ଧାବକ ସୁମିତ ସିଂହ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶ୍ରୀ ସିଂହ ଦୀର୍ଘ ୪୮ ଘଣ୍ଟା ଧରି ମାନୁଆଲ୍ ଟ୍ରେଡମିଲ୍ ଉପରେ ନିରନ୍ତର ଦୌଡ଼ି ୨୦୧.୫ କିଲୋମିଟର ଦୂରତା ଅତିକ୍ରମ କରି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ସମର୍ଥିତ ସୁମିତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟା ୬ଟାରେ ରାଉରକେଲାର ସିଭିକ୍ ସେଣ୍ଟରରେ ଏହି ଅଦମ୍ୟ ପ୍ରୟାସ ଆରମ୍ଭ କରିଥିଲେ। ଉକ୍ତ ପ୍ରୟାସରେ ତାଙ୍କୁ ପ୍ରତି ଘଣ୍ଟାରେ ମାତ୍ର ୫ ମିନିଟର ବିରତିର ଅନୁମତି ଥିଲା, ଯାହା ତାଙ୍କ ସହନଶୀଳତା ଏବଂ ସଂକଳ୍ପର ଅସୀମ ଧୈର୍ଯ୍ୟକୁ ଦର୍ଶାଇଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଆର୍‌ଏସ୍‌ପି ତାଙ୍କର ଏହି ପ୍ରୟାସର ଶୁଭାରମ୍ଭ କରାଇଥିଲେ ଏବଂ ତାଙ୍କର ସଫଳତା ପାଇଁ ଉତ୍ସାହ ପ୍ରଦାନ କରିଥିଲେ। ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ହେବାକୁ ଥିବା ମେଗା ହାଫ୍ ମାରାଥନ୍ ପାଇଁ ଆର୍‌ଏସ୍‌ପିର ବ୍ରାଣ୍ଡ ଆମ୍ବାସାଡର ଶ୍ରୀ ସିଂହଙ୍କ ଏହି ରେକର୍ଡ ଦୌଡ ସୁସ୍ଥ ଜୀବନଯାପନ ଏବଂ ମାନସିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଥିଲା। ପୂର୍ବରୁ, ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଡିସେମ୍ବର ୪ ତାରିଖରେ ଏହି ପ୍ରସିଦ୍ଧ ଧାବକଙ୍କ ସହ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଧାବକଙ୍କ ପଦକ୍ଷେପକୁ ପ୍ରଶଂସା କରି ଡିଆଇସି ତାଙ୍କ ସଫଳତା କାମନା କରିଛନ୍ତି। ଶ୍ରୀ ସୁମିତ ଡିସେମ୍ବର ୧୫ ତାରିଖ ସନ୍ଧ୍ୟା ୬ଟାରେ ଦୀର୍ଘ ୪୮ ଘଣ୍ଟା ଦୌଡ଼ ସମ୍ପୂର୍ଣ୍ଣ କରିଥିଲେ। ଏହି ଅବସରରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ନବନୀତା ପାଲ ଚୌଧୁରୀଙ୍କ ସମେତ ଆରଏସପିର ବହୁ ବରିଷ୍ଠ ଅଧିକାରୀ, କ୍ରୀଡାପ୍ରେମୀମାନେ ଉପସ୍ଥିତ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ଏହି ବିଶ୍ୱ ରେକର୍ଡ ହାସଲ ପାଇଁ ଆଥଲେଟଙ୍କୁ ପ୍ରଶଂସା କରିବା ସହିତ ତାଙ୍କର ଆଗାମୀ ଭବିଷ୍ୟତ ପ୍ରୟାସ ପାଇଁ ମଧ ଶୁଭେଚ୍ଛା ଜଣାଇଥିଲେ।




**ଟ୍ରେଡମିଲ୍ ଉପରେ ୨୦୧.୫ କିମି ୪୮ ଘଣ୍ଟା ଦୌଡ଼ି ବିଶ୍ୱ ରେକର୍ଡ**

## ଆର୍‌ଏସ୍‌ପିରେ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି'

**ରାଉରକେଲା, ୧୬।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି' ସିପିଟିଆଇଠାରେ ଡିସେମ୍ବରରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ପ୍ରକଳ୍ପ ଓ ଆଧୁନିକୀକରଣ ବିଭାଗର ସିଜିଏମ ଡିକେ ସାହୁ ମୁଖ୍ୟଅତିଥି ଏବଂ ଏସଏସଏମ ବିଭାଗର ଜିଏମ୍ ଇନ୍‌ଚାର୍ଜ ସିଆର ମିଶ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୨୦୨୫ ଡିସେମ୍ବର ମାସରେ ଅବସର ଗ୍ରହଣ କରୁଥିବା ଆରଏସପିର୨୪ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସି ଆଣ୍ଡ ଆଇଟି ବିଭାଗର ଡିଜିଏମ ସଞ୍ଜୟ ଗୌତମ ଡିଜିଟାଲ ଯୁଗରେ ଇଣ୍ଟରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡିକେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ସିପି-୨ ବିଭାଗର ଏଜିଏମ ବାବୁଲା ନାହକ ସକ୍ରିୟ ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର ଇଏ, ଜିଇଆର ଓ ସି ବିଭାଗର ଏଜିଏମ ଅବିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସ୍‌ପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଅବିନାଶ, ଡେପୁଟି ମ୍ୟାନେଜର ଏସକେ ନାୟକ, ଶ୍ରମ ନିରିକ୍ଷକ କେକେ ପରିଡ଼ା ଏବଂ ଏଚଆର ଇଆର ଏଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ରାଉରକେଲା, ୧୬।୧୨(ସମିସ):** ଆଜି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମାଦ୍ରୀ କାଲୋ ଭବନ ପଡ଼ିଆଠାରେ ଏହି ମେଳାକୁ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଠାରେ କୃଷକ ମାନେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି, ଉପକରଣ ଆଦିର ବ୍ୟବହାର କିଭଳି କରିବେ ସେ ଉପରେ ଜ୍ଞାନ ଅହୋରଣ କରି ପାରିବେ ଏବଂ ବିଭିନ୍ନ ସହାୟତା ଯୋଜନା ଉପରେ ମଧ ତଥ୍ୟ ପାଇ ପାରିବେ ବୋଲି ସୂଚାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଚାଷ ସହିତ ଚାଷୀଙ୍କୁ କିଭଳି ଆଗକୁ ବଢ଼ାଇବା, ଚାଷୀମାନଙ୍କୁ ସହଯୋଗ କରିବା, ଚାଷୀ ମାନେ କିଭଳି ସରକାରଙ୍କ ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଲାଭ ପାଇବେ ଆଦି ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ମେଳାରେ କୃଷି ତଥା ଆନୁସଙ୍ଗିକ ବିଭାଗ ଦ୍ୱାରା ବିଭିନ୍ନ ଷ୍ଟଲ ଖୋଲାଯାଇଛି। କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଚାଷୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, କୃଷି ବିଭାଗ ଅଧିକ୍ଷଣ ଯନ୍ତ୍ରୀ(ଉତ୍ତରାଞ୍ଚଳ) ନରେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ସନ୍ତୋଷ ପାଣିଗ୍ରାହୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁକାନ୍ତ ନାୟକ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (କୃଷି) ପରମାନନ୍ଦ ପ୍ରଧାନ, ଓଏଆଇସିର ଜିଲ୍ଲା ପରିଚାଳକ ସୁବୋଧ ତନୟ ପାଣିଗ୍ରାହୀ, ସମସ୍ତ ଜିଲ୍ଲା କୃଷି ଅଧିକାରୀ ଯୋଗ ଦେଇଥିଲେ।

## ନିଯୁକ୍ତି ନାଁରେ ଠକେଇ; ଅଭିଯୁକ୍ତ ଗିରଫ

**ରାଉରକେଲା, ୧୬।୧୨(ସମିସ):** ସରକାରୀ ଓ ବେସରକାରୀ ନିଯୁକ୍ତି ଦେବା ନାଁରେ ବେକାର ଯୁବକଯୁବତୀଙ୍କ ଠାରୁ ଅର୍ଥ ଆଦାୟ ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ଜଣେ ଆନ୍ତଃ ଜିଲ୍ଲା ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ କୋରାପୁଟ ଜିଲ୍ଲା ଜୟପୁର ଜୟନଗର ଅଞ୍ଚଳର ମୂଳ ବାସିନ୍ଦା ତଥା ଛେଣ୍ଡ କଲୋନୀ ସି୨ଏମ/୧୨୭ ଘରେ ରହୁଥିବା ସନ୍ତୋଷ କୁମାର ସାହୁ (୪୨)। ତାଠାରୁ ୨ଟି ମୋବାଇଲ, ଆଧାର କାର୍ଡ, ପାନ କାର୍ଡ ସମେତ ବିଭିନ୍ନ ଜାଲ କାଗଜପତ୍ର ଜବତ କରାଯାଇଛି। ସୂଚନାନୁଯାୟୀ, ୨୦୨୨ ମସିହାରୁ ଓଡ଼ିଶା ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବକ ଯୁବତୀଙ୍କ ଠାରୁ ସରକାରୀ ଓ ବେସରକାରୀ ନିଯୁକ୍ତି ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଠକ ସନ୍ତୋଷ କୁମାର ସାହୁ ରାଉରକେଲାରେ ମଧ୍ୟ ତାର କାରବାର ଚଳାଇଥିଲା। ଅଭିଯୁକ୍ତ ସନ୍ତୋଷ ସରକାରୀ ଓ ବେସରକାରୀ ନିଯୁକ୍ତି କରାଇ ଦେବାକୁ କହି ଯୁବକ ଯୁବତୀଙ୍କ ଠାରୁ କାଗଜପତ୍ର ସଂଗ୍ରହ କରୁଥିଲା। ଏନେଇ ପୁଲିସକୁ ବିଶେଷ ସୂତ୍ରରୁ ଜଣାପଡ଼ିବା ପରେ ତାକୁ କାବୁ କରି ପଚରା ଉଚରା କରିଥିଲା। ତଦନ୍ତ ବେଳେ ସେ କୋରାପୁଟ, ମାଲକାନଗିରି ଓ ଗଞ୍ଜାମ ଜିଲ୍ଲାରୁ ୧ ଜାନୁଆରୀ ୨୦୨୨ରୁ ଆଜି ଯାଏଁ ୩୯ ଲକ୍ଷ ୨୦ ହଜାର ଟଙ୍କା ଠକେଇ କରିଥିବା ଜଣାପଡ଼ିଥିଲା। ଗତ ଏକ ବର୍ଷ ଧରି ଅଭିଯୁକ୍ତ ରାଉରକେଲାକୁ ଆସି ସମାନ ଘଟଣା ଚଳାଇଥିଲା। ବିଶେଷ କରି ରେଲୱେରେ ନିଯୁକ୍ତି ଦେବାକୁ କହି ପ୍ରତ୍ୟେକଙ୍କ ଠାରୁ ୮ରୁ ୧୦ ଲକ୍ଷ ଟଙ୍କା ଠକେଇ କରିଥିବା ସେ ପୁଲିସ ନିକଟରେ ସ୍ୱୀକାର କରିଛି। ଜାଲ ନିଯୁକ୍ତି ପତ୍ର ଯୁବକ ଯୁବତୀଙ୍କୁ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ବିଭିନ୍ନ ଦିଗକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଲାଞ୍ଚ ମାମଲା; ପୂର୍ବତନ ମାଲିଡିହି ଆର୍‌ଆଇଙ୍କୁ ୩ ବର୍ଷ ଜେଲ୍

**ରାଉରକେଲା, ୧୬।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ତହସିଲ ମାଲିଡିହି ଆରଆଇ ସର୍କଲର ପୂର୍ବତନ ରାଜସ୍ୱ ନିରୀକ୍ଷକ(ଆରଆଇ) ମାନସୀ ସାହୁଙ୍କୁ ମ୍ୟୁଟେସନ୍ ପାଇଁ ଜଣେ ବ୍ୟବସାୟୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବା ମାମଲାର ବିଚାର କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ମାଲିଡିହି ଆରଆଇ ସର୍କଲର ପୂର୍ବତନ ରାଜସ୍ୱ ନିରୀକ୍ଷକ ମାନସୀ ସାହୁ ଜଣେ ବିକ୍ରେତାଙ୍କ ସପକ୍ଷରେ ଆରଓଆର ପ୍ରଦାନ ନିମିତ୍ତ ମ୍ୟୁଟେସନ୍ ରିପୋର୍ଟ ଦାଖଲ କରିବା ପାଇଁ ତାଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହି ଘଟଣାରେ ତାଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲାର ବିଚାର କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଆରଆଇ ମାନସୀ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାନସୀ ସାହୁ ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ ବୋଲି ଜଣାପଡ଼ିଛି।



ଦୁର୍ଘଟଣାରେ ଗୁରୁତର 'ସକାଳ' ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କୁ ମଙ୍ଗଳବାର ହସ୍ପିଟାଲରେ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଓ ରାଉରକେଲା ଚାମ୍ବର ଅଫ କମର୍ସର ପୂର୍ବତନ ସଭାପତି ସୁବ୍ରତ କୁମାର ପଟ୍ଟନାୟକ

## କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ

**ବଣାଇଁ, ୧୬।୧୨(ସମିସ):** ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବଣାଇଁ ଶାଖା ପରିସରରେ ମଙ୍ଗଳବାର ସ.ବଲାଙ୍ଗ ଲ୍ୟାମ୍ପସର ମୃତ ଚାଷୀ ଦେବେନ୍ଦ୍ର ଭଇଁସାଙ୍କ ପତ୍ନୀ ସୁଶୀଳା ଭଇଁସାଙ୍କୁ ପାଞ୍ଚ ଲକ୍ଷ ଟଙ୍କାର ବୀମା ରାଶି ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିବନ୍ଧକ ଅଜୟ କୁମାର ସେଠି, ଶାଖା ପରିଚାଳକ ସିଦ୍ଧାର୍ଥ ଲେଙ୍କା, ସ.ବଲାଙ୍ଗ ଲ୍ୟାମ୍ପସ ନିର୍ଦ୍ଦେଶକ ମୁରଲୀ କିସାନ, ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ଗୋକୁଳ ଚନ୍ଦ୍ର ବାଗ, ବଣାଇଁ ଲ୍ୟାମ୍ପସ ସଭାପତି ଭାସ୍କର କିସାନ, ନିର୍ଦ୍ଦେଶକ ମନୋଜ ପ୍ରଧାନ, ଶିବ ସୁନ୍ଦର ରାଉତ ଉପସ୍ଥିତ ଥିଲେ।



# ବେଦାନ୍ତ ଆଲୁମିନିୟମ ପକ୍ଷରୁ ବାର୍ଷିକ ଖଣି ସୁରକ୍ଷା ପକ୍ଷ

ରାଉରକେଲା, ୧୬।୧୨(ସମିସ)

ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାମଖାନୀ କୋଇଲା ଖଣିରେ ଡିସେମ୍ବର ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଖଣି ସୁରକ୍ଷା ପକ୍ଷ (ଏଏମ୍‌ଏସ୍‌ଏଫ୍) ଆୟୋଜିତ ହୋଇଯାଇଛି। ଏହି ସୁରକ୍ଷା ପକ୍ଷ ବେଦାନ୍ତ ଆଲୁମିନିୟମର ସୁରକ୍ଷିତ ଖନନ କାର୍ଯ୍ୟ ପ୍ରତିବଦ୍ଧତାକୁ ସୂଚିତ କରୁଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଏବଂ ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟସ୍ଥଳରେ ନିରାପତ୍ତା ଉପରେ ଦୃଷ୍ଟି ଦେଇ 'ଆପକା ପରିବାର ଆପକା ଇନ୍ତେଜାର କର ରହା ହୈ' ବିଷୟବସ୍ତୁ ଉପରେ କୁହାଯାଇଥିଲା। ଏହି ବିଷୟବସ୍ତୁ ଅନୁରୂପ ସୁରକ୍ଷା ଯାଞ୍ଚ, ସୁରକ୍ଷା କୁଇଜ୍, ପ୍ରାଥମିକ ଚିକିତ୍ସା ପ୍ରଦର୍ଶନ, ମକ୍ ଡ୍ରିଲ୍, ସଚେତନତା ଅଧିବେଶନ, ପଥପ୍ରାନ୍ତ ନାଟକ ଏବଂ ସୁରକ୍ଷା ଆଲୋଚନା ସମେତ ଅନେକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା। ଯେଉଁଥିରେ କାର୍ଯ୍ୟସ୍ଥଳୀରେ ସୁରକ୍ଷା ଉପରେ ସମସ୍ତ ଅଂଶୀଦାରଙ୍କୁ ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲ କରାଯାଇଥିଲା। ଜଣେ ଆଇଏସ୍‌ଓ (ଆଭ୍ୟନ୍ତରୀଣ ସୁରକ୍ଷା ସଂଗଠନ) ପର୍ଯ୍ୟବେକ୍ଷକ ଏବଂ କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଲଫିଲ୍ଡସ୍ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବାହ୍ୟ ଏମ୍‌ଏସ୍‌ଏଫ୍ ଟିମ୍ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ ଏକ ପ୍ରମୁଖ ଆକର୍ଷଣ ଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ସୁରକ୍ଷା ପାଇଁ ଆଚରଣଗତ ପରିବର୍ତ୍ତନ ଆଣିବା, ସୁରକ୍ଷାକୁ ଏକ ବ୍ୟକ୍ତିଗତ ଦାୟିତ୍ୱରେ ପରିଣତ କରିବା ପାଇଁ ଲୋକଙ୍କୁ ସଶକ୍ତ କରିବା ହେଉଛି ଆମର ପ୍ରାଥମିକତା। ବାର୍ଷିକ ଖଣି ସୁରକ୍ଷା ପକ୍ଷ ଭଳି ପଦକ୍ଷେପ ଏହି ସଂସ୍କୃତିକୁ ସୁଦୃଢ଼ କରିବାରେ, ଶିକ୍ଷା, ସହଯୋଗ ଏବଂ ନିରନ୍ତର ଉନ୍ନତି ପାଇଁ ମଞ୍ଚ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କର୍ମଚାରୀ, ସହଯୋଗୀ ଏବଂ ସମ୍ପ୍ରଦାୟକୁ ନିୟୋଜିତ କରି ଆମେ ଏପରି ଏକ କାର୍ଯ୍ୟସ୍ଥଳୀ ନିର୍ମାଣ କରୁଛୁ ଯେଉଁଠାରେ ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏମସିଏଲର ଚିଫ୍ ମ୍ୟାନେଜର ସେଫ୍ଟି ଏବଂ ଆଇଏସଓ ପର୍ଯ୍ୟବେକ୍ଷକ ତାପସ କୁମାର ମହାନ୍ତି କହିଛନ୍ତି, ଡ୍ରିଲ୍, କାର୍ଯ୍ୟବଳ ନିୟୋଜିତ, ସଚେତନତା କାର୍ଯ୍ୟକ୍ରମ ଏବଂ ସୁରକ୍ଷା ପ୍ରୋଟୋକଲକୁ କଡାକଡି ପାଳନ ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାକୁ ଏକୀକୃତ କରିବା ଖଣି ଶିଳ୍ପ ପାଇଁ ଏକ ଦୃଢ଼ ମାନଦଣ୍ଡ ସ୍ଥିର କରେ। ପରିଚାଳନାଗତ ଉତ୍କର୍ଷତା ବ୍ୟତୀତ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଏବଂ ସଂସ୍କୃତି ମାଧ୍ୟମରେ ଏହାର ପରିଚାଳନା କ୍ଷେତ୍ରରେ ଜୀବନକୁ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମହାନ୍ତି କହିଛନ୍ତି।




ଜନ୍ମଦିନର ଶୁଭେଚ୍ଛା



ବିଶ୍ୱଜିତ ଗୋସ୍ୱାମୀ

ବିଦ୍ୟାଧରପୁର, କଟକ

ତୋର ଜନ୍ମଦିନ ଅବସରରେ ମୁଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅପାର କରୁଣାରୁ ତୋର ଚଲାପଥ ହେଉ କୁସୁମିତ, ଉଜ୍ଜ୍ୱଳ ହେଉ ଭବିଷ୍ୟତ।

ଶୁଭେଚ୍ଛା ସହ

ବାପା- ସତ୍ୟଜିତ୍ ଗୋସ୍ୱାମୀ, ମା-ସରୋଜିନୀ ଗୋସ୍ୱାମୀ, ଜେଜେ ମା- ବେଲାରାଣୀ, ପିଇସି- ଭଡଶ୍ରୀ, ଆଈ- କମଳା, ଅଜା- ଚକ୍ରଧର, ବନ୍ଧୁ ଓ ପରିବାରବର୍ଗ

## ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଦେବଗଡ଼ ବନ୍ଦ ଡାକରାରେ ଛାନିଆ ବିଜେପି

ଦେବଗଡ଼, ୧୬ା୧୨(ସମିସ)

ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ଅଧିକାର ପାଇଁ ଦେବଗଡ଼ ଜିଲ୍ଲାବାସୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଆଜି ଜିଲ୍ଲା ମହିଳା ଓ ଯୁବ ଏକତା ମଞ୍ଚ ଡାକରାରେ ଦେବଗଡ଼ ବନ୍ଦ ପାଳନ କରାଯିବ। ତେବେ ବନ୍ଦ ଡାକରାରେ ଜିଲ୍ଲା ବିଜେପି ଛାନିଆ ହୋଇଥିବା ଦେଖିବାକୁ ମିଳିଛି। ଦୀର୍ଘମାସଧରିଜିଲ୍ଲାଯୁବଏକତାମଞ୍ଚ ପକ୍ଷରୁ ଦେବଗଡ଼ ଜିଲ୍ଲାବାସୀଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଦାବି ହୋଇ ଆସୁଛି। ମାତ୍ର ରାଜ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିକୁ ଗୁରୁତ୍ୱ ନଦେଇ ମାସ ପରେ ମାସ ଗଡ଼ାଇ ଚାଲିଛନ୍ତି। ପ୍ରତିବାଦରେ ଯୁବ ଏକତା ମଞ୍ଚ ପକ୍ଷରୁ ପୂର୍ବରୁ ମଧ ଦେବଗଡ଼ ବନ୍ଦ ହୋଇଥିଲା। ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ବନ୍ଦ ହୋଇଥିଲା। କିନ୍ତୁ ପ୍ରତିଶ୍ରୁତି ପାଳନ ନ ହେବାରୁ ମଞ୍ଚ ପକ୍ଷରୁ ଦୀର୍ଘ ଦିନ ଧରି ଶାନ୍ତି ପୂର୍ଣ୍ଣ ଭାବେ ରିଲେ ଧାରଣା କରାଯିବା ସହ ବାରମ୍ବାର ଜିଲ୍ଲା ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଛି। ଏହି ପ୍ରସଙ୍ଗକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ



ବିଧାନସଭାରେ ଏକାଧିକ ବାର ଉପସ୍ଥାପନ କରିଥିଲେ। ହେଲେ ବିଧାନସଭା ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ସମସ୍ୟା ନେଇ ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ। ଏନେଇ ଜିଲ୍ଲାବାସୀ ହତଚକିତ ହେବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମିଥ୍ୟା ବିବୃତିକୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିକୁ ଅଣଦେଖା କରିବା ପ୍ରତିବାଦରେ ବୁଧବାର ପୁଣିଥରେ ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ଡାକରାରେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଛି। ମଞ୍ଚର ବନ୍ଦ ଡାକରାକୁ ଏକାଧିକ ରାଜନୈତିକ ଦଳ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଏହା ଜିଲ୍ଲା ବିଜେପି ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ସଭାପତି ତଥା ସମ୍ବଲପୁର ଲୋକସଭା ଆସନ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଅରୁଣ ସାହୁଙ୍କ ଅଧକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଜରୁରୀ ଭାବେ ଡକାଯାଇ ଦଳ ପକ୍ଷରୁ ସଫେଇ ଦିଆଯାଇଛି। ଏଥିରେ ଶ୍ରୀ ସାହୁ ଜିଲ୍ଲାବାସୀଙ୍କ ଦାବିକୁ ସମର୍ଥନ କରୁଥିବା କହିଥିବା ବେଳେ ଦେବଗଡ଼ ବନ୍ଦ ଡାକରାକୁ ଦଳ ବିରୋଧ କରୁଥିବା ପ୍ରକାଶ କରିଥିଲେ। ବନ୍ଦ ହେଲେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ ଏବଂ ଆସନ୍ତାକାଲି କାର୍ଯ୍ୟକ୍ଷମ ହେବାକୁ ଥିବା ନୂତନ ବସଷ୍ଟାଣ୍ଡର କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହି ବନ୍ଦ ଡାକରା ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତିକୁ ପ୍ରଭାବିତ କରିବା ନେଇ ଆଶଙ୍କା ରହିଛି। ପୁଣି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମିଥ୍ୟା ତଥ୍ୟ ପ୍ରଦାନ ସମ୍ପର୍କିତ ସାମ୍ବାଦିକଙ୍କ ପ୍ରଶ୍ନରେ ଏକ ପ୍ରତିନିଧି ଦଳ ଯାଇ ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା

- ସାମ୍ବାଦିକ ସମ୍ମିଳନୀରେ ଦାବିକୁ ବିଜେପିର ସମର୍ଥନ କିନ୍ତୁ ବନ୍ଦକୁ ବିରୋଧ
- ନାଁ ନେବାକୁ ନୂତନ କୋଠା ରଙ୍ଗ ବଦଳାଇ ଫିତା କାଟିଥିଲେ ମୁଖ୍ୟମନ୍ତ୍ରୀ
- ବିଧାନସଭାରେ ଭୁଲ ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ

କରିବ ବୋଲି ପ୍ରକାଶ କରିଥିଲେ। ତେବେ ଆଉ କେତେଦିନ ଆନ୍ଦୋଳନ ପରେ ଜିଲ୍ଲା ବିଜେପି ପ୍ରତିନିଧି ମଣ୍ଡଳୀ ଯାଇ ଏ ସମ୍ପର୍କରେ ଆଲୋଚନା କରିବ ବୋଲି ମଞ୍ଚ ପକ୍ଷରୁ ପାଲଟା ପ୍ରଶ୍ନ କରାଯାଇଛି। ବିଜେପି ସରକାରକୁ ଆସିବାର କିଛି ମାସ ମଧ୍ୟରେ ନବନିର୍ମିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାର ରଙ୍ଗ ପରିବର୍ତ୍ତନ କରି ନାଁ ନେବାକୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଫିତାକାଟି ନିଜ ଦାୟିତ୍ୱ ସାରି ଦେଇଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବାସ୍ତବିକ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ରହିଥିବା ଜିଲ୍ଲାବାସୀଙ୍କ ପାଇଁ ଘୋର କ୍ଷୋଭର ବିଷୟ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ତେବେ ମଙ୍ଗଳବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଅରୁଣ ସାହୁଙ୍କ ଅଧକ୍ଷତା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ନାଗରିକ କମିଟି ସମ୍ପାଦକ ସୁଧୀର କପର୍ଦ୍ଦାର ଓ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ମଞ୍ଚାସୀନ ରହିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ଦଳର ସ୍ପଷ୍ଟୀକରଣ ଦେବା ଜିଲ୍ଲା ବିଜେପି ନେତୃ ମଣ୍ଡଳୀଙ୍କ ନିମ୍ନ ମାନସିକତାକୁ ପଦାରେ ପକାଇଛି।

## ଆଜି ଦେବଗଡ଼ ବନ୍ଦ

ଦେବଗଡ଼, ୧୬ା୧୨(ସମିସ): ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବିରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦୀର୍ଘ ମାସ ଧରି ଜାରି ରଖିଛି। ଯୁବ ଏକତା ମଞ୍ଚ ସପକ୍ଷରେ ଜିଲ୍ଲା ମହିଳା ଏକତା ମଞ୍ଚ ଯୁଦ୍ଧଂଦେହି ଡାକରା ଦେଇ ଆଗକୁ ଆସିଛି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ମଞ୍ଚର ଡାକରାରେ ଶତାଧିକ ମହିଳାଙ୍କ ସମେତ ଯୁବ ଏକତା ମଞ୍ଚର ଶତାଧିକ ସଦସ୍ୟ ଏକତ୍ରିତ ହୋଇଥିଲେ। ଏକତା ମଞ୍ଚର ଦାବିକୁ ପୂରଣ କରିବାରେ ସରକାର ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ହୋଇଥିଲା। ଦେବଗଡ଼ ବାସୀଙ୍କ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ଅଧିକାର ପାଇଁ ଦୀର୍ଘ ଦିନ ଧରି ମଞ୍ଚ ଆନ୍ଦୋଳନ ଜାରି ରଖିଛି। ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନ ଦେବଗଡ଼ ବିଧାନସଭା ମଣ୍ଡଳୀ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ବାସୀଙ୍କ ସମସ୍ୟାର ସମାଧାନ ପାଇଁ ଆଦୌ ଦୃଷ୍ଟି ଦେଉ ନାହାନ୍ତି ବୋଲି ମଧ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଥିଲା। ସାଂସଦ ଶ୍ରୀ ପ୍ରଧାନଙ୍କ ପାଇଁ ଏହି ସାମାନ୍ୟ ଦାବି ପୂରଣ ଅତି ସାଧାରଣ। ଏହାସତ୍ତ୍ୱେ ସେ ଜାଣି ଜାଣି ଜନସାଧାରଣଙ୍କୁ ସେମାନଙ୍କ ମୌଳିକ ସୁବିଧା ପାଇବାରୁ ରୋକିବା ସହ ସେମାନଙ୍କ ବିଶ୍ୱାସ ଭାଙ୍ଗୁଛନ୍ତି ବୋଲି ମଞ୍ଚ କହିଥିଲା। ବାରମ୍ବାର ଦାବି ପ୍ରଦର୍ଶନ ପରେ ଡିସେମ୍ବର ୧୫ ସୁଦ୍ଧା ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏକତା ମଞ୍ଚ ପକ୍ଷରୁ ମହଲତ ଦିଆ ହୋଇଥିଲା। ଦାବି କାର୍ଯ୍ୟକାରୀ ନ ହେବା ଯୋଗୁଁ ମଞ୍ଚ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଦେବଗଡ଼ ବନ୍ଦ ଡାକରା ଦିଆଯ।ଇଛି। ହେଲେ ପ୍ରଥମ ଥର ପାଇଁ ମହିଳା ଏକତା ମଞ୍ଚ ଏହି କାର୍ଯ୍ୟ ନିଜ ହାତକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଦେବଗଡ଼ ବନ୍ଦ ପାଳନ ବେଳେ ଜରୁରୀକାଳୀନ ସେବା ଗୁଡିକୁ ବନ୍ଦରୁ ବାଦ ଦିଆଯାଇଥିବା ବେଳେ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପତିଷ୍ଠାନ ସହ ଯାତ୍ରୀବାହୀ ଯାନବାହାନ ଚଳାଚଳ ବନ୍ଦ ରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ମିଳିଛି।

## ୧୯ ଗ୍ରାମ ବ୍ରାଉନସୁଗର ଜବତ, ୩ ଗିରଫ

ଝାରସୁଗୁଡ଼ା, ୧୬ା୧୨(ସମିସ): ଝାରସୁଗୁଡ଼ାର ବୁରୋମାଲ ଅଞ୍ଚଳରେ ଚଢ଼ଉ କରି ବ୍ରାଉନ ସୁଗର ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ବୁରୋମାଲ ଅଞ୍ଚଳରେ ଅଭିଯୁକ୍ତମାନଙ୍କ ଦ୍ୱାରା ବ୍ରାଉନ୍ ସୁଗାର ବିକ୍ରୟ ଏବଂ ରଖିବା ନେଇ ସୂଚନା ପାଇ ସଦଳ ବଳେ ପୁଲିସ ଟିମ ଆଜି ଚଢ଼ଉ କରିଥିଲା। ସେଠାରୁ ୧୯ ଗ୍ରାମ ବ୍ରାଉନ ସୁଗର ସହ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ସୁଶାନ୍ତ କୁମ୍ଭାର, ରାକେଶ ସିନ୍ଧି, ନବୀ ଖାନ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଏକ ମୋଟର ସାଇକଲ, ୩ଟି ମୋବାଇଲ ଏବଂ ୨୭୩୦ ନଗଦ ଟଙ୍କା ଜବତ ହୋଇଛି।

## କୋଇଲି ଘୁଘୋରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ପ୍ରୟାସ

ଝାରସୁଗୁଡ଼ା, ୧୬ା୧୨(ସମିସ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଆଞ୍ଚଳିକ କାର୍ଯ୍ୟାଳୟ ଝାରସୁଗୁଡ଼ା ଏବଂ ବେଦାନ୍ତ ଲିମିଟେଡ ଝାରସୁଗୁଡ଼ା ସହଯୋଗରେ ପରିବେଶ ସଚେତନତା ତଥା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା ହୋଇଯାଇଛି। ଏଥିରେ କୋଇଲି ଘୁଘୋର ଜଳପ୍ରପାତକୁ ପ୍ଲାଷ୍ଟିକ ମୁକ୍ତ ପିକନିକ ସ୍ଥଳରେ ପରିଣତ କରିବାକୁ ଆଲୋଚନା କରାଯାଇଥିଲା। ଆଲୋଚନାରେ ଝାରସୁଗୁଡ଼ାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁନାଲ ମୋତିରାମ ଚହ୍ୱାଣଙ୍କ ସହ ବିଭାଗୀୟ ବନ ଅଧିକାରୀ ମନୁ ଭଟ (ଡିଏଫଓ), ଏସପିସିବିର ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ ଏବଂ ବେଦାନ୍ତ ଲିମିଟେଡର ପରିବେଶ ମୁଖ୍ୟ ଅମିତ ତାଗି ଉପସ୍ଥିତ ଥିଲେ। ପରିବେଶ ସଚେତନତା କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସ୍ଥାନ ଗୁଡ଼ିକରେ ପଡ଼ିଥିବା ଖାଲି ପାଣି ବୋତଲ, ପ୍ଲାଷ୍ଟିକ ପ୍ଲେଟ ଓ ବିଭିନ୍ନ ପ୍ରକାର ଜରିକୁ ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ୧୦୦ରୁ ଊର୍ଦ୍ଧ୍ୱ ବାଳକ ବାଳିକା ମାନଙ୍କ ସହିତ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟଟନ ସ୍ଥଳର ପବିତ୍ରତା ବଜାୟ ରଖିବା ହେଉଛି ଏକ ସାମୂହିକ କର୍ତ୍ତବ୍ୟ ବୋଲି ବର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଇକୋ ଡେଭେଲପମେଣ୍ଟ କମିଟିର ସଦସ୍ୟ, ବେଲପାହାଡ଼ର ଓ ସ୍ଥାନୀୟ ସେଲ୍ଫ ହେଲ୍ ଗ୍ରୁପଙ୍କ ସମେତ ସ୍ଥାନୀୟ ୫ଟି ସ୍କୁଲର ଛାତ୍ରଛାତ୍ରୀ ଓ ବେଦାନ୍ତ ଲିମିଟେଡର କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ, ପ୍ରଦୂଷଣର କ୍ଷତି ଉପରେ ନୃତ୍ୟ ନାଟକ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଦୂଷଣ ଜନିତ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

## ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା/କିର୍ମିରା, ୧୬ା୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ଲଇକେରା ଥାନା କ୍ଷେତ୍ରର ବାଗଡ଼ିହି ଆଉଟ୍‌ପୋଷ୍ଟ ପୁଲିସ ଦ୍ୱାରା ସୁଲେହୀ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଲଇକେରା ଥାନା ପ୍ରଭାରୀ ଦିଲୀପ କୁମାର ବେହେରା ଓ ବାଗଡ଼ିହୀ ଆଉଟ୍‌ପୋଷ୍ଟ ପୋଲିସ ଅଧିକାରୀ ଦଶରଥ ଟୁଡୁ ସାଇବର ଅପରାଧ, ଫେସବୁକ, ମୋବାଇଲ ଓ ଇଣ୍ଟରନେଟ ମାଧ୍ୟମରେ ଆସୁଥିବା ଭୁଲ ସନ୍ଦେଶ ଓ ଠକେଇରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। ସଡକରେ ଚାଲିବା ସମୟରେ ସତର୍କତା ଅବଲମ୍ବନ କରିବା ଦ୍ୱାରା ଦୁର୍ଘଟଣାରୁ ବଞ୍ଚିହେବା ସମ୍ଭବ, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଓ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଚିତା ପଟେଲ, ଅଜୟ କୁମାର ଶର୍ମା, କାର୍ତ୍ତିକ ଧୁରୁଆ, ଦୁଃଖବନ୍ଧୁ ଖର୍ସେଲ, କନ୍ଦର୍ପ ପଟେଲ, ସନାତନ ପଟେଲ, ନେତ୍ରମଣି ସେଠ, ରମେଶ ଚନ୍ଦ୍ର ପଟେଲ, ସମୀର ପଟେଲ, ଉଦିତ କୁମାର ନାଏକ, ମୋହିତ ପଟେଲ ସହ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ବ୍ରଜରାଜନଗର ଗସ୍ତ

- ଛତୁଆ ପ୍ରସ୍ତୁତି କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ

ଝାରସୁଗୁଡ଼ା, ୧୬ା୧୨(ସମିସ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଝାରସୁଗୁଡ଼ା ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ସମେତ ଅନ୍ୟାନ୍ୟ ସ୍ଥାନକୁ ମଧ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଆକସ୍ମିକ ପରିଦର୍ଶନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ଆସିଥିବା ଆୟୋଗ ଆଜି ମଙ୍ଗଳବାର ବ୍ରଜରାଜନଗରକୁ ଆକସ୍ମିକ ଗସ୍ତରେ ଆସିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର, ଛତୁଆ ପ୍ରସ୍ତୁତି କେନ୍ଦ୍ର ଆଦି ଗସ୍ତ କରିଥିଲେ। ଏହା ଏହିତ ଅନୁଷ୍ଠିତ ଏକ ବାଳ ସଭାରେ ଯୋଗଦାନ କରି ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନକୁ ନେଇ ସଚେତନତା କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ସେହିପରି ବ୍ରଜରାଜନଗର ଖଳିଆକାନିରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ କେଉଁ ପରିବେଶରେ ଛତୁଆ ତିଆରି ହେଉଛି ଏବଂ ସରକାରଙ୍କ ସମସ୍ତ ଗାଇଡଲାଇନକୁ ପାଳନ କରାଯାଉଛି ନା ନାହିଁ ତାକୁ ନିରୀକ୍ଷଣ କରିବା ସହିତ ଆଲୋଚନା କରିଥିଲେ। କୌଣସି ସ୍ଥାନରେ ତ୍ରୁଟିବିଚ୍ୟୁତି ଦେଖାଦେଲେ ଆୟୋଗ ପକ୍ଷରୁ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଅଧକ୍ଷା ସୂଚନା ଦେଇଛନ୍ତି। ଶିଶୁ ଏବଂ ଗର୍ଭବତୀ ମହିଳା ମାନେ କିପରି ପୌଷ୍ଟିକ ଖାଦ୍ୟ ପାଇବେ ଏବଂ ସେମାନଙ୍କର ସଠିକ ବିକାଶ ହେବ ତାକୁ ନେଇ



ଆୟୋଗ ସମସ୍ତ କାର୍ଯ୍ୟକ୍ରମ ହାତକୁ ନେଉଥିବା ଅଧକ୍ଷା କହିଥିଲେ। ଏହା ସହିତ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଶିଶୁ ଅଧିକାର ସୁରକ୍ଷାକୁ ନେଇ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ।

## ପ୍ରାପ୍ୟ ନ ମିଳିବାରୁ ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ଧାରଣା



ଦେବଗଡ଼, ୧୬ା୧୨(ସମିସ): ଅବସରକାଳୀନ ପ୍ରାପ୍ୟ ନ ମିଳିବାରୁ ମଙ୍ଗଳବାର ଅବସରପ୍ରାପ୍ତ ପୌର କର୍ମଚାରୀମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଦେବଗଡ଼ ପୌର ପରିଷଦରେ କାର୍ଯ୍ୟ କରି ଦୀର୍ଘ ଦିନରୁ ଅବସର ଗ୍ରହଣ କରିଥିଲେ ମଧ ଅବସରପ୍ରାପ୍ତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର ଗ୍ରାଚ୍ୟୁଇଟି, ଛୁଟି ଦରମା, ସପ୍ତମ ବେତନ କମିଶନର ବକେୟା ରାଶି ଓ ବକେୟା ପାଉଣା ପ୍ରଦାନ କରାଯାଇନାହିଁ। ଫଳରେ ଅବସରପ୍ରାପ୍ତ ପୌର କର୍ମଚାରୀମାନେ ପ୍ରାଥମିକ ସାମଗ୍ରୀ ଏବଂ ଔଷଧର ମୂଲ୍ୟ ବୃଦ୍ଧି ହେତୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବକେୟା ପାଉଣା ପ୍ରଦାନ ପାଇଁ ଅବସରପ୍ରାପ୍ତ କର୍ମଚାରୀମାନେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ ସେମାନଙ୍କର ବକେୟା ପାଉଣା ପ୍ରଦାନ ଦିଗରେ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନଥିବାରୁ ସେମାନଙ୍କର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଝାରସୁଗୁଡ଼ା, ୧୬ା୧୨(ସମିସ): ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅଧକ୍ଷ ପ୍ରଦୀପ ହୋତାଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଠାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏକେ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଏମ୍‌ସିଏଲ୍ ପଡ଼ିଆରେ ଉତ୍ସବ ଆୟୋଜିତ ହୋଇଥିଲା।




ପାରମ୍ପରିକ ଡିଏଭି ଗାନ କରାଯାଇ ଅତିଥିଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର ଏନ୍‌ସିସି ତଥା ପୃଥିବୀ, ଅଗ୍ନି, ବ୍ରହ୍ମସ୍ ଓ ଆକାଶ୍ ହାଉସର ଛାତ୍ରଛାତ୍ରୀଙ୍କ ଦ୍ୱାରା ମିଳିତ ପ୍ୟାରେଡ୍ ହୋଇଥିଲା। ମୁଖ୍ୟ ଅତିଥି ପାଣ୍ଡେ ଓ ଅଧକ୍ଷ ହୋତା ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବାଳକ ଓ ବାଳିକା ଉଭୟ ବିଭାଗର ବିଭିନ୍ନ ବର୍ଗକୁ ନେଇ ଲମ୍ବଡିଆଁ, ଉଚ୍ଚଡିଆଁ, ସଟ୍ ପୁଟ୍, ଡିସ୍କସ ଥ୍ରୋ, ରିଲେରେସ୍ ଓ ଯଥାକ୍ରମେ- ୫୦, ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଦୌଡ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉଚ୍ଚ ବିଦ୍ୟାଳୟରେ ‘ଉନ୍ମେଷ’ କାର୍ଯ୍ୟକ୍ରମ

କୋଲାବିରା, ୧୬ା୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ବେଦାନ୍ତ ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ କୋଲାବିରା ବ୍ଲକ କେଜି ବାଳିକା ଉଚ୍ଚ ବିଦ୍ୟାଳୟ ସମାସିଂହାଠାରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ତୃତୀୟ ତ୍ରିଦିବସୀୟ ସହାୟକ ଶିକ୍ଷଣ କର୍ମଶାଳା ‘ଉନ୍ମେଷ’ ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍କର୍ଷତା ସହ ଜିଲ୍ଲାରେ ଏ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଏହାର ଉଦ୍ଦେଶ୍ୟ ରହିଥିଲା। ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୋଲାବିରା ବିଇଓ ପ୍ରକାଶ ସାହୁ, ଲଇକେରା ବିଇଓ ହିମାଂଶୁ ବାଗ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ, ମୁରଲିପାଲି ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା କଳ୍ପନା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ଶିବଶଙ୍କର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ମାର୍ଗଦର୍ଶନରେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆଙ୍କର ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜନ କରାଯାଇଥିଲା। ପ୍ରଶିକ୍ଷଣ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ଶିବଶଙ୍କର ମେହେର, ଜୟଶଙ୍କର ନାଗ, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ନିତ୍ୟାନନ୍ଦ ନାୟକ, ଟୁନା ରଣା, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖ ସାଧନକର୍ମୀ ଭାବେ ନିଯୁକ୍ତ ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୂଚାଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

ଝାରସୁଗୁଡ଼ା, ୧୬ା୧୨(ସମିସ): ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଦାମୋଦର ଧୂଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଲଖନପୁର ପଞ୍ଚାୟତର ନାଏବ ସରପଞ୍ଚ ଈଶ୍ୱର ବନଛୋର, ବିଭାଗୀୟ ଅଧିକାରୀ ସଦାନନ୍ଦ ପଧାନ, ସୁନାରୀ କ୍ଲଷ୍ଟରର ସିଆରସିସି ଗଣେଶରାମ କଣ୍ଟା ଯୋଗ ଦେଇଥିଲେ। ଗଦାଧର ପଧାନ ମଞ୍ଚ ପରିଚାଳନା କରିଥିଲେ। ଲଖନପୁର କ୍ଲଷ୍ଟରର ସିଆରସିସି ଘନଶ୍ୟାମ ଗଡ଼ତିଆ ଶିକ୍ଷା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟାରେ ଡ୍ରପଆଉଟ ଛାତ୍ରୀ ଅଙ୍କିତା ବେହେରା, ଡ୍ରପଆଉଟ ଛାତ୍ରୀ ଜୟନ୍ତୀ ଭୋଇ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବାରୁ ମୁଖ୍ୟାତିଥି ଉଭୟଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଏନଆଇଓଏସ, ଏସଆଇଓଏସ ଷ୍ଟଲ, ଏଫଏଲଏନ ଆଦି ଷ୍ଟଲ, ବିଦ୍ୟାଳୟରେ ମିଳୁଥିବା ସୁବିଧା ଷ୍ଟଲ ଇତ୍ୟାଦି ରହିଥିଲା। ଶେଷରେ ସ୍ଥାନୀୟ ସିଆରସିସି ଘନଶ୍ୟାମ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଭଅଁରଖୋଲ ସିଆରସିସି ସନତ ସାହୁ, ଶିକ୍ଷକ କ୍ଷୀରୋଦ୍ର ଭୋଇ, ସୁରଥ ବିଶ୍ୱାଳ, ଜଗଦୀଶ ତନ୍ତୀ, ଉମାକାନ୍ତ ନେଟୀ, ଶିକ୍ଷୟିତ୍ରୀ ସବିତା ତାଣ୍ଡିଆ, ନିରୂପମା ସା, ସାଗରିକା ସେଠଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରାସ୍ତାକଡ଼ ଆମିଷ ଦୋକାନ ସ୍ଥାନାନ୍ତର ସହିତ ଏକତ୍ରିତ ବିକ୍ରି ବ୍ୟବସ୍ଥା ଦାବି

ଝାରସୁଗୁଡ଼ା, ୧୬ା୧୨(ସମିସ): ବ୍ରଜରାଜନଗର ପୌର ପରିଷଦର ରାସ୍ତାକଡ଼ ମାଂସ ଦୋକାନ ସ୍ଥାନାନ୍ତର ସହିତ ସେମାନଙ୍କର ବିକ୍ରି ପାଇଁ ଏକତ୍ରିତ ବଜାର ବ୍ୟବସ୍ଥା କରିବା ନେଇ ବ୍ରଜରାଜନଗର ପୌର ପରିଷଦକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ବ୍ରଜରାଜନଗର ସଚେତନ ନାଗରିକ, ଭଦ୍ର ବ୍ୟକ୍ତି ତଥା ବୁଦ୍ଧିଜୀବୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ରାସ୍ତା ପାର୍ଶ୍ୱରେ ଖୋଲାଖୋଲି ଭାବେ ମାଂସ ଦୋକାନର ବିକ୍ରି ଯୋଗୁଁ ସମାଜରେ ଖରାପ ପ୍ରଭାବ ପଡୁଛି। ବିଭିନ୍ନ ସ୍କୁଲ, ମନ୍ଦିର, ସହିତ ସମାଜିକସ୍ଥଳୀ ନିକଟରେ ମାଂସ ଦୋକାନ ଗୁଡିକ ରହିଥିବା ଫଳରେ ବିଦ୍ୟାଳୟକୁ ଯାଉଥିବା ଶିଶୁ ଏବଂ ଜନସାଧାରଣଙ୍କ ଉପରେ ମଧ ଖରାପ ପ୍ରଭାବ ପଡୁଛି। ଏହା ସହିତ ଲୋକଙ୍କର ଧର୍ମୀୟ ଭାବନା ଏବଂ ସାମାଜିକ ଓ ଆଧାତ୍ମିକ ଚେତନା ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ଏସବୁ ସମସ୍ୟାକୁ ଦୃଷ୍ଟି ଦେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେମାନଙ୍କ ବିକ୍ରି ପାଇଁ ଏକତ୍ରିତ ଗୋଟିଏ ସ୍ଥାନରେ ବଜାର ବ୍ୟବସ୍ଥା ପାଇଁ ବ୍ରଜରାଜନଗର ପୌରପରିଷଦ ନିକଟରେ ଅନୁରୋଧ କରାଯାଇଛି। ବ୍ରଜରାଜନଗର ପୌର ପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ବ୍ରଜରାଜନଗର ପୌରପରିଷଦ ଅଧକ୍ଷ କୃଷ୍ଣ ଗୋପାଳ ସିତାନି ସୂଚନା ଦେଇଛନ୍ତି।



# ନାବାଳିକା ଝିଅକୁ ଦୁଷ୍କର୍ମ; ବାପାକୁ ଆଜୀବନ ଜେଲ୍

ଝାରସୁଗୁଡ଼ା, ୧୬ା୧୨(ସମିସ)

ନିଜ ନାବାଳିକା ଝିଅ ସହ ଦୁଷ୍କର୍ମ ଭଳି ଜଘନ୍ୟ ଘଟଣାରେ ଦୋଷୀ ବାପାକୁ ମଙ୍ଗଳବାର ଝାରସୁଗୁଡ଼ା ସ୍ପେସିଆଲ ପକ୍ସୋ ଏବଂ ଅତିରିକ୍ତ ଜିଲ୍ଲା ଦୌରା ଜଜ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ରୋହିତ ରାଜାକ (୩୯) ପେସାରେ ଜଣେ ଡ୍ରାଇଭର। ଝାରଖଣ୍ଡ ରାଜ୍ୟ ଗରୱା ଜିଲ୍ଲା କାନ୍ଦେ ଥାନା ଅଞ୍ଚଳର ସେ ମୂଳ ନିବାସୀ। ଝାରଖଣ୍ଡ ଜିଲ୍ଲାରୁ ଆସି ଝାରସୁଗୁଡ଼ା ସଦର ଥାନା ଅଞ୍ଚଳରେ ଭଡାରେ ରହୁଥିଲା। ଝାରଖଣ୍ଡରେ ତାଙ୍କର ସ୍ତ୍ରୀ, ଦୁଇ ଝିଅ ପୁଅ ରହୁଥିଲେ। ହେଲେ ଝିଅକୁ ଝାରସୁଗୁଡ଼ାରେ ରୋଷେଇ କରିବା ସହିତ ଘର କାର୍ଯ୍ୟରେ ସହଯୋଗ କରିବା ପାଇଁ ଆଣିଥିଲେ। ଗତ ଜୁଲାଇ ୮ରେ ଯୌନପିପାସୁ ବାପା ନିଜ ନାବାଳିକା ଝିଅକୁ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ନିଜ ପଡୋଶୀଙ୍କୁ ଏହି ଘଟଣା ଜଣାଇବା ପରେ ପଡୋଶୀ ସାଙ୍ଗରେ ମିଶି ସଦର ଥାନାରେ ଜୁଲାଇ ୯ରେ ଅଭିଯୋଗ



କରିଥିଲେ। ଘଟଣାଟି ସମାଜରେ ବାପା ଝିଅର ସମ୍ପର୍କକୁ ଦୋହଲାଇ ଦେଇଥିଲା। ଅଭିଯୋଗ ପରେ ପୁଲିସ ଘଟଣାକୁ ଅତି ଗୁରୁତର ସହିତ ଗ୍ରହଣ କରିଥିଲା। ଅଭିଯୁକ୍ତ ବାପାକୁ ଗିରଫ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ୨୧ଟି ଦସ୍ତାବିଜ ସହିତ ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ପୁଲିସ ପ୍ରସ୍ତୁତ କରିଥିଲା। ପ୍ରମାଣ ଆଧାରରେ ଅଭିଯୁକ୍ତ ବାପ ବିରୋଧରେ ଆଜି ଅତିରିକ୍ତ ଜିଲ୍ଲା ଏବଂ ସ୍ପେସିଆଲ ପକ୍ସୋ ଜଜ ପୂଜା ଷଡ଼ଙ୍ଗୀ ରାୟ ଦେଇଛନ୍ତି। ଦୋଷୀ ବାପା ରୋହିତକୁ ଆଜୀବନ କାରାଦଣ୍ଡ ସହିତ ୫୦



ଏଏସପି ମଧୁସିକ୍ତା ମିଶ୍ର



ପବ୍ଲିକ ପ୍ରସିକ୍ୟୁଟର ପିଆର. ସିଂହଦେଓ

ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ଅଧିକ ଗୋଟିଏ ବର୍ଷ କାରାଦଣ୍ଡ ବଢ଼ିବ ବୋଲି କୋର୍ଟ ରାୟ ଶୁଣାଇଛନ୍ତି। ପୀଡିତାଙ୍କୁ ଦଶ ଲକ୍ଷ ପଚାଶ ହଜାର ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଛାୟତ, ଏଏସପି ମଧୁସିକ୍ତା ମିଶ୍ର ତଦନ୍ତ କରୁଥିବା ବେଳେ ମାମଲାକୁ ସରକାରଙ୍କ ତରଫରୁ ସ୍ପେସିଆଲ ପବ୍ଲିକ ପ୍ରସିକ୍ୟୁଟର ପିଆର. ସିଂହଦେଓ ପରିଚାଳାନା କରୁଥିଲେ।

## ହାତୀ ଆକ୍ରମଣରେ ୨ ଗୁରୁତର





**ଲାଞ୍ଜିଗଡ଼,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ସନ୍ଧ୍ୟା ହେଲେ ହାତୀ ଭୟରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହୋଇ ଚାଷବାସ ନଷ୍ଟ କରିବା ସହିତ ଗରିବ ନିରିହ ଲୋକଙ୍କ ଘର ଭାଙ୍ଗୁଛନ୍ତି । ହାତୀ ମଣିଷ ଲଢେଇରେ କେତେବେଳେ ହାତୀ ମୃତ୍ୟୁମୁଖରେ ପଡୁଛି ତ ଆଉ କେତେବେଳେ ମଣିଷର ମୁଣ୍ଡ ଗଡୁଛି । ସୋମବାର ଲାଞ୍ଜିଗଡ଼ ବ୍ଲକ୍‌ର ଦୁର୍ଗମ ବେନଗାଁ ପଞ୍ଚାୟତ ଦମାଘାଟି ଗାଁ ନିକଟରେ ହାତୀ ଆକ୍ରମଣରେ ୨ ଜଣ ଆହତ ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଜୁବା ଜାମରୁଆଁ ଗାଁର ଲଛମନ ସୁନ(୨୫) ତାଙ୍କ ସାଙ୍ଗ ଚନ୍ଦନ ବିଭାର(୧୮)ଙ୍କ ସହିତ ରାତି ୭ଟାରେ ପାହାଡ଼ପଦରରୁ ଗାଁକୁ ଫେରୁଥିଲେ । ଦମାଘାଟି ନିକଟରେ ହାତୀପଲ ସହିତ ମୁହାଁମୁହିଁ ହୋଇଥିଲେ । ହାତୀପଲକୁ ସାମ୍ନାରେ ଦେଖିବା ପରେ ଭୟଭୀତ ହୋଇ ଭାରସାମ୍ୟ ହରାଇ ରାସ୍ତା ଉପରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଚେତାଶୂନ୍ୟ ଅବସ୍ଥାରେ ରାସ୍ତାରେ ଲଛମନ ପଡିରହିଥିବା ବେଳେ ଆହତ ଚନ୍ଦନ ନିକଟସ୍ଥ ଗାଁକୁ ଯାଇ ଖବର ଦେଇଥିଲେ । ଖବର ପାଇ ଗ୍ରାମବାସୀ ପହଞ୍ଚି ଲଛମନକୁ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲଛମନକୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ । ବିଶ୍ୱନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଲଛମନର ଅବସ୍ଥା ଗୁରୁତର ଦେଖି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଲଛମନର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କାନରେ ବହୁତ ପରିମାଣରେ ରକ୍ତସ୍ରାବ ହେଉଥିବା ଜଣାପଡିଛି । ପରେ ତାଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

## ୩୨ କୁଇଣ୍ଟାଲ ଧାନ ଜବତ



**କର୍ଲାମୁଣ୍ଡା,୧୬ ।୧୨(ସମିସ):** କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଳ ଗ୍ରାମର ଜୈନେକ ବ୍ୟକ୍ତି ବେଆଇନ ଭାବେ ପିକଅପ୍ ଗାଡ଼ିରେ ଧାନ ନେଉଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି । ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଉକ୍ତ ଗାଡିକୁ ଜବତ କରି ଯୋଗାଣ ବିଭାଗକୁ ଖବର ଦେଇଥିଲେ ।ଅଧିକାରୀ ପ୍ରତିଭା ପଧାନ,କର୍ଲାମୁଣ୍ଡା ଯୋଗାଣ ନିରୀକ୍ଷକ ସ୍ମୃତିରଞ୍ଜନ ଜେନା, ନର୍ଲା ଯୋଗାଣନିରୀକ୍ଷକ ପ୍ରଶାନ୍ତ ଶ୍ରୀଚନ୍ଦନଙ୍କୁ ନେଇ ଯୋଗାଣ ବିଭାଗ ଟିମ ପହଞ୍ଚି ଗାଡି ନଂଓଡି୦୩ଡି-୨୭୮୫ ଓ ସେଠାରେ ଥିବା ୩୨କୁଇଣ୍ଟାଲ ୬୮କେଜି ଧାନ ଜବତ କରି ନିକଟସ୍ଥ ଲକ୍ଷ୍ମୀନାରାୟଣ ରାଇସ ମିଲ ଗଜବାହାଲ ଠାରେ ରଖାଯାଇଛି । ଜବତ ଗାଡିର ମାଲିକ ଅବୁଜବାହାଲ ଗ୍ରାମର ହରେକୃଷ୍ଣ ସାହୁ ବୋଲି ଜଣାପଡିଛି ।

## ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ମୃତ

**ଥୁଆମୂଳରାମପୁର,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଅଡ୍ରି ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟିବା ଫଳରେ ଡ୍ରାଇଭରର ମୃତ୍ୟୁ ହୋଇଛି । ସୂଚନା ମୁତାବକ ଦୁର୍ଘଟଣା ଟ୍ରାକ୍ଟରଟି ସୂର୍ଯ୍ୟଗଡରୁ ଫେରୁଥିବା ବେଳେ ରାତି ପ୍ରାୟ ୮ ଘଣ୍ଟା ସମୟରେ ଅଡ୍ରି-ଗୋପୀନାଥପୁର ମୁଖ୍ୟ ରାସ୍ତା ଅଡ୍ରି ସ୍ଥିତ ଦେଶୀ ମଦ ଭାଟି ସମ୍ମୁଖରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଘଟଣାସ୍ଥଳରେ ଟ୍ରାକ୍ଟର ଡ୍ରାଇଭର ଗୁରୁତର ଅବସ୍ଥାରେ ପଡିଥିବା ବେଳେ



ଅଡ୍ରି ଗାଁର ଯୁବକମାନେ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ସୂଚନା ଦେଇଥିଲେ । ମୃତ ଡ୍ରାଇଭର ଜଣକ ବାଗଡିଆଣି ଗ୍ରାମର ସ୍ୱର୍ଗତ ଘନ ରାଉତଙ୍କ ବିବାହିତ ପୁଅ ଚିତ୍ର ରାଉତ(୨୫) ବୋଲି ଜଣାପଡିଛି । ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟର କମରାଘାଟ ଗ୍ରାମର ବୋଲି ସୂଚନା ରହିଛି । ରାତି ତମାମ ଅଡ୍ରି ଡାକ୍ତରଖାନାରେ ଡ୍ରାଇଭରର ମୃତଦେହ ରହିଥିବା ବେଳେ ମଙ୍ଗଳବାର ସକାଳେ ଥୁଆମୂଳରାମପୁର ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି ।

## ମଦ ଜବତ, ୨ ଗିରଫ

**କୋକସରା,୧୬ ।୧୨(ସମିସ):** କୋକସରା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଡାଲଗୁମା ପଞ୍ଚାୟତର ଚିତାମୁଣ୍ଡା ଗ୍ରାମ ଓ ଡାଲଗୁମା ପଞ୍ଚାୟତ ଲଟାପଡା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨୪ ଲିଟର ଦେଶୀ ମଦ ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତ ଚିତାମୁଣ୍ଡା ଗ୍ରାମର ନୂତନ ବେଶ୍ରା (୪୧) ଓ ଲଟାପଡା ଗ୍ରାମର ଦେବେନ୍ଦ୍ର ରୋଥ୍ (୩୦) ଙ୍କୁ ଅବକାରୀ ପୁଲିସ ଗିରଫ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଅରୁଣ ଯୋଶୀ, ଓଆଇସି ଗୁପ୍ତେଶ୍ୱର ପଟେଲ, କନେଷ୍ଟବଳ ସୁରେଶ ଭୋଇ, ମହାଦେବ ମାଝୀ, ଖୁସିଦେବ କଟା, ବଳଭଦ୍ର ପାତ୍ର, ରବି ନାଗ, ଯଶୋବନ୍ତି ଭୋଇ ସାମିଲ ଥିଲେ ।

## ୧୯ରେ ବ୍ୟାଙ୍କର ସଚେତନତା ଶିବିର

**ଭବାନୀପାଟଣା,୧୬ ।୧୨(ସମିସ):** ଆସନ୍ତା ୧୯ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ କଳାହାଣ୍ଡି ଜିଲ୍ଲାର ଟାଉନ ହଲ ଠାରେ 'ଆପଣଙ୍କ ପୁଞ୍ଜି : ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହେବ । ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ । ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାର ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଇଛନ୍ତି ବୋଲି ଷ୍ଟେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଆର୍. ଗଙ୍ଗାଧର ପଟ୍ଟନାୟକ ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଧର୍ମୁରାଜ ସୁନାନି ସୂଚନା ଦେଇଛନ୍ତି । ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

### ସବୁ କ୍ଷେତକୁ ଜଳସେଚନ ଫେଲ୍

# ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଚାଷୀ

**ନୂଆପଡା,୧୬ ।୧୨(ସମିସ)**



ସରକାର ସବୁବେଳେ ଜିଲ୍ଲାର ସମସ୍ତ ଚାଷୀଙ୍କୁ ଜଳସେଚନର ସୁବିଧା ଯୋଗାଇଦେବାକୁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ସବୁ ଯୋଜନା ଯୋଜନ ଦୂରକୁ ଚାଲିଯାଉଛି । ବିଶେଷ କରି ଉଠାଜଳ ସେଚନ ବିଭାଗ ଦ୍ୱାରା ଜିଲ୍ଲାବ୍ୟାପି ଚାଷୀମାନଙ୍କୁ ସ୍ୱତନ୍ତ୍ର ଯୋଜନାରେ ଗଭୀର ନଳ କୂଅ ଖୋଲିବାକୁ ନିର୍ଦ୍ଦେଶ କରିଥିବା ବେଳେ ଆଜିକୁ ବର୍ଷାଧିକକାଳ ଚାଷୀଙ୍କୁ ଜଳ ସେଚନର ବ୍ୟବସ୍ଥା କରାଯାଇପାରିନଥିବାରୁ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି ।

ସ୍ଥାନୀୟ ଟାନୱାଟ ପଞ୍ଚାୟତର ଝିଲମିଲା, ରତିପାଲି ଏବଂ କୋମନା ବ୍ଲକ୍‌ର ହାତୀସରାଗ୍ରାମର ଚାଷୀମାନେ ନୂଆପଡା ଜିଲ୍ଲା ଉଠାଜଳ ସେଚନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଫେରାଦ ହେବା ସହ ଆଗକୁ ଆନ୍ଦୋଳନାକେ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ ଝିଲମିଲା ଗାଁର ଦେଓନାରାୟଣ ଶବର ଆଜିକୁ ଚାରି ବର୍ଷ ତଳେ ଗଭୀର ନଳକୂଅ ଖନନ ସକାଶେ ସରକାରୀ ଖାତାରେ ୨୦ହଜାର ଟଙ୍କା ଜମା କରିଥିଲେ।ଠିକ ସମୟରେ କୂଅରେ ପାଇପ ସଂଯୋଗ ବ୍ୟବସ୍ଥା କରାନଯିବାରୁ କୂଅ ଭୁଶୁଡି ପଡିଥିଲା । ଏହାକୁ ସଫେଇ କରିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ସଂପୃକ୍ତ ଠିକାଦାର ତାହା କରୁନଥିବାରୁ ଚାଷୀ ଜଣକ ଠିକ ସମୟରେ ଜଳ ସେଚନ ସୁବିଧା ପାଇ ପାରୁନାହାଁନ୍ତି । ଅନ୍ୟପକ୍ଷେ କୂଅରୁ ପାଣି ପାଉନଥିବା ବେଳେ ବିଜୁଳୀ ବିଲ ଆସୁଛି । ହାତୀସରା ଗାଁର ବିଲମ୍ବ ପଟେଲ , ମୋହନ ମାଝୀଙ୍କ କୂଅ ଖୋଲା ହେଲା ପରେ ମଧ ପରିଚାଳନାଗତ ତ୍ରୁଟି ହେତୁ ଶତାଧିକ ଚାଷୀଙ୍କ କୂଅ ଖୋଲା ହେଲାପରେ ମଧ ଠିକ ସମୟରେ ବିଜୁଳୀ ସଂଯୋଗ ହୋଇ ନହେବାରୁ ପାଣି ପାଇପାରୁନାହାଁନ୍ତି ।ଏହିଭଳି ଶତାଧିକ ଚାଷୀ ଯୋଜନାର ସୁଫଳ ପାଇପାରୁନଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଲିଖିତ ଭାବେ ନିର୍ବାହୀଯନ୍ତ୍ରୀଙ୍କୁ ଜଣାଇଛନ୍ତି। ଆଗାମୀ ସପ୍ତାହକ ମଧରେ କୌଣସି ସୁଫଳ ନମିଳିଲେ ଆନ୍ଦୋଳନାତ୍ମକ ପନ୍ଥା କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ 'କଳାହାଣ୍ଡି ଉତ୍ସବ' ପାଇଁ ପ୍ରସ୍ତୁତି



**କୋକସରା,୧୬ ।୧୨(ସମିସ):** କୋକସରା ବ୍ଲକ୍ କାର୍ଯ୍ୟାଳୟରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୫-୨୬ ପାଳନ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼.ହିମାଞ୍ଚଳ ମାଝୀ, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଧର୍ମଗଡ଼ ବିଧାୟକଙ୍କ କୋକସରା ପ୍ରତିନିଧି ତ୍ରିନାଥ ଶବର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ସହକାରୀ ଯନ୍ତ୍ରୀ ଏହେମଦ ସରିଫପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ବିଗତ ବର୍ଷ କମିଟି ହିଁ ପରିଚାଳନା ପାଇଁ ନିଷ୍ପତି ନିଆଯାଇଛି । ସମସ୍ତଙ୍କ ମତାମତ ପରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ଜାନୁଆରୀ ୭,୮ ଓ ୯ ତାରିଖ ଦୁଇ ଦିନ ଧରି ଧାର୍ଯ୍ୟ କରାଯାଇଛି । ଏଥିରେ ବିଭିନ୍ନ କଳା, ସଂସ୍କୃତି, ଲୁକ୍କାୟିତ ପ୍ରତିଭା ନେଇ ବିଭିନ୍ନ ସ୍କୁଲ, କଲେଜ ଓ ଅନେକ ଅନୁଷ୍ଠାନରୁ ଲୋକେ ନିଜର କଳା ସଂସ୍କୃତି ପ୍ରଦର୍ଶିତ କରିବା କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ଉତ୍ସବକୁ ଆକର୍ଷଣ କରିବା ପାଇଁ ଗୁରୁଜୀମୁଣ୍ଡା ଯୋଗମାୟା ପୀଠ ମଞ୍ଚ ତିଆରି କରିବା ପାଇଁ ସ୍ଥିର କରାଯାଇଛି । ବୈଠକରେ କୋକସରା ଡିଗ୍ରୀ କଲେଜ ଅଧକ୍ଷ ପୁଷ୍ପରାଜ ମେହେର, ଅଧାପକ ଅଶ୍ୱିନୀ ପଟ୍ଟନାୟକ, ପୁରୁଷୋତମ ଗୁପ୍ତା, ତିଲୋତମା ନାଏକ, ଘୁମୁରା ଗୁରୁ ମହେଶ୍ୱର ସରାଫ,ନିମାଇଁ ଚରଣ ଧଙ୍ଗଡାମାଝୀ, ତ୍ରିଭୁବନ ନାଏକ, ଇନ୍ଦ୍ରମଣି ଧଙ୍ଗଡା ମାଝୀ, ଦେବେନ୍ଦ୍ର ପାଟଯୋଶୀ,ଜବହାରଲାଲ ଗୁପ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝୀ, ପିଏଚଇଓ ଶର୍ମିଳା ଛତ୍ରିଆ, ନନ୍ଦ କିଶୋର ଧରୁଆ, ରତ୍ନରାଜ ମାଝୀ, ବିଘ୍ନେଶ୍ୱର ନାଏକ, ଜିତେନ୍ଦ୍ର ପଣ୍ଡା, ଜିତେନ୍ଦ୍ର ପ୍ରଧାନୀ ଏବଂ ସମସ୍ତ ସରପଞ୍ଚ ସମିତି ସଭ୍ୟସଭ୍ୟା, କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ କର୍ମଚାରୀ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବୈଠକକୁ ଜିପିଡିଓ ମିଲୁ ପ୍ରଧାନୀ ଓ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ମୋହନ ନାଏକ ପରିଚାଳନା କରିଥିଲେ ।

## ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି



**ଧର୍ମଗଡ଼,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ବିଜୁ ଜନତା ଦଳ ବ୍ଲକ ସଭାପତି ଡାକେଶ୍ୱର ଲହଜଲଙ୍କ ସଭାପତିତ୍ୱ ରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ,ଜିଲ୍ଲା ପରିଷଦ ଶଙ୍କର ଯୁଏଡ,ପୂର୍ବତନ ଏନ୍‌ଏସି ଅଧକ୍ଷା ସୁଶ୍ରୀ ହୀରା ବାଗ, ବିଜେଡି ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ନାରୀ ନେତ୍ରି କଲ୍ୟାଣୀ ନାଏକ, ପୂର୍ବତନ ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ବାଗ,ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାପତି ମଦନ ନାଏକ,ବ୍ଲକ୍ ମହିଳା ସଭାନେତ୍ରୀ ମିଥିଳା ପୁଞ୍ଜି, ମମତା ଗୋପାଳ, ବରିଷ୍ଠ ନେତା ଅଶୋକ ପଟ୍ଟଯୋଶୀ,ସନ୍ତୋଷ ପାଢ଼ୀ,ଗୌର ବାଗ, ବେଣୁଧର ନାଏକ, ଛାତ୍ର ନେତା ସୁନିଲ ଭଏସାଲ, ଲବଣୀ ଯାଦବ ଓ ସମସ୍ତ ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ । ଦଳର ପ୍ରତିଷ୍ଠା ଦିବସକୁ ଆସନ୍ତା ୨୬ ତାରିଖରେ ଧର୍ମଗଡ ନିର୍ବାଚନ ମଣ୍ଡଳୀସ୍ତରୀୟ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ଧର୍ମଗଡରେ ଧୁମଧାମରେ କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଜୁନାଗଡ଼,୧୬ ।୧୨(ସମିସ):** ଜୁନାଗଡ ପିଏମ୍‌ଶ୍ରୀ ଜୁନାଗଡ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜୁନାଗଡ ଏନ୍‌ଏସି ଅଧକ୍ଷକ୍ଷ ହିମାଦ୍ରୀ ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ଶିକ୍ଷା ସହିତ କ୍ରୀଡାର ଗୁରୁତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୁପସିଂ ରାଉତ,ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ମାଝୀ,ବିଶିଷ୍ଟ ସମାଜସେବୀ ଦୁର୍ଗା ପ୍ରସାଦ ନାଏକ,ଆଲୁମିନି କମିଟି ସଭାପତି ସନ୍ତୋଷ ସିଂହ ଦେଓ,ପରିଚାଳନା କମିଟି ସଭାପତି ଓ ମୁଖ୍ୟା ବିରୁପକ୍ଷ ନାଏକ,ପକ୍ଷରିଷଦ ହିମାଦ୍ରି ସିନ୍ଦୂର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିଥିଲେ । ବରିଷ୍ଠ ଶିକ୍ଷକ ମଳୟ କୁମାର ମୁଣ୍ଡ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷକ ବିଭୁ ଭୂଷଣ ପଣ୍ଡା ଧନ୍ୟବାଦ୍ ଦେଇଥିଲେ ଓ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ସଂଯୋଜନା କରିଥିଲେ । କ୍ରୀଡା ଦାୟିତ୍ୱରେ ଥିବା ଶିକ୍ଷକ ଭବାନୀ ଶଙ୍କର ମାଝୀ ବିଭିନ୍ନ କ୍ରୀଡାର ଆୟୋଜନ କରିଥିବା ବେଳେ ଶିକ୍ଷକ ମନୋଜ କୁମାର ନାଏକ, ଚୁମନ୍ ଦାସ ନାଏକ ଓ ସ୍କୁଲର ସମସ୍ତ ଶିକ୍ଷକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ ପାଇଁ ପ୍ରସ୍ତୁତି

**ଭବାନୀପାଟଣା,୧୬ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ୫ଟି ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଅଧକ୍ଷ, ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ନିର୍ବାଚନ ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ କରି ଭୋଟରଙ୍କ ସଚେତନ ନିମନ୍ତେ ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ ପାଇଁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ଅଧକ୍ଷ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଫର୍ମ ପ୍ରକ୍ରିୟାକରଣ, ବୁକ-ଏ-କଲ ଓ ଭୋଟରଙ୍କ ମ୍ୟାପିଙ୍ଗରେ ଉନ୍ନତି ଆଣିବାପାଇ ନିର୍ଦ୍ଦେଶ ଦେଇଥିଲେ । କଳାହାଣ୍ଡି ଜିଲ୍ଲାରେ ନୂତନ ଭାବେ ଗଠିତ ୨୯୨ ଗୋଟି ଭୋଟ ଗ୍ରହଣ କେନ୍ଦ୍ର ବିଷୟରେ ସମସ୍ତ ରାଜନୈତିକ ଦଳର ସଭାପତି ଓ ସମ୍ପାଦକମାନଙ୍କ ସହିତ ଆଲୋଚନା କରି ଏହାର ଏକ ନକଲ ସଭାପତି ଓ ସମ୍ପାଦକଙ୍କୁ ଦିଆଯାଇଥିଲା ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ଆଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ ପରିଡା, ଡେପୁଟି କଲେକ୍ଟର ମନୀଷା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ଘରୁ ଚୋରି

**ଧର୍ମଗଡ଼,୧୬ ।୧୨(ସମିସ):** ଧର୍ମଗଡ ଗୋଲାମୁଣ୍ଡା ମୁଖ୍ୟ ରାସ୍ତା କଡ଼ରେ ଥିବା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି ।ସୂଚନା ଯୋଗ୍ୟ ଯେ,ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଜନ୍ମେଜୟ ବେହେରା ସସ୍ତ୍ରିକ ମୁମ୍ବାଇରେ ଥିବା ନିଜ ଝିଅ ଘରକୁ ଯାଇଥିବା ବେଳେ ରାତିରେ ଘରେ ଜଣେ ଜଗୁଆଳୀ ରହୁଥିଲେ ।ଜଗୁଆଳୀ ଲକ୍ଷ୍ମଣ ନାଏକ ରାତିରେ ଶୋଇ ସକାଳେ ନିଜ ଘରକୁ ଚାଲିଯିବା ପରେ ଚୋରମାନେ କବାଟ ତାଡି ଘର ଭିତରେ ପଶିଥିଲେ ।ପୁଣି ରାତିରେ ଜଗୁଆଳୀ ଶୋଇବା ପାଇଁ ଆସି ଘରର ସବୁ କବାଟ ତଡ଼ା ହୋଇଥିବା ଦେଖିବାକୁ ପାଇ ଘର ମାଲିକକୁ ଫୋନ କରି ଜଣାଇଥିଲେ । ଘର ମାଲିକ ପଡୋଶୀଙ୍କ ସହ ଯୋଗାଯୋଗ କରି ଘରର ଅବସ୍ଥା ବିଷୟରେ ବୁଝିଥିଲେ । ଆଜି ତାଙ୍କ ପୁଅ ସୌରଭ ବେହେରା ବାଙ୍ଗାଲୋର ରୁ ଆସି ପହଞ୍ଚିବା ପରେ ପଡୋଶୀଙ୍କ ସହିତ ଯାଇ ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି । ବ୍ୟାଙ୍କ ଅଧିକାରୀଙ୍କ ଘରୁ କଣ କଣ ସାମଗ୍ରୀ ଚୋରି ଯାଇଛି ତାହା ସ୍ପଷ୍ଟ ହୋଇନାହିଁ ।ଚୋରମାନେ ଘରେ କେହି ନ ଥିବାର ସୁଯୋଗ ନେଇ ଘରର ସମସ୍ତ କବାଟ ଆଲମୀରା ତାଡ଼ି ଦେଇଛନ୍ତି । ଘରର ଯାବତୀୟ ସାମଗ୍ରୀ ବିଛେଇ ହୋଇ ପଡିଛି ।ଘରୁ କଣ ଚୋରି ହୋଇଛି ତାହା ଘର ମାଲିକ ଆସିଲେ ଜଣା ପଡିବ ବୋଲି ପୁଲିସ୍ କହିଛି ।




### ଗ୍ୟାସ୍ ପାଇପ ଲାଇନ୍ ପାଇଁ ଜନଶୁଣାଣି

# ଜମି ଦେବାକୁ ମନାକଲେ ପ୍ରଭାବିତ ଜମି ମାଲିକ

**ଲାଞ୍ଜିଗଡ଼,୧୬ ।୧୨(ସମିସ)**



ପେଟ୍ରୋଲିୟମ ଉତ୍ପାଦ ଗୁଡ଼ିକର ପରିବହନ ପାଇଁ ପାଇପ ଲାଇନ୍ ପରିଯୋଜନାର ପ୍ରଭାବିତ ଜମି ମାଲିକଙ୍କୁ ନେଇ ଲାଞ୍ଜିଗଡ଼ ତହସିଲ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଜନଶୁଣାଣି ହୋଇଛି । ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼ ଦ୍ୱାରା ଆନ୍ଧ୍ର ପ୍ରଦେଶ ରାଜ୍ୟର ବିଶାଖାପାଟଣାମ ଠାରୁ ଛତିଶଗଡ଼ ରାଜ୍ୟର ରାୟପୁର ପର୍ଯ୍ୟନ୍ତ ପେଟ୍ରୋଲିୟମ ଉତ୍ପାଦ ଗୁଡ଼ିକର ପରିବହନ ପାଇଁ ଏକ ଭୂତଳ ପାଇପ ଲାଇନ୍ ବିଛାଯିବା ପାଇଁ ଜମିର ବ୍ୟବହାର କରିବା ଅଧିକାର ପାଇଁ ଅଧିଗୃହୀତ ହେବାକୁ ଥିବା ଜମି ଗୁଡ଼ିକର ବିବରଣୀ ଚଳିତ ବର୍ଷ ୧.୧୦.୨୦୨୫ରିଖରେ ଭାରତୀୟ ରାଜପତ୍ରର ଅଧିସୂଚନା ସଂଖ୍ୟା ଏସ ଓ ୪୪୯୮(ଅ)ତା ୩୦.୯.୨୦୨୫ ତାରିଖରେ ପ୍ରକାଶ ପାଇଛି ।ଏହାକୁ ନେଇ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବିଶ୍?ନାଥପୁର,ଲାଞ୍ଜିଗଡ଼ରୋଡ ପଞ୍ଚାୟତ ସିକେରକୁପା,ଗଜରାଜପୁର ପ୍ରମୁଖ ଅଞ୍ଚଳର ଜମି ଅଧିଗ୍ରହଣ କରାଯିବ ।ଏହାକୁ ନେଇ ପ୍ରଭାବିତ ଜମି ମାଲିକଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣୀରେ ସକ୍ଷମ ପ୍ରାଧିକାରୀ ପବିତ୍ର କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ରୋଡ ପ୍ରଭାବିତ ଜମି ମାଲିକ ଉପସ୍ଥିତିରେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର, ଏଚପିସିଏଲ୍ ପ୍ରୋଜେକ୍ଟ ମେନଜର ଆରସି ସେଠି,ଏଲଏ ସେକ୍ସନ ଅଫିସର ନନ୍ଦକିଶୋର ମଲ୍ଲିକ,ପ୍ରୋଜେକ୍ଟ ଅଫିସର ଅମିତ କୁମାର ପ୍ରମୁଖ ଉପସ୍ଥିତ ରହି ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ ।କମ୍ପାନୀ ଦ୍ୱାରା ଦିଆଯାଉଥିବା ରାଶି ଓ ସର୍ତ୍ତାବଳୀ ଉପରେ କୌଣସି ପ୍ରଭାବବିତ ଜମି ମାଲିକ ରାଜି ନହେବା ସହିତ ଜମି ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରିବା ସହିତ ଜମି ପାଇଁ ଲଢେଇ କରିବାକୁ ମଧ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି ।

# କୋରାପୁଟ ବନାଞ୍ଚଳରେ ବାଘ ଗଣନା ଆରମ୍ଭ



କୋରାପୁଟ,୧୬।୧୨(ସମିସ): କୋରାପୁଟ ବନାଞ୍ଚଳ କ୍ଷେତ୍ରରେ ମଙ୍ଗଳବାର ଠାରୁ ବାଘ ଗଣନା ଆରମ୍ଭ ହୋଇଛି। କୋରାପୁଟ ବନାଞ୍ଚଳ ଅଧିକାରୀ ଏସ. କେ ପାହାଡ଼ସିଂଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟ ରେଞ୍ଜ ଅନ୍ତର୍ଗତ ମନୋବାର, କୋଲାବ, କୋରାପୁଟ ସଦର ମହକୁମା, ମାଥାଲପୁଟ, ଡୁମୁରିପଦର, ଡଙ୍ଗରୀ ଭଳି ୧୦ଟି ଅଞ୍ଚଳରେ ୧୦ଟି ଟିମ୍ ବାଘ ଗଣନା କରୁଛନ୍ତି। କୋରାପୁଟ ବନାଞ୍ଚଳ ଅଧିକାରୀ ଶ୍ରୀ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ସ୍କ୍ୱାର୍ଡ ସଦସ୍ୟ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଜଣାପଡିଛି।

● ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ନିର୍ବାଚନ ସାକ୍ଷରତା ଉପରେ ଆଲୋଚନା ସଭା



ନନ୍ଦପୁର,୧୬।୧୨ (ସମିସ): ଭାରତ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ କ୍ରମେ ଦେଶର ସମସ୍ତ ସ୍କୁଲ, କଲେଜ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ମାଧ୍ୟମରେ ନିର୍ବାଚନୀ ସାକ୍ଷରତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ନନ୍ଦପୁର ସ୍ଥିତ ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ବୈଜୟନ୍ତି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ଦୁର୍ଗା ପ୍ରସାଦ ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ କିପରି ନିଜ ନିଜର ଭୋଟର ନାମ ନିବନ୍ଧନ କରିବେ, କିପରି ନିଜର ଭୋଟ ଦେବାର ଅଧିକାର ବ୍ୟବହାର କରିବେ ଓ ଏକ ଲୋକତାନ୍ତ୍ରିକ ସମାଜରେ ସଚେତନ ନାଗରିକ ଭାବେ ନିଜ ଭୂମିକା କିପରି ପାଳନ କରିବେ, ସେ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷା ଶ୍ରୀମତୀ ସାମଲ ଭୋଟ ଦେବା କେବଳ ଏକ ଅଧିକାର ନୁହେଁ, ବରଂ ଏହା ଜଣେ ନାଗରିକଙ୍କର ମୂଳ କର୍ତ୍ତବ୍ୟ। ଛାତ୍ରଛାତ୍ରୀମାନେ ଯୁବ ଅବସ୍ଥାରୁ ଯଦି ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସଚେତନ ହେବେ, ତେବେ ଦେଶର ଲୋକତନ୍ତ୍ର ଆଉ ଅଧିକ ସୁଦୃଢ଼ ହେବ ବୋଲି ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିର୍ବାଚନୀ ସଚେତନତା ବଢ଼ିବା ସହ ଭବିଷ୍ୟତରେ ସେମାନେ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ିଉଠିବେ ବୋଲି ଆଶା ପ୍ରକାଶ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପଟ୍ଟନାୟକ, ଉଲିୟମ ଡୁରୁକ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିବା ବେଳେ ଅଧ୍ୟାପକ ରବି ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୃଷି ବୈଷୟିକ ଇଞ୍ଜିନିୟରିଂରେ ଶ୍ରୀୟାଶ୍ରୁତିଙ୍କୁ ସ୍ୱର୍ଣ୍ଣ ପଦକ



ଗୁଣୁପୁର, ୧୬।୧୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସ୍ଥିତ ସ୍ଥାନୀୟ ଗାନ୍ଧୀ ବୈଷୟିକ ବିଶ୍ୱବିଦ୍ୟାଳୟରୁ ସୁଶ୍ରୀ ଶ୍ରୀୟାଶ୍ରୁତି ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମବର୍ତ୍ତନ ସମାରୋହ ତଥା ୧୪ ଡିସେମ୍ବରରେ ସ୍ନାତକ ଶ୍ରେଣୀର କୃଷି ବୈଷୟିକ ଇଞ୍ଜିନିୟରିଙ୍ଗ ପାଇଁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ବିଶ୍ୱବିଦ୍ୟାଳୟର ସ୍ନାତକ କୃଷି ବୈଷୟିକ ଇଞ୍ଜିନିୟରିଂରେ ସେ ପ୍ରଥମ ବ୍ୟାଚ ତଥା ୨୦୨୦-୨୪ର ଛାତ୍ରୀ ଥିଲେ। ସେ ଅଧ୍ୟାପକ ଜନାର୍ଦ୍ଦନ ପାଣିଗ୍ରାହୀ ଓ ଶକୁନ୍ତଳା ପାଣିଗ୍ରାହୀଙ୍କ ସୁପୁତ୍ରୀ ଅଟନ୍ତି। ସେ ଏହି ପଦକ ହାସଲ କରି ସହର ପାଇଁ ଗର୍ବ ଆଣିଛନ୍ତି। ତାଙ୍କର ଏହି ସଫଳତା ପଛରେ ତାଙ୍କ ପିତା, ମାତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି ସୁଶ୍ରୀ ଶ୍ରୀୟା ଶ୍ରୁତି ପ୍ରକାଶ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବିଭିନ୍ନ ସୁବିଧାରୁ ବଞ୍ଚିତ ଦଡୁଗୁଡ଼ା ଗାଁ

ପୋଡ଼ାଗଡ଼,୧୬।୧୨(ସମିସ): ମୌଳିକ ସୁବିଧା ଯୋଗାଇଦେବା ହେଉଛି ସରକାରଙ୍କ ମୁଖ୍ୟ କର୍ତ୍ତବ୍ୟ। କିନ୍ତୁ ଅନେକ ଗ୍ରାମ ଆଜି ମଧ୍ୟ ମୌଳିକ ସୁବିଧାରୁ ବାଞ୍ଚିତ ହୋଇ ରହିଥିବା ଦେଖା ଦେଇଛି। ଏହିପରି ଏକ ଗାଁ ହେଉଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଦଡୁଗୁଡା ଗାଁ। ଏହି ଗ୍ରାମକୁ ସଂଯୋଗ କରୁଥିବା ଥିବା ରାସ୍ତାର ପୋଲ ଦୀର୍ଘ ୪ ବର୍ଷ ହେବ ଭୁଶୁଡ଼ି ପଡ଼ିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ପୋଲ ନିର୍ମାଣ କାର୍ଯ୍ୟ ହୋଇ ପାରିଲା ନାହିଁ। ଗ୍ରାମବାସୀ ଅନେକ ଥର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିବା ଗାଁ ଲୋକ କହି ଛନ୍ତି। କିନ୍ତୁ ଚାରି ବର୍ଷ ବିତିଗଲା, ଆଜି ସୁଦ୍ଧା କାମ ହେଲା ନାହିଁ। ଯାହା ଫଳରେ ଗ୍ରାମରେ କାହାରି ଦେହ ଖରାପ ହେଲେ କିମ୍ବା ପ୍ରସୂତୀ ନିମନ୍ତେ ହସ୍ପିଟାଲ ନେବାକୁ ହେଲେ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଆମ୍ବୁଲାନ୍ସ ଗାଁକୁ ଆସି ନ ପାରିବାରୁ ୩ ରୁ ୪ କିମି କିଲାର ଛକ ପର୍ଯ୍ୟନ୍ତ କିମ୍ବା ୨ ରୁ,୩ କିମି ବାଲିଗୁଡା ନଦୀ ପର୍ଯ୍ୟନ୍ତ ଭାରରେ ବୋହି ନେବାକୁ ପଡୁଛି ବୋଲି ଗ୍ରାମର ମାଧବ ଜାନି, କୁଶ ଜାନି, ମାଣିକ ମୁଦୁଲି, ଦନାଇ ମୁଦୁଲି ପ୍ରମୁଖ କହିଛନ୍ତି। ଏହାଛଡ଼ା ପିଡ଼ିଏସ ସାମଗ୍ରୀ ଯଥା ଚାଉଳ, ମାଣ୍ଡିଆ, ଭତ୍ତା ଟଙ୍କା ଆଣିବା ପାଇଁ କିମ୍ବା ପଞ୍ଚାୟତ ଅଫିସରେ କୌଣସି କାମକୁ ଯିବାକୁ ହେଲେ ନାହିଁ ନଥିବା ଦୁର୍ଦ୍ଦଶାର ଶିକାର ହେଉଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟ ପକ୍ଷରେ ଗ୍ରାମର ଅନେକ ପିଲା ଉଚ୍ଚ ବିଦ୍ୟାଳୟ ରୁଞ୍ଜାଗୁଡାକୁ ଅଧ୍ୟୟନ ନିମନ୍ତେ ଯିବାକୁ ମଧ୍ୟ ସମସ୍ୟା ଦେଖା ଦେଇଛି।

## ମଣ୍ଡି ଉଦ୍‌ଘାଟନକୁ ସପ୍ତାହେ ବିତିଲାଣି

# ଚାଷୀଙ୍କ ଧାନ କ୍ରୟ ହେଉନି, ଏକାଠି ହେଲେ ୫ ବ୍ଲକର ଚାଷୀ



ଜୟପୁର,୧୬।୧୨(ସମିସ) : କୋରାପୁଟ ଜିଲ୍ଲାରେ ଗତ ଗୁରୁବାର ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏକ ସପ୍ତାହ ବିତିବାକୁ ବସିଥିଲେ ସୁଦ୍ଧା ଚାଷୀଙ୍କ ଅମଳ ଖରିଫ ଧାନ ସରକାରଙ୍କ ପକ୍ଷରୁ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ଟୋକେନ ପ୍ରାପ୍ତ ଧାନ ଗତ ୧୧ ତାରିଖରେ ପ୍ରଶାସନ ପକ୍ଷରୁ ବିଧିବଧ ଭାବେ ଉଦ୍‌ଘାଟନ କରାଯାଇଛି। ଏହିପରି ଧାନ ବିକ୍ରି ନିମନ୍ତେ ପଞ୍ଜିକୃତ କିଛି ଚାଷୀ ମାନଙ୍କୁ ଟୋକନ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ଟୋକେନର ଅବଧି ଏକ ସପ୍ତାହ ରହିଛି। କିନ୍ତୁ ମଣ୍ଡିରେ ଧାନ କ୍ରୟ

## ଟୋକନର ଅବଧି ବୃଦ୍ଧି କରିବାକୁ ଦାବି

କରିଥିବା ଚାଷୀ ମାନେ ସେମାନଙ୍କ ଧାନ ବିକ୍ରି କରିବାକୁ ତତ୍ପରତା ପ୍ରକାଶ କରୁଥିଲେ ସୁଦ୍ଧା ମଣ୍ଡିରେ ସରକାରଙ୍କ ପକ୍ଷରୁ ଧାନ କ୍ରୟ ଆରମ୍ଭ ହୋଇନଥିବା ଯୋଗୁଁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ତେଣୁ ଆଜି କୋରାପୁଟ ଜିଲ୍ଲାର ମୁଖ୍ୟତଃ ଅଧିକ ଧାନ ଚାଷ ହେଉଥିବା ଜୟପୁର, କୋଟପାଡ,କୁନ୍ଦୁରା, ବୋରିଗୁମ୍ମା ଏବଂ ବୈପାରୀଗୁଡା ବ୍ଲକର ଶତାଧିକ ଚାଷୀ ମାନେ ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମ ଧାନମଣ୍ଡିରେ ଏକତ୍ରିତ ହୋଇଥିଲେ। ଏହିପରି ଚାଷୀ ମାନଙ୍କୁ କଟନୀ ଛଟନୀ ନାମରେ ଶୋଷଣ ବନ୍ଦ କରାଯାଉ ବୋଲି ମୁଖ୍ୟ ଦାବି ରଖିଥିଲେ। ସେହିପରି ଚଳିତ ଖରିଫ ମଣ୍ଡି ଆରମ୍ଭ ହୋଇପାରିନାହିଁ। ତେଣୁ ତୁରନ୍ତ ଟୋକେନ ଅବଧି ବୃଦ୍ଧି କରାଯାଉ। ସେହିପରି ମଣ୍ଡିରେ ଧାନ ହେଣ୍ଡେଲିଂକୁ କାର୍ଯ୍ୟକାରୀ କରାଯାଇ ଚାଷୀ ମାନେ ବିକ୍ରୟ ନିମନ୍ତେ ଆଣିଥିବା ବସ୍ତାକୁ ଢଳେଇ କରାଯାଇ ସେମାନଙ୍କ ବସ୍ତା ପ୍ରଦାନ କରିବା ସହ ଏହାର ରସିଦ ପ୍ରଦାନ କରାଯାଉଛି। ଏହିପରି ମଣ୍ଡିରେ ଧାନ କ୍ରୟ ହେଣ୍ଡେଲିଂ ନାମରେ ଦୁର୍ନୀତି ବନ୍ଦ କରିବାକୁ ଦାବି କରାଯାଇଥିଲା। ଏହିପରି ଆଜି ଫାମ୍ପୁଣି ମଣ୍ଡିକୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଟୋକେନଧାରୀ ଚାଷୀ ସେମାନଙ୍କ ଅମଳ ଖରୀଫ ଧାନକୁ ଆଣି ଅନଲୋଡିଂ କରିବାକୁ ଠୁଳ କରିଥିଲେ ସୁଦ୍ଧା ଆଜି କ୍ରୟକାରୀ ସଂସ୍ଥା ପକ୍ଷରୁ କୌଣସି ଧାନ କ୍ରୟ ହୋଇପାରିନାହିଁ। ତେଣୁ ଆଗାମୀଦିନରେ ଚାଷୀ ମାନଙ୍କୁ କୌଣସି ଶୋଷଣ କରିବା ଭଳି କୌଣସି କାର୍ଯ୍ୟକୁ ଚାଷୀ ସମାଜ ବରଦାସ୍ତ କରିବ ନାହିଁ। ଏହିପରି ଟୋକେନଧାରୀ ଚାଷୀଙ୍କ ଧାନ କୌଣସି ଆଳ ଦେଖାଇ ସରକାରଙ୍କ ପକ୍ଷରୁ କ୍ରୟ କରନଗରେ ସମସ୍ତ ଚାଷୀ ମିଳିତ ଭାବେ ଜିଲ୍ଲାରେ ଆନ୍ଦୋଳନ କରିବା ସହ ସରକାରୀ କାର୍ଯ୍ୟାଳୟ ଗୁଡିକ ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ବୁଧବାର ଚାଷୀ ମାନେ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ସୁରୁଖୁରରେ ମଣ୍ଡି ପରିଚାଳନା, କଟନୀ ଛଟନୀ ବନ୍ଦ କରିବା ଏବଂ ଅନ୍ୟାନ୍ୟ ଦାବି ନେଇ ଆଲୋଚନା ସହିତ ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତି ହୋଇଥିବା ନେଇ କୃଷକ କଲ୍ୟାଣ ମଞ୍ଚର ଜିଲ୍ଲା ସମ୍ପାଦକ ନରେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ରାଧାନାଥ ଭଟ୍ଟ. ତ୍ରିନାୟ ବିଶୋୟୀ, ସିଦ୍ଧାର୍ଥ ତ୍ରିପାଠୀ, ସଞ୍ଜୟ ବେହେରା, ସଦାଶିବ ତ୍ରିପାଠୀ, ବିପଦ ଭଞ୍ଜନ ଦାସ, ନିରାକାର ରାଉତ, ସୋମନାଥ ମଣ୍ଡଳ, ଉଗ୍ରସେନ ମଣ୍ଡଳ, ରବିନ୍ଦ୍ର ଚୌଧୁରୀ, ପ୍ରଦିପ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ମୋଟରସାଇକଲ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଡାବୁଗାଁ,୧୬।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ମୋଟରସାଇକଲ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଗିର୍ଲା ଗ୍ରାମର କେଶେନ୍ଦ୍ର ଭତ୍ରା (୩୨) ଗତ ୬ ତାରିଖ ଦିନ ସନ୍ଧ୍ୟା ପ୍ରାୟ ୬ଟା ସମୟରେ କାଜୁ ମିଲରେ କୁଲି କାମ ସାରି ଚାଲି ଚାଲି ନିଜ ଘର ଗିର୍ଲା ଗ୍ରାମକୁ ଫେରୁଥିବା ବେଳେ ଡାବୁଗାଁ ଜୁନାପାଣି ମୁଖ୍ୟ ରାସ୍ତାରେ କାମତା ଛକ ନିକଟରେ କାମତା ଗ୍ରାମର ଗୋପୀନାଥ ପୂଜାରୀ ନିଜ ଘର କାମତା ଗ୍ରାମକୁ ମୋଟରସାଇକେଲ ନଂ ଓଡି ୨୪ ଏ ୧୭୮୩ ଯୋଗେ ଆସୁଥିବା ବେଳେ କେଶେନ୍ଦ୍ରକୁ ଧକ୍କା ଦେଇଥିଲେ। ଫଳରେ କେଶେନ୍ଦ୍ର ରାସ୍ତାରେ ପଡି ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ଉନ୍ନତ ଚିକିତ୍ସା ନିମନ୍ତେ ଜୟପୁର ଉଷା ମେଡିକାଲରେ କେଶେନ୍ଦ୍ରଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ସୋମବାର ଦିନ ବିଳମ୍ବିତ ରାତ୍ରିରେ କେଶେନ୍ଦ୍ର ଭତ୍ରାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କର ସାନ ଭାଇ ବଳିଆରସିଂ ଭତ୍ରା ମଙ୍ଗଳବାର ପୂର୍ବାହ୍ନ ୧୧ ଘ. ସମୟରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସଆଇ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୪୯/୨୫ରେ ଏକ ମାମଲା ରୁଜୁ କରାଯାଇଛି।

● ପୁଣି ଚମକିଲେ ନିୟମଗିରିର ଡଙ୍ଗରିଆ ଯୁବକ

# ସର୍ବଭାରତୀୟ ଦୌଡକୁଦ ପ୍ରତିଯୋଗିତାରେ ରବୀନ୍ଦ୍ରଙ୍କ ସଫଳତା






ବିଷମ କଟକ, ୧୬।୧୨(ସମିସ)

ପୁଣି ଚମକିଲେ ନିୟମଗିରି ର ବିରଳ ଜନଜାତି ଡଙ୍ଗରିଆ ଯୁବକ ରବୀନ୍ଦ୍ର ୱାଡାକା। ଜଣେ ଗରିବ ଶ୍ରେଣି ପରିବାରର ହୋଇ ମଧ୍ୟ ଭଲ ଶିକ୍ଷା ହାସଲ କରିବା ସହ ଖେଳ କୁଦ ରେ ମଧ୍ୟ ଆଗ୍ରହ ରଖିଛନ୍ତି। ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ନିୟମଗିରି କୁର୍ଲୀ ପଞ୍ଚାୟତ ରେ ବସବାସ କାରୁଥିବା ପାହାଡ଼ ଇଲାକାରେ ରେ ବସବାସ କରିଥିବା ଆଦିମ ଜନଜାତି ଡଙ୍ଗରିଆ ଯୁବକ ଯୁବତୀ ମାନେ ଅଭାବ ଅନାଟନକୁ ପଛରେ ପକାଇ ରାଜ୍ୟ ତଥା ଆର୍ନ୍ତଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଥିବା ହୋଇଥିବା ଦୌଡ କୁଦ ପ୍ରତିଯୋଗିତା ୧୫ ତାରିଖରେ ସମାପ୍ତ ହୋଇଛି। ଏହି ତିନିଦିନର କ୍ରୀଡା ପ୍ରତିଯୋଗିତାରେ ରବିନ୍ଦ୍ର ବେଷ୍ଟ ଷଷ୍ଠ ସ୍ଥାନ ହାସଲ କରିଛନ୍ତି।

## ରାଜ୍ୟ ପାଇଁ ଆଣିଲେ ଗୌରବ

ବେଳେ ବର୍ତମାନ କୁର୍ଲୀ ଗ୍ରାମ ପଞ୍ଚାୟତର ଖମ୍ବେସି ଗ୍ରାମର ରବିନ୍ଦ୍ର ୱାଡାକା ବିହାର ରାଜ୍ୟ ପାଟନା ସ୍ଥିତ ପାଟଳିପୁତ୍ର ଷ୍ଟାଡିୟମ ଠାରେ ଆୟୋଜିତ ତିନି ଦିନିଆ ସର୍ବଭାରତୀୟ ପ୍ରଶାସନିକ ସେବା ଦୌଡକୁଦ ପ୍ରତିଯୋଗିତା ସ୍ଥାନ ପାଇଛନ୍ତି। ରବୀନ୍ଦ୍ର ଜବଲିନ୍ ଥ୍ରୋର ପ୍ରତିଯୋଗିତାରେ ଓଡିଶା ପାଇଁ ପ୍ରତିନିଧିତ୍ୱ କରିଥିଲେ। ଚଳିତ ମାସ ୧୩ ତାରିଖରୁ ଆରମ୍ଭ ରବିନ୍ଦ୍ର ୱାଡାକା ଜଣେ କ୍ରୀଡା ଶିକ୍ଷକ। ସେ ବିଷମ କଟକ ବ୍ଲକ ଅନ୍ତର୍ଗତ ଲେଲିବାଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟରତ ରହିଛନ୍ତି। ସର୍ବ ଭାରତୀୟ ଦୌଡକୁଦ ପ୍ରତିଯୋଗିତାରେ ଜଣେ ଆଦିମ ଜନଜାତି ଡଙ୍ଗରିଆ ଯୁବକ ସୁଯୋଗ ପାଇଥିବା ରାୟଗଡା ଜିଲ୍ଲା ତଥା ନିୟମଗିରି ଅଞ୍ଚଳର ବିରଳ ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି।

■ ରାୟଗଡା ଜିଲ୍ଲା ଅଦାଲତରେ ଜୁଡିସିଆଲ ଷ୍ଟାମ୍ପ୍ ଓ ପେପର ଅଭାବ

# ଲୋକେ ହନ୍ତସନ୍ତ, ପ୍ରତିକାର ଦାବି

ରାୟଗଡ଼ା, ୧୬।୧୨(ସମିସ):

ରାୟଗଡ଼ା ଜିଲ୍ଲା ଅଦାଲତରେ ଷ୍ଟାମ୍ପ ପେପର ଓ ଜୁଡ଼ିସିଆଲ ଷ୍ଟାମ୍ପ ପାଇଁ ଉଭୟ ଆଇନଜୀବୀ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାର ଆସୋସିଏସନ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି ବୋଲି ରାୟଗଡ଼ା ବାର ଆସୋସିଏସନ ସାଧାରଣ ସମ୍ପାଦକ ମଙ୍ଗଳମୂର୍ତି ବେଉରିଆ କହିଛନ୍ତି। ସେହି ସମାନ ଅଭିଯୋଗ କରିଛନ୍ତି ବରିଷ୍ଠ ଆଇନଜୀବୀ ନବ କୁମାର କଂଟା ଓ ଅନ୍ୟମାନେ। ସୂଚନା ଅନୁଯାୟୀ, ରାୟଗଡ଼ା ସହରରେ ତିନି ଜଣ ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ପାଇଥିବା ବେଳେ କୋର୍ଟ ପରିସରରେ କେହି ୪ଘଂଟା ମଧ୍ୟ ବସୁନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଏଭଳିକି ସେମାନଙ୍କ ଘରକୁ ଯାଇ ଷ୍ଟାମ୍ପ ମାଗିଲେ ମଧ୍ୟ ମିଳୁନଥିବା ଅଭିଯୋଗ କରିଛନ୍ତି ଉଭୟ ବାର ଆସୋସିଏସନ ମେମ୍ବର ଓ ଜନସାଧାରଣ। କୋର୍ଟ ମଧ୍ୟରେ ବସି ଷ୍ଟାମ୍ପ ବିକ୍ରି କରିବା ନେଇ ନିୟମ ରହୁଥିବା ବେଳେ ଜଣେ ଭେଣ୍ଡର ଅଳ୍ପ ସମୟ ରୁହନ୍ତି ଏବଂ ଅନ୍ୟ କେହି ଆସନ୍ତି ନାହିଁ ବୋଲି କହିଛନ୍ତି ଆଇନଜୀବୀ ବେଉରିଆ। ସେ କହିଛନ୍ତି ଯେ, ୧୦ଟଙ୍କିଆ ନନ୍‌ଜୁଡିସିଆଲ ଷ୍ଟାମ୍ପ ପେପର ସାଧାରଣତଃ ଅଧିକ ଆବଶ୍ୟକ ପଡ଼ିଥାଏ। ହେଲେ ଆବଶ୍ୟକ ସମୟରେ ତାହା ମିଳିବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି ଆଇନଜୀବୀ ବେଉରିଆ। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଉ କିଛି ଷ୍ଟାମ୍ପ ଭେଣ୍ଡର ନିଯୁକ୍ତି ଦେବା ସହିତ କୋର୍ଟରେ ନିର୍ଦ୍ଧାରିତ ସମୟରେ ବସିବା ପାଇଁ କଡ଼ା ନିର୍ଦ୍ଦେଶନାମା ରହିବା ଆବଶ୍ୟକ ବୋଲି ଆଇନଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ପାପଡାହାଣ୍ଡି,୧୬।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗ୍ରାମ କୋର୍ପେସନ ସମ୍ମୁଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତରଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ନବରଙ୍ଗପୁର ସହର ସେନାପତି ସାହିର ମୃତ୍ୟୁଞ୍ଜୟ ହିଆଲ ଓ ବିଜୟ ବେନିୟା ଦୁହେଁ ପାପଡାହାଣ୍ଡି ବ୍ଲକ ଚନ୍ଦ୍ରପୁର ଗ୍ରାମକୁ ଯାଇଥିଲେ। କାମ ସରିବା ପରେ ସନ୍ଧ୍ୟା ସମୟରେ ଦୁହେଁ ନିଜ ଘର ନବରଙ୍ଗପୁରକୁ ଏକ ବାଇକ୍ ଯୋଗେ ଫେରିଥିଲେ। ଏହି ସମୟରେ ନବରଙ୍ଗପୁର ଆଡୁ ପାପଡାହାଣ୍ଡି ଆସୁଥିବା ଏକ ବାଇକ୍ ସହ କୋର୍ପେସନ ସମ୍ମୁଖରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ତିନି ଜଣ ରାସ୍ତା କଡ଼ରେ ଛିଟିକି ପଡି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତରଙ୍କୁ ଗ୍ରାମବାସୀ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁହିଁ ଗୁରୁତର ମତ୍ୟୁଞ୍ଜୟ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳ ପହଞ୍ଚି ଶବକୁ ଜବତ କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଶବ ଗୃହ ଠାରେ ରଖିଛନ୍ତି। ଖବର ଲେଖା ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ।

## ଦୁର୍ବୃତ୍ତ ଭାଙ୍ଗି ଦେଲେ ପର୍ଶୁରାମଙ୍କ ମୂର୍ତ୍ତି

# ମୁଣ୍ଡ କଟିଯାଇଛି, ରାସ୍ତାକଡ଼ରେ ଛିଡ଼ା ହୋଇଛି ଗଣ୍ଡି

ରାୟଗଡ଼ା,୧୬।୧୨(ସମିସ):

ରାୟଗଡ଼ା ଜିଲ୍ଲା ସୀମାନ୍ତ ଦୁର୍ଗାପାଡୁ ପଞ୍ଚାୟତରେ ଥିବା ଜଳପ୍ରପାତ ନିକଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ପର୍ଶୁରାମ ମୂର୍ତ୍ତିକୁ ଦୁର୍ବୃତ୍ତ ମାନେ ଭାଙ୍ଗି ଦେଇଛନ୍ତି। ମୂର୍ତ୍ତିର ମୁଣ୍ଡକୁ ଭାଙ୍ଗି ଦେଇ ଥିଲା ବେଳେ ଅନ୍ୟ ଏକ ଦେବୀ ମୂର୍ତିର ଆଙ୍ଗୁଳିକୁ ଭାଙ୍ଗି ଦେଇଛନ୍ତି। ପର୍ଯ୍ୟଟନ ସ୍ଥଳୀକୁ ସରସ ସୁନ୍ଦର କରିବା ପାଇଁ ତଥା ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏହି ମୂର୍ତ୍ତି ଗୁଡ଼ିକ ତିଆରି କରାଯାଇ ଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ଆକ୍ରୋଶ ମନୋଭାବ ରଖି ମୂର୍ତ୍ତି ଗୁଡ଼ିକ ଭାଙ୍ଗି ଦେଇ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଆନ୍ଧ୍ର ପର୍ଯ୍ୟଟକ ମାନେ ଏହି ଅଞ୍ଚଳ ରେ ମାତ୍ରାଧିକ ମଦ୍ୟପାନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ବୋଲି ତତ୍କାଳିନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା କହିଛନ୍ତି।। ସୂଚନା ଯୋଗ୍ୟ ଯେ ସୀମାନ୍ତରେ ଏହି ଜଳପ୍ରପାତକୁ ଆନ୍ଧ୍ର ଅଞ୍ଚଳରୁ ବହୁ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ଏହି ପାହାଡ ଉପରେ ଥିବା ଏହି ଜଳ ପ୍ରପାତଟି କିଛି ମଦୁଆଙ୍କ ଆ‡ାସ୍ଥଳୀ ହୋଇ ଥିଲା ବେଳେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଞ୍ଚଳବାସୀ କହୁଛନ୍ତି । ଶେଷଖାଲ ଥାନା ଠାରୁ ଏହି ଅଞ୍ଚଳ ଦୀର୍ଘ ୨୫ କିଲୋମିଟର ଦୂର ହୋଇ ଥିବାରୁ ଠିକ୍ ସମୟରେ ପୋଲିସ ପ୍ରଶାସନ ପହଞ୍ଚିବା ସମ୍ଭବ ହେଉ ନାହିଁ। ପୁଣି ସୀମାନ୍ତ ଅଞ୍ଚଳ ହୋଇ ଥିବାରୁ ଅସାମାଜିକ ବ୍ୟକ୍ତି ମାନେ ଏହାର ସୁଯୋଗ ନେଇ ସୀମା ପାର ହୋଇ ଯାଉଛନ୍ତି। ଏହି ଅଞ୍ଚଳ ରେ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ ମଧ୍ୟ ଏହି ଦାବି କେବଳ ସରକାରଙ୍କ ପ୍ରତିଶ୍ରୁତିରେ ଅଟକି ଯାଇଛି। ଦୁର୍ଗମ ଅଞ୍ଚଳରେ ପୋଲିସ ପ୍ରଶାସନ ପହଞ୍ଚିବା ନିଶ୍ଚିତ କାଠିକର ପାଠ । ତଥାପି ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶେଷ ଖାଲ ଥାନା ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗ କହିଛନ୍ତି।





# ‘ପରବ’ ପାଇଁ ସଜେଇ ହେଉଛି କୋରାପୁଟ





କୋରାପୁଟ,୧୬।୧୨(ସମିସ): ଆସନ୍ତା ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ କୋରାପୁଟ ଠାରେ ଅନୁଷ୍ଠିତ ହେବାକୁ ଯାଉଛି ଜାତୀୟ ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ‘ପରବ’। ସହରର କାନ୍ଥବାଡ଼ରେ ଚାଲିଛି କୋରାପୁଟ ଜିଲ୍ଲାର କଳା ସଂସ୍କୃତି ଓ ପରମ୍ପରାର ଚିତ୍ର। ଜୟପୁର ସହରର ଅମାୟିକା ବା ବୁଲୁ ଭାବେ ବେଶ ପରିଚିତ କାରିଗରଙ୍କ ତୁଳୀରେ ସହରର କାନ୍ଥ ବାଡ଼ ଶୋଭା ମଣ୍ଡନ କରୁଛି। କୋରାପୁଟ ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟର ପରମ୍ପରାକୁ ନେଇ ବିଭିନ୍ନ କାନ୍ଥବାଡ଼ ବୁଲୁ କାରିଗରଙ୍କ ଦ୍ୱାରା ବିଭିନ୍ନ ଚିତ୍ର ଅଙ୍କା ଚାଲିଛି। ସେଇ ରାସ୍ତା ଦେଇ ଯେଉଁ ପଥିକ ଯାଉଛନ୍ତି ଏହି ଚିତ୍ର ସବୁକୁ ଦେଖି ଅଟକି ଯାଉଛନ୍ତି। ଏହି ସବୁ ଚିତ୍ରକୁ ଦେଖିଲେ ବାସ୍ତବ ପରି ମନେ ହେଉଛି। ଏବେ ପର୍ଯ୍ୟଟନର ଋତୁ ଥିବାରୁ କୋରାପୁଟ ଜିଲ୍ଲା କୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। କାନ୍ଥବାଡ଼ରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲାର କଳା ସଂସ୍କୃତି ଓ ପରମ୍ପରାକୁ ଦେଖି ପର୍ଯ୍ୟଟକ ମାନେ ମଧ୍ୟ ବେଶ ଖୁସି ବ୍ୟକ୍ତ କରୁଛନ୍ତି। ଅନ୍ୟ ପଟେ ପରବ ପାଇଁ ‘ପରବ’ ପଡିଆ ମଧ୍ୟ ପ୍ରସ୍ତୁତି ଚାଲିଛି।

## ୫ଟି ଗାଁକୁ ପକ୍କା ନାହିଁ ରାସ୍ତା

# ଭୋଟ ବର୍ଜନ ଚେତାବନୀ ଦେଲେ ଦଣ୍ଡାବାଡ଼ି ପଞ୍ଚାୟତବାସୀ



ବୈପାରୀଗୁଡ଼ା,୧୬।୧୨(ସମିସ): ବୈପାରୀଗୁଡା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତବାସୀ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । କାରଣ ଦଣ୍ଡାବାଡି ପଞ୍ଚାୟତର ପାଞ୍ଚଟି ଗାଁକୁ ପକ୍କା ରାସ୍ତା ନାହିଁ। କେବଳ ଫଳକ ମାରି ଚୁପ ବସିଛି ପ୍ରଶାସନ। ଅଧପନ୍ତିରିଆ ରାସ୍ତାକୁ ନେଇ ହନ୍ତସନ୍ତ ପଞ୍ଚାୟତବାସୀ। ଏଥିଲାଗି ରାସ୍ତା ନିର୍ମାଣ ଶେଷ ହେଲେ ଭୋଟ ଦେବେ, ନଚେତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ପଞ୍ଚାୟତର ସରପଞ୍ଚ ଚେଣ୍ଡିଆ ଖିଲଙ୍କ ସମେତ ଗ୍ରାମବାସୀ। ପଞ୍ଚାୟତର ମୁଖ୍ୟାଳୟକୁ ଲୋକେ ସୁବିଧାରେ ଯାତାୟାତ କରିବେ, ଏଥିଲାଗି ଦଣ୍ଡାବାଡି ସଦର ମହକୁମା ସହ ୫ଟି ଗାଁ କୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସଂଯୋଗ ପାଇଁ ରାସ୍ତା କାମ ଆରମ୍ଭ ହୋଇଛି । କଲିଆଝଲି ଠାରୁ ମରିଚଅଟାଲ, ସଲପଦର ଠାରୁ ତଟାପାଣି, ଅଣ୍ଡରିଯୋଡି ଠାରୁ ସାପଗଦା, ଦଣ୍ଡାବାଡି ଠାରୁ ଜଙ୍ଗଲଜଡି ଓ କାଲିଆଅଟାଲ ଠାରୁ କୁଆଗଦଲ। ଏହି ଗାଁ ଗୁଡିକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଗାଁ ମୁଣ୍ଡରେ ଫଳକ ମରାଯାଇଛି । କିନ୍ତୁ କାମ ସରିବାରେ ନା ନେଉନି । କାଲିଆଝୋଲି ରାସ୍ତାରେ ଆଜି ପର୍ଯ୍ୟନ୍ତ ପିଚୁ ଢଳାଗଲା ନାହିଁ। ଅନ୍ୟ ୪ଟି ଗାଁ ରାସ୍ତାରେ ପିଚୁରାସ୍ତା ପାଲଟିଛି ମାଟିରାସ୍ତା। ଅର୍ଦ୍ଧନିର୍ମିତ ରାସ୍ତାକୁ ନେଇ ହନ୍ତସନ୍ତ ପଞ୍ଚାୟତବାସୀ। ଜରୁରିକାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ । ଗ୍ରାମର ବୃଦ୍ଧବୃଦ୍ଧାମାନେ ହଇରାଣ ହରକତ ହୋଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦଣ୍ଡାବାଡି ପଞ୍ଚାୟତକୁ ଆସିଥାନ୍ତି। ପିଡ଼ିଏସ ଚାଉଳ ପାଇଁ ମଧ୍ୟ ଗ୍ରାମବାସୀ ହଇରାଣ ହରକତ ହୋଇଥାନ୍ତି। ବର୍ଷା ଦିନେ ମାନଙ୍କ ଦୁଃଖ ଦୁଇଗୁଣିତ ହୋଇଯାଏ। ବେଳେ ବେଳେ ଖରାପ ରାସ୍ତାକୁ ଗାଁ ଲୋକେ ନିଜେ ଖର୍ଚ୍ଚରେ ସଜାଡୁଥିବା ବେଳେ ବର୍ଷା ଆସିଲେ ସେ ସବୁ ନଷ୍ଟ ହୋଇଯାଏ । ସ୍ଥାନୀୟ ସରପଞ୍ଚ ଚେଣ୍ଡିଖିଲ ଏବଂ ଗ୍ରାମବାସୀ ବହୁବାର ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି । କିନ୍ତୁ କୌଣସି ସଫଳ ମିଳୁନଥିବାରୁ ପଞ୍ଚାୟତବାସୀ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି।

## ବାଲଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା

# ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଦସ୍ତଖତ ଯାଞ୍ଚ



ନନ୍ଦପୁର,୧୬।୧୨ (ସମିସ): ବହୁ ଚର୍ଚ୍ଚିତ ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ବିକ୍ରମ ସୀସାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ଘଟଣାରେ ୱାର୍ଡ ମେମ୍ବରମାନଙ୍କ ଦସ୍ତଖତ ଯାଞ୍ଚ କରାଯାଇଛି। ଗତ ମାସ ୧୭ ତାରିଖ ହୋଇଥିବା ୱାର୍ଡ ମେମ୍ବର ମାନଙ୍କ ଦସ୍ତଖତ ଯାଞ୍ଚ ସମୟରେ ଅଧିକାଂଶ ୱାର୍ଡ ମେମ୍ବର ଅନୁପସ୍ଥିତ ରହିଥିବା ବେଳେ ଚଳିତ ମାସ ସୋମବାର ପୁଣି ଜିଲ୍ଲା ପ୍ରଶାସନ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ସୋମବାର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ସମସ୍ତ ୱାର୍ଡ ମେମ୍ବର ମାନଙ୍କ ଦସ୍ତଖତ ନମୁନା ଯାଞ୍ଚ କରାଯାଇଥିଲା। ପୂର୍ବରେ ହୋଇଥିବା ଦସ୍ତଖତ ଯାଞ୍ଚରେ ଅନିୟମିତତା ହୋଇଥିବା ନେଇ ଅନୁପସ୍ଥିତ ରହିଥିବା ୱାର୍ଡ ମେମ୍ବର ମାନେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇ ଥିବା ବେଳେ ଉପଜିଲ୍ଲାପାଳ ନିର୍ଦ୍ଧାରିତ ତାରିଖ ଧାର୍ଯ୍ୟ କରିଥିଲେ ଦସ୍ତଖତ ନମୁନା ଯାଞ୍ଚ ନିମନ୍ତେ। ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାରଙ୍କ ସମେତ ନିର୍ଦ୍ଧାରିତ ସମୟରେ ନନ୍ଦପୁର ବ୍ଲକ ଜିପିଡିଓ ଦିବାକର ପୁରୋହିତ, ନିର୍ବାହୀ ଅଧିକାରୀ ନବ ହନ୍ତାଳ, ସରପଂଚ ବିକ୍ରମ ସୀସାଙ୍କ ଉପସ୍ଥିତିରେ ଦସ୍ତଖତ ନମୁନା ଯାଞ୍ଚ ହୋଇଥିଲା

# ଫୁଲଭଟା ପଞ୍ଚାୟତରେ ନାହିଁ ହାଇସ୍କୁଲ



କୁନ୍ଦୁରା, ୧୬।୧୨(ସମିସ): ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଶିକ୍ଷାର ଆବଶ୍ୟକତା ଅତି ଜରୁରୀ। ଏଥିପାଇଁ ଶିକ୍ଷା ଅଧୀନର ଆଇନ ବଳରେ ସମାଜର ପ୍ରତ୍ୟେକ ଶିଶୁ କିଭଳି ଉପଯୁକ୍ତ ଓ ଗୁଣାତ୍ମକ ଶିକ୍ଷା ପାଇବେ। ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ଓ ସରକାର ମଧ୍ୟ ବେଶ୍ ଯତ୍ନଶୀଳ। କିନ୍ତୁ ବାସ୍ତବ ଚିତ୍ର ଟିକେ ଅଲଗା। ଆଜି ପର୍ଯ୍ୟନ୍ତ ପଞ୍ଚାୟତବାସୀ ପ୍ରାଥମିକ ଶିକ୍ଷାରେ ସୀମିତ ଅଛନ୍ତି । ତାଙ୍କ ପାଇଁ ନା ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ଅଛି, ନା ଉଚ୍ଚ ଶିକ୍ଷା ବ୍ୟବସ୍ଥା ରହିଛି। ଏଠାକାର ଶିଶୁ ଏକ ପ୍ରକାର ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ଆମେ କହୁଛୁ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ତଥା ଫୁଲଭଟା ପଞ୍ଚାୟତ କଥା। ଏହି ପଞ୍ଚାୟତରେ ନାହିଁ ହାଇସ୍କୁଲ ବ୍ୟବସ୍ଥା। ପଞ୍ଚାୟତରେ ୧୧ ଖଣ୍ଡ ଗାଁ ପାଇଁ ରହିଛି ମାତ୍ର ୫ଟି ପ୍ରାଥମିକ ବିଦ୍ୟାଳୟ ପଡ଼େଇକୁଣ୍ଡ, କାଉଝରଣ, ବିଷଭଟ୍ଟା, ଡୁଡୁମପଦର ଆଉ ଫୁଲଭଟା। ଏସବୁ ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢିବା ବ୍ୟବସ୍ଥା ରହିଛି। କିନ୍ତୁ ପଞ୍ଚାୟତ ଲୋକଙ୍କ ବହୁବାର ଦାବି ପରେ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ କେବଳ ଫୁଲଭଟା ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢିବା ସୁବିଧା କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଏହି ପଞ୍ଚାୟତରେ ହାଇସ୍କୁଲ ବ୍ୟବସ୍ଥା ନାହିଁ । ନିକଟସ୍ଥ ପଞ୍ଚାୟତ କେରମେଟି ହେଉ କି ଆସନା ଉଭୟ ସ୍କୁଲ ଯିବାକୁ ହେଲେ ୫ କିମିରୁ ଅଧିକ ଦୂର ରାସ୍ତା ଯିବାକୁ ପଡ଼ିବ। ପଞ୍ଚାୟତର ସବୁ ଗାଁ ରହିଛି ଜଙ୍ଗଲ ଘେରରେ। ଦୂର ସାଙ୍ଗକୁ ଜଙ୍ଗଲ ରାସ୍ତା ଏତେ ବାଟ ଯାଇ ପାଠ ପଢିବାକୁ ଇଚ୍ଛା କରୁ ନାହାନ୍ତି ଛାତ୍ରଛାତ୍ରୀ । ଅନ୍ୟ ପକ୍ଷେ ପିଲାଙ୍କୁ ପ୍ରତି ଦିନ ଯିବା ଆସିବା କରି ପାଠ ପଢ଼ାଇବାକୁ ମଧ୍ୟ ସୁରକ୍ଷିତ ମଣୁ ନାହାନ୍ତି ଅଭିଭାବକ । ହଷ୍ଟେଲରେ ସୁଯୋଗ ମିଳିଲେ, ପାଠପଢନ୍ତି ନ ହେଲେ ପାଠରେ ଡ଼ୋରି ବାନ୍ଧି ଘରେ ରୁହନ୍ତି ଛାତ୍ର ଛାତ୍ରୀ। ପଞ୍ଚାୟତବାସୀଙ୍କ ପକ୍ଷରୁ ପଞ୍ଚାୟତରୁ ବ୍ଲକ ଓ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଆଦିରେ ଅନେକ ଥର ଲିଖିତ ଅଭିଯୋଗ ହୋଇଛ। ତଥାପି କିଛି ସୁଫଳ ମିଳୁନାହିଁ। ବହୁବାର ବିଭାଗୀୟ ଅଧିକାରୀ ମାନେ ଗାଁରେ ପହଞ୍ଚି ଲୋକ ଓ ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ । ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପଚାରିବାରୁ ସେ କହିଛନ୍ତି, ଚଳିତ ବର୍ଷ ଫୁଲଭଟା ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅପଗ୍ରେଡ଼ କରାଯିବା ଆବଶ୍ୟକ । ଆଗାମୀ ଦିନରେ ପଞ୍ଚାୟତ ପାଇଁ ମାଧ୍ୟମିକ ବିଦ୍ୟାଳୟର ବହୁ ଆବଶ୍ୟକତା ରହିଛି । ବିଭାଗ ପକ୍ଷରୁ ମଧ୍ୟ ସମସ୍ତ ତଥ୍ୟ ଦିଆ ଯାଇଛି । କିନ୍ତୁ ନିର୍ଦ୍ଦେଶ ଆସିନାହିଁ । ନିର୍ଦ୍ଦେଶ ଆସିଲେ ତୁରନ୍ତ ଖୋଲିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ

ନବରଙ୍ଗପୁର,୧୬।୧୨(ସମିସ) :ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍ ବଡ଼ମସିଗାଁ ଠାରେ ଆଜି ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସଦ ଖେଳ ଉତ୍ସବର ଶୁଭାରମ୍ଭ କରିଛନ୍ତି। ପ୍ରଥମେ ସ୍ଥାନୀୟ ଗ୍ରାମ ଦେବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ କ୍ରୀଡା ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ନବରଙ୍ଗପୁର ବିଡିଓ ଡ. ସୁନୀଲ ଖରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସଂଯୋଜକ ଅର୍ଜୁନ ତ୍ରିପାଠୀ, ସମାଜସେବୀ କୁଞ୍ଜ ବିହାରୀ ଦାସ, କୋର୍ କମିଟି ସଦସ୍ୟ ଜ୍ୟୋତି ରଞ୍ଜନ କଂସ, ବଡମସୀ ଗାଁ ସରପଞ୍ଚ କମଳେଶ୍ୱରି ନାୟକ, ଶର୍ମିଷ୍ଠା ଦେଓ, ସନ୍ତୋଷ ପାତ୍ର , ଅନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଖେଳ ମହୋତ୍ସବରେ କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର, କବାଡ଼ି, ଖୋକ, କୌତୁକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ



କୋରାପୁଟ,୧୬।୧୨(ସମିସ): କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୋରାପୁଟ ସଙ୍କୁଳ ସ୍ତରୀୟ କ୍ରୀଡ଼ା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସ୍ପୋର୍ଟସ ହଷ୍ଟେଲର ଆଥଲେଟିକ୍ କୋଚ୍ କାମାକ୍ଷା ନାୟକ ଉପସ୍ଥିତ ରହି କ୍ରୀଡ଼ା ପତାକା ଉତ୍ତୋଳନ ସହ କ୍ରୀଡା ମଶାଲ ପ୍ରଜ୍ୱଳିତ କରିଥିଲେ। ଶୃଙ୍ଖଳା ଓ ଯେକୌଣସି ଗୋଟିଏ ଗେମ୍‌ରେ ଫୋକସ କରି ନିରନ୍ତର ଅଭ୍ୟାସ କଲେ ଜଣେ ସଫଳ କ୍ରୀଡ଼ାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ସଙ୍କୁଳ ପ୍ରମୁଖ ଅଶୋକ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର, ସଦସ୍ୟ ପ୍ରହ୍ଲାଦ ସାହୁ, ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ଅଲେଖ ଚନ୍ଦ୍ର ଦୋରା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୋରାପୁଟ ସଙ୍କୁଳ ଅନ୍ତର୍ଗତ ୯ଟି ଶିଶୁ ମନ୍ଦିରରୁ ୨୪୨ ଜଣ କ୍ରୀଡା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଷ୍ଟାଡିୟମ ଠାରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୋରାପୁଟ ସଙ୍କୁଳ ପ୍ରମୁଖ ଅଶୋକ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର ଓ ଯୁଗ୍ମ ସମ୍ପାଦିକା ସସ୍ମିତାରାଣୀ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜୟୀ କ୍ରୀଡା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଖେଳରେ ପ୍ରଥମ ହୋଇଥିବା କ୍ରୀଡା ପ୍ରତିଯୋଗୀମାନେ ଆସନ୍ତା ଦକ୍ଷିଣ ସମ୍ଭାଗ ଖେଳକୁଦ ସମାରୋହରେ ଭାଗ ନେବେ ବୋଲି ଜଣାପଡିଛି। କୋରାପୁଟ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଖେଳ ପରିଚାଳନରେ ସହଯୋଗ କରିଥିଲେ।

### ■ ଦ୍ୱିତୀୟ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଚାମ୍ପିଅନ

ଜୟପୁର,୧୬ ।୧୨(ସମିସ):



କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳପଡିଆ ଠାରେ ୪ଟି ଜିଲ୍ଲାର ମହାବିଦ୍ୟାଳୟଗୁଡିକକୁ ନେଇ ଦ୍ୱିତୀୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଦଳ ବିପକ୍ଷ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଆଜିର ଫାଇନାଲ ମ୍ୟାଚରେ ଡିଏଭି ମହାବିଦ୍ୟାଳୟ ଦଳ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୯ଟି ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟଧାର୍ଯ୍ୟ ରନର ପିଛା କରିବା ସହ ୮ଟି ୱିକେଟ ହରାଇ ୧୩୯ ରନ ସଂଗ୍ରହ କରିବା ସହ ବିଜୟ ହୋଇଥିଲା। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଦଳ ପକ୍ଷରୁ ରବିନ୍ଦ୍ର ନାଥ ଖିଲ ୫୩ ରନ କରିଥିବା ବେଳେ ଜି. ଅଖିଳ କୁମାର ୫୧ ରନ ସଂଗ୍ରହ କରିଥିଲେ। ସେହିପରି ଡିଏଭି ମହାବିଦ୍ୟାଳୟ ଦଳର ନୀତିଶ କୁମାର ଜାନୀ ସର୍ବାଧିକ ୫୧ ରନ ସଂଗ୍ରହ କରିଥିଲେ। ମ୍ୟାଚ ପରିଚାଳନା ପାଇଁ ଆମ୍ପାୟାର ଭାବେ ଆଶୁତୋଷ ପଟ୍ଟନାୟକ ଓ ସନ୍ତୋଷ କୁମାର ଚମ୍ପତି ରହିଥିବା ବେଳେ ସ୍କୋରର ଭାବେ ଶୁଭମ ସିଓ ଓ ଜିତେନ୍ଦ୍ର ନାୟକ ଦାୟିତ୍ୱରେ ରହିଥିଲେ। ଆଜିର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ଦେବୀ ପ୍ରସାଦ ମିଶ୍ର, ରେଜିଷ୍ଟ୍ରାର ମହେଶ୍ୱର ନାୟକ ଏବଂ ପିଜି କାଉନସିର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ରଙ୍କ ଉପସ୍ଥିତି ରହି ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବା ସହିତ ଖେଳାଳି ମାନଙ୍କୁ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାର ସୁଯୋଗ ମିଳିବ ବୋଲି କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ବିଶ୍ୱବିଦ୍ୟାଳୟକୁ ପରିଚାଳନାରେ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ଡ.ସଚିନ କୁମାର ନାୟକ, କ୍ରୀଡା ପ୍ରଶିକ୍ଷକ ଭାଗବତ ପ୍ରସାଦ ସିଓ ଓ ଶ୍ରୀକାନ୍ତ ଚୌଧୁରୀ ପରିଚାଳନା କରିଥିଲେ।

## ପଞ୍ଚମ ଦିନରେ ‘ମଣ୍ଡେଇ’ ଓ ପଲ୍ଲୀଶ୍ରୀ ମେଳା

# ପାରମ୍ପରିକ ଗୀତ ଓ ନୃତ୍ୟରେ କମ୍ପିଲା ମଞ୍ଚ





ନବରଙ୍ଗପୁର,୧୬।୧୨(ସମିସ): ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାର ପଞ୍ଚମ ଅର୍ଥାତ୍ ଶେଷ ଦିନରେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ମଣ୍ଡେଇ ମଞ୍ଚକୁ ଦୁଲୁକାଇ ଦେଇଛି। ପ୍ରଥମେ ସ୍ୱାଗତ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା ୫ମ ଅର୍ଥାତ୍ ଶେଷ ଦିନର ମଣ୍ଡେଇ କାର୍ଯ୍ୟକ୍ରମ । ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିବା ମଣ୍ଡେଇ କାର୍ଯ୍ୟକ୍ରମର ପଞ୍ଚମ ଦିନରେ ନବରଙ୍ଗପୁର ଜିଲ୍ଲା ସହିତ ଜିଲ୍ଲା ବାହାରୁ ମଧ୍ୟ ଆସି ବହୁ ପରିମାଣରେ ଯୋଗ ଦେଇ ମଣ୍ଡେଇ ମହୋତ୍ସବର କଳାକାର ମାନଙ୍କୁ ଯେଉଁ ଉତ୍ସାହିତ କରୁଥିବାର ଦେଖି ବହୁତ୍ ଖୁସି ଲାଗୁଛି ତେଣୁ ଆଗକୁ ସବୁବେଳେ ଏମିତି ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ ଡ଼ଃ ସ୍ୱାଇଁ। ଏହି ଅବସରରେ ଲୋକ ମହୋତ୍ସବ ମଣ୍ଡେଇ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ପଞ୍ଚମ ଦିନର ଏହି ମଣ୍ଡେଇ ମହୋତ୍ସବରେ ସ୍ଥାନୀୟ କଳାକାର ମାନଙ୍କୁ ନେଇ ଯେଉଁ ସବୁ ସାଂସ୍କୃତିକ ଦଳ ତାହା ଥିଲା ମଞ୍ଚର ସବୁଠୁ ବଡ଼ ଆକର୍ଷଣ ରହିଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଗୀତ ଲୋକ ନୃତ୍ୟରେ ମଞ୍ଚ କମ୍ପିଥିବା ବେଳେ ବିଭିନ୍ନ ଅର୍କେଷ୍ଟ୍ରା ଟିମ୍‌ର ଅର୍କେଷ୍ଟ୍ରା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଆଜିର ଏହି ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାର ୫ମ ଦିନରେ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ , ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ବର୍ମନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଆଇଟିଡିଏ ପିଏ ରାଜୀବ କୁମାର ସାହୁ , ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ନବରଙ୍ଗପୁର ଏସ୍‌ଡିପିଓ, କ୍ରାଇମ୍ କୃଷ୍ଣଚନ୍ଦ୍ର ଭତରା, ନବରଙ୍ଗପୁର ପିଡବ୍ଲୁଡି ଏସଇ ଖିରଧର ଖଣ୍ଡପାନ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ନବରଙ୍ଗପୁର ତହସିଲଦାର କୁଶ ଗରଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଓର୍ମାସ ଜିଲ୍ଲା ମୁଖ୍ୟ ରୋଷନ୍ କୁମାର କାର୍ତ୍ତିକ, ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପଣ୍ଡା, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ, ତେନ୍ତୁଳି ଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ,“ ନବରଙ୍ଗପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ନବରଙ୍ଗପୁର ଜିଲ୍ଲାପାଳ ଙ୍କ ବ୍ୟକ୍ତିଗତ ସହାୟକ ରାଜେଶ ପଟ୍ଟନାୟକ, ନବରଙ୍ଗପୁର ଜରୁରୀ କାଳୀନ ବିଭାଗର ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ , ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର, କାଳୀ କିଙ୍କର ପଟ୍ଟନାୟକ , ସୀମାଞ୍ଚଳ ରଥ, ଅମିତାଭ ତ୍ରିପାଠୀ , କାଳି ପ୍ରସାଦ ପାତ୍ର, ପ୍ରମୁଖଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ , କର୍ମଚାରୀ ଉପସ୍ଥିତ ଥିବା ବେଳେ ବହୁ ପରିମାଣରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ମଣ୍ଡେଇ ପଡିଆ ପରିସର ଏବଂ ସହରରୁ ମଣ୍ଡେଇ ସ୍ଥଳକୁ ପହଞ୍ଚିବା ରାସ୍ତାର ହେଉଥିବା ଭୀଷଣ ଭିଡ ନିୟନ୍ତ୍ରଣ କରିଥିଲେ। ଯାହା ଫଳରେ କି ଜନସାଧାରଣ ସୁବିଧାରେ କାର୍ଯ୍ୟକ୍ରମ ସ୍ଥଳକୁ ପହଞ୍ଚି ସେଠାରେ ରହିଥିବେ ଷ୍ଟଲ୍ ଏବଂ ହେଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିପାରୁଥିଲେ। ଏହି ମଣ୍ଡେଇ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୫ମ ଅର୍ଥାତ୍ ଶେଷ ଦିନରେ ମଧ୍ୟ ଜିଲ୍ଲା ଓ ଜିଲ୍ଲା ବାହାରୁ ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।



## ଚାଷୀଙ୍କୁ ମିଳିଲାନି ଅଖା ବାବଦ ଅର୍ଥ

# ନବନିର୍ମାଣ କୃଷକ ସଂଗଠନ- ପୁଲିସ ମୁହାଁମୁହିଁ

ଜଗତସିଂହପୁର,୧୬।୧୨(ସମିସ)

ଜଗତସିଂହପୁର ଜିଲ୍ଲାରେ ୨୦୨୪-୨୫ ଖରିଫ ବର୍ଷରେ ଧାନ ବିକ୍ରି ପାଇଁ ମୋଟ ୪୭,୭୩୬ ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫,୬୪୨ ଚାଷୀଙ୍କ ଠାରୁ ୩୦ ଜଣ ମିଲର ମାଧ୍ୟମରେ ୧୭ ଲକ୍ଷ ୧୫ ହଜାର ୧୯୧ କ୍ୱିଣ୍ଟାଲ ଧାନସଂଗ୍ରହ କରାଯାଇଥିଲା। ତେବେ ଏହି ଧାନସଂଗ୍ରହ ପ୍ରକ୍ରିୟା ଗତ ମାର୍ଚ୍ଚ ୩୧ ତାରିଖ ଠାରୁ ଶେଷ ହୋଇଥିବା ବେଳେ ଦୀର୍ଘ ୯ ମାସ ବିତିବାକୁ ବସିଲାଣି ହେଲେ ଏପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ରର କର୍ତ୍ତୃପକ୍ଷ ଚାଷୀମାନଙ୍କୁ ଝୋଟ ଅଖା ବାବଦ ଅର୍ଥ ପ୍ରଦାନ କରିନଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସଂପର୍କରେ ପ୍ରଶାସନ ସହିତ ଆଜି ଆଲୋଚନା ପାଇଁ ଆସିଥିବା ବେଳେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ପୁଲିସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇଥିଲା। ଏହାକୁ ନେଇ କିଛି ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ଓ କଥା କଟାକଟି ହୋଇଥିଲା। ପାଟିତୁଣ୍ଡ ଶୁଣି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଘଟଣାସ୍ଥଳକୁ ଆସି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ କୃଷକ ସଂଗଠନ ସହିତ ଶ୍ରୀ ରାୟ ଆଲୋଚନା କରିଥିଲେ ଏବଂ ଯେଉଁ ଚାଷୀମାନେ ଝୋଟ ଅଖା ଅର୍ଥ ପାଇନାହାନ୍ତି ସେମାନଙ୍କୁ ଯଥାଶୀଘ୍ର ଏହା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି



ଅଭାବି ଧାନବିକ୍ରୀ କିପରି ବନ୍ଦ ହେବ ସେ ସଂପର୍କରେ ପଦକ୍ଷେପ ନିଆଯିବା ସହିତ ଡିସେମ୍ବର ଶେଷ ସପ୍ତାହରେ ନବନିର୍ମାଣ କୃଷକ ସଂଗଠନ ସହିତ ଆଗାମୀ ଧାନକିଣା ବିଷୟରେ ଏକ ବୈଠକ ମାଧ୍ୟମରେ ଆଲୋଚନା କରାଯିବ ବୋଲି ଶ୍ରୀ ରାୟ କହିଥିବା କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ-ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ସଂପର୍କୀତ ଏକ ଦାବିପତ୍ର ଗତ ମେ' ୨୩ ତାରିଖରେ ଜିଲ୍ଲାପାଳଙ୍କୁ ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପରେ ଗତ ଜୁନ୍ ୧୦ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହର ଉପ-ନିବନ୍ଧକଙ୍କ ଉପସ୍ଥିତିରେ ନବନବିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେହିଦିନ ଚିଠି ନମ୍ବର ୭୪୭/୨୫ରେ ସମସ୍ତ ଧାନସଂଗ୍ରହ କେନ୍ଦ୍ରର ଅଧିକାରୀ ଓ ସଂପାଦକମାନଙ୍କୁ ଚାଷୀଙ୍କୁ ଅଖା ବାବଦ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଅଦ୍ୟାବଧି ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇନଥିବା ବେଳେ ଚାଷୀମାନଙ୍କର ଅଖା ବାବଦକୁ ପ୍ରାୟ ୨୫ ଲକ୍ଷ ଟଙ୍କା ମିଲର୍ସ ପ୍ରଦାନ କରିନଥିବା ଅଭିଯୋଗ କରିଛି କୃଷକ ସଂଗଠନ। ଏହି ଅଭିଯୋଗ ଅନୁସାରେ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ର ବା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନକ୍ରୟ ପ୍ରକ୍ରୀୟା ଚାଲିଥିବା ବେଳେ ଝୋଟ ଅଖା ପ୍ରଦାନ କରାଗଲାନାହିଁ। ଯାହାଫଳରେ ଚାଷୀମାନେ ଖୋଲାବଜାରରୁ ଅଧିକ ଦାମ୍‌ରେ ଅଖା କିଣିବାକୁ ବାଧ ହୋଇଥିଲେ। ନିୟମ ଅନୁସାରେ ଧାନସଂଗ୍ରହ ଦାୟିତ୍ୱରେ ଥିବା ଅଧିକାରୀ ଏହି ଅଖା ବାବଦ ଅର୍ଥ ସଂପୃକ୍ତ ଚାଷୀମାନଙ୍କୁ ପ୍ରଦାନ କରିବା କଥା। କିନ୍ତୁ ଧାନସଂଗ୍ରହ ସରିବାର ୯ ମାସ ବିତିବାକୁ ବସିଥିଲେ ମଧ୍ୟ ଅନେକ ଚାଷୀ ଉକ୍ତ ଅର୍ଥ ପାଇବାରୁ ବଞ୍ଚିତ ଅଛନ୍ତି। ଯାହାକି ଚାଷୀମାନଙ୍କ ପ୍ରତି ସରକାର ଓ ପ୍ରଶାସନର ବୈମାତୃକ ମନୋଭାବକୁ ସୂଚାଉଛି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି।

## ହୋଟେଲରୁ ମଦ ଜବତ; ମାଲିକ ଗିରଫ

ଜଗତସିଂହପୁର,୧୬।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସାଁପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଛକରେ ଥିବା ବାସୁକ୍ରୀଷ୍ଣା ହୋଟେଲରେ ଚଢ଼ଉ କରି ୧୩୧ ବୋତଲ ବିଦେଶୀ ମଦ ଜବତ କରିଛି ପୁଲିସ। ଜବତ ମଦର ପରିମାଣ ୨୮.୯୮୦ ଲିଟର ହେବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ସେହିପରି ହୋଟେଲରେ ବେଆଇନ ଭାବେ ଚୋରା ମଦ ବିକୁଥିବା ଅଭିଯୋଗରେ ମାଲିକ ସାଁପୁର ଗ୍ରାମର ସର୍ବେଶ୍ୱର ଖୁଣ୍ଟିଆକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ମୁକୁଳିଲେ ସୁଦାନରେ ଗୃହବନ୍ଦୀ ଯୁବକ



ଜଗତସିଂହପୁର,୧୬।୧୨(ସମିସ): ମୁକୁଳିଲେ ସୁଦାନରେ ଗୃହବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ଆଦର୍ଶ ବେହେରା। ଆଜି ରାତିରେ ଆବୁଧାବିରୁ ୧୧.୪୦ମି.ରେ ଫ୍ଲାଇଟରେ ହାଇଦରାବାଦ ଆସିବେ ଆଦର୍ଶ ବେହେରା। ଆସନ୍ତାକାଲି ସକାଳେ ହାଇଦରାବାଦରୁ ଭୁବନେଶ୍ୱର ଆସିବେ ବୋଲି ସୂଚନା ଦେଇଛନ୍ତି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ। ଶ୍ରୀ ତରାଇ ଗୃହବନ୍ଦୀ ଥିବା ଆଦର୍ଶ ବେହେରାଙ୍କୁ ମୁକୁଳାଇବା ଦିଗରେ ପଦକ୍ଷେପ ନେବାକୁ ବୈଦେଶିକ ମନ୍ତ୍ରଣାଳୟକୁ ନିବେଦନ କରିଥିଲେ। ସୁଦାନର ଏକ ପ୍ଲାଷ୍ଟିକ କାରଖାନାରେ କାମ କରୁଥିବା ଆଦର୍ଶ ବେହେରା ସେଠାରେ ଗୃହଯୁଦ୍ଧ ପରିସ୍ଥିତି ଯୋଗୁ ଫସି ଯାଇଥିଲେ। ଏକ ଉଗ୍ରବାଦୀ ସଂଗଠନ ତାଙ୍କୁ ଗୃହବନ୍ଦୀ କରି ରଖିଥିଲା।

## ଗୋରଡ଼ରେ ଶକ୍ତି ସଂରକ୍ଷଣ ସପ୍ତାହ



କୁଜଙ୍ଗ,୧୬।୧୨(ସମିସ): କୁଜଙ୍ଗ ବ୍ଲକ ଗୋରଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ସପ୍ତାହ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନ ସତ୍ରରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସିଆରସିସି ସୁନିଲ କୁମାର ମହାରଣା, ବକ୍ତା ରୂପେ ଆଲୁମୁନୀ ସମ୍ପାଦକ ଗୋପବନ୍ଧୁ ସେଠୀ ଓ ପୂର୍ବତନ ଶିକ୍ଷକ ରବୀନ୍ଦ୍ର ସ୍ୱାଇଁ, ଯୋଗ ଦେଇଥିଲେ। ସ୍କୁଲର ଏନର୍ଜି କ୍ଲବ୍ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉଳ ସ୍ୱାଗତ ଭାଷଣ ସହ ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ଆଦି ସମସ୍ତ ପ୍ରତିଯୋଗୀରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ସୁଜାତା ନାୟକ, ସ୍ୱର୍ଣ୍ଣଲତା ନାୟକ, ତପନ କୁମାର ମୁଦୁଲି, ନୃସିଂହ ପରିଡ଼ା, ଜଗନ୍ନାଥ ପ୍ରସାଦ ପରିଡ଼ା, ଅନୀଲ କୁମାର ମହାନ୍ତି, ଅନନ୍ତ ନାରାୟଣ ସାମନ୍ତରାୟ, ପ୍ରମୁଖ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥଲେ।

## ପୀତାମ୍ବର ତରାଇଙ୍କୁ ବାଣୀପ୍ରଜ୍ଞା ସମ୍ମାନ



କୁଜଙ୍ଗ,୧୬।୧୨(ସମିସ): ଅଶୀ ଉତ୍ତର ଓଡିଆ କାବ୍ୟ କବିତା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବାରିପଦାସ୍ଥିତ ବଡ଼ସାହିଠାରେ ଆୟୋଜିତ ୪୬ତମ ବାଣୀପୀଠ ମହୋତ୍ସବ ପାଳନ ଅବସରରେ କୁଜଙ୍ଗର ପ୍ରତିଷ୍ଠିତ କବି ପୀତାମ୍ବର ତରାଇଙ୍କୁ 'ବାଣୀପ୍ରଜ୍ଞା' ଉପାଧୀ ପ୍ରଦାନ କରାଯାଇଛି। କବି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପଦ୍ମଶ୍ରୀ ଦମୟନ୍ତି ବେଶ୍ରା କବିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପାଧୀ ସନନ୍ଦ ସହ ୧ ଲକ୍ଷ ଟଙ୍କାର ଜୀବନବୀମା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଇତର, ଜଣେ ଅଶୌଚ ଲୋକ, ଅନାମଧେୟ, ଶୂଦ୍ରକର ଶ୍ଳୋକ, ଶେଷହେବା ଯାଏ ପରି ଦଶରୁ ଉର୍ଦ୍ଧ୍ୱ କବିତା ପୁସ୍ତକ ସେ ରଚନା କରିଛନ୍ତି। ସମାଜସେବୀ ବିଜୟ ଖଟେଇ, ପ୍ରିୟବନ୍ଧୁ ଅଧ୍ୟକ୍ଷ ଡ. ରଘୁ ସାହୁ, ବାବୁରାମ ଚୌଧୁରୀ, ମେଘମହ୍ଲାର ସଭାପତି ଡ. କେଶବଚନ୍ଦ୍ର ଦଳାଇ, ସଂପାଦିକା କବି ପ୍ରଭାତୀ ମାଝୀ, କବି ଗୀତା ଦାସ, ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ ପ୍ରମୁଖ କବି ଶ୍ରୀ ତରାଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଲକ୍‌ପଡା ସ୍କୁଲରେ ବାର୍ଷିକ ସମାରୋହ

ପାରଦୀପ,୧୬।୧୨(ସମିସ): ଅଠରବାଙ୍କୀ ଲକ୍‌ପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଏମଏନଏସ ପୋର୍ଟସ୍ ସହାୟତାରେ ଅନୁଷ୍ଠିତ ଏହି କ୍ରୀନା ଉତ୍ସବରେ ଅତିଥି ଭାବେ ପାରାଦୀପ ପୌରପାଳିକାର ଉପାଧ୍ୟକ୍ଷା ଛବିଲତା ରାଉତ, ସମ୍ମାନିତ ଅତିଥି ଭାବେ କାଉନସିଲର କବିତା ସାହୁ, କ୍ଲଷ୍ଟର ଗବେଷଣା କେନ୍ଦ୍ରର ସଂଯୋଜକ ସୁକାନ୍ତ କୁମାର ସ୍ୱାଇଁ, ସମାଜସେବୀ ସମୀର କୁମାର ସ୍ୱାଇଁ, ସ୍କୁଲ ପରିଚାଳନା କମିଟିର ସଭାପତି ଦୁଲାଲ ଗେନ, ମନୋରଞ୍ଜନ ବାରିକ ଏବଂ ଏଏମ/ଏନଏସ ପୋର୍ଟସର ଅଧିକାରୀମାନେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅମ୍ବିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭ୍ରମରବର ପ୍ରଧାନ ଏବଂ ଲକପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ବେହେରା କାର୍ଯ୍ୟକ୍ରମର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କ୍ରୀଡା ଇଭେଣ୍ଟର ବିଜେତା ଏବଂ ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଆଜିଠାରୁ 'ସାର୍' ଆଲୋଚନା

ଜଗତସିଂହପୁର,୧୬।୧୨(ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ସମସ୍ତ ରାଜ୍ୟ ରେ ଆରମ୍ଭ କରାଯାଇଥିବା 'ସାର'ସଂଶୋଧନ, ଆମ ରାଜ୍ୟରେ ଖୁବଶୀଘ୍ର ଆରମ୍ଭ କରାଯିବ। ତେଣୁ ସେ ସଂପର୍କୀତ ଆଲୋଚନା ଜିଲ୍ଲାର ସମସ୍ତ ମଣ୍ଡଳରେ ଆସନ୍ତାକାଲିଠାରୁ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ୨୫ ତାରିଖରେ ଅଟଳ ବିହାରୀ ବାଜପେୟୀଙ୍କ ଶତାବର୍ଷିକୀ ଉତ୍ସବ ସମାପନ କରାଯିବ ବୋଲି ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି। ଜିଲ୍ଲା ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଜକିଶୋର ବେହେରା ଓ ସଞ୍ଜୟ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ ପ୍ରଦାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ମୋହିତ ମହାନ୍ତି, ତପନ ତ୍ରିପାଠୀ, କଳ୍ପନା ମହାନ୍ତି, ସର୍ଜନ ସିଂହ, ପୌରା ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିସୋଇ, ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ବାମଦେବ ମଲ୍ଲିକ, ବିରିଡି ବ୍ଲକ ସାଂସଦ ପ୍ରତିନିଧି ଗୀତାରାଣୀ ସାହୁ, ବିଜୟ ଦାଶ, ବିନୋଦ ବିହାରୀ ମହାନ୍ତି, ତରୁଣ ଦାସ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସୁବାସ ଜେନା ଧନ୍ୟବାଦ ଦେଇଥିଲେ।

## ୩ ଚୋରା ଗଞ୍ଜେଇ ବେପାରୀକୁ ଧରିଲା ପୁଲିସ

# ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



### ୪ଟି ମୋବାଇଲ, କାର ଜବତ୍

ଜଗତସିଂହପୁର,୧୬।୧୨(ସମିସ): ଜଗତିସିଂହପୁର ଜିଲ୍ଲାର ବିରିଡ଼ି ଥାନା ପୁଲିସ ୩ ଗଞ୍ଜେଇ ବେପାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଛି। କନ୍ଧମାଳ ଜିଲ୍ଲାରୁ ଚୋରା ଗଞ୍ଜେଇ ଆଣି ଜଗତସିଂହପୁରରେ ବିକ୍ରି କରିବାକୁ ଆସୁଥିବା ବେଳେ ବସନ୍ତପୁର ନିକଟରେ ପୁଲିସ ହାତରେ ଧରା ପଡିଛନ୍ତି ୩ ଗଞ୍ଜେଇ ମାଫିଆ। ଜଗତସିଂହପୁର ସଦର ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲାର ଅମନ କୁମାର ଦିଗଲ, ରାକେଶ ଦିଗଲ ଏବଂ ଗଣାଧିପତି ମଲ୍ଲିକ ନାମକ ୩ ଜଣ ଚୋରା ଗଞ୍ଜେଇ ବେପାରି ଓଡି-୦୨ବିବି-୦୮୪୫ ନମ୍ବର ବିଶିଷ୍ଟ ଏକ ଧଳା ସୁଇଫ୍ଟ କାରରେ ଗଞ୍ଜେଇ ଆଣି ଜଗତସିଂହପୁର ଆସୁଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଏହାକୁ ଆଧାର କରି ବିରିଡି ଥାନା ଆଇଆଇସି ସୁଜାତା ବେହେରାଙ୍କ ତତ୍ତ୍ୱାବଧନାରେ ଏସ୍ଆଇ ଆର୍‌କେ ସାହାଣୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତ ୧୫ ତାରିଖରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ କାର୍‌ଟିକୁ ରହିବା ପାଇଁ ସିଗନାଲ୍ ଦେଇଥିଲେ। କିନ୍ତୁ କାରଟି ଅଟକିବା ପରିବର୍ତ୍ତେ ଜଗତସିଂହପୁର ଆଡ଼କୁ ପଳାଇ ଯାଇଥିଲା। ପୁଲିସ ଟିମ୍ ତାକୁ ପିଛା କରି ବସନ୍ତପୁର ନିକଟରେ ଅଟକାଇଥିଲା। କାର୍ ଭିତରେ ଖାନତଲାସୀ ବେଳେ ଏକ ଅଖା ମଧ୍ୟରେ ଗଞ୍ଜେଇ ରହିଥିବା ଦେଖାଯାଇଥିଲା। ପରେ ଉକ୍ତ ୩ ଗଞ୍ଜେଇ ବେପାରୀଙ୍କୁ ପୁଲିସ ନିଜ ହେପାଜତକୁ ନେବା ସହିତ ଅଖାରେ ଥିବା ୨୮ କେଜି ୪୮୦ ଗ୍ରାମ୍ ଗଞ୍ଜେଇ, ୪ଟି ମୋବାଇଲ ଫୋନ ଏବଂ ସୁଇଫ୍ଟ କାରକୁ ଜବତ କରିଥିଲା। ଏମାନେ ନିୟମିତ ଭାବେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଏବଂ ଜଗତସିଂହପୁର ସମେତ ଅନ୍ୟ ଜିଲ୍ଲାରେ ବିକ୍ରି କରୁଥିବା ପୁଲିସ ଅନୁସନ୍ଧାନରୁ ଜଣାପଡିଛି। ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଶ୍ରୀ ମାନେ ସୂଚନା ଦେଇଛନ୍ତି।

## ବିବାହିତ କନ୍ୟାଙ୍କ ମିଳନ ଉତ୍ସବ

ବାଲିକୁଦା,୧୬।୧୨(ସମିସ): ସେମାନେ ବାହା ହୋଇଗଲେଣି ଶାଶୁଘରକୁ। ଛାଡ଼ି ସାରିଲେଣି ବାପଘର। ହେଲେ ବାପଘରେ ବିତିଥିବା ସ୍ମୃତି ଏବେ ବି ସେମାନଙ୍କ ମନକୁ ଆନ୍ଦୋଳିତ କରୁଛି। ସେହି ସବୁ ପୁରୁଣା ସ୍ମୃତିକୁ ରୋମନ୍ଥନ କରିବାକୁ ଦୀର୍ଘ ବର୍ଷ ପରେ ଏକାଠି ହେଲେ ଗାଁ ବିବାହିତା କନ୍ୟାମାନେ। ଯିଏ ଯେଉଁ ଗାଁରେ ବାହା ହୋଇଥାଉ ନା କାହିଁକି। ନିଜ ବାପଘରକୁ ଗୋଟିଏ ଦିନ ଫେରି ସମସ୍ତେ ନିଜ ନିଜର ପୁରୁଣା ସ୍ମୃତି ରୋମନ୍ଥନ କରିଛନ୍ତି। ଏକାଠି ମିଶି ଭୋଜିଭାତ କରିବା ସହ ସୁଖଦୁଃଖ ବାଣ୍ଟିଛନ୍ତି। ଏମିତି ଘଟିଛି ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ନାଳିଓ ଗ୍ରାମରେ। ୪୦ବର୍ଷର ସ୍ମୃତିକୁ ମନେପକାଇ ଗାଁର ବିବାହିତ ଝିଅମାନେ ଏହି ଉତ୍ସବ ପାଳିଥିଲେ।




ଶ୍ରୀଗୋପାଳଜୀଉ ପୀଠରେ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସଂଯୋଜନା ଓ ପରମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ଅତିଥିଭାବେ ସରପଞ୍ଚ ରାଜକିଶୋର ସାହୁ, ପର୍ଶୁରାମ ମହାନ୍ତି, ନଗେନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ନିତ୍ୟାନନ୍ଦ ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଏଭଳି ଏକ ନିଆରା ପରମ୍ପରା ସଦାସର୍ବଦା ରହୁ ବୋଲି କହିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ସ୍ୱପ୍ନା ଦାସ, ପ୍ରତିମା ମହାନ୍ତି, ପ୍ରଭାତୀ ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ଜୟଶ୍ରୀ ମହାନ୍ତି, ହରପ୍ରିୟା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଜେନାଙ୍କ ପରଲୋକ

ନାଉଗାଁ,୧୬।୧୨(ସମିସ): ତିରୁଣା ପଞ୍ଚାୟତର ଦହୀପାଳ ଗ୍ରାମର ବର୍ଷିୟାନ ରାଜନେତା ତଥା ପ୍ରତିଷ୍ଠିତ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଜେନାଙ୍କ ପରଲୋକ ହୋଇଯାଇଛି। ଶ୍ରୀ ଜେନା ତିରୁଣା ଗ୍ରାମପଞ୍ଚାୟତର ଏକାଧିକ ଥର ସରପଞ୍ଚ ଏବଂ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ନନ୍ଦୀକିଶୋର ଉଚ୍ଚ ବିଦ୍ୟାଳୟ ଦହୀପାଳକୁ ପ୍ରତିଷ୍ଠା କରିଥିଲେ। ଲୋକସେବା ଓ ଶିକ୍ଷାକ୍ଷେତ୍ରରେ ସାରା ଜୀବନ ଧରି ସେ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇବା ପରେ



ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପ୍ରଶାନ୍ତ ମୁଦୁଲି, ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାନସଭା ସଚିବ ଦଶରଥୀ ଶତପଥୀ, ବିଜୟବେହରା, ବିଚିତ୍ରାନନ୍ଦ ଲେଙ୍କା, ଦୁଃଶାସନ ନାୟକ, ନିରଞ୍ଜନ ବେହୁରା, ସୁଜିତ ପୁହାଣ, ସୁନିଲ କୁମାର ମାଟିଆ, ବିନୋଦ ବେହୁରା, ସରୋଜ କୁମାର ଲେଙ୍କା, ତ୍ରିଲୋଚନ ପାଢ଼ୀ, ନିରଞ୍ଜନ ମହାନ୍ତି, ପଦ୍ମଚରଣ ସାସମଲ, ସାମ୍ବାଦିକ ମହାଦେବ ନାୟକ, ଦିଲ୍ଲୀପ କୁମାର ଜେନା, ଉମେଶ ସ୍ୱାଇଁ, ବୈରାଗୀ ଦାସ ପ୍ରମୁଖ ଶୋକବ୍ୟକ୍ତକରିଛନ୍ତି। ଶୋକସନ୍ତପ୍ତପରିବାରନିକଟରେପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଉପସ୍ଥିତ ହୋଇ ଗଭୀର ସମବେଦନା ଜଣାଯାଇଛି। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ନାଉଗାଁ ବ୍ଲକ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପର୍ଣ୍ଣ ହୋଇଥିଲା। ବଡ଼ପୁଅ ପ୍ରୀତିରଞ୍ଜନ ଜେନା ମୁଖାଗ୍ନି ଦେଇଥିଲେ।

## ନବପ୍ରଭାତ ଶିଶୁମନ୍ଦିର କ୍ରୀଡ଼ା ଉତ୍ସବ

ପାରାଦୀପ,୧୬।୧୨(ସମିସ): ପାରାଦୀପ ମଙ୍ଗଳା ପୀଠ ବୃନ୍ଦାବନ କଲୋନୀରେ ଥିବା ନବପ୍ରଭାତ ଶିଶୁ ବିଦ୍ୟାମନ୍ଦିରର ୨୨ତମ୍ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ତଥା ପାରାଦୀପ ପୌର ପରିଷଦ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ତତ୍ତ୍ୱାବଧାନରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରିଷଦ ସୁବ୍ରତ ପ୍ରଧାନ, ପାରିଷଦ ଅଜିତି କୁମାର ତ୍ରିପାଠୀ, ପୂର୍ବତନ ପାରିଷଦ ଚପଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଗୁରୁଜୀ ଜିତେନ୍ଦ୍ର କୁମାର ବଳ ଖେଳ ପରିଚାଳନା କରିଥିଲାବେଳେ, ସୁଧାଂଶୁ କୁମାର ମହାରଣା ଉଦଯାପନୀ ସଭା କାର୍ଯ୍ୟ ରିଚାଳନା କରିଥିଲେ। ଏହି



ଉତ୍ସବରେ ନବପ୍ରଭାତ୍ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ମହେନ୍ଦ୍ର କୁମାର ନାୟକ ଓ ପ୍ରଧାନ ଗୁରୁମା ବବିତା ଜେନା ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ଦୁଇ ଦିନଧରି କ୍ରୀଡା ଉତ୍ସବ କରାଯାଇଥିଲା।

## ପୂର୍ବତନ ସ୍କୁଲ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ ସଭା

ତିର୍ତ୍ତୋଲ,୧୬।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଝଙ୍କଡ଼ ସାରଳା ପୀଠ କନକପୁରସ୍ଥିତ ସାରଳା ପବ୍ଲିକ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ବରଦା ପ୍ରସାଦ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛ। କନକପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନମିତା ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବେହେରା, ଭବାନୀ ଶଙ୍କର ଜେନା, କିଶୋର ଖୁଣ୍ଟିଆ, ନାରାୟଣ ପ୍ରସାଦ ଦାସ, ଗୋବିନ୍ଦ ପ୍ରସାଦ ଦାସ, ସହପାଠୀ ସାରଦା ଏକାଡେମୀ କନକପୁର ୧୯୯୧ ମାଟ୍ରିକ ବ୍ୟାଚର ଡ. ଅବିନାଶ ରାଉତ, ବିଜୟ କିଶୋର ମହାରଣା, ଅରୁଣ ଜେନା, ଦିଲୀପ ସାହୁ, ବିଜୟ ସାହୁ, ଶଶୀଭୂଷଣ ଦାସ, ଦୁର୍ଲଭ ମହାନ୍ତି, ବରଦା ବିଶ୍ୱାଳ, ନୃସିଂହ ଚରଣ ରାଉଳ, ବ୍ରଜକିଶୋର ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସାରଦା ପ୍ରସାଦ ମହାନ୍ତି, ଅଜୟ ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତି, ସୁଧାଂଶୁ ସ୍ୱାଇଁ, ଶିବବ୍ରତ ଓ ଦେବବ୍ରତଙ୍କ ସମେତ ପରିବାରବର୍ଗ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ସଚେତନତା ଶିବିର

ପାରାଦୀପ,୧୬।୧୨(ସମିସ): ଓଡ଼ିଶାର ଗର୍ବ ଓ ପ୍ରକୃତିର ଅମୂଲ୍ୟ ସମ୍ପଦ ଓଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା ଶିବିର ଆଜି ପାରାଦୀପ ନେହୁର ବଙ୍ଗଳା ମାଛଧରା ବନ୍ଦର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ମତ୍ସ୍ୟଜୀବୀମାନଙ୍କୁ ଓଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ସମ୍ପର୍କିତ ସରକାରୀ ନିୟମାବଳୀ ବିଷୟରେ ଅବଗତ କରାଇବା। ବିଶେଷଭାବେ ଉପକୂଳରୁ ୨୦ କିଲୋମିଟର ସୀମାଭିତରେ ମାଛଧରା ଉପରେ ଥିବା ପ୍ରତିବନ୍ଧ, ସୁରକ୍ଷିତ ମାଛଧରା ପ୍ରଥା ଓ ପରିବେଶ ସନ୍ତୁଳନ ରକ୍ଷା ସରକାରୀ ନିୟମ ପାଳନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ସଭାରେ ଏସିଏଫ୍ ମାନସ କୁମାର ଦାସ, ରେଞ୍ଜର ସଞ୍ଜୟ ପ୍ରଧାନ, ଓମ୍ପାର ସଭାପତି ଶ୍ରୀକାନ୍ତ ପରିଡା, ଏନ୍‌ସିସି ଆଲୁମିନି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଆହ୍ୱାନ ଫାଉଣ୍ଡେସନ ସମ୍ପାଦକ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ପାରାଦୀପ ମେରାଇନ କୋ-ଅପରେଟିଭ୍ ସୋସାଇଟି ସଭାପତି ପୁରନ୍ଦର ବିଶ୍ୱାଳ, ପରିବେଶବିତ୍ ବିଜୟ ମୋହନ କବି, ବିଶ୍ୱଜିତ ସାମଲ, ବନ୍ୟପ୍ରାଣୀ ବିଭାଗର କର୍ମଚାରୀ, ସାଗର ମିତ୍ର ସଦସ୍ୟ ଓ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। ଏନ୍‌ସିସି ଆଲୁମନି ସଂଗଠନ ଏହି ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଥିଲା। ଶିବିର ଶେଷରେ ସମସ୍ତେ 'ଅଲିଭ୍ ରିଡ୍‌ଲେ କଚ୍ଛପକୁ ବଞ୍ଚାନ୍ତୁ, ଆମ ସମୁଦ୍ରକୁ ବଞ୍ଚାନ୍ତୁ, ଆମ ଭବିଷ୍ୟତକୁ ବଞ୍ଚାନ୍ତୁ' ବୋଲି ଏକ ସଂକଳ୍ପ ନେଇଥିଲେ।



## ଇଫ୍‌କୋ ସହାୟତାରେ ରାଜସ୍ଥାନ ଗଲେ ଜୁଡ଼ୋ ଖେଳାଳି

ପାରାଦୀପ,୧୬।୧୨(ସମିସ):




ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡ଼ୋ ଆସୋସିଏସନର ନେତୃତ୍ୱରେ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ୧୪ତମ ପାରା ଜୁଡୋ ଚାମ୍ପିଅନସିପ୍ -୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୫ ଜଣ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଯାଇଛନ୍ତି। ଗତକାଲି ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର ଦଳକୁ ସମ୍ମାନିତ କରିଥିଲେ ଏବଂ ତାଙ୍କର ଶୁଭକାମନା ଜଣାଇଥିଲେ। ଦଳ ଆଜି ବସ୍ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାତ୍ରା ଆରମ୍ଭ କରିଛି। ଆସନ୍ତାକାଲି ଟ୍ରେନ୍ ଯୋଗେ ରାଜସ୍ଥାନକୁ ଯାତ୍ରା କରିବ। ଏହି ଅବସରରେ ଇଫ୍‌କୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା ଦଳକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେମାନଙ୍କୁ ଚାମ୍ପିଅନସିପରେ ସଫଳତା ଏବଂ ଆହୁରି ଅନେକ ପଦକ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ଡିଜିଏମ (ପିଆଣ୍ଡଏ) ପ୍ରସନ୍ନ କୁମାର ବେଉରା, ପିଆରଓ, ଏବଂ ଜୟନ୍ତ କୁମାର ଜେନା ସମର୍ଥନ କରିଥିଲେ। ଓଡ଼ିଶା ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନର ସମସ୍ତ ଅଂଶଗ୍ରହଣକାରୀ ଏବଂ ସହାୟକ କର୍ମଚାରୀଙ୍କୁ ଫଳ ପ୍ୟାକେଟ ବଣ୍ଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

### ପାରା ଜୁଡ଼ୋ ଚାମ୍ପିଅନସିପ୍‌ରେ ଭାଗନେବେ

## ଚୋରାମଦ ଜବତ, ୫ ଗିରଫ

କେନ୍ଦ୍ରାପଡ଼ା,୧୬।୧୨(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମହାକାଳପଡ଼ା ଗ୍ରାମର ବୀରକିଶୋର ମଲିକ(୫୨)ଙ୍କଠାରୁ ୩୨ ଲିଟର ଦେଶୀ ମଦ ଓ ଅନ୍ତର୍ଯ୍ୟାମୀ ଦାସ(୨୭)ଙ୍କଠାରୁ ୪୧ ଲିଟର ଦେଶୀ ମଦ ସମେତ ଗୋଟିଏ ବାଇକ୍, ଶିଓପଡ଼ା ଗ୍ରାମର ଶରତ ମଲିକ(୩୨)ଙ୍କଠାରୁ ୩୨ ଲିଟର ବିଦେଶୀ ମଦ, କଣ୍ଡିଆହାଟ ଗ୍ରାମର ପ୍ରତାପ ମଲିକ(୪୧)ଙ୍କଠାରୁ ୨୧ ଲିଟର ଦେଶୀ ମଦ ଓ ରାମାକାନ୍ତ ମଲିକ(୩୧)ଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ୧୫୧ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ସମେତ ଗୋଟିଏ ବାଇକ୍ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ ମିଶ୍ର, ପ୍ରଦୀପ ମଲିକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## କନ୍ତିଆ ମଠରେ ଧନୁଯାତ୍ରା



କେନ୍ଦ୍ରାପଡ଼ା,୧୬।୧୨(ସମିସ): କେନ୍ଦ୍ରାପଡ଼ା ସହର ଉପକଣ୍ଠସ୍ଥ କନ୍ତିଆ ମଠରେ ପାରମ୍ପରିକ ଧନୁଯାତ୍ରାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମଠାଧିଶ ସିଦ୍ଧାର୍ଥ ଶଙ୍କର ଦାସଙ୍କ ସଭାପତିତ୍ୱରେ ଓଳାଶୁଣୀ ମଠ ମହନ୍ତ ମହାରାଜ ବାଗ୍ମୀ ମହାନ ପ୍ରବକ୍ତା ନାମାନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର ଏକ ମହାନ୍ ପର୍ବକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଦ୍ୱିତୀୟ ବର୍ଷରେ ପର୍ଦାପଣ କରି ଏହି ଉତ୍ସବକୁ ଦୀର୍ଘ ୭ଦିନ ଧରି କରିଥିବାରୁ ଏହି ସୁନ୍ଦର ପ୍ରୟାସକୁ ବଧାଇ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ମହିଳା ପ୍ରଭାରୀ ଜୋସ୍ନାରାଣୀ ଜେନା, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ, ଚକ୍ରୋଡା ସରପଞ୍ଚ ପ୍ରତିନିଧି ନିରଞ୍ଜନ ନାୟକ, ଯୁବ ନେତା ଅଭିରାମ ବେହୁରା, ବିଜେପି ଯୁବନେତା ବିଶ୍ୱରଞ୍ଜନ ରାଉତ, ବନ୍ଦନାରାଣୀ ରାଉତ, ନମିତା ବଳ ପ୍ରମୁଖ ଯୋଗ ଦେଇଥିଲେ। ରାମଦୋଳି ସମେତ ବିଭିନ୍ନ ଖାଇବା ଷ୍ଟଲ ୭ଦିନ ଧରି ଚାଲୁ ରହିବ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ। ଆଜିର ସନ୍ଧ୍ୟାରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭରତପୁରର ବାଗଦେବୀ କଳାମନ୍ଦିର ଓ ମା' ଶାରଳା ନୃତ୍ୟ ବିଦ୍ୟାଳୟ ମିଳିତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷକ ସର୍ବେଶ୍ୱର ପାତ୍ର ସଂଯୋଜନା କରିଥିବାବେଳେ ପ୍ରଦୀପ ବେହୁରା, ମଧୁବାବା ଯୁବ ପରିଷଦର ସମାଜସେବୀ ମଞ୍ଚ ପରିଚାଳନା କରିଥିଲେ।

● ମଙ୍ଗଳା ଛକରେ ଅଣ୍ଡର ପାସ୍ ରୋଡ ନିର୍ମାଣ ଦାବି

## ୩ ପଞ୍ଚାୟତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



ମାର୍ଶାଘାଇ/ ମହାକାଳପଡ଼ା, ୧୬।୧୨(ସମିସ): ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅର୍ନ୍ତଗତ ମଙ୍ଗଳା ଛକରେ ଅଣ୍ଡର ପାସ ରୋଡ୍ ନିର୍ମାଣ ଦାବି କରି ବିକ୍ରମାଦିତ୍ୟ ସାହୁଙ୍କ ନେତୃତ୍ୱରେ ଜୀବନାନନ୍ଦ ସାହୁ, ତୁଷାରକାନ୍ତ ସାମନ୍ତରାୟ, ରାଜକିଶୋର ରାଉତରାୟ, ସାଗର ସାମଲ, କିଶୋର ସ୍ୱାଇଁ, ରଶ୍ମିତା ରାଉତରାୟଙ୍କ ସମେତ ଗରଜଙ୍ଗା, ବଡ଼କୂଳ, କରଞ୍ଜି ଓ ଗରଜଙ୍ଗା ୩ଟି ପଞ୍ଚାୟତ ଶତାଧିକ ଲୋକ ରାଜପଥକୁ ଅବରୋଧ କରି ପ୍ରତିବାଦ କରିଛନ୍ତି। ବଡ଼ପାଳ ଛକ ନିକଟ ମଙ୍ଗଳା ଛକ ଏକ ଗୁରୁତ୍ୱପୂର୍ଣ୍ଣ ଜଙ୍ଗସନ। ୪ ପାର୍ଶ୍ୱକୁ ରାସ୍ତା ରହିଥିବାରୁ ୮ଲେନ ରାଜପଥ ଅତିକ୍ରମ ଯନ୍ତ୍ରଣାଦାୟକ ହେବା ସହ ଦ୍ରୁତଗାମୀ ଭାରୀଯାନ ଚଳାଚଳ ସମୟରେ ଜୀବନ ଚାଲିଯିବାକୁ ଏଡାଇ ହେବନାହିଁ। ମଙ୍ଗଳା ଛକରେ ଅଣ୍ଡର ପାସ ରୋଡ ନିର୍ମାଣ ପାଇଁ ପୂର୍ବରୁ ଏହି ପଞ୍ଚାୟତର ଲୋକେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଆସିଥିବାବେଳେ କୈଣସି ସୁଫଳ ମିଳି ନ ଥିବାରୁ ପଞ୍ଚାୟତବାସୀ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ରାସ୍ତାରୋକ ଜାରି ରହିବ ବୋଲି ପଞ୍ଚାୟତବାସୀ ଗଣମାଧ୍ୟମକୁ କହିଛନ୍ତି। ଖବର ପାଇ ମାର୍ଶାଘାଇ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ବୁଝାସୁଝା କରିବା ପରେ ଆନ୍ଦୋଳନକାରୀ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲେ।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

ପଟ୍ଟାମୁଣ୍ଡାଇ,୧୬।୧୨(ସମିସ)

ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଥିବା ଅମିତ ହତ୍ୟାକାଣ୍ଡ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଦ୍ୟାଧର ପୃଷ୍ଟି ହତ୍ୟାକାରୀକୁ ଆଜୀବନ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଐତିହାସିକ ରାୟ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ସହିରା ଗ୍ରାମର ଅମିତ ପାତ୍ର ତାଙ୍କ ଶଳା ସଞ୍ଜୟ ଜେନା ଓ ଭାଗ୍ୟଧର ରାଉଳ ଗତ ୨୦୨୩ ମସିହା ଏପ୍ରିଲ ୧୪ ତାରିଖ ରାତି ୧୦ ଘଟିକା ସମୟରେ ଦହିଅଣ୍ଡା ଗ୍ରାମକୁ ଭାଗବତ ସପ୍ତା ଭୋଜି ଖାଇବାକୁ ଯାଇଥିଲେ। ହତ୍ୟା ଅଭିଯୁକ୍ତ ରଶ୍ମୀରଞ୍ଜନ ରାଉଳ ପୂର୍ବ ଶତୃତାକୁ ନେଇ ଅମିତ କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଅମିତ, ସଞ୍ଜୟ ଓ ଭାଗ୍ୟଧର ରାତ୍ର ୧୦ଟା ୩୦ ମିନିଟ ସମୟରେ ଭୋଜିଖାଇ ଫେରୁଥିବା ସମୟରେ ଦହିଅଣ୍ଡା ଛକଠାରେ ହତ୍ୟା ଅଭିଯୁକ୍ତ ରଶ୍ମୀରଞ୍ଜନ ପୁର୍ନବାର ଅମିତକୁ ଗାଳିଗୁଲଜ କରିବା ସହିତ ଏକ ଧାରୁଆ ଛୁରି ଅମିତଙ୍କ ବାମ ପଟ ଛାତିରେ ଭୁସି ଦେଇଥିଲେ। ଏହା ଦେଖି ଅମିତର ଶଳା ସଞ୍ଜୟ ଅମିତକୁ ବଞ୍ଚାଇବାକୁ ଯିବା ବେଳେ ହତ୍ୟା ଅଭିଯୁକ୍ତ ରଶ୍ମୀରଞ୍ଜନ ତାକୁ ମଧ ଛାଡି ନଥିଲା। ସଞ୍ଜୟଙ୍କୁ ମଧ ଛୁରିରେ ଆକ୍ରମଣ କରି ଗୁରୁତର କରିଦେଇଥିଲା। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଅମିତକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟତମ ଗୁରୁତର ସଞ୍ଜୟଙ୍କୁ



ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ଏ ସମ୍ପର୍କରେ ଅମିତଙ୍କ ଦାଦା ମନୋରଞ୍ଜନ ପାତ୍ର ଆଳି ଥାନାରେ ଅଭିଯୋଗ କରିଥିଲେ। ଏ ସଂପର୍କରେ ଅମିତଙ୍କ ଦାଦା ମନୋରଞ୍ଜନ ପାତ୍ର ଆଳି ଥାନାରେ ଅଭିଯୋଗ କରିଥିଲେ। ଆଳି ଥାନା ପୋଲିସ ଥାନା କେଶ ନଂ-୩୬୮/୨୦୨୩ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଆଳି ଥାନା ଏସ ଆଇ ମମତା ବିଶ୍ୱାଳ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲେ। ଏହି ମାମଲାର ବିଚାର କରି ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଦ୍ୟାଧର ପୃଷ୍ଟି ଅମିତ ହତ୍ୟା ମାମଲାର ଅଭିଯୁକ୍ତ ସହିରା ଗ୍ରାମର ରଶ୍ମୀରଞ୍ଜନ ରାଉଳଙ୍କୁ ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥି ସହିତ ଦଫା ୩୨୪ରେ ଆସାମୀକୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇବା ସହିତ ୫ହଜାର ଟଙ୍କା ଜୋରିମାନା କରିଛନ୍ତି ଓଜୋରିମାନା ଅନାଦେୟ ୬ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି ଓ ଏହି ହତ୍ୟା ମାମଲାରେ ୨୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅତିରିକ୍ତ ଜିଲ୍ଲା ଦୌରାଜଜ ହତ୍ୟା ଆସାମୀ ରଶ୍ମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହା ଛଡା ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ଅତିରିକ୍ତ ଦୌରାଜଜ୍ ଜିଲ୍ଲାଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ହତ୍ୟା ମାମଲାକୁ ଆଡିସନାଲ ଏପିପି ସରୋଜ କୁମାର ମଲିକ ଡେପୁଟୀ ଡାଇରେକ୍ଟର ପ୍ରୋସିକ୍ୟୁସନ ଧିରେନ କୁମାର ପଣ୍ଡା, ପିପି ସୌଭାଗ୍ୟବତୀ ଅହଲ୍ୟାମଣି ପଟ୍ଟନାୟକ ପରିଚାଳନା କରିଥିଲେ। ଖୁବ କମ ଦିନ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ହତ୍ୟା ମାମଲାର ରାୟ ପ୍ରକାଶ ପାଇବା ଓ ଅଭିଯୁକ୍ତଙ୍କୁ କଠୋର ଦଣ୍ଡିତ କରିଥିବାରୁ ମୃତକଙ୍କ ପରିବାର ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସିଦ୍ଧ ବଳଦେବଜୀଉଙ୍କ ପାଖରେ ଲାଗି ହେଲା ପହିଲି ଭୋଗ





କେନ୍ଦ୍ରାପଡ଼ା,୧୬।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ନିକଟରେ ପରମ୍ପରାନୁସାରେ ପହିଲି ଭୋଗ ଲାଗି ହୋଇଛି। ଏହାସହ ମହାପ୍ରଭୁଙ୍କ ପାଖରେ ଧନୁ ମୁଁଆ ଭୋଗ ମଧ ଅର୍ପଣ କରାଯାଇଛି। ଶାସ୍ତ୍ର ଅନୁଯାୟୀ ଧନୁ ସଂକ୍ରାନ୍ତି ପୂର୍ବ ମାସନ୍ତ ରାତିରେ ମା' ଲକ୍ଷ୍ମୀ ନିଜ ପିତୃ ଆଳୟକୁ ଯାତ୍ରା କରିଥାନ୍ତି। ଏକ ମାସ ପର୍ଯ୍ୟନ୍ତ ପିତୃ ଆଳୟରେ ବାସ କରିବା ପରେ ମକର ସଂକ୍ରାନ୍ତି ପୂର୍ବ ମାସନ୍ତ ଦିନ ସେ ପୁନଃ ମନ୍ଦିରକୁ ଫେରି ଆସନ୍ତି। ଏହି ସମୟସୀମାରେ ମନ୍ଦିରର ସମସ୍ତ ଦାୟିତ୍ୱ ମା' ଯଶୋମତୀଙ୍କ ଉପରେ ନିର୍ଭର କରେ। ମା' ଯଶୋମତୀ ବ୍ରହ୍ମମୁହୂର୍ତ୍ତରୁ ଉଠି ବଳରାମକୃଷ୍ଣଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଶ୍ରଦ୍ଧାରେ ପରଷଣ କରନ୍ତି, ଯାହାକୁ "ପହିଲି ଭୋଗ' କୁହାଯାଏ। ଆଜିଠୁ ତୁଳସୀ କ୍ଷେତ୍ରରେ ଏହି ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଆଜି ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ଜୟମଙ୍ଗଳା ଆଳତି ଅନୁଷ୍ଠିତ ହୋଇଥିଲା। ପରେ ନୀତି ସ୍ନାନ ଓ ବେଶ ବଲ୍ଲଭ ସମ୍ପନ୍ନ ହୋଇଥିଲା। ବଲ୍ଲଭ ସମୟରେ ପ୍ରଭୁଙ୍କ ପାଖରେ ପହିଲି ଭୋଗ ଅର୍ପଣ କରାଯାଇଥିଲା। ଏହି ଭୋଗରେ ପୋଡ଼ ପିଠା, ପକୁଡ଼ି, ଡାଲିମ୍ବ, ଲଡୁ ଓ କାକରା ଆଦି ବ୍ୟଞ୍ଜନ ରହିଥିଲା। ଭୋଗ ନୀତି ସମାପ୍ତି ପରେ ଆଳତି କରାଯାଇଥିଲା। ଏହି ପହିଲି ଭୋଗ ନୀତି ଏକ ମାସ ଧରି ଚାଲିବ। ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପାଖରେ ଧନୁ ମୁଁଆ ଭୋଗ ଲାଗି କରାଯାଇଥିବାବେଳେ ପରେ ପାଶ୍ୱର୍ ଦେବଦେବୀଙ୍କ ପାଖରେ ମଧ ଭୋଗ ଅର୍ପଣ ହୋଇଥିଲା। ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ବିଧାୟକଙ୍କ ଜନ୍ମଦିନ ପାଳନ



ରାଜନଗର,୧୬।୧୨(ସମିସ): ରାଜନଗର ବ୍ଲକ୍ ପେଣ୍ଠ ଗ୍ରାମର ସର୍ବପୁରାତନ ଶ୍ରୀଶ୍ରୀ ବନବିହାରୀଜୀଉଙ୍କ ମନ୍ଦିରରେ ରାଜନଗର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଜନ୍ମଦିନ ପାଳନ କରାଯାଇଛି। ବ୍ଲକ୍ ବିଜୁ ଜନତା ଦଳ ସଭାପତି ନିରଞ୍ଜନ ରାଉତଙ୍କ ସହିତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ସରପଞ୍ଚ ଅଶୋକ ମହାନ୍ତି, ପୂର୍ବତନ ସରପଞ୍ଚ କୈଳାସ ପରିଡ଼ା, ବରିଷ୍ଠ ନେତା ଦିଲ୍ଲୀପ ପାତ୍ର, ପ୍ରମୋଦ ପ୍ରଧାନ, ସୁରଜ ପୁହାଣ, ଘନଶ୍ୟାମ ବଳ, ରାମଚନ୍ଦ୍ର ନାୟକ,ନରେଶ ଚନ୍ଦ୍ର ରାଉତ, ରଞ୍ଜନ ଜେନା ପ୍ରମୁଖ ବିଜେଡି କର୍ମୀ ଯୋଗଦେଇ ମନ୍ଦିରରେ ଦୀପଦାନ କରି ବିଧାୟକ ଶ୍ରୀ ସାହୁଙ୍କ ଶୁଭମନାସୀ ଥିଲେ।

## ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦୌଡ଼ରେ ମହାକାଳପଡ଼ାରୁ ଦୁଇ ସଂଗଠକ





ମହାକାଳପଡ଼ା,୧୬।୧୨(ସମିସ): ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଚୟନ ଶେଷ ହେବା ପରେ ଏବେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦ ପାଇଁ ମହାକାଳପଡ଼ା ନିର୍ବାଚନମଣ୍ଡଳୀରୁ ଦୁଇ ଯୁବ ସଂଗଠକ କ୍ରିଷ୍ଣପଦ ମଣ୍ଡଳ ଓ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ନାମ ଚର୍ଚ୍ଚା ହେଉଛି। ଉଭୟଙ୍କ ପ୍ରଶଂସକ ସାମାଜିକ ଗଣମାଧ୍ୟମରେ ଏ ନେଇ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ସଭାପତି ପଦ ପାଇଁ ଜଣେ ଦକ୍ଷ ସଂଗଠକ ଓ ନିର୍ମଳ ଭାବମୂର୍ତ୍ତି ଥିବା କାର୍ଯ୍ୟକର୍ତ୍ତାକୁ ଦଳର ଶୀର୍ଷ ନେତୃତ୍ୱ ମୋହର ମାରିବେ ବୋଲି ଜଣାପଡିଛି। ଏହି କ୍ରମରେ ଦେଖିବାକୁ ଗଲେ କ୍ରିଷ୍ଣପଦ ମଣ୍ଡଳ ୨୦୨୨ରୁ ବତୀଘର ପଞ୍ଚାୟତର ସମିତି ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ୨୦୦୯ରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟତା ଗ୍ରହଣ କରିଛନ୍ତି। ୨୦୦୭ରେ ବିଜେପିର ସଦସ୍ୟତା ଗ୍ରହଣ କରି ୨୦୧୭ରେ ପଞ୍ଚାୟତର ଯୁବମୋର୍ଚ୍ଚା ସଭାପତି ଭାବେ ନିର୍ବାଚିତ ହେବା ସହିତ ତାଙ୍କ ପ୍ରତିନିଧିତ୍ୱରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୧୨ ୱାଡର୍ ସଭ୍ୟଙ୍କୁ ନିର୍ବାଚିତ କରାଇଛନ୍ତି। ୨୦୧୮ ରେ ଆଇଟି ସେଲ୍ ସଂଯୋଜକ,୨୦୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦକ, ୨୦୨୨ରେ ସେ ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଚନ୍ଦ୍ରକାନ୍ତ ରାମନଗର ପଞ୍ଚାୟତର ଜଣେ ଯୁବ ସଂଗଠକ। ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ସୁପରିଚାଳନା କରାଇବା ସହିତ ପଞ୍ଚାୟତର ସଙ୍ଗଠନ ସୁଦୃଢ ପାଇଁ ସେ କାର୍ଯ୍ୟ କରି ଆସୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ସ୍ତରୀୟ ପରିଚାଳନା ସଦସ୍ୟ, ଆଇଟି ସେଲ୍ ସଂଯୋଜକ ଭାବେ କାର୍ଯ୍ୟ କରିଛନ୍ତି। ଦଳର ପ୍ରତିଟି କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିବା ମଧ ଦେଖିବାକୁ ମିଳୁଛି। ଉଭୟ ମହାକାଳପଡ଼ା ବିଧାୟକଙ୍କ ଅନୁଗତ। ଏହି ସଭାପତି ଦୌଡ଼ ପାଇଁ କାହା ଉପରେ ବିଧାୟକଙ୍କ ଅନୁକମ୍ପା ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## କପିଳମୁନି ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ମାର୍ଶାଘାଇ,୧୬।୧୨(ସମିସ): ମାର୍ଶାଘାଇ ବ୍ଲକ୍ ପିକରାଳି କପିଳମୁନି ଆଶ୍ରମ କପିଳମୁନି ହାଇସ୍କୁଲର ୧୯୭୭ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମହାପୁରୁଷ କପିଳମୁନିଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ ଛାତ୍ର ଡ. କବିନ୍ଦ୍ର ଦାସ, ଉମାକାନ୍ତ ପଣ୍ଡା, ପ୍ରମୋଦ ଦାସ, ଅଶୋକ ପ୍ରଧାନ, ସତ୍ୟାନନ୍ଦ ମହାନ୍ତି, କୁମରମଣି ପଣ୍ଡା, ତପନ ଲେଙ୍କା, ମଳୟ ନାୟକ, ଗୋବର୍ଦ୍ଧନ ଲେଙ୍କା, ମଞ୍ଜୁଲତା ଦାସ, ଧ୍ରୁବଚରଣ ପଣ୍ଡା, ଉର୍ବଶୀ ପରିଡ଼ା, ସତ୍ୟାଭାମା ବେହେରା, ନୃସିଂହ ରଥ ପ୍ରମୁଖ ଯୋଗଦେଇ ୪୮ବର୍ଷ ପରେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ। କପିଳମୁନି ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ମିନତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି



ରାଜକନିକା,୧୬।୧୨(ସମିସ): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ରାଜକନିକା-ଚାନ୍ଦବାଲିକୁ ସଂଯୋଗ କରୁଥିବା ବୈତରଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଅପରାହ୍ନରେ ଓସ୍ତିଆ ହନୁମାନ ଛକ ନିକଟରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ସ୍ଥାନୀୟ ତହସିଲଦାର ଭାନୁମତୀ ମାଝୀ, ଓବିସିସି ପକ୍ଷରୁ ଏସସି ଆଶିଷ କୁମାର ଗୁପ୍ତା, ସୌମ୍ୟରଞ୍ଜନ ଜେନା, ଆରଆଇ ପ୍ରଭାତ ସାହୁ, ଅମିନ ଗଙ୍ଗାଧର ପଣ୍ଡା ପ୍ରମୁଖ ଯୋଗଦେଇ ଜମିଦାତାଙ୍କୁ ଜମି ଅଧିଗ୍ରହଣ ସମ୍ପର୍କରେ ଅବଗତ କରାଇଥିଲେ। ଘରବାଡ଼ି ପ୍ଲଟ ୪ ଲକ୍ଷ ଓ ଅନ୍ୟ ପ୍ଲଟ ୧ଲକ୍ଷ ୬୨ ହଜାର ପ୍ରତି ଗୁଣ୍ଠ ପିଛା ସରକାର ଯୋଗାଇ ଦେବେ ବୋଲି ଅଧିକାରୀ ଅବଗତ କରାଇଥିଲେ। ଏହାବ୍ୟତୀତ ତରାସ ହାଇସ୍କୁଲର ନିଜସ୍ୱ ୨୮ ଡେସିମିଲ ଜମି ଅଧିଗ୍ରହଣରେ ଯାଉଥିବାବେଳେ ଅନ୍ୟତ୍ର ସ୍କୁଲକୁ ୨୮ ଡେସିମିଲ ଜମି ଯୋଗାଇ ଦେବାକୁ କନିକା ତହସିଲଦାର ଭାନୁମତୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ଓସ୍ତିଆ ହନୁମାନ ଛକ ନିକଟରେ ଓଭରବ୍ରିଜ୍ ଓ ଛକ ପୂର୍ବରୁ ଏକ ନାକା(ଗେଟ୍) ନିର୍ମାଣ ପାଇଁ ଦାବିକୁ ଗ୍ରହଣ କରି ସେତୁ ନିର୍ମାଣ ପରେ ଓ ନୂତନ ୪ଲେନ ରାସ୍ତା କାର୍ଯ୍ୟକ୍ଷମ ହେଲେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଏସସି ଆଶିଷ ଗୁପ୍ତା କହିଥିଲେ। ଏହି ଜନଶୁଣାଣିରେ ଶୁଭ୍ରଜିତ୍ ବିଶ୍ୱାଳ, ମୁରଲୀଧର ବଳ, ଅଜୟ ନାଥ, ହରିହର ବାରିକ, ଶିବପ୍ରସାଦ ମଲ୍ଲିକ, ସୁମନ୍ତ ନାୟକ, ସୁଶାନ୍ତ ବାରିକ୍, ମଳୟ ମଲ୍ଲିକ, ମାୟାଧର ବାରିକ୍, ନୟନ ସାମଲ, ରଙ୍ଗାଧର ନାଥ, ଭାଗୀରଥି ରାଉତ, ତରାସ ହାଇସ୍କୁଲର ପୁରାତନ ଛାତ୍ର, ତରାସ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିବେଦିତା ନାୟକ ଉପସ୍ଥିତ ଥିଲେ।

# ଷ୍ଟ୍ରିଟ୍ ଲାଇଟ ଦୁର୍ନୀତିରେ କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ ଗିରଫ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୧୬।୧୨(ସମିସ): ଅନେକ ଛକାପଞ୍ଝା ପରେ ଶେଷରେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ ଷ୍ଟ୍ରିଟ ଲାଇଟ ଦୁର୍ନୀତିରେ ସମ୍ପୃକ୍ତ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶାସନ ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ନେଇ ଗତ ୨୦୨୩-୨୪ଆର୍ଥିକ ବର୍ଷରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ଓ ମିଥ୍ୟା ବିଲ ମାଧ୍ୟମରେ ସରକାରୀ ଅନୁଦାନ ଅର୍ଥ ହରିଲୁଟ ଘଟଣାରେ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଗତ ନଭେମ୍ବର ୪ତାରିଖରେ ବ୍ଲକ ପରିସରରେ ଅନଶନ କରା ଯାଇଥିଲା । ବିଡିଓଙ୍କ ସହିତ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ଏବଂ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ କେନ୍ଦ୍ରାପଡା ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ସହିତ ବ୍ଲକ କାର୍ଯ୍ୟାଳୟକୁ ପଠାଇ ଥିଲେ। ଘଟଣା ଦିନ ବିଡ଼ିଓ ଶ୍ରୀମତୀ ଅଗ୍ରୱାଲ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଅନଶନ କାରୀଙ୍କୁ ତିନି ମାସ ମଧ୍ୟରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପୁନଶ୍ଚ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରି କୌଣସି ଷ୍ଟ୍ରିଟ ଲାଇଟ ଲାଗି ନଥିବା ଦେଖିଛନ୍ତି ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟଯେ ଶାସନ ପଞ୍ଚାୟତର ଶାସନ ଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଏକ ପ୍ରକଳ୍ପ ଜରିଆରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ୯ ଲକ୍ଷ ୭୦ହଜାର ଟଙ୍କା ଭାଉଚର ନଂ ଓ ଡବ୍ଲୁ ଏନ /୨୦୨୪-୨୫/ ପି /୧୧୩ ରେ ପୈଠ ହୋଇଛି। ପ୍ରକଳ୍ପର କାର୍ଯ୍ୟାଦେଶ ବ୍ଲକ୍ର କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେଙ୍କ ନାମରେ ଥିବା ବେଳେ ପ୍ରକଳ୍ପ କାମ ନକରି ଶ୍ରୀ ପାଣ୍ଡେ ତାଙ୍କ ପିପିଲି ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ବ୍ୟକ୍ତିଗତ ଆକାଉଣ୍ଟରେ ସରକାରୀ ଅନୁଦାନ ଅର୍ଥ ପୈଠ କରି ଉଠାଇ ନେଇଥିବା ଜଣାପଡିଛି। ଏଥି ସହିତ ଅନଶନ ଦିନ ନିଜେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଅନଶନକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ତେବେ ଏପରି ଆଚରଣ ପାଇଁ ବିଡିଓ ତାଗିଦ କରିବାରୁ ଓଲଟା ବିଡିଓ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ କେତେକ ଗଣ ମାଧ୍ୟମ ପ୍ରତନିଧିଙ୍କୁ ନିଜ ବିବୃତ୍ତି ଦେଇଥିଲେ। ଅନଶନକାରୀ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବାରୁ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ସହ ୩ମାସ ମଧ୍ୟରେ ପ୍ରକଳ୍ପ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ କହିଥିଲେ। ଜଣେ କନିଷ୍ଠ ଯନ୍ତ୍ରୀଙ୍କ କଳା କାରନାମାକୁ ଘୋଡାଇବାକୁ ଯାଇ ନୂତନ ଭାବେ ବ୍ଲକରେ ଯୋଗ ଦେଇଥିବା ବିଡିଓଙ୍କୁ ବଳି ପକାଇବା ପାଇଁ କିଛି ଜନ ପ୍ରତିନିଧି କରିଥିବା ଉଦ୍ୟମ ଶେଷରେ ବିଫଳ ହୋଇଛି। ଭିଜିଲାନ୍ସ ତଦନ୍ତ ପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଦୁର୍ନୀତିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ କଟକ ଭିଜିଲାନ୍ସ ଟିମ ଶ୍ରୀ ପାଣ୍ଡେଙ୍କୁ ଆଜି ଗିରଫ କରିଛ। କଟକ ଭିଜିଲାନ୍ସ ପିଏସ କେଶ ନଂ ୩୫/୨୦୨୫ଅଣ୍ଡର ସେକ୍ସନ ୧୩(୨) ଆର /ଡବ୍ଲୁ ୧୩(୧)(ଏ)/୧୨ ପିସି ଆକ୍ଟ , ୨୦୧୮/୪୦୯/୧୨୦ବି ଆଇପିସି ରେ ମାମଲା ରୁଜୁ କରି ଶ୍ରୀ ପାଣ୍ଡେଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ପଠାଇ ଦେଇଥିବା ଜଣା ପଡ଼ିଛି। ଶାସନ ପଞ୍ଚାୟତର ଅର୍ଜୁନ ସାହୁ, ରମାକାନ୍ତ ଦାସ, ରାହାସ ମଲିକ, ବିଚିତ୍ର ସେନାପତି, ପ୍ରସାଦ ମଲିକ,ଭ୍ରମରବର ନାୟକ ,ଦିଲ୍ଲୀପ ମଲିକ, ଆଶିଷ ମଲିକ, ସତ୍ୟବାନ ମଲିକ, ଜୀବନ ମଲିକ, ଅକ୍ଷୟ ମଲିକ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ଭିଜିଲାନ୍ସ ଟିମ ଏବଂ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।



କାମ ନକରି ୧୦ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଉଠାଇ ନେଲା ଭିଜିଲାନ୍ସ ଟିମ




## ଟୋକନରେ ଧାନବିକ୍ରି ପରିମାଣ କମାଯିବାକୁ ଚାଲେଞ୍ଜ / ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୬ ।୧୨(ସମିସ): ଏବେ ଖରିଫ ଧାନ କ୍ରୟକୁ ନେଇ ବିଭିନ୍ନ ସ୍ଥାନରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଚାଷୀଙ୍କୁ ଦିଆଯାଉଥିବା ଟୋକନ୍‌ରେ ଧାନ ବିକ୍ରି ପରିମାଣକୁ ବେଆଇନ ଭାବେ ହ୍ରାସ କରାଯାଉଥିବା ପ୍ରସଙ୍ଗକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି । ଏହି ମାମଲାକୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଏହାସହ ସମ୍ପୃକ୍ତ ସମବାୟ ସମିତିକୁ ନୋଟିସ୍ ଜାରି କରିଛନ୍ତି । ଜଗନ୍ନାଥ ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ରାମକୃଷ୍ଣ ଖମାରୀ ଓ ଅନ୍ୟ ୧୧ଜଣ ଚାଷୀଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଆବେଦନକାରୀ ବାଲେଶ୍ୱର ଜିଲ୍ଲା ମହାଗାବ ସେବା ସମିତିରେ ଧାନ ବିକିବେ । କିନ୍ତୁ ସେମାନଙ୍କୁ ମିଳିଥିବା ଟୋକନରେ ଧାନ ବିକ୍ରି ପରିମାଣ ଗତ ଥର ୩୦ କ୍ୱିଣ୍ଟାଲ ଥିବା ବେଳେ ଏବର୍ଷ ତାହାକୁ ୮ କ୍ୱିଣ୍ଟାଲକୁ ବେଆଇନ ଭାବେ କମାଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ସନ୍ଦେହରେ ଥିବା ପ୍ଲଟଗୁଡ଼ିକୁ ସାଟେଲାଇଟ୍ ସର୍ଭେ ଜରିଆରେ ଚିହ୍ନଟ କରୁଛନ୍ତି । ସନ୍ଦେହରେ ଥିବା ପ୍ଲଟ ପାଇଁ ଆବେଦନକାରୀଙ୍କ ଟୋକନରେ ଧାନ ବିକ୍ରି ପରିମାଣ କମାଇ ଦିଆଯାଇଥିଲା । ସାଟେଲାଇଟ ସର୍ଭେରେ ସନ୍ଦେହ ଘେରକୁ ଆସୁଥିବା ପ୍ଲଟ ଗୁଡିକର କ୍ଷେତ୍ର ସର୍ଭେ କରିବାର ନିୟମ ଥିବା ବେଳେ ଏହା ନକରି ମନଇଚ୍ଛା ଟୋକନରେ ଧାନ ବିକ୍ରି ପରିମାଣ ହ୍ରାସ କରାଯିବା ଗ୍ରହଣୀୟ ନୁହେଁ ବୋଲି ଆବେଦନାକରୀ ଅଭିଯୋଗ କରିଛନ୍ତି । ଏହି ମାମଲାରେ ସମବାୟ ନିବନ୍ଧକ,ବାଲେଶ୍ୱର ଜିଲ୍ଲାପାଳ,ସିଏସଓ ଓ ଅନ୍ୟ ମାନଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପବିତ୍ର କୁମାର ଦତ୍ତ ମାମଲା ପରିଚାଳନା କରୁଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୬ମସିହା ଜାନୁଆରି୧୩କୁ ଧାର୍ଯ୍ୟ କରାଯାଇଛି ।

## ତିନୋଟି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍

ନୀଳଗିରି, ୧୬।୧୨ (ସମିସ)

ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଗ୍ରାମାଞ୍ଚଳର ପ୍ରତି ପଞ୍ଚାୟତକୁ ରାଜ୍ୟ ତଥା କେନ୍ଦ୍ରସରକାର ଗୁରୁତ୍ୱ ଦେଇ ଉକ୍ତ ପଞ୍ଚାୟତ ଗୁଡ଼ିକର ସର୍ବବିଧ ଉନ୍ନତି ଲକ୍ଷ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଅଛି । ମାତ୍ର କିଛି ଅସାଧୁ ଏବଂ ଦୁର୍ନୀତିଖୋର ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଉନ୍ନୟନକାର୍ଯ୍ୟ ଦିଶାହୀନ ହେଉଥିବା ଅଭିଯୋଗ ଉଠିଛି । ଏଭଳି ଏକ ଘଟଣା ନୀଳଗିରି ପଞ୍ଚାୟତସମିତି ଅଧୀନରେ କାର୍ଯ୍ୟରତ ଜୈନିକ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ହୋଇଛି । ନୀଳଗିରି ବ୍ଲକ୍ ମାଟିଆଳୀ, ନରସିଂହପୁର ଏବଂ ଆର.କେ.ପୁର ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଭରତଚନ୍ଦ୍ର ସିଂ ତିନିବର୍ଷରୁ ଅଧିକ ନୀଳଗିରି ବ୍ଲକ୍‌ରେ କାର୍ଯ୍ୟରତ ଥିବାବେଳେ ଉକ୍ତ ପଞ୍ଚାୟତଗୁଡ଼ିକୁ ଏପରିକି ବ୍ଲକକୁ ସଠିକ୍ ଆସୁନଥିବା ଅଭିଯୋଗ ହୋଇଛି । ଅଧିକାଂଶ ସମୟରେ ଝରଣାଘାଟି ଅଞ୍ଚଳରେ ରହୁଥିବା ଅଭିଯୋଗ ହୋଇଛି । ଫଳରେ ପଞ୍ଚାୟତ ଗୁଡ଼ିକର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏପରି ଅଭିଯୋଗ ବିଡ଼ିଓ ଓ ଜିଲ୍ଲାପରିଷଦ ଅଧକ୍ଷଙ୍କୁ ମଧ ଜଣାଯାଇଥିବା ଉଲ୍ଲେଖ ରହିଛି । ଜିଲ୍ଲାପରିଷଦ ତରଫରୁ ସଂପୃକ୍ତ ଯନ୍ତ୍ରୀଙ୍କୁ ଔପଦା ବ୍ଲକ୍‌କୁ ଆଡମିଷ୍ଟ୍ରେଟିଭ ଗ୍ରାଉଣ୍ଡରେ ବଦଳି ହୋଇଥିବା ସୂଚନା ମିଳିଥିବା ବେଳେ ତାଙ୍କୁ ଏପର୍ଯ୍ୟନ୍ତ ରିଲିଫ୍ କରାଯାଇନାହିଁ । କାହା ଚାପରେ ଯନ୍ତ୍ରୀଙ୍କ ବଦଳିକୁ କାର୍ଯ୍ୟାନ୍ୱୟନ୍ କରାଯାଇନାହିଁ ଏହା ତଦନ୍ତ ସାପେକ୍ଷ । ଏପଟେ ଠିକାଦାର କାମକରି ବିଲ୍ ପାଇନଥିବାବେଳେ ଯନ୍ତ୍ରୀ ଜଣକ ତାଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି ।

ଆସୁନାହାନ୍ତି କନିଷ୍ଠଯନ୍ତ୍ରୀ

## ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାର ମହାମହୋତ୍ସବ



ଜଳେଶ୍ୱର,୧୬।୧୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଡ଼ନା ଗ୍ରାମର ପରମ ପ୍ରଭୁ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାର ମହାମହୋତ୍ସବ ରବିବାର ଦିବସ ବ୍ୟାପୀ ଅନୁଷ୍ଠିତ ହୋଇ ଯାଇଛି । ପ୍ରାତ ୬ ଘଟିକା ସମୟରେ ବର୍ଡ଼ନା ଆନନ୍ଦମୟୀ ପାଠଚକ୍ର ଟ୍ରଷ୍ଟ ଶ୍ରୀଅରବିନ୍ଦ ଭବନ ପକ୍ଷରୁ ଭାରତର ଆଧାତ୍ମିକ ପତାକା ଉତ୍ତୋଳନ, ବନ୍ଦେ ମାତରମ ଗାନ ଏବଂ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମାତୃ ପ୍ରକୋଷ୍ଠରେ ନାମଜପ ଶୁଭାରମ୍ଭ ହୋଇଥିଲା । ପୂର୍ବାହ୍ନ ୯ ଟା ସମୟରେ ଶ୍ରୀ ଅରବିନ୍ଦ ସାହିତ୍ୟ ମନ୍ଦିର ଭେଲୋରାଠାରୁ ଶ୍ରୀ ଅରବିନ୍ଦ ସାଧନା ମନ୍ଦିର ବର୍ଡ଼ନା ଅଭିମୁଖେ ବନ୍ଦେ ମାତରମ ସଙ୍ଗୀତ ସହ ୫୦ଟି ମଟର ସାଇକେଲ ଶୋଭାଯାତ୍ରାରେ ଆସିବା ସମୟରେ ଚାଳନ୍ତି ଗ୍ରାମର ଶ୍ରଦ୍ଧାଳୁଙ୍କ ଦ୍ୱାରା ଦର୍ଶନ କରି ପୁଷ୍ପ, ଦୀପ ଓ ଧୂପ ପୂର୍ବକ ସ୍ୱାଗତ କରା ଯାଇଥିଲା । ସେଠାରୁ ଆସିବା ରାସ୍ତାରେ ଛାମୌଜ ଗ୍ରାମର ଶ୍ରଦ୍ଧାଳୁ ମାନେ ପାଛୋଟି ନେଇ ଦର୍ଶନ କରିବା ପରେ ବର୍ଡ଼ନା ସ୍ଥିତ ପ୍ରଭୁଙ୍କ ଆଶ୍ରମକୁ ଶ୍ରଦ୍ଧାଳୁ, ଗ୍ରାମର ସାଧାରଣ ଲୋକେ ଓ ସ୍କୁଲ ପିଲାମାନେ ପାଛୋଟି ଆଣି ଥିଲେ । ୧୧ ଟା ୩୦ ମିନିଟ ସମୟରେ "ଶ୍ରୀ ଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ" ଆଶ୍ରମ ପରିସରକୁ ଆଗମନ ପରେ ଭବ୍ୟ ସ୍ୱାଗତ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନ ୩ଟାରେ ସାଧାରଣ ଦର୍ଶନ ମଣ୍ଡପରୁ ଧ୍ୟାନ ମନ୍ଦିରକୁ ପ୍ରଭୁଙ୍କ ଶ୍ରୀତନୁ ପ୍ରବେଶ ପରେ ପବିତ୍ର ଶ୍ରୀତନୁ ପ୍ରତିଷ୍ଠା, ୧୫ ମିନିଟ ସମବେତ ଧ୍ୟାନ ଶେଷ ହେବା ପରେ ମନ୍ଦିର ଭିତରକୁ ସର୍ବସାଧାରଣ ଦର୍ଶନ ସହିତ ମିଷ୍ଟାନ ବଣ୍ଟନ, ବାଣୀ ଓ ପୁଷ୍ପ ବଣ୍ଟନ କାର୍ଯ୍ୟକ୍ରମ ଓ ସନ୍ଧ୍ୟା ୬ ଟାରେ ଭାରତର ଆଧାତ୍ମିକ ପତାକା ଅବତରଣ କରା ଯାଇଥିଲା ।

## ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦେହାନ୍ତ

ବାଲିଆପାଳ, ୧୬।୧୨ (ସମିସ): ବାଲିଆପାଳ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅନନ୍ତ ନାଗ ଡଗରାସ୍ଥିତ ତାଙ୍କ ବାସଭବନରେ ୭୭ ବୟସରେ ମଙ୍ଗଳବାର ଅପରାହ୍ନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବାଲିଆପାଳ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇଥିଲେ । ତାଙ୍କ ମୃତ୍ୟୁରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର



ପ୍ରଧାନ, ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ସରୋଜ କୁମାର ପିଳା, ଦେବ କୁମାର ଦେ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଡ଼ ପୁଅ ପାର୍ଥ ସାରଥି ନାଗ ମୁଖାଗିନ୍ ଦେଇଥିଲେ ।

## ବାଲିଆପାଳ ବ୍ଲକରେ ଓଷ୍ଟାର ଶିଶୁ ମହୋତ୍ସବ



ବାଲିଆପାଳ, ୧୬।୧୨ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗାଇସ୍ଥିତ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଶିଶୁ ମହୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ବ୍ଲକ ଓଷ୍ଟା ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଉଦଘାଟକ ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦୟାନିଧି ସାହୁ ଓଷ୍ଟା ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ ସଭାପତି ଓଷ୍ଟା ଶିକ୍ଷକ ସଂଘ ବିଜୟମହାନ୍ତି, ପୂର୍ବତନ ବ୍ଲକ ସମ୍ପାଦକ ଓଷ୍ଟା ଶିକ୍ଷକ ସଂଘ ବିନୋଦ ଜେନା, ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଜହରି ସେଠୀ ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଓଷ୍ଟା ଶିକ୍ଷକ ସଂଘର ବ୍ଲକ ସମ୍ପାଦକ ଅନନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ସଞ୍ଜୟ ଭୂୟାଁ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲା ବେଳେ ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକର ୩୮ଟି ଉଚ୍ଚ ବିଦ୍ୟାଳୟରୁ ୧୦ଟି ବିଭାଗରେ ୩୮୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତି ବିଭାଗରୁ ଦୁଇ ଜଣ ଲେଖାଏଁ ଛାତ୍ରଛାତ୍ରୀ ଆସନ୍ତା ୨୦ ଏବଂ ୨୧ ତାରିଖରେ ଜଳେଶ୍ୱର ବ୍ଲକ ଶାଳିକୋଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେବେ ବୋଲି ଜିଲ୍ଲା ଓଷ୍ଟା ସମ୍ପାଦକ ସୂଚନା ଦେଇଛନ୍ତି । ସେହିପରି ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସଭାରେ ମୁଖ୍ୟ ଅତିଥି ଭାବରେ ଓଷ୍ଟା ଶିକ୍ଷକ ସଂଘର ପୂର୍ବତନ ରାଜ୍ୟ ଉପ ସଭାପତି ରେବତୀ ଜେନା, ଲତାଯୋଡି ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବିଦ୍ୟାଳୟର ଆଲମୁନି କମିଟିର ସଭାପତି ଶ୍ରୀକାନ୍ତ କାମିଲା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ମହିଳାଙ୍କ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

ସୋର, ୧୬।୧୨(ସମିସ): ସୋର ବ୍ଲକ କେଶରୀପୁର ପଞ୍ଚାୟତ ବଗଦା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କଲା ସୋର ପୁଲିସ । ବଗଦା ଗ୍ରାମର ବିକାଶ ମଳିକ ପିଞ୍ଚାବଣିଆ ଗ୍ରାମର ଏକାଦଶୀ ମଳିକଙ୍କ ଝିଅ ଜୟନ୍ତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ଗତ ରବିବାର ମଧ୍ୟାହ୍ନରେ ଜୟନ୍ତୀ ଆତ୍ମହତ୍ୟା କରିଥିବା କଥା ଶଶୁର ଘର ଲୋକେ ଜୟନ୍ତୀଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ । ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚିଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜାଣିବାକୁ ପାଇଥିଲେ । ଜୟନ୍ତୀଙ୍କୁ ଶଶୁର ଘର ଲୋକେ ଅଧିକ ଯୌତୁକ ଦାବିକରି ତାଙ୍କୁ ହତ୍ୟା କରିଥିବା ନେଇ ମୃତ ମହିଳାଙ୍କ ମାଆ କମଳା ମଳିକ ସୋର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲା । ଆଜି ସକାଳେ ମୃତ ମହିଳାଙ୍କ ସ୍ୱାମୀ ବିକାଶ ମଳିକକୁ ପୁଲିସ ଗିରଫ କରିଥିଲେ । ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

## ମାରପିଟ୍‌ରେ ତିନି ଗୁରୁତର

ନୀଳଗିରି, ୧୬।୧୨ (ସମିସ): କିଛି ମାସ ପୂର୍ବରୁ ଉଭୟ ପକ୍ଷଙ୍କ ମଧ୍ୟରେ ସାମାନ୍ୟ ଗଣ୍ଡଗୋଳ ସହ ଧମକ ଚମକ୍ ହୋଇଥିଲା । ଶେଷରେ ଦୁଇ ଭାଇ ଅପର ପକ୍ଷର ବଂଶ ନିପାତ୍ କରିଦେବାର ଧମକ ଦେଇଥିଲେ । ମଙ୍ଗଳବାର ଦିନ ଦୁଇ ଭାଇ ବଦଲା ନେଇଥିବା ବେଳେ ଗଣ୍ଡଗୋଳରେ ତିନି ଜଣ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି । ଖନ୍ତାପଡା ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର ଅନନ୍ତ ରାଉତଙ୍କ ପୁଅ କାହ୍ନୁ ଚରଣ ରାଉତ ନିଜ ବାଇକ୍‌ରେ ନୀଳଗିରି ଆସୁଥିବା ବେଳେ ଶେରଗଡ଼ ନୀଳଗିରି ରାସ୍ତାର ଖଜିରା ଛକ ନିକଟରେ ତଳକହାଳୀଆ ଗ୍ରାମର ଭାସ୍କର ପାତ୍ରର ଦୁଇ ପୁଅ ତପନ ପାତ୍ର ଓ ମହେଶ୍ୱର ପାତ୍ର କାହ୍ନୁକୁ ଅଟକାଇ ବାଉଁଶ ଠେଙ୍ଗାରେ ବାଡେଇବାରୁ କାହ୍ନୁ ମଧ ଦୁଇ ଭାଇଙ୍କୁ ବାଡେଇ ଥିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ପାଇଁ ଖଣ୍ଡ ଯୁଦ୍ଧ ଲାଗିଥିଲା । ଫଳରେ କାହ୍ନୁର ମୁଣ୍ଡ ଫାଟି ଥିବା ବେଳେ ଦୁଇ ଭାଇଙ୍କ ମୁଣ୍ଡ, ମୁହଁରେ ଆଘାତ ଲାଗିଥିବା ବେଳେ ତିନି ଜଣଙ୍କୁ ନୀଳଗିରି ମେଡିକାଲକୁ ଅଣା ଯାଇଅଛି । କାହ୍ନୁ ରାଉତ ଗୁରୁତର ଥିବବେଳେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । କାହ୍ନୁ ରାଉତର ଭାଇ ଏ ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ନୀଳଗିରି ପୁଲିସ ତୁରନ୍ତ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି । ଘଟଣାଟି ଖନ୍ତାପଡା ଥାନା ଅଧୀନରେ ଘଟିଥିବାର ଜଣା ପଡିଛି । ଅପର ପକ୍ଷରେ ତପନ ପାତ୍ର ମଧ ଥାନାରେ ଅଭିଯୋଗ କରିଥିବାର ଶୁଣିବାକୁ ମିଳୁଛି ।

## ଲାୟନ୍ସ କ୍ଲବ ଏମ୍‌ପାୱାରର ସେବାକାର୍ଯ୍ୟ




ବାଲେଶ୍ୱର, ୧୬।୧୨(ସମିସ): ଲାୟନ୍ସ କ୍ଲବ ଏମପାୱାର ପକ୍ଷରୁ ସେରଗଡ଼ ସ୍ଥିତ ଦିବ୍ୟ ମନ୍ଦିର ବୃଦ୍ଧାଶ୍ରମରେ ରବିବାର କମ୍ବଳ, ଔଷଧ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ପ୍ରବଳ ଶୀତକୁ ଲକ୍ଷ୍ୟ କରି କ୍ଲବ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କ୍ଲବ ର ସଭାପତି ରିତିକ ଜି ସୂଚନା ଦେଇଛନ୍ତି । ନିର୍ଦ୍ଦେଶକ ମିତା ମାନ୍ନା, ବିଶ୍ୱରୂପ ପରିଡ଼ା, ସଭ୍ୟା ତଥା କାଉନସିଲର ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ବିଭିନ୍ନ ସେବା ଯୋଗାଇ ଥିଲେ । ଭବିଷ୍ୟତରେ ମଧ କ୍ଲବ ପକ୍ଷରୁ ଏଭଳି ସାମାଜିକ କାର୍ଯ୍ୟ ଜାରି ରହିବ ବୋଲି ସଭାପତି ଶ୍ରୀ ରିତିକ ସୂଚନା ଦେଇଛନ୍ତି । ବୃଦ୍ଧାଶ୍ରମର ପରିଚାଳକ ଶରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



ବସ୍ତା ବ୍ଲକ, ୧୬।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମହିଳା ଓ ଶିଶୁ ସମ୍ମନିତ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଭାରପ୍ରାପ୍ତ ସିଡିପିଓ ସ୍ନେହଲତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗ ଦେଇ ରାଜ୍ୟରେ ବିଭିନ୍ନ ପ୍ରକାର ନିର୍ଯାତନା ର ଶିକାର ମହିଳା କିପରି ନ୍ୟାୟ ପାଇବେ ସେ ନେଇ ଆଇନର ଦିଗ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମହିଳା କମିଶନ ନିର୍ଯାତିତାଙ୍କୁ ନ୍ୟାୟ ଦେବା ପାଇଁ ବଦ୍ଧ ପରିକର ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଅନ୍ୟ ଅତିଥି ମଧ୍ୟରେ ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ବସ୍ତା ଏସ ଡି ପି ଓ ମାନସ କୁମାର ଦେଓ, ବିଡ଼ିଓ ମିହିର ରଞ୍ଜନ ବେହେରା ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡ଼ି, ଦେବିକା ସୋରେନ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଟ୍ରେନର ଡ. ଟୁନା ସାହୁ ମହିଳା ଆଇନ ଉପରେ ଉପସ୍ଥିତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଛାତ୍ରୀଙ୍କୁ ସଚେତନ କରିଥିଲେ । ରାଜ୍ୟ ମହିଳା କମିଶନ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ବସ୍ତା ଗସ୍ତ ହୋଇଥିବା ବେଳେ ସେ ବସ୍ତା ବ୍ଲକ ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ରେଣୁବାଳା ପାତ୍ର, କାଞ୍ଚନବାଳା ଦାସଙ୍କ ସମେତ ଅନ୍ୟ ଅଙ୍ଗନବାଡ଼ି କର୍ମୀ, ବିଭାଗୀୟ ସୁପର ଭାଇଜର ଓ କର୍ମଚାରୀ ସଭା ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩ଶହରୁ ଅଧିକ ମହିଳା କର୍ମୀ ଯୋଗ ଦେଇ ଥିଲେ ।

## ବ୍ୟାସକବି ସାହିତ୍ୟ ସଂସଦର ପ୍ରତିଷ୍ଠାତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୧୬।୧୨ (ସମିସ): ବ୍ୟାସକବି ସାହିତ୍ୟ ସଂସଦ ର ପ୍ରତିଷ୍ଠାତା ସଂପାଦକ ଯତିନ୍ଦ୍ର ସ୍ୱାଇଁଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ଗୋଡ଼ିଶୁଳ ଗାଁର ବାସଭବନରେ ରାଜ୍ୟ ସଭାପତି ବିପିନ ବିହାରୀ ବାରିକଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅଣୁ କବି ମନୋରଞ୍ଜନ ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ ବାମନ ଚନ୍ଦ୍ର ମହାନ୍ତି, ବ୍ୟଙ୍ଗ କବି ପ୍ରଭାକର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ନାୟକ, ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର, ବରିଷ୍ଠ ଉପଦେଷ୍ଟା ସୋମନାଥ ନାୟକ, ସୋନପୁରର ଶିକ୍ଷକ ନେତ୍ରୀ ଅନିତା ମେହେର ଓ ଭାଗ୍ୟଶ୍ରୀ ମିଶ୍ର, ନବରଙ୍ଗପୁର ଜିଲ୍ଲାର ଶିକ୍ଷକ ପ୍ରତିନିଧି ବିଭୁ ଚରଣ ସିରା, ଶିକ୍ଷକ ପ୍ରତିନିଧି ସୁଶାନ୍ତ କୁମାର ଜେନା ଉପସ୍ଥିତ ରହି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଜୈବିକ 'ମୋ ଖତ' ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର,୧୬।୧୨ (ସମିସ): ଜଳେଶ୍ୱର ପୌରପରିଷଦ ପକ୍ଷରୁ ଜୈବିକ 'ମୋ ଖତ' ବିକ୍ରୟ କେନ୍ଦ୍ର ନୂଆ ବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି । ମଙ୍ଗଳବାର ବିକ୍ରୟ କେନ୍ଦ୍ରକୁ ପୌରପାଳ ପ୍ରତୀପ ପ୍ରଧାନ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ରସାୟନିକ ସାର ପ୍ରୟୋଗ




ଦ୍ୱାରା ଉର୍ବର କ୍ଷମତା ହ୍ରାସ ପାଉଥିବା ବେଳେ ମଳ ଉପଚାର କେନ୍ଦ୍ରରୁ ଉତ୍ପନ୍ନ ଉକ୍ତ ଜୈବିକ ସାର କିଲୋ ପିଛା ୧୦ ଟଙ୍କାରେ ଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି । କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, କାଉନସିଲର ଶିବ ନାରାୟଣ ମହାପାତ୍ର, ମିର ଆବାସ ଅଲ୍ଲୀ, ସୂରଜ ଚୈରାସିୟା, କନିଷ୍ଠ ଯନ୍ତ୍ରୀ ଧରିତ୍ରୀ ସିଂ, ବିଜୟ କାମିଲା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଉତ୍ସବର ଚତୁର୍ଥ ସନ୍ଧ୍ୟା



ବାଲେଶ୍ୱର,୧୬।୧୨(ସମିସ): ବାଲେଶ୍ୱର ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରସିଦ୍ଧ ଗାୟିକା ଅଞ୍ଜଳି ଦତ୍ତ, ଗାୟକ ସନତ କୁମାରଙ୍କ ସଂଗୀତ ଦର୍ଶକଙ୍କ ମନ ମୋହିଥିଲା । ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ଯୁବନେତା ଭାଗବତ ସାହୁ । ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ । ଅନୁଷ୍ଠାନ ଅଧ୍ୟକ୍ଷ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ଭାଷଣ ଦେଇଥିଲେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ । ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ସମ୍ମାନିତ ଅତିଥି ଭାବରେ ପାରିଷଦ ସତ୍ୟ ଶିବ ସୁନ୍ଦର ଦାଶ, କମିଟିର ଆଇନ ପରାମର୍ଶଦାତା ବିଜୟ କୁମାର ପଣ୍ଡା, ମୁଖ୍ୟ ଉପଦେଷ୍ଟା ଆଲୋକ ସାହୁ, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ମହିଳା ସଭାପତି ରଂଜିତା ମହାପାତ୍ର ଉପସ୍ଥିତ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଯୁବନେତା ଚିତ୍ତରଞ୍ଜନ ପଣ୍ଡା ।

## ଭାରତୀୟ ସେନାର ବିଜୟ ଦିବସ

## ଭୋଗରାଇ ଆରଏସଏସର ପ୍ରହାର ମାର ଶ୍ରଦ୍ଧାଞ୍ଜଳି

ଭୋଗରାଇ, ୧୬।୧୨(ସମିସ)

ଆଜିର ଦିନରେ ଭାରତ ପାକିସ୍ତାନୀ ସେନାକୁ ଯୁଦ୍ଧରେ ପରାସ୍ତ କରି ବାଂଲାଦେଶକୁ ମୁକ୍ତ କରିଥିଲା । ପ୍ରତିବର୍ଷ ଡିସେମ୍ବର ୧୬ରେ ଭାରତରେ ବିଜୟ ଦିବସ ପାଳନ କରାଯାଏ । ଏହି ଦିନ ଭାରତ ୧୯୭୧ ମସିହାରେ ପାକିସ୍ତାନ ବିରୁଦ୍ଧରେ ଐତିହାସିକ ଯୁଦ୍ଧରେ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲା । ଏହି ବିଜୟର ଫଳସ୍ୱରୂପ ବାଂଲାଦେଶ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ବିଶ୍ୱ ମାନଚିତ୍ରରେ ଉଭା ହୋଇଥିଲା । ଏହି ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରର ସଂଘର୍ଷ ନ ଥିଲା ବରଂ ମାନବତା, ନ୍ୟାୟ ଏବଂ ଅସମ୍ମାନ ପାଇଁ ଏକ ଲଢ଼େଇ ଥିଲା । ଭାରତୀୟ ସଶସ୍ତ୍ର ବାହିନୀ ଏବଂ ବାଂଲାଦେଶୀ ମୁକ୍ତି ବାହିନୀ ଅତୁଳନୀୟ ସାହସ ଏବଂ ବଳିଦାନ ପ୍ରଦର୍ଶନ କରିଥିଲେ, ଯାହା ଏହି ଯୁଦ୍ଧକୁ ସମାପ୍ତ କରିଥିଲା । ବିଭାଜନ ପରେ ପୂର୍ବ ପାକିସ୍ତାନରେ ବୃଦ୍ଧି ପାଇଥିବା ରାଜନୈତିକ ଏବଂ ସାଂସ୍କୃତିକ ବିଭାଜନ ଭାରତ-ପାକ୍ ଯୁଦ୍ଧର ମୂଳ କାରଣ ଥିଲା । ସାଧାରଣ ନାଗରିକଙ୍କ ବିରୁଦ୍ଧରେ ଅତ୍ୟାଚାର, ଗଣହତ୍ୟା ଏବଂ ମାନବାଧିକାର ଉଲ୍ଲଂଘନ ପରିସ୍ଥିତିକୁ ଆହୁରି ତୀବ୍ର କରିଥିଲା । ବିଧିଗତ ଭାବରେ ଯୁଦ୍ଧ ୩ ଡିସେମ୍ବର, ୧୯୭୧ରେ ଆରମ୍ଭ ହୋଇଥିଲା ଏବଂ ମାତ୍ର ୧୩ ଦିନ ମଧ୍ୟରେ ଇତିହାସ ରଚିଥିଲା । ଡିସେମ୍ବର ୧୬ରେ ପାକିସ୍ତାନୀ ସେନା ଢାକାରେ ଭାରତୀୟ ସେନା ଏବଂ ମୁକ୍ତି ବାହିନୀ ନିକଟରେ ଆତ୍ମସମର୍ପଣ କରିଥିଲା । ପ୍ରାୟ ୯୩ ହଜାର ପାକିସ୍ତାନୀ ସୈନିକଙ୍କ ଆତ୍ମସମର୍ପଣ ବିଶ୍ୱ ସାମରିକ ଇତିହାସ ଏକ ସବୁଠାରୁ ମହାନ ଘଟଣା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ସାମରିକ ଏବଂ କୂଟନୈତିକ ମୋର୍ଚ୍ଚା ଉଭୟରେ ଏହି ଯୁଦ୍ଧରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ଭାରତ କେବଳ ବାଂଲାଦେଶର ମୁକ୍ତିରେ ସହାୟତା କରିନଥିଲା ବରଂ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ନିରାପଦ ଆଶ୍ରୟ ମଧ ଦେଇଥିଲା । ଆଜି ୧୬ଡିସେମ୍ବର ୨୦୨୫ ବିଜୟ ଦିବସ, ଭାରତୀୟ ସେନାର ସାହସ, ନେତୃତ୍ୱ ଏବଂ ବଳିଦାନକୁ ପ୍ରହାର ମାର ଶ୍ରଦ୍ଧାଞ୍ଜଳି ଦିବସ ରୂପେ ଭୋଗରାଇରେ ପାଳନ କରାଯାଇଛି । ଆରଏସଏସର ଭୋଗରାଇ ପ୍ରଖଣ୍ଡ ପକ୍ଷରୁ ବିଭିନ୍ନ ଶାଖା ପ୍ରାନ୍ତରୁ ସ୍ୱୟଂ ସେବକ ମାନେ ପ୍ରହାର ମାର କାର୍ଯ୍ୟକ୍ରମ କରିଛନ୍ତି । ଏଥିରେ ଭୋଗରାଇ ଆରଏସଏସ ପ୍ରଖଣ୍ଡ କାର୍ଯ୍ୟାଳୟର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ସ୍ୱୟଂସେବକ ଦିନତମାମ ଦଣ୍ଡ ଧରି ୧ଲକ୍ଷରୁ ଅଧିକ ପ୍ରହାର କରିଛନ୍ତି ।

## ବଂଶୀଧର ମହାପାତ୍ର ପାଇବେ ଉପେନ୍ଦ୍ରନାଥ ସମ୍ମାନ

ସୋର,୧୬।୧୨(ସମିସ): ୨୦୨୫ ମସିହା ପାଇଁ ଉପେନ୍ଦ୍ରନାଥ ସମ୍ମାନ ପାଇବେ ବଂଶୀଧର ମହାପାତ୍ର । ପ୍ରତିବର୍ଷ ଓଡ଼ିଶାରେ ଶିକ୍ଷା ଅନୁଷ୍ଠାନ ଗଢିଥିବା ଜଣେ ମହାନ ବ୍ୟକ୍ତିଙ୍କୁ ଶିକ୍ଷାଗୁରୁ ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉପେନ୍ଦ୍ରନାଥ ସମ୍ମାନ ପ୍ରଦାନ କରାଯାଇଥାଏ । ସୋର ବ୍ଲକ ଅସ୍ତବାଙ୍କ ନିବାସୀ ଶ୍ରୀ ମହାପାତ୍ର ନିଜ ଗ୍ରାମରେ ପ୍ରତିଷ୍ଠା କରିଛନ୍ତି ବଂଶୀଧର ମହାପାତ୍ର ପ୍ରାଥମିକ ବିଦ୍ୟାଳୟ । ସେ ଜଣେ



ସୁସଂଗଠକ ଓ ଜଣେ ଅନୁଷ୍ଠାନ ଅନୁରାଗୀ ମଣିଷ । ଆସନ୍ତା ୨୮ ଡିସେମ୍ବର ରବିବାର ଦିନ ଉପେନ୍ଦ୍ର ସମାରୋହ ଅବସରରେ ସୋର ଶିକ୍ଷକ ଭବନଠାରେ ଶ୍ରୀ ମହାପାତ୍ରଙ୍କୁ ଭାରତବର୍ଷର ବିଶିଷ୍ଟ ଜନନେତା ଲିଙ୍ଗରାଜ ଆଜାଦ ଓ ସୁନାମଧନ୍ୟ ବ୍ୟଙ୍ଗକବି ସତ୍ୟାନାଶ ସମ୍ମାନିତ କରିବେ ବୋଲି ଉପେନ୍ଦ୍ରନାଥ ସ୍ମୃତି ପରିଷଦର ସଭାପତି ସୂଚନା ଦେଇଛନ୍ତି ।

# ତାନଶ୍ରୀ ପାଣିଗ୍ରାହୀଙ୍କୁ ଉତ୍କଳକନ୍ୟା ଉପାଧି




ବାଲେଶ୍ୱର,୧୬।୧୨(ସମିସ): ମୟୂରଭଞ୍ଜଠାରେ ୪୬ ତମ ରାଜ୍ୟସ୍ତରୀୟ ବାଣୀପୀଠ ମହୋତ୍ସବ ପାଳନ ହୋଇଯାଇଛି । ଏହି ସଂସଦର ପ୍ରତିଷ୍ଠାତା ଡକ୍ଟର କୁମାର ବାବୁଲିଙ୍କ ଅଧ୍ୟକ୍ଷତା ଓ ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ଓ ସୁସାହିତ୍ୟିକ ଡ. ଜଗତବନ୍ଧୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କବିତା ପାଠ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ଅଧ୍ୟକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସ୍ୱତନ୍ତ୍ର ଅତିଥି ରୂପେ ଡକ୍ଟର ଦୟାସିନ୍ଧୁ ପରିଡା, ସମ୍ମାନିତ ବକ୍ତା ଉଦଳା ଅଧ୍ୟକ୍ଷା କବି ପ୍ରମିଳା ପଣ୍ଡା,ଅତିଥି ଅଧ୍ୟକ୍ଷା ଡ. ଅସୀମା ପଣ୍ଡା, ଅତିଥି ବହିଘର ସଭାପତି କବି ଅଭୟ ଦାସ, ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଦାସ ବରେଣ୍ୟ ଅତିଥି ସୁସାହିତ୍ୟିକ ଓ ଶିକ୍ଷାବିତ ଡ. ନାରାୟଣ ଚନ୍ଦ୍ର ସେନାପତି ଇତ୍ୟାଦି ବିଭିନ୍ନ ଜିଲ୍ଲାରୁ ସୁସାହିତ୍ୟିକ ମାନେ ଯୋଗ ଦେଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ପୂର୍ବତନ ସାଂସଦ ଓ କବି ପ୍ରସନ୍ନ ପାଟଶାଣୀଙ୍କ କରକମଳରେ ଡ. ତାନଶ୍ରୀ ପାଣିଗ୍ରାହୀଙ୍କୁ ପ୍ରତିଭା ସ୍ୱର୍ଣ୍ଣ ପଦକ, ଟ୍ରଫି, ଅଙ୍ଗବାସ, ମାନପତ୍ର ସହିତ ଉତ୍କଳକନ୍ୟା ଉପାଧି ପ୍ରଦାନ କରାଯାଇଛି। ଶ୍ରୀମତୀ ପାଣିଗ୍ରାହୀ ପୂର୍ଣ୍ଣଚନ୍ଦ୍ରପୁର ମୟୂରଭଞ୍ଜର ଆଡ଼ଭୋକେଟ ଶିବବ୍ରତ ମହାପାତ୍ରଙ୍କ ସହଧର୍ମିଣୀ ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଆଚାର୍ଯ୍ୟା ଭାବେ କାର୍ଯ୍ୟରତା। ଉକ୍ତ କାର୍ଯ୍ୟକ୍ରମରେ କବି ସସ୍ମିତା ଦାଶଙ୍କ ସହ କବିତା ମଞ୍ଚରେ ସୁନ୍ଦର ସଂଯୋଜନା କରି ମଧ୍ୟ ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ।

## ସାଇବର ଠକେଇ

# ୩ ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡ ସହିତ ଜରିମାନା

ବାଲେଶ୍ୱର,୧୬।୧୨(ସମିସ)

ସାଇବର ଠକେଇ ଅଭିଯୋଗରେ ତିନି ଅଭିଯୁକ୍ତକୁ ବାଲେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପବିତ୍ର ମୋହନ ପଣ୍ଡା ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁଇ ଜଣ ଅଭିଯୁକ୍ତକୁ ତିନି ବର୍ଷ ପାଞ୍ଚ ମାସ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଓ ଏବଂ ଅନ୍ୟ ଜଣେ ଅଭିଯୁକ୍ତକୁ ୧୭ ମାସ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ପ୍ରକାଶ ଥାଉ କି, ତିନି ଅଭିଯୁକ୍ତ ମଧ୍ୟରୁ ଦୁଇ ଜଣ ଅଭିଯୁକ୍ତ ନାଇଜେରିଆ ଓ ନାଗାଲାଣ୍ଡ ବାସିନ୍ଦା। ମାମଲାକୁ ସରକାର ତରଫରୁ ଓକିଲ ଲତିକା ରଣା ପରିଚାଳନା କରୁଥିଲେ।

ଅଭିଯୋଗ ଅନୁସାରେ, ଦୁଇ ଜଣ ନାଇଜେଆନ ସାମସୋମ ଏମିକେ ଏଲିକା ଓ ଇମାନୁଏଲ ନମାନୀ ଏବଂ ଟି. ସୁଚିମ ଯିଏକି ଜଣେ ଭାରତୀୟଓ ନାଇଜେରିଆନ ଇମାନୁଏଲ ନମାନୀର ସ୍ତ୍ରୀ ସାଇବର ଠକେଇର ଲିପ୍ତ ଥିଲେ। ସେମାନେ ବିଭିନ୍ନ ଲୋକଙ୍କୁ ଫେସବୁକରେ ଟାର୍ଗେଟ କରି କଷ୍ଟମ ଅଫିସର ହୋଇ ଚାର୍ଜ ମାଗୁଥିଲେ। ଚାର୍ଜ ନ ଦେଲେ ଲିଗାଲ ଆକ୍ସନ ନିଆଯିବ ବୋଲି ଧମକ ଦେଉଥିଲେ। ଲୋକମାନେ ସେମାନଙ୍କ କଥାରେ ଫସିଯାଇ ସାଇବର ଠକେଇର ଶିକାର ହୋଇଥିଲେ। ଏହିପରି ବାଲେଶ୍ୱରର ଜଣେ ବ୍ୟକ୍ତି ଠକାମିର ହୋଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ୨୦୨୨ ମସିହା ଅଗଷ୍ଟ ମାସରେ ଦିଲ୍ଲୀରୁ ଗିରଫ କରି ଜେଲ୍ ପଠାଇଥିଲେ। ଟି.ସୁଚିମକୁ ଜାମିନ ମିଳିଥିବା ବେଳେ ଅନ୍ୟ ଦୁଇଜଣକୁ ଜାମିନ ମିଳିନଥିଲା। ଏହି ଦୁଇଜଣ ନାଇଜେରିଆନ୍ ବିଚାରଧୀନ କଏଦୀ ଭାବେ ଜେଲ୍ ରେ ଥିଲେ। ଆଜି ସେମାନଙ୍କର ବିଚାରର ଶୁଣାଣୀ ଥିଲା। ସମସ୍ତ ସାକ୍ଷୀ ପ୍ରମାଣକୁ ଆଧାର କରି ବିଚାରପତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋର୍ଟ ଧାରା ୪୧୯/୩୪, ଧାରା ୪୨୦/୩୪ ଏବଂ ଇନଫରମେସନ୍ ଟେକ୍ନୋଲୋଜି ଆକ୍ଟ ଧାରା ଅନୁସାରେ ଦୋଷୀ ମାନଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ଡ. ବଂଶୀଧର ଚୌଧୁରୀଙ୍କ ଉଦ୍ଦେଶ୍ୟରେ ଶୋକସଭା

ବାଲେଶ୍ୱର,୧୬।୧୨(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସଚନ୍ଦ୍ର ପାତ୍ର ଓ ସମ୍ପାଦକ ଡ. ରତ୍ନାକର ସିଂହଙ୍କ ଅଧ୍ୟକ୍ଷତାରେ ଡ. ବଂଶୀଧର ଚୌଧୁରୀଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ. ବଂଶୀଧର ଚୌଧୁରୀ ଏକାଧାରରେ ଫକୀରମୋହନ ସାହିତ୍ୟ ପରିଷଦ ପ୍ରାକ୍ତନ ଯୁଗ୍ମ ସମ୍ପାଦକ, ସମ୍ପାଦକ, ମେଳାପୀ ଅଧ୍ୟାପକ, କବି, ପ୍ରାବନ୍ଧିକ, ଗବେଷକ, ଦୃଢ଼ ସଂଗଠକ ଭଦ୍ର, ମାର୍ଜିତ ସଚ୍ଚୋଟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ବରିଷ୍ଠତା ଭିତ୍ତିରେ ଶୋକ ସଭାରେ ପ୍ରଥମେ ପଦ୍ମଲୋଚନ ଦତ୍ତ ଶୋକ ବ୍ୟକ୍ତ କରିବା ସହିତ ଜଣେ ଭଲ ମଣିଷକୁ ଆମେ ହରେଇଲୁ ବୋଲି ମତବ୍ୟକ୍ତ କରିଥିଲେ। ପରେ ଅନସୂୟା ନାୟକ ତାଙ୍କର ବିୟୋଗରେ ଭଲ ସାହିତ୍ୟିକଙ୍କୁ ଫକୀରମୋହନ ମାଟି ହରାଇଲା ବୋଲି ଶୋକବ୍ୟକ୍ତ କରିଥିଲେ। ଡ. କ୍ଷିତିଶ୍ୱର ଦାଶ, ଉପ ସଭାପତି ଦୀନବନ୍ଧୁ ଲେଙ୍କା, ଅନ୍ୟତମ ବରିଷ୍ଠ ସଦସ୍ୟ ଅଶ୍ୱିନୀ ଶତପଥୀ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କରି ସଭାପତିତ୍ୱ କାଳରେ ଡ.ଚୌଧୁରୀ ସମ୍ପାଦକ ଥିଲେ। ପୂର୍ବରୁ ସେ ମଧ୍ୟ ଯୁଗ୍ମ ସମ୍ପାଦକ ରହିଥିଲେ। ଡ. ଶିରୀଶ ଚନ୍ଦ୍ର ଜେନା, ଉଦୟ ନାରାୟଣ ଦାସ ଏବଂ ଅନ୍ୟତମ ଘନିଷ୍ଠ ବନ୍ଧୁ ଡ. ରାଧାରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଉପସଭାପତି ଅଞ୍ଜଳି ପଣ୍ଡା, ବନ୍ଧୁ ଶଚୀନ୍ଦ୍ର କର, କାଳିକିଙ୍କର ଦାସ, ସ୍ମୃତିଲେଖା ଦେ, ଦୀପ୍ତିରେଖା ଦାସ, ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ଯୁଗ୍ମ ସମ୍ପାଦକ ରାଜେଶ ଗିରି, ପ୍ରାକ୍ତନ ଯୁଗ୍ମ ସମ୍ପାଦକ ଚନ୍ଦ୍ରାଂଶୁ ବାନାର୍ଜୀ, ଆଇନଜୀବୀ ଦୀପକ ଦାସ, କରୁଣାକର ସୋ, ବିଦ୍ୟାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍‌ଲାଇନ୍ ସୁରକ୍ଷା ଓ ସାଇବର ଅପରାଧ ସମ୍ବନ୍ଧୀୟ ସଚେତନତା କର୍ମଶାଳା



ବାଲେଶ୍ୱର,୧୬।୧୨(ସମିସ): 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅଧୀନରେ ଅନଲାଇନ ସୁରକ୍ଷା ଓ ସାଇବର ଅପରାଧ ସମ୍ବନ୍ଧୀୟ ସଚେତନତା ଉଦ୍ଦେଶ୍ୟରେ ଏକ କର୍ମଶାଳା ଜିଲ୍ଲା ଅଡିଟୋରିୟମ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ନୀଳଗିରି ଉପ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଡିଏଲଏସଏ ଅଧିକାରୀ ଅମ୍ବୁଜା କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ବିଶେଷଜ୍ଞ ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ ଓ ସାଇବର ଥାନା ଇନ୍ସପେକ୍ଟର ମୀନା ବିନ୍ଧାଣି ବାଳିକାମାନଙ୍କୁ ଅନଲାଇନ ସୁରକ୍ଷା, ସାଇବର ଠକେଇ, ସୋସିଆଲ ମିଡିଆ ବ୍ୟବହାରର ସତର୍କତା ସମ୍ବନ୍ଧରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ ସାଇବର ଅପରାଧର ଶିକାର ନହେବା ପାଇଁ ସଚେତନ ରହିବାକୁ ଆହ୍ୱାନ ଜଣାଇଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ଜିଲ୍ଲା ହବ୍ କର୍ମକର୍ତ୍ତା, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଆଇସିଡିଏସ ପ୍ରକଳ୍ପ ଅଧିକାରୀ ସ୍ୱପ୍ନା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପୁଣେ ଗସ୍ତ

ବାଲେଶ୍ୱର,୧୬।୧୨(ସମିସ): ମହାରାଷ୍ଟ୍ର ପୁନେଠାରେ ଜାତୀୟ ମହିଳା ଓ କନିଷ୍ଠ ବର୍ଗ ଚେସ ଚାମ୍ପିଅନସିପ୍ ଡିସେମ୍ବର ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ଫେଡେରେସନ୍‌ର ନିମନ୍ତ୍ରଣ କ୍ରମେ ବାଲେଶ୍ୱର ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଛାତ୍ର ଚନ୍ଦନ ସୋରେନ, ମୋହନ ଟୁଡ୍ଡୁ, ବାପୁନି ଜେନା, ଅସିନି ନାୟକ, କନିଷ୍ଠ ଦଳରେ ଭାଗ ନେଲା ବେଳେ ଇତି କ୍ରିଷ୍ଣା ଭଞ୍ଜ, ମନିଷା ଟୁଡ୍ଡୁ, ମେଘନା ସିଂ, ମହିଳା ଦଳରେ ଭାଗ ନେବା ପାଇଁ ଆଜି ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରଜିତ ନାୟକ ଓ ଶିକ୍ଷୟିତ୍ରୀ ବାସନ୍ତୀ ସିଂଙ୍କ ତତ୍ତ୍ୱାବଧାନରେ କୋଣାର୍କ ଏକ୍ସପ୍ରେସ ଯୋଗେ ପୁଣେ ଯାତ୍ରା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ନିର୍ଦ୍ଦେଶକ ଦିବାକର ସ ପ୍ରତିଯୋଗୀଙ୍କୁ ଆଶୀର୍ବାଦ ସହ ସଫଳ କାମନା କରିଛନ୍ତି।



# ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆନ୍ତଃରାଜ୍ୟ ପରିଦର୍ଶନ କାର୍ଯ୍ୟକ୍ରମ




ବାଲେଶ୍ୱର,୧୬।୧୨(ସମିସ): ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷକ ଉତ୍ପାଦକ ଗୋଷ୍ଠୀଙ୍କ ପଶ୍ଚିମବଙ୍ଗକୁ ଆନ୍ତଃରାଜ୍ୟ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୃଷକ ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବସାୟିକ ଦୃଷ୍ଟିରୁ ସଶକ୍ତ ଏବଂ ପରିଚାଳନା କ୍ଷମତା ବୃଦ୍ଧି ଇତ୍ୟାଦିର ଆଭିମୁଖ୍ୟ ନେଇ ବାଲେଶ୍ୱର ଜିଲ୍ଲାରୁ ୧୩ ଜଣ କର୍ମକର୍ତ୍ତା ପଶ୍ଚିମବଙ୍ଗର ଝାରଗ୍ରାମ କୃଷି ବିଜ୍ଞାନ କେନ୍ଦ୍ର ଓ ଝାରଗ୍ରାମ କୃଷକ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ପରିଦର୍ଶନ କରିଛନ୍ତି। କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡ. କମଳାକାନ୍ତ ବେହେରା ଓ ବିହନ ବିଭାଗ କାର୍ଯ୍ୟକ୍ରମ ସହାୟକ ନିରୋଜ କୁମାର ଜେନାଙ୍କ ସହାୟତାରେ ଆୟୋଜିତ ହୋଇଥିଲା। ଝାରଗ୍ରାମ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅସିତ କୁମାର ମାଇତି, ଉଦ୍ୟାନ ବିଭାଗ ବୈଜ୍ଞାନିକ ଡ. ଶ୍ରାବଣୀ ଦାସ ଏବଂ କାର୍ଯ୍ୟକ୍ରମ ସହାୟକ ଡ. ତନୟ ସେନଗୁପ୍ତା କେନ୍ଦ୍ରରେ ଥିବା କୃଷି ଏକକ ଓ କୃଷି ପଦ୍ଧତିର ମଡେଲ ଗୁଡ଼ିକ ପରିଦର୍ଶନ କରାଇଥିଲେ। ଏହି ଅବସରରେ ଝାରଗ୍ରାମ କୃଷକ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଉଦୟ ମଲ୍ଲିକଙ୍କ ସହିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେ ତାଙ୍କର କଷ୍ଟମ ହାୟାରିଂ ୟୁନିଟ ସହିତ ଡ୍ରୋନ୍ ଏବଂ ବିଭିନ୍ନ କୃଷି ପଦ୍ଧତି ମଡେଲ ଗୁଡ଼ିକର ପରିଦର୍ଶନ କରାଇଥିଲେ। ପ୍ରୋଜେକ୍ଟ ମ୍ୟାନେଜର ଅନୀଲ କୁମାର ତିୱାରୀ ଡ୍ରୋନ୍ ର ଉପକାରିତା ବିଷୟରେ ଆଲୋଚନା କରିଥିଲେ।

# ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ଭୋଗରାଇ,୧୬।୧୨(ସମିସ): ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଞ୍ଚାୟତ ଖଳାବାଡିଆ ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ୱାର୍ଡସଭ୍ୟ ବନମାଳୀ ପାତ୍ର(୮୦)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସେ ଅବିଭକ୍ତ ରସଲପୁର ପଞ୍ଚାୟତର ପୂର୍ବତନ ୱାର୍ଡସଭ୍ୟ ସହିତ ବରିଷ୍ଠ ବିଜେଡି ନେତା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ପରିଷଦ ସଦସ୍ୟ ଦମୟନ୍ତୀ ସାହୁ, କୁମ୍ଭୀରଗଡି ସରପଞ୍ଚ ବର୍ଷାରାଣୀ ପରିଡ଼ା, ସମିତି ସଦସ୍ୟ ଝରଣା ସାହୁ, ରାକେଶ ପରିଡା, ସୂର୍ଯ୍ୟକାନ୍ତ ସାହୁ, ଅକ୍ଷୟ ଦଳାଇ ସହିତ ବହୁ ବିଜେଡ଼ି କର୍ମୀ ମାନେ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା ବେଳେ ପୁଅ ଗୌରାଙ୍ଗ ପାତ୍ର ମୁଖାଗ୍ନି ଦେଇଥିଲେ।

# 'ବିକାଶଶୀଳ ଭାରତ ଓ ବିକଶିତ ଭାରତ' ଶିକ୍ଷଣୀୟ ଅଧିବେଶନ



ବାଲେଶ୍ୱର,୧୬।୧୨(ସମିସ): "ବିକାଶଶୀଳ ଭାରତ ଓ ବିକଶିତ ଭାରତ' ବିଷୟରେ ଶିକ୍ଷଣୀୟ ଅଧିବେଶନ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ପ୍ରଖ୍ୟାତ କୂଟନୀତିଜ୍ଞ ଏବଂ ରଣନୀତିକ ବିଶ୍ଳେଷକ ରାଜଦୂତ ଡ଼କ୍ଟର ଦୀପକ ଭୋହରା ଏହି ଅଧିବେଶନର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଓ କର୍ମଚାରୀମାନଙ୍କୁ ଭାରତର ବିକାଶ ଯାତ୍ରା ଓ ଭବିଷ୍ୟତ ସମ୍ପର୍କରେ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ରାଜଦୂତ ଡ. ଭୋହରା "ଭାରତ'କୁ ଏକ ସଶକ୍ତ ତଥା ସଭ୍ୟତାମୂଳକ ରାଷ୍ଟ୍ର ଭାବେ ବ୍ୟାଖ୍ୟା କରି ତାହାର ମୂଲ୍ୟବୋଧ, ସଂସ୍କୃତି ଓ ସମାବେଶୀତା ଉପରେ ଅବଗତ କରାଇଥିଲେ। ସେହିପରି "ବିକଶିତ ଭାରତ'କୁ ଆଧୁନିକ, ସ୍ୱୟଂନିର୍ଭର ଏବଂ ବିଶ୍ୱମଞ୍ଚରେ ପ୍ରଭାବଶାଳୀ ରାଷ୍ଟ୍ର ଭାବେ ଉପସ୍ଥାପନ କରିଥିଲେ। ଭାରତର ଅର୍ଥନୈତିକ ବିକାଶ, ଭୌଗୋଳିକ-ରାଜନୈତିକ ସ୍ଥିତି, ଯୁବଶକ୍ତି ଭିତ୍ତିକ ନବୋନ୍ମେଷ ଏବଂ ଶିକ୍ଷା, କୂଟନୀତି ଓ ନେତୃତ୍ୱର ଭୂମିକା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅଧିବେଶନକୁ ସମ୍ବୋଧନ କରି ରାଜଦୂତ ଭୋହରା କହିଥିଲେ ଯେ ଭାରତର ଶକ୍ତି ତାହାର ଯୁବ ଜନସଂଖ୍ୟା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସଭ୍ୟତାମୂଳକ ବୁଦ୍ଧିମତାରେ ନିହିତ। ଛାତ୍ରଛାତ୍ରୀଙ୍କୁ ସେ ପାରମ୍ପରିକ ସୀମାକୁ ଅତିକ୍ରମ କରି ବିଶ୍ୱ ଦୃଷ୍ଟିକୋଣ ଗଢ଼ିବା ସହ ଜ୍ଞାନ, ନୂତନତ୍ୱ ଓ ନୀତିମୟ ନେତୃତ୍ୱ ମାଧ୍ୟମରେ ରାଷ୍ଟ୍ର ଗଢ଼ିବାରେ ସକ୍ରିୟ ଭାଗନେବାକୁ ଆହ୍ୱାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏପରି ଅଧିବେଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ରାଷ୍ଟ୍ରୀୟ-ବିଶ୍ୱପରିପ୍ରେକ୍ଷିତକୁ ସଂଯୋଗକରିବାଉପରେ ଆଲୋକପାତ କରିଥିଲେ। ରାଜଦୂତ ଡ଼କ୍ଟର ଦୀପକ ଭୋହରା ସମ୍ପର୍କରେ: 'ରାଜଦୂତ ଡ. ଦୀପକ ଭୋହରା ଜଣେ ପ୍ରଖ୍ୟାତ ଭାରତୀୟ କୂଟନୀତିଜ୍ଞ, ରଣନୀତିକ ବିଶେଷଜ୍ଞ ଓ ସାର୍ବଜନିକ ବୁଦ୍ଧିଜୀବୀ। ସେ ଲେସୋଥୋ ଓ ଗୁଇନିଆ-ବିସାଉର ପ୍ରଧାନମନ୍ତ୍ରୀଙ୍କ ବିଶେଷ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା ସହ ସୁଡାନ, ଦକ୍ଷିଣ ସୁଡାନ, ପୋଲାଣ୍ଡ ଓ ଲିଥୁଆନିଆରେ ଭାରତର ରାଜଦୂତ ଭାବେ ସେବା ଦେଇଛନ୍ତି।

# ଉର୍ଦ୍ଦୁ ଶିକ୍ଷକଙ୍କ ତିନିଦିନିଆ କର୍ମଶାଳା ଉଦ୍‌ଘାଟିତ



ବାଲେଶ୍ୱର,୧୬।୧୨(ସମିସ): ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ 'ଓଡିଶାର ଉର୍ଦ୍ଦୁ ଶିକ୍ଷକମାନଙ୍କ ଶିକ୍ଷାଦାନ ଆଭିମୁଖୀକରଣ' ଶୀର୍ଷକରେ ତିନିଦିନିଆ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇ ଉର୍ଦ୍ଦୁ ଭାଷାର ଐତିହ୍ୟ ଓ ଯୁଗ ଅନୁସାରେ ଏହି ସର୍ବ ପୁରାତନ ଭାଷାରେ ଶିକ୍ଷା ପ୍ରଦାନ ବେଳେ ଆଧୁନିକ ଜ୍ଞାନ କୌଶଳର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏକାଡେମି ରାଜ୍ୟ ଉପସଭାପତି ନସିଫ ମଞ୍ଜର ହସନ, ରିସୋର୍ସ ପର୍ସନ ଭାବେ ହାଇଦ୍ରାବାଦ ସ୍ଥିତ ଆଜାଦ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପକ ଡ଼ ମିସବାଉଲ ଅନସର, ତେଲେଙ୍ଗାନା ରାଜ୍ୟ ଅବସରପ୍ରାପ୍ତ ପ୍ରଫେସର ଅହମ୍ମଦ ବଦର, ଡ. ଅବଦୁଲ ମୈୟଜ ପ୍ରମୁଖ ଉର୍ଦ୍ଦୁ ସାହିତ୍ୟକୁ କିଭଳି ଯୁଗୋପଯୋଗୀ କରାଯାଇ ସହଜରେ ବିଦ୍ୟାଦାନ କରାଯାଇପାରିବ ସେ ସମ୍ପର୍କରେ ସାବଲୀଳ ଭାଷାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଯୁବ ସମାଜସେବୀ ସୟଦ ସଲିମ ରାଜା। ଓଡିଶା ଉର୍ଦ୍ଦୁ ଏକାଡେମିର କନିଷ୍ଠ ସହାୟକ ଶେଖ ତନଭିର ରବାନୀ ଆଜିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସାୟାଦ ନସୀମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ସିଟି ତାଲିମ ନେଇଥିବା ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଉତ୍ତର ଓଡ଼ିଶା ଜୋନ୍‌ସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ



ବାଲେଶ୍ୱର,୧୬।୧୨(ସମିସ)

ବିଜୁ ପଟ୍ଟନାୟକ ୟୁନଭରସିଟି (ବିପିୟୁଟି)ର ଉତ୍ତର ଓଡ଼ିଶା ଜୋନସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସହରର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଭାରତ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜି ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପୌରାଧ୍ୟକ୍ଷା ସବିତା ସାହୁ ଉଦଘାଟନ କରିଥିଲେ। ପ୍ରିନସିପାଲ୍ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ପୌରହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଟ୍ରଷ୍ଟି ଡ. ନିହାରିକା ମହାନ୍ତି, ଡାକ୍ତର ଆକାଶ ମୋଦି ଓ ମନୋଜ କୁମାର ଜେନା, ମର୍ତ୍ତଣ୍ଡ ଇଞ୍ଜିନିୟରିଂ ଏଣ୍ଡ ମ୍ୟାନେଜମେଣ୍ଟ କଲେଜ ପ୍ରିନସିପାଲ୍ ଡ. ରଞ୍ଜନ କେଶରୀ ପତି, ସତ୍ୟସାଇ ଇଞ୍ଜିନିୟରିଂ କଲେଜ ଉପାଧ୍ୟକ୍ଷ ଡ. ମାନସ ରଞ୍ଜନ ମହାନ୍ତି ଓ କଲେଜର କ୍ରୀଡ଼ା ଅଧିକାରୀ ଆଦିତ୍ୟ ଦଣ୍ଡପାଟ, ଶ୍ରିନିକ୍ସ ଇଞ୍ଜିନିୟରିଂ କଲେଜର ଡିନ ଡକ୍ଟର ଅରବିନ୍ଦ ପଣ୍ଡା, କ୍ରୀଡ଼ା ଅଧିକାରୀ ମିହିର ରଞ୍ଜନ ବେହେରା, କାଉନସିଲର ପ୍ରୀତିଲତା ସେଠୀ, ଯୁବ ସଂଗଠକ ବିକାଶ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୟୂରଭଞ୍ଜର ସୀମାନ୍ତ ଇଂଜିନିୟରିଂ କଲେଜ, କେଉଁଝରେ ସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜ, ବରପଦା ସ୍ଥିତ ଉଦ୍ରକ ଇଞ୍ଜିନିୟରିଂ କଲେଜ, ବାଲେଶ୍ୱରର ମେମ୍ସ, ସତ୍ୟସାଇ, ଝାଡେଶ୍ୱର, ବିସିଇଟି ଓ ବିଟସ ପ୍ରଭୃତି ଇଞ୍ଜିନିୟରିଂ କଲେଜ ସମେତ ଏବିଏ ଓ ଭାରତ ଇନଷ୍ଟିଚ୍ୟୁଟ ପ୍ରଭୃତି ମ୍ୟାନେଜମେଣ୍ଟ କଲେଜର ଶ୍ରେଷ୍ଠ ଦୁଇ ଜଣ ବ୍ୟାଡମିଣ୍ଟନ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ଗୌରୀ ଶଙ୍କର ବିଶି, ସତ୍ୟଜିତ ପରିଡ଼ା ଓ ସରୋଜ କୁମାର ବେହେରା ପ୍ରମୁଖ ଆମ୍ପାୟର ଭାବେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ବିବେଚିତ ଖେଳାଳିମାନେ ବିପିୟୁଟିର ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଡକ୍ଟର ପ୍ରଦୀପ କୁମାର ଗିରି, ସୌଗୁପ୍ତା କାଦ୍ରି, ଆଶାପୂର୍ଣ୍ଣା ପୃଷ୍ଟି, ଶୁଭଲକ୍ଷ୍ମୀ ସାହୁ, ଦେବବ୍ରତ ସାହୁ, ରୂପାଲି ମିଶ୍ର, ସୁଶ୍ରୀ ସଙ୍ଗୀତା କର, ଦିଲ୍ଲୀପ କୁମାର ଦାସ, ମଧୁସୂଦନ ରାଉତ ପ୍ରମୁଖଙ୍କ ସହ ଭାରତ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜି କର୍ମଚାରୀମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




## ଐତିହ୍ୟ ପୀଠରେ ଜମି ମାଫିଆଙ୍କ ନଜର

# ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିପୀଠ ହାତେଇବାକୁ ଚକ୍ରାନ୍ତ

କଟକ,୧୬।୧୨(ସମିସ)



କଟକ ସହରର ଗୌରବମୟ ଇତିହାସ ଓ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ପାଲଟିଥିବା ବିଶିଷ୍ଟ ସମାଜବାଦୀ ନେତା ପୂଜ୍ୟ ବିଶ୍ୱନାଥ ପଣ୍ଡିତଙ୍କ ବାସଭବନ ଉପରେ ଏବେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। କଟକ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ଏହି ପବିତ୍ର ଐତିହ୍ୟ ସ୍ଥଳୀକୁ ଜବରଦଖଲ କରିବା ପାଇଁ ମାଫିଆମାନେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ଏହା ସମଗ୍ର ଓଡ଼ିଶାର ବୁଦ୍ଧିଜୀବୀ ଓ ସଂଗ୍ରାମୀ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। କୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଜଣେ ସ୍ଥାନୀୟ ଜମି ମାଫିଆ ସମସ୍ତ ଆଇନକୁ ଆଙ୍ଗୁଠି ଦେଖାଇ ଯେଉଁଭଳି ଭାବେ ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି, ତାହା ପ୍ରଶାସନର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଘଟଣାରୁ ପ୍ରକାଶ ଯେ ଗତ ନଭେମ୍ବର ୩୦ ଓ ଡ଼ିସେମ୍ବର ୬ ତାରିଖରେ ଉକ୍ତ ଜମି ମାଫିଆ ନିଜର କିଛି ସହଯୋଗୀଙ୍କ ସହ ପଣ୍ଡିତଜୀଙ୍କ ବାସଭବନ ପରିସରରେ ପଶି ଆତଙ୍କରାଜ ଚଳାଇଥିଲେ। ପରିଷଦର ତତ୍ତ୍ୱବଧାରକ ମନୋରଞ୍ଜନ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ପରିବାରର ମହିଳା ଓ ଶିଶୁଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଘରର ପଛପଟ ଗେଟ୍ ଓ କାନ୍ଥକୁ ଭାଙ୍ଗି ଦେଇଥିଲେ। ଏତିକିରେ ମାଫିଆଙ୍କ ମନ ଭରି ନ ଥିଲା, ପରିବାର ଲୋକେ ବିରୋଧ କରିବାରୁ ସେମାନଙ୍କ ଉପରେ 'ଡ଼ୋଜର ଚଢ଼ାଇଦେବା'କୁ ମଧ୍ୟ ଧମକ ଦିଆଯାଇଛି। ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ବହନ କରୁଥିବା ପୀଠର ଏଭଳି ଦୌରାତ୍ମ୍ୟ ମାଫିଆଙ୍କ ଆତଙ୍କ ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି।

### ଘଟଣାକୁ ନେଇ କଟକରେ ତୀବ୍ର ଅସନ୍ତୋଷ

ଏହି ସ୍ପର୍ଶକାତର ଘଟଣାକୁ ନେଇ କଟକ ସହରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଘଟଣାର ଗୁରୁତ୍ୱ ଦେଖି ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଡ଼କାଯାଇଥିବା ଆପତକାଳୀନ ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଚିତ୍ତ ରଞ୍ଜନ ମହାନ୍ତି, ଡା. ରବି ରଞ୍ଜନ ସାହୁ, ହରିବନ୍ଧୁ ନାୟକ, ରତ୍ନାକର ମୁଖୀ, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ମାଫିଆଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ପରିଷଦ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ପଷ୍ଟ କରିଛନ୍ତି ଯେ, ଏହା କେବଳ ଏକ ଘର ନୁହେଁ ବରଂ ଓଡ଼ିଆ ଅସ୍ମିତାର ପ୍ରତିକ।

ଆସନ୍ତା ଜାନୁଆରୀ ୩ ତାରିଖରେ ସେହି ସ୍ଥଳରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାସମାରୋହରେ ପଣ୍ଡିତଜୀଙ୍କ ଜୟନ୍ତୀ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଚାନ୍ଦିନୀଚୌକ ପୂଜା କମିଟି ଓ ସ୍ଥାନୀୟ ଜନସାଧାରଣ ଏଭଳି ଘଟଣାକୁ ବିରୋଧ କରିବା ସହ ଆଗାମୀ ଦିନରେ ଏ ସଂପର୍କରେ ପୂଜା କମିଟି ପକ୍ଷରୁ ସାହିରେ ସାଧାରଣ ପରିଷଦ ବୈଠକ ଡ଼କାଯିବା ନେଇ ଜଣାପଡ଼ିଛି । ପ୍ରଶାସନ ତୁରନ୍ତ ଏହି ମାଫିଆଙ୍କୁ ଉଚିତ୍ କାର୍ଯ୍ୟପନ୍ଥା ଗ୍ରହଣ ନ କଲେ ଆଗାମୀ ଦିନରେ କଟକ ସହରରେ ତୀବ୍ର ଆନ୍ଦୋଳନ ହେବ ବୋଲି ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବାବା ବଟେଶ୍ୱରଙ୍କୁ ଦର୍ଶନ କଲେ ଡ୍ରିମ୍ସ ଅଧ୍ୟକ୍ଷ



କଟକ,୧୬।୧୨(ସମିସ): ଟାଙ୍ଗୀ-ବନ୍ଦାଳ ଗ୍ରାମରେ ବିରାଜିତ ପ୍ରାଚୀନ ଶୈବପୀଠ ମହିମାମୟ ବାବା ଶ୍ରୀ ବଟେଶ୍ୱର ମହାଦେବଙ୍କ ୧୯ ତମ ବାର୍ଷିକ ମହାସ୍ନାନ ଉତ୍ସବ ଓ ମହାଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଶତରୁଦ୍ର ପାଠ, ବିଶ୍ୱ କଲ୍ୟାଣ ଯଜ୍ଞ, ପୁଷ୍ପାଞ୍ଜଳି ସହ ଧନୁ ସଂକ୍ରାନ୍ତିରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରମୋଦଚନ୍ଦ୍ର ରଥ, ଶିଳ୍ପଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଡ. ରଥ ଆନନ୍ଦ ବଜାରରେ ସମବେତ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବିତରଣ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।

## ସମାଜସେବୀ ନଟବର ସ୍ୱାଇଁଙ୍କ ପରଲୋକ



ନିଶ୍ଚିନ୍ତକୋଇଲି,୧୬।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ସୁକରପଡା ପଞ୍ଚାୟତ ହଳଧରପୁର ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ନଟବର ସ୍ୱାଇଁ (୯୭)ଙ୍କ ନିଜ ବାସଭବନରେ ପରଲୋକ ହୋଇଛି। ସ୍ୱର୍ଗତ ସ୍ୱାଇଁ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ କଟା ବଜାରର ପ୍ରଥମ ବ୍ୟବସାୟ ଆରମ୍ଭ କରି ବଜାର ପ୍ରତିଷ୍ଠାତା ଭାବେ ଏ ଅଞ୍ଚଳରେ ଖୁବ୍ ଜଣାଶୁଣା ଥିଲେ। ବ୍ୟବସାୟ କରିବା ସହିତ ବିଭିନ୍ନ ଅନୁଷ୍ଠାନରେ ଜଡିତ ହୋଇ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ବହୁ ପ୍ରଶଂସିତ ମଧ୍ୟ ହୋଇଥିଲେ। ତାଙ୍କ ପରଲୋକରେ ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତା ଓ ସମସ୍ତ ବ୍ୟବସାୟୀ ଶୋକ ବ୍ୟକ୍ତ କରିଛନ୍ତି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସୁବାଷ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରବେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ଜ୍ୟେଷ୍ଠପୁତ୍ର ଗୟାଧର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ସଚେତନତା

ସାଲେପୁର,୧୬ ।୧୨(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ନାରୀକେନ୍ଦ୍ରିକ ସଚେତନତା କାର୍ଯ୍ୟକ୍ରମ ପିଏମ୍ଶ୍ରୀ ସାଲେପୁର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଂଗୀତା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ ବିଭାଗୀୟ ମୁଖ୍ୟ ଡଃ ଅଞ୍ଜୁମ୍ ହାସନଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ନାରୀ ସଚେତନତା ଉପରେ ଆଲୋକପାତ କରିଥିଲେ। ସାଲେପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ା, ଶିକ୍ଷକ ଜ୍ଞାନରଞ୍ଜନ ସ୍ୱାଇଁ, ଶିକ୍ଷୟିତ୍ରୀ ଶ୍ୱେତାଲିନ୍ ନନ୍ଦ, କଲ୍ୟାଣୀ ଯାଦବ, ନିବେଦିତା ଖଣ୍ଡୁଆଳ ଓ ମହାବିଦ୍ୟାଳୟ ପକ୍ଷରୁ ଗୌରାଙ୍ଗ ଚରଣ ନାୟକ, ସୁଜାତା ଦାସ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ବାଲିଗରଡ଼ା ବଜାର ଷ୍ଟ୍ରିଟ୍‌ଲାଇଟ୍ ଅଚଳ

ନିଶ୍ଚିନ୍ତକୋଇଲି,୧୬।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଝାଡେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବାଲିଗରଡା ବଜାରରେ ଗତ କିଛି ମାସ ହେବ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡିଥିବା ଦେଖାଯାଇଛି। ଫଳରେ ଏହି ବଜାରଟି ରାତିରେ ଅନ୍ଧକାରମୟ ହୋଇଯିବାରୁ ଲୋକମାନେ ଚଳପ୍ରଚଳ ପାଇଁ ହଇରାଣ ହରକତ ହେଉଛନ୍ତି। ବଜାର ବନ୍ଦ୍ ହେବା ପରେ ଏହା ଅନ୍ଧାର ହୋଇଯିବାରୁ ଦୋକାନରୁ ଚୋରି ହେବାର ଆଶଙ୍କା ପ୍ରକାଶ ପାଇଥିବା ବ୍ୟବସାୟୀମାନେ କହିଛନ୍ତି। ବିଗତ ସରକାରଙ୍କ ଅମଳରେ ବଜାରର ଉନ୍ନତିକରଣ ପାଇଁ ପଞ୍ଚାୟତ ସମିତି ଅନୁଦାନ ପାଣ୍ଠିରୁ ଏଠାରେ ୧୭ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଉକ୍ତ ଷ୍ଟ୍ରିଟ୍ ଲାଇଟ୍‌ଗୁଡିକର ରକ୍ଷଣାବେକ୍ଷଣ କରା ନ ଯିବାରୁ କ୍ରମେ ଗୋଟିଏ ପରେ ଗୋଟିଏ ଲାଇଟ୍ ଏବେ ଜଳୁ ନ ଥିବା ଦେଖାଯାଇଛି। ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ବହୁ ଗ୍ରାମରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ଅଚଳ ହୋଇଯାଇଥିବା ବେଳେ ଏହାକୁ ମରାମତି କରାଯାଉ ନ ଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। କେବଳ ବାଲିଗରଡା ବଜାର ନୁହେଁ; ଦ୍ୱୀପାଞ୍ଚଳରେ ଥିବା ନରେନ୍ଦ୍ରପୁର ବଜାର, ବରପଡ଼ା ବଜାର ଓ ନେମାଳ ବଜାରରେ ମଧ୍ୟ କେତେକ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବା ବେଳେ ତାକୁ ମରାମତି କରାଯାଉନାହିଁ। ତୁରନ୍ତ ଅଚଳ ହୋଇ ପଡିରହିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡିକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ନେମାଳ,୧୬।୧୨(ସମିସ): ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ୪୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଏକ ରଙ୍ଗାରଙ୍ଗ୍ ପରିବେଶ ମଧ୍ୟରେ ଉଦ୍‌ଘାଟତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରୀଡା ପତାକା ଉତ୍ତୋଳନ ସହିତ ମସାଲ ଜଳାଇ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଦେଷ୍ଟା ପ୍ରାଧ୍ୟାପକ ବିପିନ ବିହାରୀ ଦାସ, ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ କ୍ରୀଡା ଅଧ୍ୟାପକ ବିଚିତ୍ରାନନ୍ଦ ଜେନା, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଗଗନ ବିହାରୀ ଦାସ, ପ୍ରାଧ୍ୟାପକ ପ୍ରଫୁଲ୍ଲ ଲେଙ୍କା, ଅଧ୍ୟାପକ ପ୍ରଦୀପ୍ତ କିଶୋର ବେହେରା, ଅଧ୍ୟାପକ ଶିକ୍ଷାଜ୍ୟୋତି ଅଭିମନ୍ୟୁ ସେଠୀ, ଅଧ୍ୟାପିକା ବିପ୍ଳବିନୀ ସିଂହ, ଅଧ୍ୟାପକ ସୁଧାଂଶୁ ଶେଖର ସ୍ୱାଇଁ, ଅଧ୍ୟାପିକା ଡ.ଦିପ୍ତିମୟୀ ବେହେରା, ଅଧ୍ୟାପିକା ରଞ୍ଜୁଲତା ସାହୁ, ଅଧ୍ୟାପିକା ଶୁଭଲକ୍ଷ୍ମୀ ନାୟକ, ଅଧ୍ୟାପିକା ମଧୁସ୍ମିତା ସାହୁ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସାମଲ, ଅଧ୍ୟାପକ ବିକାଶ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡାର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କ୍ରୀଡା ସଂସଦର ସହ ଉପଦେଷ୍ଟା ଅଧ୍ୟାପକ ଡ. ବିନୟ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡା ସଂସଦର ସହ ଉପଦେଷ୍ଟା ଅଧ୍ୟାପକ ଲେଫ୍ଟନାଣ୍ଟ ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କ୍ରୀଡା ଉତ୍ସବରେ ଶତାଧିକ ଛାତ୍ରଛାତ୍ରୀ ମୋଟ ୪୬ଟି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡା ସଂସଦର ସହଉପଦେଷ୍ଟା ଅଧ୍ୟାପକ ବିବେକାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

● ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ମାନୁନି ସିଏମ୍‌ସି

## ଅବସରପ୍ରାପ୍ତଙ୍କ ପୁନଃନିଯୁକ୍ତିକୁ ନେଇ ବଢୁଛି ଅସନ୍ତୋଷ

କଟକ,୧୬।୧୨(ସମିସ): କଟକ ମହାନଗର ନିଗମ (ସିଏମସି) ଏବେ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ସିଏମସିର ବିଭିନ୍ନ ବିଭାଗରେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବେଆଇନ ଭାବେ ପୁନଃନିଯୁକ୍ତି ଏବଂ ଥଇଥାନ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଏହି ପ୍ରସଙ୍ଗରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ମେୟର ଓ କମିସନରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିଗମ ମଧ୍ୟରେ କୌଣସି ଯୋଗ୍ୟ ବ୍ୟକ୍ତି ନାହାନ୍ତି କି ବୋଲି ପ୍ରଶ୍ନ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ସିଏମସିର ଏହି "ଅହେତୁକ ଅନୁକମ୍ପା' ପଛର ରହସ୍ୟ କ'ଣ ବୋଲି ପରିଷଦ ପକ୍ଷରୁ ପ୍ରଶ୍ନ କରାଯାଇଛି। ରାଜ୍ୟରେ ଏବେ ଲକ୍ଷ ଲକ୍ଷ ଶିକ୍ଷିତ ଯୁବକଯୁବତୀ ବେକାରୀ ସମସ୍ୟାରେ ଜର୍ଜରିତ ହୋଇ ଚାକିରୀ ଖଣ୍ଡିଏ ପାଇଁ ହତୋତ୍ସାହ ହେଉଥିବା ବେଳେ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ଥଇଥାନ କରିବା ନୀତିଗତ ଭାବେ ଅନୁଚିତ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଚାକିରୀ କାଳ ଶେଷ ହେବା ପରେ ପଦ ଖାଲି ହେବା କଥା, ଯାହାଦ୍ୱାରା ନୂତନ ପିଢ଼ିର ଯୁବକମାନେ ନିଯୁକ୍ତି ପାଇପାରନ୍ତେ। ମାତ୍ର ସିଏମସିରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇ ପୁରୁଣା କର୍ମଚାରୀଙ୍କୁ ରଖାଯିବା ଦ୍ୱାରା ପ୍ରଶାସନିକ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପୁନଃ ନିଯୁକ୍ତି ଯୋଜନା କେତେଦୂର ସମୀଚୀନ ଓ ଯଥାର୍ଥ, ତାହା ବିଚାର କରିବାକୁ ପ୍ରତିନିଧି ମଣ୍ଡଳୀ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମାଜସେବୀ ଶ୍ରୀ ସେଠୀଙ୍କ ସମେତ ଆଇନଜୀବୀ ଶିବ କୁମାର ବାରିକ, ବିଷ୍ଣୁ ପ୍ରସାଦ ମଲ୍ଲିକ ଓ ଅନ୍ୟ ସଦସ୍ୟମାନେ ଏହି ବିଷୟରେ ଗମ୍ଭୀର ଆଲୋଚନା ଓ ପର୍ଯ୍ୟାଲୋଚନା କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ବେଆଇନ ଭାବେ ରହିଥିବା ଏହି ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ଛଟେଇ କରିବା ପାଇଁ ବିଧିବଦ୍ଧ ହୁକୁମନାମା ଜାରି କରିବାକୁ ନିବେଦନ କରାଯାଇଛି। ଏହି ପ୍ରତିବାଦ ସମୟରେ ଅନିମା ନାୟକ, ଜୁନେଦ୍ ଖାନ୍, ବନଜ୍ୟୋତି ସାହୁ ଏବଂ ଅଟଳ କିଶୋର ଜେନାଙ୍କ ଭଳି ଅନେକ ବ୍ୟକ୍ତିବିଶେଷ ଯୁବପିଢ଼ିଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି।



## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ସାଲେପୁର,୧୬ ।୧୨(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସଂଗୀତା ମିଶ୍ର ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ଅଞ୍ଜୁମ୍ ହାସନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ୨୨ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବିଭାଗର ଶୈକ୍ଷିକ ବାତାବରଣ ଓ ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଗୌରାଙ୍ଗ ଚରଣ ନାୟକ, ସୁଜାତା ଦାସଙ୍କ ସମେତ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ଶୀତ ଆସର



କଟକ,୧୬।୧୨(ସମିସ): ସାରସ୍ୱତ ଅନୁଷ୍ଠାନ, ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ଶୀତ ଆସର ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡ. ପଣ୍ଡିତ ଚୈତନ୍ୟ ସାହୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମହାଙ୍ଗାସ୍ଥିତ ଜବାହାରଲାଲ ନେହେରୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ନିଖିଲେଶ ମହାନ୍ତି, ମୁଖ୍ୟବକ୍ତା ଭାବେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ପ୍ରତିଷ୍ଠାତା ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସଂସଦର ପ୍ରାକ୍ତନ ସାଧାରଣ ସଂପାଦକ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ, ଆଧ୍ୟାତ୍ମିକବାଦୀ ତଥା ଆଇନଜୀବୀ ପତିତପାବନ ମହାପାତ୍ର, ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟକେଶରୀ ବର୍ମା ଶୀତ ସଂପର୍କରେ ବିଭିନ୍ନ କବିଙ୍କର ମତକୁ ସମ୍ମାନ ଦେଇ ଆଲୋକପାତ କରିଥିଲେ। କବୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦ, ନମିତା ମହାନ୍ତି ଓ କବି ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ କବି ଅରୁଣ ଅଗରୱାଲ, ଚିତ୍ତରଞ୍ଜନ ପାଢ଼ୀ, ଉପେନ୍ଦ୍ର ସେନାପତି, ଛବିରାମ ସେଠୀ, ଲକ୍ଷ୍ମୀପ୍ରିୟା ବେହେରା, କିରଣବାଳା ବେହେରା, ସୁରେନ୍ଦ୍ର ମହାପାତ୍ର, ରୋହିତ ପ୍ରଧାନ, ନଜରୁଲ ଇସଲାମ, ଆଶିଷ ରଞ୍ଜନ ଦାଶ, ସତ୍ୟଜିତ ମହାନ୍ତି, ସୁଶିଳ ରାଉତ, ଉତ୍ତମ ଚରଣ ପ୍ରଧାନ, ପ୍ରଭାକର ଦାସ, ନିରୂପମା ସାହୁ, ସଂଯୁକ୍ତା ଦାଶ, ସ୍ୱାଗତ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ କବି ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ମହେନ୍ଦ୍ର ସାହୁ ପରିଚାଳନା କରିଥିଲେ। କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ବଚନ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



### ସିଆର୍‌ଆର୍‌ଆଇ ବିଜୟୀ

ନିଶ୍ଚିନ୍ତକୋଇଲି,୧୬।୧୨(ସମିସ): ମାହାଙ୍ଗା ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ କଟକ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ନିଶ୍ଚିନ୍ତକୋଇଲି ପି.ପି. କଲେଜ ଖେଳ ପଡିଆରେ ଚାଲିଥିବା ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସିଆରଆରଆଇ କ୍ଲବ କଟକ ଓ ଜଲୁକା ୟୁଥ୍ କ୍ଲବ୍ ଟାଙ୍ଗୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଆରଆରଆଇ କ୍ଲବ ଖେଳର ପ୍ରଥମାର୍ଦ୍ଧରେ ଜଲୁକା ୟୁଥ୍ କ୍ଲବ୍‌କୁ ତିନୋଟି ଗୋଲ୍ ଓ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ ଦେଇଥିବା ବେଳେ ଜଲୁକା ୟୁଥ୍ କ୍ଲବ୍ ଗୋଟିଏ ହେଲେ ଗୋଲ ଦେଇ ପାରି ନ ଥିଲା। ଫଳରେ ସିଆରଆରଆଇ ୫-୦ ଗୋଲ୍‌ରେ ଜଲୁକା ୟୁଥ୍ କ୍ଲବକ୍ ହରାଇ ବିଜୟୀ ହୋଇଥିଲା। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ରଙ୍କ ସଂଯୋଜନାରେ ଏଥିରେ ଜାତୀୟ ଫୁଟ୍‌ବଲ ଖେଳାଳି ରଣଜିତ ଇଗ୍ନାସିୟ ଟୀକା, କ୍ରୀଡା ସଂଗଠକ ସହଦେବ ରାଉତ, କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀ ପ୍ରମୁଖ ଯୋଗଦେଇ ମ୍ୟାଚ୍‌କୁ ଶୁଭାରମ୍ଭ କରି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ।

## ସାଇବର ଠକଙ୍କ ଟାର୍ଗେଟ୍‌ରେ ମମତା ହିତାଧିକାରୀ

ସାଲେପୁର,୧୬ ।୧୨(ସମିସ): କିଛି ଦିନ ହେବ ସାଲେପୁର ବ୍ଲକ୍ ଅଞ୍ଚଳରେ ଗର୍ଭବତୀ ମହିଳାମାନେ ସାଇବର ଠକଙ୍କ ଶିକାର ହୋଇ ହଜାର ହଜାର ଟଙ୍କା କ୍ଷତିଗ୍ରସ୍ତ ହେଉଛନ୍ତି। ମଙ୍ଗଳବାର ଗୋଟିଏ ଦିନରେ ସାଇବର ଠକମାନେ ସାଲେପୁର ବ୍ଲକ୍ ଅଞ୍ଚଳରେ ୮ ଜଣରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଠକାମୀ କରିଥିବା ନେଇ ଅଭିଯୋଗ ହୋଇଛି। ଏବେ ସାଇବର ଠକଙ୍କ ଟାର୍ଗେଟ୍‌ରେ ମମତା ଓ ସୁଭଦ୍ରା ହିତାଧିକାରୀମାନେ ରହିଛନ୍ତି। ଗର୍ଭବତୀ ମହିଳାମାନଙ୍କର ଫୋନ୍ ନମ୍ବର ସଂଗ୍ରହ କରି ସାଇବର ଠକମାନେ ନିଜକୁ ହେଡ୍ ଅଫିସର ଅଧିକାରୀ ବୋଲି ବିବେଚିତ କରି ସେମାନଙ୍କୁ ବିଭିନ୍ନ ପ୍ରକାର ଅଧିକ ମାତ୍ରାରେ ସରକାରୀ ଅର୍ଥ ପ୍ରଦାନ କରିବେ ବୋଲି ପ୍ରଲୋଭନ ଦେଖାଇ ଓଟିପି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଆଜିକୁ ପ୍ରାୟ ୧୦/୧୫ଦିନ ତଳେ ପିକୋଳ ପଞ୍ଚାୟତ ବୋଦାମଣ୍ଡାଇ ଗ୍ରାମର ପ୍ରଜ୍ଞା ପରମିତା ସାହୁଙ୍କ ଆକାଉଣ୍ଟରୁ ଏହି ସାଇବର ଠକମାନେ ୪୮ ହଜାର ଟଙ୍କା ଠକି ନେଇଥିବାବେଳେ ଆଜି ସାଲେପୁର ବ୍ଲକ୍ ମିର୍ଜାପୁର ପଞ୍ଚାୟତ ଛୋଟିପଡ଼ା ଗ୍ରାମର ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ଆକାଉଣ୍ଟରୁ ୬ ହଜାର ଟଙ୍କା ଯାଇଥିବାବେଳେ ସେହି ପଞ୍ଚାୟତର କାନପୁର ଗ୍ରାମର ଉଷାରାଣୀ ସାହୁଙ୍କ ଆକାଉଣ୍ଟରୁ ୪ ହଜାର ୭ ଶହ, ଚମ୍ପତି ପଞ୍ଚାୟତର ଗୋପିନାଥପୁର ଗ୍ରାମର ଚାନ୍ଦିନୀ ବେଗମ୍‌ଙ୍କ ଆକାଉଣ୍ଟରୁ ୧୦ ହଜାର, ମୁତାରିଫା ପଞ୍ଚାୟତର ରଶ୍ମିତା ସାହୁଙ୍କ ଠାରୁ ୧୦ହଜାର ଟଙ୍କା ନେଇଥିବାବେଳେ ସାଲେପୁର ବ୍ଲକ୍ ଅଞ୍ଚଳରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମମତା ହିତାଧିକାରୀଙ୍କ ଠାରୁ ଏହି ସାଇବର ଠକମାନେ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। କୌଶଳ କରି ସଂପୃକ୍ତ ଠକମାନେ ପ୍ରଥମେ ହିତାଧିକାରୀମାନଙ୍କ ଫୋନ୍ ସଂଗ୍ରହ କରି ସ୍ଥାନୀୟ ଅଞ୍ଚଳର ଆଶା ଦିଦିଙ୍କ ନାମ ପ୍ରକାଶ କରିବା ସହ ହିତାଧିକାରୀଙ୍କ ବିଶ୍ୱାସଭାଜନ ହୋଇ ସମସ୍ତ ସରକାରୀ ଯୋଜନା ଠିକ୍ ଭାବେ ପାଉଛ କି ନାହିଁ, ପଚାରିବା ପରେ ତୁମେ ଏତିକି ଟଙ୍କା ଏହି ଆକାଉଣ୍ଟ୍‌କୁ ପଠାଅ, ତୁମେ ଅଧିକ ଟଙ୍କା ପାଇବ ବୋଲି ପ୍ରଲୋଭିତ କରି ଗର୍ଭବତୀ ମହିଳାମାନଙ୍କୁ ଠକି ଚାଲିଛନ୍ତି। ଏହି ଅଭିଯୋଗ ସାଲେପୁର ସିଡିପିଓଙ୍କ ନିକଟରେ ପହଞ୍ଚିବାପରେ ସିଡିପିଓ ସୌଦାମିନୀ ପଣ୍ଡା ଏ ସଂପର୍କରେ ସମସ୍ତ ହିତାଧିକାରୀଙ୍କୁ ସଚେତନ କରାଇବା ସହ ମମତା ଯୋଜନା ସମ୍ବନ୍ଧୀୟ ଯଦି କୌଣସି ଫୋନ ହିତାଧିକାରୀଙ୍କ ନିକଟକୁ ଆସେ ତେବେ ସେମାନଙ୍କ ସହ କୌଣସି ବାର୍ତ୍ତାଳପ ନ କରି ତୁରନ୍ତ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଶ୍ରୀମତୀ ପଣ୍ଡା ପ୍ରକାଶ କରିବା ସହ ଏଭଳି ଠକାମୀଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି।



# କଟକ ସିଟି



# ବସ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କଟକ,୧୬।୧୨(ସମିସ)



## ବସ୍ ଭଙ୍ଗାରୁଜା: ଦେଢ଼ ଘଣ୍ଟା ରାସ୍ତାରୋକ

ବାଦାମବାଡ଼ି ଥାନା ଅନ୍ତର୍ଗତ ମଲାଚଣ୍ଡିଆ ଛକ-ବାଦାମବାଡ଼ି ରାସ୍ତାରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ପଠାଇଛି। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ସ୍ଥାନୀୟ ଲୋକ ଦେଢ଼ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌ଟିକୁ ପୁଲିସ ଜବତ କରି ଥାନାକୁ ଆଣିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଫେରାର ହୋଇଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସଂଧ୍ୟା ୭ଟାରେ ଜଣେ ଯୁବକ ମଲା ଚଣ୍ଡିଆ ଛକରୁ ବାଦାମବାଡ଼ିକୁ ସଂଯୋଗ କରୁଥିବା ରାସ୍ତାରେ ଚାଲି ଚାଲି ଯିବା ସମୟରେ 'ଦେବଦୂତ' ନାମକ ଘରୋଇ ବସ୍ ତାଙ୍କୁ ପଛରୁ ଚାପି ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ବସକୁ ଅଟକ ରଖି ଭଙ୍ଗାରୁଜା କରିଥିଲେ। ବାଦାମବାଡ଼ି ଥାନା ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା ବେଳେ ଏତେ ବଡ଼ ବସଷ୍ଟାଣ୍ଡ ଥାଇ ରାସ୍ତା ମଝିରେ କାହିଁକି ଗାଡ଼ି ରଖି ବସଗୁଡ଼ିକ ପାସେଞ୍ଜର ଉଠାଉଛନ୍ତି ସେନେଇ ଅଭିଯୋଗ ହୋଇଛି।

## କଟକ-ଇନ୍-କଟକରେ ଦୁର୍ଘଟଣା

# ପିସିଆର୍ ଉପରେ ମାଟି ଢାଳିଦେଲା ହାଇୱା; ଚାଳକ ଅଟକ



କଟକ, ୧୬।୧୨(ସମିସ): ଫିଲ୍ମ ଷ୍ଟାଇଲରେ ପୁଲିସ ଗାଡ଼ି ଉପରକୁ ମାଟି ଢାଳି ଦେଲା ହାଇୱା। ଫଳରେ ଯୋବ୍ରା ଆଇ ଲଭ୍ କଟକ ନିକଟରେ ପୁଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସମ୍ପୃକ୍ତ ହାଇୱା ଗାଡ଼ିର ଚାଳକକୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ନୋ-ଏଣ୍ଟ୍ରିରେ ପଶିଥିବା ହାଇୱା ପୁଲିସ ଗାଡ଼ି ଉପରକୁ କରିଛି ମରଣାନ୍ତକ ଆକ୍ରମଣ। ପୁଲିସ ଗାଡ଼ିକୁ ସମ୍ପୂର୍ଣ ଧ୍ୱଂସ କରିଦେବା ପାଇଁ ପିସିଆର୍ ଉପରକୁ ଡାଲା ଟେକି ମାଟି ଢାଳିଦେଇଛି ହାଇୱା। ୟୁପି, ବିହାରରେ ଦେଖିଥିବା ଘଟଣା ଘଟିଛି କଟକ ସହରରେ। ଯୋବ୍ରା ଆନିକଟରୁ ମାଲଗୋଦାମ୍ ଆଡ଼କୁ ଯାଉଥିବା ଏକ ହାଇୱାକୁ ରାତି ୧୧ଟା ୩୦ରେ ପିଛା କରିଥିଲା ପୁଲିସ ଗାଡ଼ି। ଏହାପରେ ପୁଲିସ ଗାଡ଼ି ଉପରକୁ ମାଟି ଢାଳି ଦେଲା ହାଇୱା। ହାଇୱାରେ ଥିଲା ମାଟି ଓ ନର୍ଦ୍ଦମା। ଏହି ଦୁର୍ଘଟଣାରେ ପିସିଆର ଗାଡି ଡ୍ରାଇଭର ଆହତ ହୋଇଥିବା ସୂଚନା ମିଳିଛି।

## ନିଖୋଜ ନାବାଳକ ଛାତ୍ର ମୃତ୍ୟୁ ମାମଲା

# ପୁନଃତଦନ୍ତ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ



କଟକ,୧୬।୧୨(ସମିସ): କଟକର ବାଦାମବାଡ଼ି ଅଞ୍ଚଳରେ ରହୁଥିବା କେମ୍ବ୍ରିଜ ସ୍କୁଲର ନବମ ଶ୍ରେଣୀ ଛାତ୍ର ଅମ୍ରିତ ନନ୍ଦଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ ଏବେ ଏକ ନୂଆ ମୋଡ଼ ଆସିଛି। ଗତ ୨୦୨୪ ଅକ୍ଟୋବର ୧୬ ତାରିଖ ରାତିରୁ ଅମ୍ରିତ ନିଖୋଜ ହେବା ପରେ ତାଙ୍କ ପରିବାର ପକ୍ଷରୁ ବାଦାମବାଡ଼ି ଥାନାରେ ଏତଲା ଦିଆଯାଇଥିଲା। ଘଟଣାର ଚାରି ଦିନ ପରେ ମଧୁପାଟଣା ଥାନା ପକ୍ଷରୁ ଗାଡ଼ି ଓ ମୋବାଇଲ ଜବତ ହେବା ସହ ଅମ୍ରିତଙ୍କ ମୃତ୍ୟୁ ଖବର ମିଳିଥିଲା। ପରିବାର ଲୋକେ ମେଡିକାଲରେ ପହଞ୍ଚିବା ବେଳକୁ ଅମ୍ରିତଙ୍କ ଶବ ବ୍ୟବଚ୍ଛେଦ ମଧ୍ୟ ସରିଯାଇଥିଲା, ଯାହା ପୁଲିସର କାର୍ଯ୍ୟଶୈଳୀ ଉପରେ ସନ୍ଦେହ ସୃଷ୍ଟି କରିଥିଲା। ଅମ୍ରିତଙ୍କ ମା' କୁଞ୍ଜଲତା ଖୁଣ୍ଟିଆଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ଦିନ ରାତିରେ ସାଇପ୍ରସାଦ ବାରିକ ଓ ପ୍ରୟାସ ଶୁଭଙ୍କର ତ୍ରିପାଠୀ ନାମକ ଦୁଇ ଯୁବକ ଅମ୍ରିତଙ୍କୁ ବାଇକରେ ନେଇଯାଉଥିବାର ସିସିଟିଭି ଫୁଟେଜ ସନ୍ତୋଷ ପେଟ୍ରୋଲ ପମ୍ପରୁ ମିଳିଥିଲା। ଏହାସତ୍ତ୍ୱେ ପୁଲିସ ଏହି ଘଟଣାକୁ ଗୁରୁତ୍ୱ ନ ଦେଇ ଏକ ସାଧାରଣ ସଡ଼କ ଦୁର୍ଘଟଣା କହି ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରିଥିବା ପରିବାର ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ପୁଲିସ, ଡିସିପି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶେଷରେ ବାପା ବିସ୍ମୟ ନନ୍ଦ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏହି ସମ୍ବେଦନଶୀଳ ମାମଲାକୁ ବିଚାର କରି ମାନ୍ୟବର ଅଦାଲତ ପୁଲିସକୁ ଘଟଣାର ସମ୍ପୂର୍ଣ୍ଣ ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଏମପିସ୍ଥିତ ଡାକ ବଙ୍ଗଳାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅମ୍ରିତଙ୍କ ବାପା କହିଛନ୍ତି ଯେ କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ତାଙ୍କର ନ୍ୟାୟ ପାଇବା ଆଶା ଉଜ୍ଜୀବିତ ହୋଇଛି ଏବଂ ସେ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଛନ୍ତି।

## ଛତ୍ରବଜାର ପରିବା ହାଟରେ ବଟି ପାଇଁ ଗଣ୍ଡଗୋଳ

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ଅଭିଯୁକ୍ତ ଅଟକ



କଟକ,୧୬।୧୨(ସମିସ): ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ବଜାରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକ ଜଣକ ରାସ୍ତା କଡ଼ରେ ପଡ଼ି ଛଟପଟ ହେଉଥିବା ବେଳେ ଖବର ପାଇ ପୁଲିସ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଆକ୍ରମଣର ଶିକାର ଯୁବକ ହେଉଛନ୍ତି ସୁଜିତ ରାଉତ(୨୮) ଓରଫ୍ ଲକି। ଘର ବାଦାମବାଡ଼ି ଥାନା ଶଙ୍କରପୁରରେ। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତ ବସନ୍ତକୁ ଅଟକ ରଖିଛି। ଦିନ ଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଲକିକୁ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

ଶଙ୍ଖତ୍ରାସ ଅଞ୍ଚଳର ବସନ୍ତ ଭୋଇ ଛତ୍ରବଜାରକୁ ପରିବା ବ୍ୟବସାୟ କରିବାକୁ ଯାଆନ୍ତି। ସେଠାରେ ଗତ ସୋମବାର ବସନ୍ତ ପରିବା ବ୍ୟବସାୟ କରୁଥିବା ସମୟରେ ସୁଜିତ୍‌ଙ୍କ ସହ ବଚସା ହୋଇଥିଲା। ବଚସାକୁ କେନ୍ଦ୍ରକରି ସୁଜିତ୍ ବସନ୍ତକୁ ମାର୍‌ପିଟ୍ କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ନିଜକୁ ପୁଲିସଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ସୁଜିତ୍ ଶଙ୍ଖତ୍ରାସରେ ଥିବା ନିଜ ବନ୍ଧୁଙ୍କ ଘରକୁ ଆସିଥିବାର ଶୁଣିବାକୁ ମିଳୁଛି। ଆଜି ଦିନ ୧୧ଟା ସମୟରେ ସୁଜିତ୍ ଶଙ୍ଖତ୍ରାସ ଆସିଥିବା ବେଳେ ବଜାର ଉପରେ ଥିବା କୁକୁଡା କାଉଣ୍ଟର ଆଗରେ ବସନ୍ତଙ୍କ ସହ ଦେଖାସାକ୍ଷାତ ହୋଇଥିଲା। ବସନ୍ତ ନିଜ ଅଞ୍ଚଳରେ ସୁଜିତ୍‌କୁ ଦେଖି ପୂର୍ବ ରାଗ ସୁଝାଇବା ଉଦ୍ଦେଶ୍ୟରେ କୁକୁଡ଼ା କଟା ଚାପଡ଼ ସାହାଯ୍ୟରେ ସୁଜିତ୍‌କୁ ଆକ୍ରମଣ କରିଥିଲା। ସୁଜିତ୍‌ର ମୁଣ୍ଡରେ ଚାପଡର ଆଘାତ ଲାଗିବାରୁ ରକ୍ତସ୍ରାବ ହେବା ସହ ସେ ଗୁରୁତର ହୋଇପଡ଼ିଥିଲା। ବସନ୍ତକୁ ଧରିବା ପାଇଁ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଦୀର୍ଘ ସମୟ ତନାଘନା ପରେ ଅଭିଯୁକ୍ତ ବସନ୍ତକୁ କାବୁ କରାଯାଇଥିଲା। ସଂଧ୍ୟା ସମୟରେ ଲକିର ସ୍ତ୍ରୀ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ସଦର ପୁଲିସ୍ ବସନ୍ତକୁ ଅଟକ ରଖିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

ଅନ୍ୟପଟେ, ଲକିର ବିଭିନ୍ନ ସମୟରେ ମଦ୍ୟପାନ କରି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିଲା। ଗତକାଲି ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳର ଉପନ୍ଦ୍ରେ ଦେବତାଙ୍କ ଘରେ ପଶି ଆକ୍ରମଣ କରିବା ସହିତ ତାଙ୍କ ଘର ବାହାରେ ରହିଥିବା ଏକ ବୁଲେଟ୍‌କୁ ନିଆଁ

### ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ରାସ୍ତାରେ ପୁଲିସର ଛାନଭିନ୍

ଲଗାଇ ଜାଳି ଦେଇଥିଲା। ଏହାପରେ ଆଜି ଉପେନ୍ଦ୍ର ଲକି ନାଁରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଉ ୩ ଜଣ ପରିବା ଦୋକାନୀଙ୍କୁ ବଟି ନ ଦେଲେ ଜୀବନରୁ ମାରିଦେବାକୁ ଲକି ଧମକ ଦେଇଥିଲା। ଏଠାରେ ସୂଚନାଯୋଗ୍ୟ, ଉରାଳି, ଜରିପଡ଼ା ଏବଂ ଶଙ୍ଖତ୍ରାସ ଅଞ୍ଚଳରୁ ପରିବା ବେପାରୀମାନେ ଛତ୍ରବଜାରରେ ପରିବା ବ୍ୟବସାୟ କରନ୍ତି। ପ୍ରତ୍ୟେକ ଦିନ ଆକ୍ରମଣର ଶିକାର ହୋଇଥିବା ଲକି ଉକ୍ତ ପରିବା ଦୋକାନୀଙ୍କୁ ଦାଦାବଟି ମାଗି ହଇରାଣ କରିଥାଏ। ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଏବଂ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକଙ୍କ ବୟାନକୁ ଆଧାର କରି ପୁଲିସ ତଦନ୍ତ ଜାରି ରଖିଛି।

# ତେଜପୁର ବିଶ୍ୱବିଦ୍ୟାଳୟ ଦୁର୍ନୀତି ବିରୋଧରେ ଏଆଇଡିଏସ୍‌ଓର ବିକ୍ଷୋଭ

କଟକ,୧୬।୧୨(ସମିସ): ଆସାମର ତେଜପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଚାଲିଥିବା ବ୍ୟାପକ ଦୁର୍ନୀତି ଏବଂ କୁଳପତିଙ୍କ ମନମୁଖୀ ଶାସନ ବିରୋଧରେ କଟକରେ ଏକ ବିଶାଳ ଛାତ୍ର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରୀୟ ପରିଷଦର ଡାକରାରେ କ୍ୟାମ୍ପସ ବଞ୍ଚାଅ, ଗଣତନ୍ତ୍ର ବଞ୍ଚାଅ ଅବସରରେ ଏଆଇଡିଏସ୍‌ଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ଇଶା ଧର ଏବଂ ସମ୍ପାଦକ ତରୁଣସେନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ତେଜପୁର ବିଶ୍ୱବିଦ୍ୟାଳୟର ବିବାଦିତ କୁଳପତିଙ୍କୁ ବହିଷ୍କାର କରିବା, ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍କଲାରସିପ୍ ଅର୍ଥ ଆତ୍ମସାତର ଉଚ୍ଚସ୍ତରୀୟ ତଦନ୍ତ କରିବା ଏବଂ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରାଇବା ପାଇଁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଉଦ୍‌ବୋଧନ ଦେଇ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ କହିଥିଲେ ଯେ ଜାତୀୟ ଶିକ୍ଷାନୀତି-୨୦୨୦ ମାଧ୍ୟମରେ କେନ୍ଦ୍ର ସରକାର ଶିକ୍ଷାର କର୍ପୋରେଟାଇଜେସନକୁ ପ୍ରୋତ୍ସାହନ ଦେଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଉଛି। ଧର୍ମ, ଜାତି ଓ ଅଞ୍ଚଳଭିତ୍ତିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ଫାଶୀବାଦୀ କୌଶଳରେ ନିୟନ୍ତ୍ରଣ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ସେ ଅଭିଯୋଗ କରିଥିଲେ। ସାରା ଦେଶରେ ଶିକ୍ଷା ଓ ଗଣତନ୍ତ୍ର ଉପରେ ହେଉଥିବା ଏହି ଯୋଜନାବଦ୍ଧ ଆକ୍ରମଣ ବିରୋଧରେ ସବୁସ୍ତରର ଛାତ୍ରଛାତ୍ରୀ ଓ ସାଧାରଣ ଜନତା ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ ଶିବାନୀ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ ଏବଂ ସରୋଜ ମାନସିଂହଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ର ସଦସ୍ୟ ସାମିଲ ହୋଇଥିଲେ।

# ପେନ୍‌ସନ ଲେନ୍‌ରେ ଡବଲ କ୍ୟାରମ୍ ପ୍ରତିଯୋଗିତା

କଟକ,୧୬।୧୨(ସମିସ): ପେନସନ ଲେନ ମହଲ୍ଲା ନୌଯବାନ କମିଟି ପକ୍ଷରୁ ସଂପାଦକ ସେକ ଗୁଲାମ ମୋଇଉଦ୍ଦିନଙ୍କ ଆହ୍ୱାନକ୍ରମେ ପେନସନ ଲେନଠାରେ ଏକ ଡବଲ କ୍ୟାରମ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିଯୋଗୀ ଉଚ୍ଚମାନର ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚରେ ତୁଳସୀପୁର ଅଞ୍ଚଳର ସେକ ବାବାଯାନୀ ଓ ସେକ ଜେସେହା ଯୁଗଳ ଚାମ୍ପିଅନ ହୋଇଥିବା ବେଳେ ସେକ ସମିମ ଓ ଏ. ଚଣ୍ଡୀ ଅନ୍ନପୂର୍ଣ୍ଣା ଯୁଗଳ ରନର୍ସଅପ ହୋଇଥିଲେ। ପ୍ରତିଯୋଗିତା ସମାପନ ଅବସରରେ ବିଜେତା ଓ ଉପବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପେନସନ ଲେନ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଉପସଭାପତି ଇମ୍ରାନ ଖାନ, ଯୁଗ୍ମ ସଂପାଦକ ଅବଦୁଲ ସାହିଦ, କୋଷାଧ୍ୟକ୍ଷ ସେକ ଖାଲିଲଉଲ୍ଲ ରହେମାନ, ସେକ ଜାବିର, ମୌସର ଅଲ୍ଲୀ, ସେକ ଜାବିର ବକ୍ସ, ଉସ୍ମାନ ଖାନ, ସେକ ନସିମ, ସେକ ରମଯାନୀ ପ୍ରମୁଖ ଉପସ୍ଥିତ ଥିଲେ।



# ଇସ୍‌କଫ୍‌ର ରାଜ୍ୟ ପରିଷଦ ବୈଠକ




କଟକ,୧୬।୧୨(ସମିସ): ଇସକଫ୍‌ର ରାଜ୍ୟ ପରିଷଦ ବୈଠକ ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅମରେଶ ପଟ୍ଟନାୟକ, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ଶିଶିଭୂଷଣ ବେହେରା, ବିଜୟ ପଡ଼ିହାରୀ, ଗୋକୁଳଚନ୍ଦ୍ର ପଣ୍ଡା ଓ ଅଧ୍ୟାପକ ମାନସରଞ୍ଜନ ବେଉରାଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ସଭା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଜାନକୀବଲ୍ଲଵ ମହାନ୍ତି ବିବରଣୀ ପାଠ କରିଥିଲେ। କଟକ, ଜଗତସିଂହପୁର, କେନ୍ଦ୍ରପଡ଼ା, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର, ସୁନ୍ଦରଗଡ଼, ଖୋର୍ଦ୍ଧା ଜିଲ୍ଲାର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଅମରେନ୍ଦ୍ର ମହାନ୍ତି, ସଦାନନ୍ଦ ସାହୁ, ହରପ୍ରସାଦ ରଥ, ରବି ଶତପଥୀ, ବିଷ୍ଣୁଚରଣ ମୁଦୁଲି, ଚିତ୍ତରଞ୍ଜନ ସ୍ୱାଇଁ, ଭ୍ରମରବର ସାହୁ, ସୁଶାନ୍ତ ମହାପାତ୍ର, ଆଭାସ ବରାଳ, ତପନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ସଞ୍ଜୟ ପରିଜା ଧନ୍ୟବାଦ ଦେଇଥିଲେ।






## ଟାଟା ପାୱାର୍‌ର ଦାଦାଗିରି

# ଅତିରିକ୍ତ ସୁରକ୍ଷା ଜମାରାଶିକୁ ବିରୋଧ କଲା ଓସ୍‌ମେ




- ଏମ୍‌ଏସ୍‌ଏମ୍‌ଇ ଜଗତରେ ବଢ଼ୁଛି ଅସନ୍ତୋଷ
- ବିଦ୍ୟୁତ୍ ସଙ୍କଟ ପାଇଁ ପ୍ରଭାବିତ ହୋଇଛି ଓଡ଼ିଶାର ଶିଳ୍ପଜଗତ

କଟକ,୧୬।୧୨(ସମିସ): ଓଡ଼ିଶାର ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମଏସଏମଇ) କ୍ଷେତ୍ର ଏବେ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ଦୈନିକ ଅଘୋଷିତ ବିଦ୍ୟୁତ କାଟ ଏବଂ ନିମ୍ନମାନର ଭୋଲଟେଜ୍ ସମସ୍ୟା ଶିଳ୍ପୋଦ୍ୟୋଗୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏପରିସ୍ଥଳେ ଟାଟା ପାୱାର ବିତରଣ କମ୍ପାନୀଗୁଡ଼ିକ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମାରାଶି ପାଇଁ ନିଆଯାଇଥିବା ପଦକ୍ଷେପ ନିଆଁରେ ଘିଅ ଢାଳିବା ସଦୃଶ ହୋଇଛି। ଓଡ଼ିଶା ମଧ୍ୟମ କ୍ଷୁଦ୍ର ଶିଳ୍ପ ସଂଘ (ଓସ୍‌ମେ) ଏହି ସମସ୍ୟାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିବା ସହ ବିତରଣ କମ୍ପାନୀର ଏଭଳି ଦାଦାଗିରିକୁ ତୀବ୍ର ସମାଲୋଚନା କରିଛି। ବିଶେଷକରି ଓଇଆରସି ବିତରଣ କୋଡ୍ ୨୦୧୯ର ବିଭିନ୍ନ ବୈଧାନିକ ଧାରାକୁ କେବଳ ନିଜର ଆର୍ଥିକ ସ୍ୱାର୍ଥ ରକ୍ଷା ପାଇଁ ବ୍ୟବହାର କରାଯାଉଥିବା ନେଇ ଏବେ ଶିଳ୍ପ ମହଲରେ ଚର୍ଚ୍ଚା ଜୋର ଧରିଛି।

ଏହି ସୁରକ୍ଷା ଜମାରାଶିର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇ ଓସ୍‌ମେର ସାଧାରଣ ସଚିବ ସ୍ୱାତିକ ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଗତ ଚାରି ବର୍ଷ ମଧ୍ୟରେ ବିଦ୍ୟୁତ କ୍ରୟ ମୂଲ୍ୟରେ କୌଣସି ଉଲ୍ଲେଖନୀୟ ବୃଦ୍ଧି ଘଟିନାହିଁ। ଏଭଳି ସ୍ଥିତିରେ ଗ୍ରାହକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦିବା କେବଳ ବିତରଣ କମ୍ପାନୀର ପରିଚାଳନାଗତ ଦୁର୍ବଳତାକୁ ଢାଙ୍କିବା ପାଇଁ ଏକ ପ୍ରୟାସ। ଯେଉଁ ସମୟରେ ରାଜ୍ୟ ସରକାର "ମେକ୍ ଇନ୍ ଓଡ଼ିଶା" ଏବଂ "ଭିଜନ୍ ୨୦୩୬' ମାଧ୍ୟମରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରୁଛନ୍ତି, ସେହି ସମୟରେ ବିଦ୍ୟୁତ ବିଭ୍ରାଟ ଯୋଗୁଁ ଉତ୍ପାଦନ ପ୍ରକ୍ରିୟା ବ୍ୟାହତ ହେବା ସହ କୋଟି କୋଟି ଟଙ୍କାର କଞ୍ଚାମାଲ ନଷ୍ଟ ହେଉଛି। ଅଧା ତିଆରି ସାମଗ୍ରୀ ପ୍ରତ୍ୟାଖ୍ୟାନ ହେବା ଏବଂ ରପ୍ତାନି ଆଦେଶ ପୂରଣ ନ ହୋଇପାରିବା ଯୋଗୁଁ ଓଡ଼ିଶାର ଏମଏସଏମଇ ମାନଙ୍କର ବିଶ୍ୱସନୀୟତା ବିଶ୍ୱ ବଜାରରେ ହ୍ରାସ ପାଉଛି। ଏହି ପରିପ୍ରେକ୍ଷୀରେ ଟାଟା ପାୱାରର ବିତରଣ କମ୍ପାନୀ ପକ୍ଷରୁ ଯଦି ୧୫ ଦିନ ମଧ୍ୟରେ ଅତିରିକ୍ତ ସୁରକ୍ଷା ଜମାରାଶି ନିଷ୍ପତ୍ତି ପ୍ରତ୍ୟାହାର କରା ନ ଯାଏ ତେବେ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ଶିଳ୍ପ ମନ୍ତ୍ରୀଙ୍କୁ ଓସମେ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହା ପରେ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ଶ୍ରୀ ସ୍ୱାଇଁ କଡା ଚେତାବନୀ ଦେଇଛନ୍ତି।

ବିତରଣ କମ୍ପାନୀଗୁଡ଼ିକ ଶିଳ୍ପ ଉପଭୋକ୍ତାଙ୍କଠାରୁ ନିୟମିତ ଭାବେ ଫିକ୍ସଡ୍ ଚାର୍ଜ ଏବଂ ଡିମାଣ୍ଡ ଚାର୍ଜ ଆଦାୟ କରୁଥିଲେ ମଧ୍ୟ ସେବା ଯୋଗାଇବାରେ ସେମାନଙ୍କର କୌଣସି ପ୍ରତିବଦ୍ଧତା ରହୁନାହିଁ। ବିଦ୍ୟୁତ୍ କାଟ ଯୋଗୁଁ ହେଉଥିବା ଆର୍ଥିକ କ୍ଷତି ପାଇଁ ଉଦ୍ୟୋଗୀଙ୍କୁ କୌଣସି କ୍ଷତିପୂରଣ ମିଳୁ ନଥିବା ବେଳେ, ଅତିରିକ୍ତ ଜମାରାଶି ପାଇଁ ଚାପ ପ୍ରୟୋଗ କରିବା ସମ୍ପୂର୍ଣ୍ଣ ଅନୈତିକ। ଫଳରେ ଉଦ୍ୟୋଗୀମାନେ ବାଧ ହୋଇ ଡିଜେଲ୍ ଜେନେରେଟର ସେଟ୍ ଉପରେ ନିର୍ଭର କରୁଛନ୍ତି, ଯାହା ସେମାନଙ୍କର ଉତ୍ପାଦନ ଖର୍ଚ୍ଚକୁ ବହୁଗୁଣିତ କରୁଛି। ଏହି ପରିସ୍ଥିତି କେବଳ ବ୍ୟବସାୟିକ ଅନୁକୂଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ଲକ୍ଷାଧିକ ଶ୍ରମିକଙ୍କ ଜୀବିକା ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଓସ୍‌ମେର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, କାର୍ଯ୍ୟନିର୍ବାହୀ ସମ୍ପାଦକ ବିପନ୍ନ ନାରାୟଣ ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ସମ୍ପାଦକ ପ୍ରତ୍ୟୁଷ ମହାରଣା, କଟକ ଜିଲ୍ଲା ସମ୍ପାଦକ ରୁଦ୍ରାଶିଷ ନାୟକ, ଯୁଗ୍ମସମ୍ପାଦକ (ଅର୍ଥ) ପରେଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଭିଶପ୍ତ ଶ୍ରୀରାମପୁରର ୫ ଗାଁ

● ରାସ୍ତା, ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ବ୍ୟବସ୍ଥା ନାହିଁ
● ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ବାଲିଗୁଡ଼ା,୧୬।୧୨(ସମିସ)

ଦୁର୍ଗମ ଅଞ୍ଚଳବାସୀ କେବେ ପାଇବେ ସରକାରୀ ଯୋଜନାର ସୁଫଳ। ଆଜି ବିକାଶର ବାଧକ ସାଜିଛି ପକ୍କା ରାସ୍ତା। କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଶ୍ରୀରାମପୁର୍ ଠାରୁ ଯୁବାଗୁଡ଼ା ଦେଇ ଜିଲ୍ଲାର ଅପହଞ୍ଚ ଦୁର୍ଗମ ସୀମାନ୍ତ ଅଞ୍ଚଳ ହେଉଛି ଲୁଧୁଙ୍ଗପଙ୍ଗା, ଡଙ୍ଗାବାଦେରି, ମେରାଗୁଡ଼ି, କୁଚାଗୁଡ଼ି ଓ ସୁନାପାଙ୍ଗା। ଏହି ଗାଁକୁ ବିକାଶ ବାଟ ଭୁଲିଛି। ଦୁର୍ଗମ ଆଦିବାସୀ ଲୋକେ ବିକାଶର ସ୍ୱାଦ ଚାଖିପାରିନାହାନ୍ତି। ସରକାର ପରେ ସରକାର ପରିବର୍ତ୍ତନ ହେଉଛି ଆଉ ସରକାରଙ୍କ ମାଳ ମାଳ ଯୋଜନା ହେଉଛି। କିନ୍ତୁ ସେହି ଯୋଜନା ସବୁ ସରକାରୀ ଦପ୍ତର ନଥିପତ୍ର ଭିତରେ ରହି ଯାଉଛି। କୋଟଗଡ଼ ବ୍ଲକର ଦୁର୍ଗମ ଗ୍ରାମାଞ୍ଚଳ ଯୁବାଗୁଡ଼ା ଦେଇ ଗ୍ରାମ୍ୟ ସଡ଼କ ଉନ୍ନୟନ ବିଭାଗ ପକ୍ଷରୁ ଜିଲ୍ଲାର ସୀମାନ୍ତକୁ ସଂଯୋଗ କରିଛି। କିନ୍ତୁ ସେହି ଆର୍‌ଡି ରାସ୍ତାର ଖରୁରିପଦା ଛକ ଠାରୁ ପ୍ରମୁଖ ଅଞ୍ଚଳକୁ ପାଖାପାଖି ୧୮ ରୁ ୨୦ କିମି ଦେଇ ଦାରିଙ୍ଗବାଡ଼ି ଅଞ୍ଚଳକୁ ସଂଯୋଗ କରୁଛି। ହେଲେ ଆଜି ମଧ୍ୟ ସେହି ପ୍ରମୁଖ ଅଞ୍ଚଳକୁ ବିକାଶ ସାତ ସପନ ପାଲଟିଛି। ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ପରିବାରର ଏକ ହଜାରରୁରୁ ଅଧିକ ଲୋକ ବସବାସ କରନ୍ତି ଏହି ଅଞ୍ଚଳରେ। ବାର୍ଦ୍ଧକ୍ୟ ଭତ୍ତା ଠୁ ଆରମ୍ଭ କରି ମାସିକ ରାସନ ଚାଉଳ ପାଇଁ ଶ୍ରୀରାମପୁର ପଞ୍ଚାୟତକୁ ଯିବାକୁ ପଡ଼ିଥାଏ ଖାଲଢ଼ିପ ଜଙ୍ଗଲି ରାସ୍ତାରେ। ଅଞ୍ଚଳର ଏହି ସବୁ ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନ ଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ବିଧାୟକ, ସାଂସଦ, ଅଞ୍ଚଳର ଜନପ୍ରତିନିଧି ଓ ଜିଲ୍ଲାପାଳ ଯୁଗ୍ମ ଜନଶୁଣାଣିରେ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ପାଇ ପାରିନାହାନ୍ତି। ଯାହା ଫଳରେ ଦୁଃଖ ଦୁର୍ଦ୍ଦଶା ଜର୍ଜରିତ ହୋଇ ଜୀବନ ବିତାଉଛନ୍ତି। ସେତିକିରେ





ସରିନି ସେହି ଅଞ୍ଚଳର ଦୁଃଖ କଥା। ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯଦି ସରକାର ସମସ୍ୟା ସମାଧାନ ନ କରିନ୍ତି ତେବେ ଆଗାମୀ ସାଧାରଣ ନିର୍ବାଚନ ସମୟରେ ପାଞ୍ଚ ସାତଟି ଗାଁର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ସେହି ଅଞ୍ଚଳର ଯୋସେଫ ମଲିକ, ପ୍ରଶନ ମଲିକ, ନାରବେଦ୍ର ମଲିକ, ଗାବିନ୍ ପାଟମାଝୀ , ସନ୍ତୋଷ ମଲିକ, ରାଜେନ୍ଦ୍ର ପାଟମାଝୀ ,ସାମସନ ମଲିକ, କବିରାଜ ମଲିକ, ରାଣ୍ଡି ପାଟମାଝୀ, ମଶା ପାଟମାଝୀ, ଲୁକାସ ପାଟମାଝି ଓ ଅଞ୍ଚଳବାସୀ।

## ବିଚାରାଧୀନ ବୃଦ୍ଧ କଏଦୀଙ୍କ ମୃତ୍ୟୁ

ବାଲିଗୁଡ଼ା,୧୬।୧୨(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରାଧୀନ ବୃଦ୍ଧ କଏଦୀଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ ବାଲିଗୁଡ଼ା ଉପ କାରାଗାରକୁ ୧୪ ତାରିଖରେ ଜି.ଉଦୟଗିରି କାରାଗାରରୁ ସ୍ଥାନାନ୍ତର ହୋଇ କଏଦୀ ଜଣକ ଆସିଥିଲେ। ସୋମବାର ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବୃଦ୍ଧ କଏଦୀ ଜଣକ ଟିକାବାଲି ବ୍ଲକ ବଡ଼ିମୁଣ୍ଡା ଗାଁର ହେରଦ ଦିଗାଲ। ଉପ କାରାଗାର କର୍ମଚାରୀଙ୍କ ସୂଚନା ମୁତାବକ ହେରଦ ଦିଗାଲଙ୍କ କିଛିଦିନ ପୂର୍ବରୁ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ତାଙ୍କୁ ପ୍ରଥମେ ବାଲିଗୁଡ଼ା ପୁଣି ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ପରେ ବାଲିଗୁଡ଼ା ଉପକାରାଗାରକୁ ଅଣାଯାଇଥିଲା। କିନ୍ତୁ ସୋମବାର ହଠାତ୍ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇ ମୃତ୍ୟୁ ଘଟିଛି। ଏ ପର୍ଯ୍ୟନ୍ତ ମୃତ କଏଦୀଙ୍କ ପରିବାରବର୍ଗ ଡାକ୍ତରଖାନାରେ ପହଞ୍ଚି ନଥିବା ସୂଚନା ମିଳିଛି।

## ବୁର୍ବିନାୟୁରେ କମ୍ବଳ ବଣ୍ଟନ



ଟିକାବାଲି,୧୬।୧୨(ସମିସ): ସମାଜସେବୀ ସଂଗଠନ ସ୍ୱାକ ପକ୍ଷରୁ ଟିକାବାଲି ବ୍ଲକର ୧୦ ପଞ୍ଚାୟତର ଶତାଧିକ ଅସହାୟ, ଗରିବ ଓ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବୁର୍ବିନାଜୁ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁମାନେ ବାର୍ଦ୍ଧକ୍ୟ କିମ୍ବା ଅସୁସ୍ଥତା କାରଣରୁ ସଭାସ୍ଥଳକୁ ଆସିପାରି ନଥିଲେ, ସଂଗଠନର ସଦସ୍ୟମାନେ ସେମାନଙ୍କ ଘରକୁ ଯାଇ କମ୍ବଳ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦିଲୀପ କୁମାର କହଁର, ବରିଷ୍ଠ ସାମ୍ବାଦିକ ସମୀର କୁମାର ପାଢ଼ୀ ଏବଂ ସଂଗଠନର ସଭାପତି ଆମନ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସମ୍ପାଦକ ହୃଷୀକେଶ ପ୍ରଧାନ, ଉପସଭାପତି ସସ୍ମିତା ମଲ୍ଲିକ, ସଞ୍ଜୀବ କୁମାର ଦିଗାଲ ଓ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨ ପଞ୍ଚାୟତରେ ମନରେଗା ସାମାଜିକ ସମୀକ୍ଷା ଗ୍ରାମସଭା

ଟିକାବାଲି,୧୬।୧୨(ସମିସ): ଟିକାବାଲି ବ୍ଲକ ବଡ଼ିମୁଣ୍ଡା ଏବଂ ଗାର୍ଡିଙ୍ଗିଆ ପଞ୍ଚାୟତରେ ମନରେଗାର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଚଳିତ ଡିସେମ୍ବର ମାସ ୧୦ ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ବ୍ଲକର ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ଦ୍ୱରା ହୋଇଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ରିପୋର୍ଟକୁ ଏହି ଗ୍ରାମସଭାରେ ହିତାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଛି। ବଡ଼ିମୁଣ୍ଡା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ଏହି ସଭାରେ ସରପଞ୍ଚ ବଦନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତା ବେହେରା, ଏଡିଓ ମନୋଜ କହଁର ଏବଂ ଗ୍ରାମ୍ୟ ସମ୍ବଳ କର୍ମୀ ସୁଲତା ଦିଗାଳ, ହେମଲତା ପ୍ରଧାନ ଓ ଚିନୁମା ପ୍ରଧାନ ଉପସ୍ଥିତ ରହି ସମୀକ୍ଷା ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଗାର୍ଡିଙ୍ଗିଆ ପଞ୍ଚାୟତରେ ସରପଞ୍ଚ ଜିତେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପିଇଓ ପ୍ରଦ୍ୟୁମ୍ନ ବେହେରା, ଏଡିଓ ଶ୍ରମିକ କହଁର, ବିଏସଏ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଏବଂ ଗ୍ରାମ୍ୟ ସମ୍ବଳ କର୍ମୀ ଅମିତା ଭୋଇ, ଚନ୍ଦମା ପ୍ରଧାନ ଓ କମଳା ପ୍ରଧାନ ଯୋଗ ଦେଇଥିଲେ। ଏହି ସମସ୍ତ ସମୀକ୍ଷା ରିପୋର୍ଟ ଓ ଗ୍ରାମସଭାର ନିଷ୍ପତ୍ତିକୁ ସରକାରଙ୍କ ପଞ୍ଚାୟତ ନିର୍ଣ୍ଣୟ ଆପ୍‌ରେ ପ୍ରକାଶ କରାଯାଇଛି। ଯୋଜନାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଉଭୟ ପଞ୍ଚାୟତରେ ଶତାଧିକ ମନରେଗା ହିତାଧିକାରୀ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ବିଷୟରେ ଜାଣିବାକୁ ପାଇଥିଲେ।

● ଆଶା ଆଶଙ୍କାରେ ଗଜପତି ଉତ୍ସବ

## ଅଧାରୁ ବନ୍ଦ ହେଲା ପ୍ରସ୍ତୁତି ବୈଠକ




ପାରଳାଖେମୁଣ୍ଡି, ୧୬।୧୨(ସମିସ): ଗଜପତି ଜିଲ୍ଲାର ଲୋକ କଳା ତଥା ସାଂସ୍କୃତିକ ଉତ୍ସବ "ଗଜପତି ଉତ୍ସବ-୨୦୨୫' ପ୍ରସ୍ତୁତି ବୈଠକ ଅଧାରୁ ବନ୍ଦ ହୋଇଯାଇଛି। ପୂର୍ବ ବର୍ଷର ଖର୍ଚ୍ଚ ଓ ଆଦାୟର ବିବରଣି ନଥିବାରୁ ଏହି ବୈଠକ ଅଧାରୁ ବନ୍ଦ ହୋଇଥିବାର ଜଣାପଡ଼ିଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ନିମନ୍ତେ ସ୍ଥିର କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଭାଗୃହରେ ବୈଠକ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା ଅଧ୍ୟକ୍ଷତା କରିଥିବା ବେଳେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ସମେତ ବହୁ ପଦାଧିକାରୀ, ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବ ବର୍ଷର ଖର୍ଚ୍ଚ ଓ ଆଦାୟର ବିବରଣୀ ଉପସ୍ଥାପନ କରାଯାଇପାରିନଥିଲା। ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହ ବୈଠକକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଥିଲେ ଯେ, ଗଜପତି ଉତ୍ସବର ସମସ୍ତ କମିଟିର ଅଧ୍ୟକ୍ଷଙ୍କୁ ନେଇ ଆସନ୍ତାକାଲି ବୈଠକ ହେବ। ତା'ପରେ ପୁଣି ବୈଠକ ଡକାଯାଇ ଚଳିତ ଗଜପତି ଉତ୍ସବ ପାଳନ ପାଇଁ ତାରିଖ ଧାର୍ଯ୍ୟ ହେବ ବୋଲି କହିଥିଲେ। ଅନ୍ୟପକ୍ଷରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ପାଇଁ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ପରିସ୍ଥିତି ଦେଖାଦେଇଛି। ଏପରି ପରିସ୍ଥିତକୁ ଦେଖି ଚଳିତ ବର୍ଷ ଗଜପତି ଉତ୍ସବ ହେବ କି' ନାହିଁ ତାହା ସନ୍ଦେହ ଘେରକୁ ଆସିଯାଇଥିବା ଅନେକଙ୍କ ମଧ୍ୟରେ ଆଲୋଚନା ହେଉଛି। ଅପରପକ୍ଷେ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଅନୁପସ୍ଥିତି ଥିବା ଏବଂ ସହକାରୀ ଅଧିକାରୀମାନେ କୌଣସି ନିର୍ଣ୍ଣୟ ନେଇପାରୁନଥିବାକୁ ମଧ୍ୟ ନେଇ ଆଲୋଚନା ହେଉଛି।

## ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରାୟଗଡ,୧୬।୧୨(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗଣ୍ଡାହାତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକାଦଶତମ ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସୋମବାର ଜିଲ୍ଲା ଜୁନିଅର ରେଡକ୍ରସର ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱରେ ଥିବା ମୁନିନ୍ଦ୍ର ହୋନନାଗା, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା ଓ ଗଣ୍ଡାହାତି ସରପଞ୍ଚ ଜ୍ୟୋତ୍ସ୍ନା କୁମାରୀ ମଣ୍ଡଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର, ଜିଲ୍ଲା ଜୁନିଅର ରେଡକ୍ରସ ସହ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ସଂଜୀବ କୁମାର ଦାସ, ଜିଲ୍ଲା ବରିଷ୍ଠ ସମ୍ବଳ ସାଧନ କର୍ମୀ ତଥା ଶିବିର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବିଷୋୟୀ, ଜିଲ୍ଲାର ବରିଷ୍ଠ ସମ୍ବଳ ସାଧନ କର୍ମୀ ସୁବାସ ଚନ୍ଦ୍ର ସାହୁ, ଜିଲ୍ଲା ସମ୍ବଳ ସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ ଓ ରାୟଗଡ ବ୍ଲକ ସଂଯୋଜକ ନୀତେଶ ଲେଙ୍କା ଉପସ୍ଥିତ ଥିଲେ। ଶିବିରରେ ୪୦୦ ଜଣ ଜୁନିଅର ଏବଂ ୧୫୦ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଶିବିରକୁ ବରିଷ୍ଠ ସାଧନ କର୍ମୀ ସୁବାଷ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିବା ସହ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୌମ୍ୟ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ନୂତନ ପଞ୍ଚାୟତ ଗଠନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ପାରଳାଖେମୁଣ୍ଡି, ୧୬।୧୨(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଲୁହଙ୍ଗର ପଞ୍ଚାୟତ ତୁଣ୍ଡରିସୌରି, ଚାକାବୁଲ, ପେଲାର, ଲୁହାସିଂ କୁମଯାଙ୍ଗ, କିତିଙ୍ଗୁଲ ସାତ ଗ୍ରାମର ଗ୍ରାମବାସୀ ଲୁହଙ୍ଗର ପଞ୍ଚାୟତରୁ ଅଲଗା ହୋଇ ୭ ଗ୍ରାମର କେନ୍ଦ୍ର ଲୁହାସିଂ ଗ୍ରାମରେ ନୂତନ ପଞ୍ଚାୟତ ଗଠନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ୭ ଗ୍ରାମର ସମୁଦାୟ ୧୬୯୫ ଜନ ସଂଖ୍ୟା ରହିଥିବା ବେଳେ ସେଥି ମଧ୍ୟରେ ୧୨୮୭ ଜଣ ଭୋଟର ଅଛନ୍ତି। ନୂତନ ଭାବେ ୭୦ଜଣ ଭୋଟର ତାଲିକାରେ ଆବେଦନ କରିଛନ୍ତି। ଏହି ୭ ଖଣ୍ଡ ଗ୍ରାମର ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏହି ଗ୍ରାମବାସୀଙ୍କୁ ଭୌଗଳିକ କାରଣରୁ ଏହି ସାତ ଖଣ୍ଡ ଗ୍ରାମକୁ ବନ ପାହାଡ଼ ଘେରି ରହିଛି। ଯାହା ଫଳରେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ମିଳୁଥିବା ଅନେକ ସୁବିଧା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏହି ୭ ଖଣ୍ଡ ଗ୍ରାମର ଅନେକ ଲୋକ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗତ କ୍ୟାବିନେଟ ବୈଠକରେ ନୂତନ ରାଜ୍ୟ ସରକାର ପଞ୍ଚାୟତ, ତହସିଲ ଓ ବ୍ଲକ ଗୁଡ଼ିକର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ ରଖିବା ପରେ ୭ ଖଣ୍ଡ ଗ୍ରାମବାସୀ ଆପୋଷ ଆଲୋଚନା କରି ଗ୍ରାମରେ ସଭା କରି ନୂତନ ପଞ୍ଚାୟତ ଗଠନ କରିବାକୁ ନିଷ୍ପତ୍ତି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୂତନ ପଞ୍ଚାୟତ ଗଠନ ପରେ ରାଜସ୍ୱ ବିଭାଗ କାର୍ଯ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ନିମନ୍ତେ ଲୁହାସିଂ ଠାରେ ଜମି ଛାଡ଼ିବାକୁ ଲୋକେ ମଧ୍ୟ ପ୍ରସ୍ତୁତ ଅଛନ୍ତି। ନୂତନ ପଞ୍ଚାୟତ ଗଠନ ହେଲେ ଅଞ୍ଚଳର ଆଦିବାସୀ ମାନେ ସମସ୍ତ ସରକାରୀ ସୁବିଧାର ଲାଭ ଉଠାଇବା ସହିତ ସୁରୁଖୁରରେ ଚଳିପାରିବେ ବୋଲି କହିଛନ୍ତି।



## ଅମୃତ ପରିବାର ତରଫରୁ ଅଷ୍ଟପ୍ରହରୀ

ଜି.ଉଦୟଗିରି,୧୬।୧୨(ସମିସ): ଜି.ଉଦୟଗିରି ବ୍ଲକ କାମ୍ବାନାୟୁରେ କାମ୍ବାନାୟୁ ଯଜ୍ଞ କମିଟି ଏବଂ ଅମୃତ ପରିବାର ତରଫରୁ ଚାଲିଥିବା ଅଷ୍ଟପ୍ରହରୀ ନାମ ଯଜ୍ଞର ପୂର୍ଣ୍ଣାହୁତି ସହିତ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ବନବାସୀ ସନ୍ଥ ସୁଦୟା ବାବାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କାମ୍ବାନାୟୁ ଯଜ୍ଞ କମିଟି ସଭାପତି ଚନ୍ଦ୍ରକାନ୍ତ ପ୍ରଧାନ, ସମ୍ପାଦକ ଜହରଲାଲ ପ୍ରଧାନ, ଅମୃତ ପରିବାର କେନ୍ଦ୍ରୀୟ କମିଟି ସଭାପତି ମଦନ ପ୍ରଧାନ, ସମ୍ପାଦକ ବୁଦ୍ଧଦେବ ପ୍ରଧାନ, କୋଷାଧ୍ୟକ୍ଷ ଉଦେଶନ ପ୍ରଧାନଙ୍କ ସହିତ ଶଶୀଭୂଷଣ ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଯଶିତ ପ୍ରଧାନ ଓ ଦୀନବନ୍ଧୁ ପ୍ରଧାନ ସହଯୋଗ କରିଥିଲେ।

## ଶ୍ରୀରାମ ମନ୍ଦିର ପରିଚାଳନା କମିଟିର କମ୍ବଳ ବଣ୍ଟନ



ଜି.ଉଦୟଗିରି,୧୬।୧୨(ସମିସ): ଜି.ଉଦୟଗିରି ପଦାସାହିରେ ଥିବା ରାମ ମନ୍ଦିରରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହୋମ, ନାମଯଜ୍ଞ, ଅନ୍ନଯଜ୍ଞ ସହ ସ୍ଥାନୀୟ ଅଞ୍ଚଳର ଗରିବ, ନିରାଶ୍ରୟ ବୃଦ୍ଧବୃଦ୍ଧାଙ୍କୁ କମିଟି ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। ଜି.ଉଦୟଗିରିରେ ୧୦ଦିନ ହେଲା ପାରଦ ୫ଡିଗ୍ରୀ ତଳେ ରହୁଥିବା ବେଳେ ଅସହାୟ ଲୋକେ ଶୀତରେ ଛଟପଟ ହେଉଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ସନ୍ତୋଷ ବାଘ, ଅନିଲ କୁମାର ପଟ୍ଟନାୟକ, ଅରୁଣ କୁମାର ଷଡଙ୍ଗୀ, ଥାନା ଅଧିକାରୀ ରଞ୍ଜିତା ବେହେରା, ସୁଦାମ ପାତ୍ର, ଦୁର୍ଗା ମାଧବ ପଟ୍ଟନାୟକ, ହେମନ୍ତ ପ୍ରଧାନ, ଭାଗବତ ଆର୍ଜାଲି, ସଞ୍ଜୀବ ପ୍ରଧାନ, ପୂର୍ଣ୍ଣ ପ୍ରଧାନ ଓ ରବି ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ବଣ୍ଟନ



ଫିରିଙ୍ଗିଆ,୧୬।୧୨(ସମିସ): କନ୍ଧମାଳ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଦୃଷ୍ଟିବାଧିତ +୩ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପ୍‌ଟପ୍ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣଙ୍କ ଦ୍ୱାରା ବଣ୍ଟନ କରାଯାଇଛି। ଜିଲ୍ଲାର ୭ ଜଣ ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କୁ ଏହି ଲାପ୍‌ଟପ୍ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ବିଭାଗୀୟ ପୋର୍ଟାଲରେ ଆବେଦନ କରିଥିଲେ। ଯେଉଁମାନେ ୪୦ ପ୍ରତିଶତରୁ ଅଧିକ ଦୃଷ୍ଟିବାଧିତ ସେମାନଙ୍କୁ ବିଭାଗ ପକ୍ଷରୁ ଚୟନ କରାଯାଇଥିଲା। ଯାହାକୁ ଆଜି କନ୍ଧମାଳ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରାଯାଇଛି।

## ବିଜେପିର ଏସ୍‌ଆଇଆର ସମ୍ବନ୍ଧୀୟ ଆଲୋଚନାଚକ୍ର

ରାଇକିଆ,୧୬।୧୨(ସମିସ): ରାଇକିଆ ହରି ଓମ୍ କଲ୍ୟାଣ ମଣ୍ଡପରେ ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ ଏସଆଇଆର ସମ୍ବନ୍ଧୀୟ ଆଲୋଚନାଚକ୍ର ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ, ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି ଯୋଗ ଦେଇ କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନ ସଂସ୍କାର ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସଂଜିତ ମଣ୍ଡଳ, ପୂର୍ବତନ ଜି. ଉଦୟଗିରି ବିଧାୟକ ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଲେଙ୍କା, ସମସ୍ତ ମଣ୍ଡଳ ସଭାପତି ଓ 'ମନ କି ବାତ୍‌ର' ସମସ୍ତ ସଂଯୋଜକ ଓ ଜିଲ୍ଲା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ୭ ତମ ଆଦିବାସୀ ଯୁବ ଭାବବିନିମୟ କାର୍ଯ୍ୟକ୍ରମ

## କନ୍ଧମାଳ ଦଳର ଇନ୍ଦୋର ଯାତ୍ରା

ଫୁଲବାଣୀ,୧୬।୧୨(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ମାଇ ଭାରତ ଫୁଲବାଣୀ ଓ ୧୨୭ ସିଆରପିଫ୍ ବାଲିଗୁଡାର ମିଳିତ ଆନୁକୂଲ୍ୟରେ ୧୭ତମ ଆଦିବାସୀ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ ଇନ୍ଦୋର ଯାତ୍ରା କରିଛି। ଏହି ଅବସରରେ ଜିଲ୍ଲା ନିଯୋଜନ ସଭାଗୃହ ଫୁଲବାଣୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା ନିଯୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ଖଜୁରିପଡାର ଜଗନ୍ନାଥ ସାହାଣୀ, ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ଫୁଲବାଣୀ ରତ୍ନାଙ୍କିଲ ମୁଖାର୍ଜୀ, ବିକ୍ରମ ଦାସ ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ କୋଟଗଡ ବ୍ଲକର ୨୦ ଜଣ ଭାଇ ଓ ଭଉଣୀ ଯାତ୍ରା କରିଛନ୍ତି। ଏସକର୍ଟ ଭାବରେ ୧୨୭ ସିଆରପିଫ ବାଲିଗୁଡାର ଅଶୋକ କୁମାର ସେଠୀ, ନିକୋ ମାଳଥୀ ସାଥିରେ ଯାତ୍ରା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଇନ୍ଦୋରରେ ଅନୁଷ୍ଠିତ ହେଉଛି ଏବଂ ଏଥିରେ ଓଡିଶା, ଛତିଶଗଡ, ଝାଡ଼ଖଣ୍ଡ, ମହାରାଷ୍ଟ୍ରର ଆଦିବାସୀ ଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରୁଛନ୍ତି।

## ଅବକାରୀ ବିଭାଗ ପ୍ରମୁଖ ସଚିବଙ୍କ କନ୍ଧମାଳ ଗସ୍ତ



ବୁଲି ଦେଖିଲେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ

ଫିରିଙ୍ଗିଆ,୧୬।୧୨(ସମିସ): ଓଡ଼ିଶା ସରକାରଙ୍କର ଅବକାରୀ ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା ୩ ଦିନିଆ କନ୍ଧମାଳ ଗସ୍ତରେ ଆସିଛନ୍ତି। ଏହି ଅବସରରେ ଫିରିଙ୍ଗିଆର ଜୟହନୁମାନ ସ୍ୱୟଂ ସହାୟିକା ଗ୍ରୁପ ମାଣ୍ଡ୍ରିପଡାର ଆରଡବ୍ଲୁସି ଓ ମାଣ୍ଡ୍ରିପଡାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବନ୍ଧଗଡ଼ର କସମ, ସାରଙ୍ଗଡର ଟ୍ୟାଙ୍କ, କୁଡୁତୁଳି ଏସ୍‌ଏସ୍‌ଡି ବିଦ୍ୟାଳୟ, ହଷ୍ଟେଲ ଓ ଫୁଲବାଣୀ ବସ୍‌ଷ୍ଟାଣ୍ଡ ସ୍ଥିତ ଆହାରକେନ୍ଦ୍ର ଆଦି ସ୍ଥାନ ଗସ୍ତକରି ଏହାର କାର୍ଯ୍ୟକାରିତା ଏବଂ କିପରି ଜନସାଧାରଣ ଏହାର ପୂର୍ଣ୍ଣମାତ୍ରାରେ ଲାଭ ପାଇପାରିବେ ସେ ବିଷୟରେ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହରେ ଆୟୋଜିତ ବୈଠକରେ ଯୋଗ ଦେଇ ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଉନ୍ନୟନମୂଳକ ତଥା ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳ ବେଦ ଭୂଷଣ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣତୀ ଦାଶ, ଜିଲ୍ଲାର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଆଦି ଯୋଗ ଦେଇଥିଲେ। ସଚିବଙ୍କ ଫିରିଙ୍ଗିଆ ଗସ୍ତ ସମୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୂପ ଅଭିଷେକ ବେହେରାଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# କୋଟଗଡ଼ ବନାଞ୍ଚଳରେ ୮ ହାତୀଙ୍କ ଉପଦ୍ରବ

## କେଶ୍ରାଗୁଡା ଜଙ୍ଗଲରେ ପଶି ନଷ୍ଟ କଲେ ବିରି ଫସଲ

କୋଟଗଡ,୧୬।୧୨(ସମିସ): ବାଲିଗୁଡା ବନଖଣ୍ଡର ତୁମୁଡିବନ୍ଧ, ବେଲଘର ଓ କୋଟଗଡ ବନାଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଗଜରାଜଙ୍କ ଉପଦ୍ରବ। ବିଭିନ୍ନ ସ୍ଥାନକୁ ଯାଇ ଏକର ଏକର ଫସଲ ନଷ୍ଟ କରି ନିଜର ଉପସ୍ଥିତି ଜାହିର କରୁଛନ୍ତି ହାତୀପଲ। ଗତଦିନରେ ବେଲଘର ବନାଞ୍ଚଳର ଝିରିପାଣି ଗ୍ରାମର କରଜଣ୍ଡି ଜଙ୍ଗଲରେ ଦନ୍ତାହାତୀ ମୃତ୍ୟୁ ଘଟଣା ହାତୀ ସୁରକ୍ଷାରେ ବନବିଭାଗର ବିଫଳତାକୁ ପଦାରେ ପକାଇଥିଲା। ଏବେ ଗତ ଦୁଇଦିନ ହେବ କୋଟଗଡ ବନାଞ୍ଚଳର କେଶ୍ରାଗୁଡା, ଡେଙ୍ଗୁଡା, ପୁଡାପଦର, ବଣ୍ଡାଗୁଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ଏକର ଏକର ବିରି ଫସଲ ନଷ୍ଟ କରିବା ସହିତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି। ଫଳରେ ଅଞ୍ଚଳ ଲୋକେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ବନ ଅଧିକାରୀଙ୍କ ସହିତ ଆଲୋଚନା କରିବାପରେ ସେ ଅଞ୍ଚଳକୁ ଆସିଥିବା ୮ ହାତୀର ଗତିବିଧି ଉପରେ ସମ୍ପୂର୍ଣ୍ଣ ଭାବେ ନଜର ରହିଛି। ହାତୀ ବର୍ତ୍ତମାନ କୋଟଗଡ଼ର ମଦାଙ୍ଗି ଜଙ୍ଗଲରେ ବୁଲୁଥିବା ସୂଚନା ମିଳିଛି। କେଶ୍ରାଗୁଡା ଗ୍ରାମର ମହେଶ୍ୱର ନାୟକ ଓ ଗୋପୀନାଥ ନାୟକ ନାମକ ଦୁଇଜଣ ଚାଷୀଙ୍କ ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। କାଗଜପତ୍ରକୁ ଯାଞ୍ଚ କରି ସେମାନଙ୍କ କ୍ଷତି ଅନୁଯାଇ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ବନଧିକାରୀ କହିଛନ୍ତି। ହାତୀ ଆତଙ୍କ ସୃଷ୍ଟି କରିବାର ୩ ଦିନ ବିତିଥିଲେ ମଧ୍ୟ ବନବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗ ହେଉଛି।



# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ; ଚେନ୍ନାଇରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୬।୧୨(ସମିସ): ଜନୈକା ମହିଳାଙ୍କୁ ଦୁଷ୍କର୍ମ କରି ଦୀର୍ଘ ୬ମାସ ଧରି ଫେରାର ଥିବା ଅଭିଯୁକ୍ତକୁ ବୈଦ୍ୟନାଥପୁର ପୁଲିସ ଚେନ୍ନାଇରୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମର ଧର୍ମେନ୍ଦ୍ର ପ୍ରଧାନ ଓରଫ ସୁଦାମ(୨୭)। ସୂଚନାଯୋଗ୍ୟ ଯେ, ପ୍ରାୟ ଦୁଇବର୍ଷ ପୂର୍ବେ ସୁଦାମ ଏକ ମୋବାଇଲ୍ ମରାମତି ଦୋକାନରେ ଅଭିଯୋଗକାରିଣୀଙ୍କ ସହ ସମ୍ପର୍କରେ ଆସିଥିଲା। ସେଠାରେ ତାଙ୍କୁ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ତାଙ୍କ ଘରକୁ ବାରମ୍ବାର ଯିବାଆସିବା କରୁଥିଲା। ଅଭିଯୋଗକାରିଣୀଙ୍କ ଦୁର୍ବଳତାର ସୁଯୋଗ ନେଇ ଧର୍ମେନ୍ଦ୍ର ବଳପୂର୍ବକ ଏକାଧିକ ଥର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା ଏବଂ ଏନେଇ କାହାକୁ କହିଲେ ତାଙ୍କ ନାବାଳକ ପୁଅକୁ ହତ୍ୟା କରିବାର ଧମକ ଦେଇଥିଲା। ଏହାପରେ ଅଭିଯୁକ୍ତ ଚେନ୍ନାଇ ସହରର ଏକ ଅଜ୍ଞାତ ସ୍ଥାନରେ ଆତ୍ମଗୋପନ କରିଥିଲା। ବୈଦ୍ୟନାଥପୁର ପୁଲିସ ଟିମ ଚେନ୍ନାଇରୁ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସ୍ଥାନୀୟ ସାଇଦାପେଟା ସ୍ଥିତ ୧୮ ତମ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରି ଟ୍ରାନ୍‌ଜିଟ୍ ରିମାଣ୍ଡରେ ଧର୍ମେନ୍ଦ୍ରକୁ ବ୍ରହ୍ମପୁର ଆଣି ପରେ କୋର୍ଟରେ ହାଜର କରିଥିଲା।

# କ୍ଷୀର ବ୍ୟବସାୟୀ ହତ୍ୟା ମାମଲା; ୨୩ରେ ରାୟ

ବ୍ରହ୍ମପୁର,୧୬।୧୨(ସମିସ): ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଧର ମୁନି ହତ୍ୟା ମାମଲାର ବିଚାରଣା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ ଅଦାଲତରେ ଚାଲୁରହିଛି। ଏହି ମାମଲାରେ ମଙ୍ଗଳବାର ଉଭୟପକ୍ଷର ଓକିଲ ନିଜ ପକ୍ଷ ରଖି ଯୁକ୍ତି ଉପସ୍ଥାପନ କରିଥିଲେ। ଜଜ୍ ଉଭୟଙ୍କ ଯୁକ୍ତି ଶୁଣିବା ପରେ ଆସନ୍ତା ୨୩ରେ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିବାକୁ ଧାର୍ଯ୍ୟ କରିଥିଲେ। ପ୍ରକାଶ ଥାଉକି, ୨୦୨୦ମସିହା ଜୁନ ୧୨ତାରିଖ ରାତିରେ ହିଲପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀଙ୍କୁ ତାଙ୍କ କ୍ଷୀର ଗୋଦାମ ଭିତରେ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଲମ୍ବୋଦରଙ୍କ ନିକଟରେ କାମ କରୁଥିବା କର୍ମଚାରୀ ସମେତ ମୋଟ ୫ଜଣ ମିଶି କ୍ଷୀର ଗୋଦାମରୁ ଟଙ୍କା ଲୁଟିବାକୁ ଯାଇଥିବା ବେଳେ ଲମ୍ବୋଦର ନିଦରୁ ଉଠି ପଡ଼ିବାରୁ ଧରାପଡ଼ିଯିବା ଭୟରେ ହତ୍ୟା କରି ପରେ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଇଥିଲେ। ପୁଲିସ ପର୍ଯ୍ୟାୟକ୍ରମେ ଅଭିଯୁକ୍ତ ରୂପେଶ ପାଢୀ, ଶ୍ରୀନୁ ରେଡି, ରଞ୍ଜିତ ସାହୁ ଓ ଶିବା ମହାକୁଡଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି। ସେହିପରି ଏହି ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଶଙ୍କର ସାହୁ ଏକ ଡକାୟତି ମାମଲାରେ ଢେଙ୍କାନାଳ ସଦର ପୁଲିସ ଦ୍ୱାରା ଗିରଫ ହୋଇ ସେଠାକାର ଜେଲରେ ରହିଥିବା ଜଣାପଡିଛି।

# ମଦ ଜବତ; ଜଣେ କୋର୍ଟଚାଲାଣ

ବ୍ରହ୍ମପୁର,୧୬।୧୨(ସମିସ): ଗୋପାଳପୁର ପୁଲିସ ଟାଟା କୋଲନୀ ଛକରେ ବିନା ଲାଇସେନ୍ସରେ ବିଦେଶୀ ମଦ ବିକ୍ରୀ କରୁଥିବା ଅଭିଯୋଗରେ ଜଣକୁ ଗିରଫ କରିବା ସହ ତାଠାରୁ ମଦ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଟାଟା କଲୋନୀ ସିନ୍ଧି ଗାଁର ତୁଳସେୟା ରେଡି ବୋଲି ପୁଲିସ କହିଛି। ଗତକାଲି ସନ୍ଧ୍ୟାରେ ଗୋପାଳପୁର ପୁଲିସ ଟାଟା କୋଲନୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଟାଟା କଲୋନୀ ଛକରେ ଅଭିଯୁକ୍ତ ତୁଳସେୟା ରେଡି ଧରିଥିବା ବେଗ ଯାଞ୍ଚ କରି ସେଥିରୁ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ମୋଟ ପ୍ରାୟ ୧୯ ଲିଟର ଜବତ କରିଥିଲେ। ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ପୁଲିସ କହିଛି।

# ବାର୍ଡଫ୍ଲୁ ପରିଚାଳନା ଓ ମକ୍‌ଡ୍ରିଲ



ବ୍ରହ୍ମପୁର,୧୬।୧୨(ସମିସ): ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କ କାର୍ଯ୍ୟାଳୟ ରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ବାର୍ଡଫ୍ଲୁ ପରିଚାଳନା ଓ ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏଡିଭିଓ ଡା. ଜଗଦୀଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାଣୀସମ୍ପଦ ବିଭାଗର ଉପନିର୍ଦ୍ଦେଶକ ଡା. ଶୁଭ୍ରକାନ୍ତ ମହାନ୍ତି, ସିଡିଭିଓ ଡା. ଅଞ୍ଜନ କୁମାର ଦାଶ, ଏଡିଭିଓ ତରୁଣେନ୍ଦ୍ର ପାତ୍ର ଓ ଏସ୍‌ଡିଭିଓ ଅରବିନ୍ଦ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ବାର୍ଡଫ୍ଲୁ ବିଶେଷତଃ ଶୀତ ଋତୁରେ ବ୍ୟାପୁଥିବାରୁ ଏହା ରୋକିବାକୁ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଏକ ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏକ୍ଷେତ୍ରରେ ପ୍ରାଣୀସମ୍ପଦ ବିଭାଗ ସହିତ ସ୍ୱାସ୍ଥ୍ୟବିଭାଗ, ବନବିଭାଗ ଓ ପଞ୍ଚାୟତିରାଜ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବାର୍ଡଫ୍ଲୁ ପ୍ରଥମେ ପକ୍ଷୀ ଏବଂ ବର୍ତ୍ତମାନ ମନୁଷ୍ୟଙ୍କୁ ବ୍ୟାପୁଥିବା ଦେଖାଦେଇଛି। ଯଦି ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ବ୍ୟାପିବା ଆରମ୍ଭ ହୁଏ ତେବେ ଘାତକ ହୋଇଥାଏ ବୋଲି ବୈଠକରେ କୁହାଯାଇଥିଲା। ଏଣୁ ସମସ୍ତେ ସତର୍କ ହୋଇ ଏହାକୁ ସମୂଳେ ନାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ବିଭାଗର ଭୂମିକାକୁ ନେଇ ସଚେତନତା କରାଯିବା ସହିତ ପ୍ରୟାସ ଜାରି ରହିଥିବା ସିଡିଭିଓ ଡା.ଦାଶ କହିଛନ୍ତି। ବୈଠକରେ ପ୍ରାଣୀସମ୍ପଦ, ସ୍ୱାସ୍ଥ୍ୟ, ଜଙ୍ଗଲ ଓ ପଞ୍ଚାୟତିରାଜ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ଗୋପାଳପୁର ବିକାଶରେ ବାଧକ ଅଦୃଶ୍ୟ ରାଜନୈତିକ ଚାପ, ଇଚ୍ଛାଶକ୍ତି ଅଭାବ

# ବେଳାଭୂମି ମହୋତ୍ସବ ବନ୍ଦ, ଅଟକିଲା ଇକୋ ରିଟ୍ରିଟ୍ କାର୍ଯ୍ୟ

ବ୍ରହ୍ମପୁର,୧୬।୧୨(ସମିସ): ଗୋପାଳପୁରର ବିକାଶରେ ଯେମିତି ବର୍ତ୍ତମାନ ଥୁକୁଲ ପଡ଼ିଯାଇଛି। କୌଣସି ନୂତନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେବା ତ ଦୂରର କଥା ପୂର୍ବରୁ ଜାରି ରହିଥିବା କାର୍ଯ୍ୟ ମଧ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସାଙ୍ଗକୁ ଅଦୃଶ୍ୟ ରାଜନୈତିକ ଚାପକୁ ଦାୟୀ କରାଯାଇଛି। ଗଞ୍ଜାମ ଜିଲ୍ଲା ହୋଟେଲ ମାଲିକ ସଂଘ ପକ୍ଷରୁ ୧୯୯୭ମସିହାରୁ ଆରମ୍ଭ ହୋଇ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ବର୍ତ୍ତମାନ ନିଜର ସତ୍ତା ଖୋଜିବାକୁ ବସିଛି। ପ୍ରତିବର୍ଷ ଡିସେମ୍ବର ୨୪ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଦିର୍ଘ ୫ଦିନ ବ୍ୟାପୀ ବେଳାଭୂମିରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେଉଥିଲା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କଳାକାରମାନଙ୍କ କାର୍ଯ୍ୟକ୍ରମ। ଯାହା ସମଗ୍ର ଦେଶରୁ ତଥା ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା। ୨୦୧୫ମସିହାରୁ ଜିଲ୍ଲା ପ୍ରଶାସନ ମହୋତ୍ସବ ଆୟୋଜନ କରିଆସୁଛି। ତେବେ ଏହି ଆନ୍ତର୍ଜାତୀୟ ସ୍ତରୀୟ ମହୋତ୍ସବ ଆୟୋଜନକୁ ନେଇ



ଗତ କିଛି ବର୍ଷ ହେଲା ଅନିଶ୍ଚିତତା ଲାଗିରହିଛି। ଗତବର୍ଷ ଏହା ଆୟୋଜିତ ହୋଇନଥିବା ବେଳେ ଚଳିତବର୍ଷ ମଧ୍ୟ ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତୁତି ବୈଠକ ମଧ୍ୟ ବସିନାହିଁ। ଫଳରେ ହାତରେ ଖୁବ୍ କମ୍ ଦିନ ଥିବାରୁ ଏହା ଆୟୋଜନ ସମ୍ଭବପର ମଧ୍ୟ ନୁହେଁ। କେବଳ ବେଳାଭୂମି ମହୋତ୍ସବ ନୁହେଁ ବରଂ ୮କୋଟି ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଗୋପାଳପୁର ଇକୋ ରିଟ୍ରିଟ୍ କାର୍ଯ୍ୟକ୍ଷମ ନହୋଇ ପଡ଼ି ରହିଛି। ଏହାକୁ ସଚଳ କରିବାକୁ ଯାଇ ନିକଟରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୪ଜଣ ଆଗ୍ରହୀ ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ସେଥିମଧ୍ୟରୁ ଜଣେ ଟେକ୍ନିକାଲ ତ୍ରୁଟି କାରଣରୁ ବାଦ୍ ପଡିଥିଲେ। ଅବଶିଷ୍ଟ ୩ଜଣ ବିଡରଙ୍କ ମଧ୍ୟରୁ ଏଲ୍-୧ ବିଡର ବାର୍ଷିକ ୯୦ଲକ୍ଷ ଟଙ୍କାରେ ଇକୋ ରିଟ୍ରିଟ୍‌କୁ ହାତକୁ ନେଇ କାର୍ଯ୍ୟକ୍ଷମ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ କୌଣସି କାରଣରୁ ଉକ୍ତ ଟେଣ୍ଡରକୁ କାର୍ଯ୍ୟକାରୀ କରାଯାଇପାରୁନଥିବା ଜଣାପଡିଛି। ସେହିଭଳି ପୂର୍ବରୁ ମଧ୍ୟ ଗୋପାଳପୁର ବେଳାଭୂମିର ପାର୍କିଂ ଟେଣ୍ଡରକୁ ନେଇ ଏକା ସମସ୍ୟା ଉପୁଜିଥିଲା। ଦଳୀୟ ଲୋକଙ୍କୁ ଟେଣ୍ଡର ଦେବାକୁ ଏହିସବୁ ବିକାଶମୂଳକ କାର୍ଯ୍ୟରେ ବାଧା

**ପର୍ଯ୍ୟଟନ କ୍ୟାଲେଣ୍ଡରରୁ ଲିଭିଯିବ ଗୋପାଳପୁର ବେଳାଭୂମି ମହୋତ୍ସବ**

ସୃଷ୍ଟି କରାଯାଉଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାରେ ଆମୋଦପ୍ରମୋଦ ପାଇଁ ସେଭଳି କିଛି ପ୍ରକୃଷ୍ଟ ସ୍ଥାନ ବା ବ୍ୟବସ୍ଥା ନଥିବା ବେଳେ ବେଳାଭୂମିରେ ଆୟୋଜିତ ହେଉଥିବା ମହୋତ୍ସବକୁ ସମସ୍ତେ ଅପେକ୍ଷା କରିଥାନ୍ତି। ସେହିଭଳି ଏହି ମହୋତ୍ସବ ଜରିଆରେ ହୋଟେଲ ବ୍ୟବସାୟ ସହିତ ଅଞ୍ଚଳବାସୀ ମଧ୍ୟ ବେଶ ଦୁଇ ପଇସା ରୋଜଗାର କରିବାର ସୁଯୋଗ ପାଉଥିଲେ। ବର୍ତ୍ତମାନ ତାହାକୁ ଉଦ୍ଦେଶ୍ୟମୂଳକ ଭାବେ କିଛି ବ୍ୟକ୍ତିବିଶେଷ ନିଜର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏଭଳି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ଅସନ୍ତୋଷ କୁହୁଳିବାରେ ଲାଗିଛି।

## ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମଙ୍କ ସମେତ ୫ ଜଣଙ୍କ ଜାମିନ ଆବେଦନ ଖାରଜ

- ଜାମିନ ଆବେଦନକୁ ନେଇ ୫ଘଣ୍ଟାର ଶୁଣାଣି ପରେ ୩୬ ପୃଷ୍ଠାର ରାୟ ପ୍ରକାଶ
- ଉଚ୍ଚ ନ୍ୟାୟାଳୟରେ କରାଯିବ ଜାମିନ ଆବେଦନ

ବ୍ରହ୍ମପୁର,୧୬।୧୨(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାମାମଲାରେ ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ରାୟ ପ୍ରକାଶ ପାଇଛି। ସମସ୍ତ ୫ଜଣ ଅଭିଯୁକ୍ତଙ୍କ ଆବେଦନକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମ ଖାରଜ କରିଛନ୍ତି। ମାମଲାରେ ପୁଲିସ ମୋଟ ୧୬ଜଣଙ୍କୁ ଗିରଫ କରିଥିବା ବେଳେ ସେଥିମଧ୍ୟରୁ ୫ଜଣ ଜାମିନ ପାଇଁ ଆବେଦନ କରିଥିଲେ। ଗତ ୧୨ତାରିଖରେ ଜାମିନ ଆବେଦନର ଶୁଣାଣି ଦିର୍ଘ ୫ଘଣ୍ଟା ଧରି ହୋଇଥିଲା। ମଙ୍ଗଳବାର ପ୍ରାରମ୍ଭରେ କୋର୍ଟ ରାୟ ପ୍ରକାଶ କରି ୫ଜଣ ଅଭିଯୁକ୍ତ ଯଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ସୁନୀଲ ହୋତା ଓ ଶୂନ୍ୟଚନ୍ଦ୍ର ଦାସଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଏଥିପାଇଁ କୋର୍ଟଙ୍କ ପକ୍ଷରୁ ୩୬ପୃଷ୍ଠାର ରାୟ ସମ୍ବଳିତ ଥିବା ଜଣାପଡିଛି। କୋର୍ଟଙ୍କ ରାୟରେ ସରକାରଙ୍କ ଦ୍ୱାରା ନିୟୋଜିତ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ସନ୍ତୋଷ ପ୍ରକାଶ କରିଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ମୋକଦ୍ଦମା ପରିଚାଳନା କରିଥିବା ଆଇନଜୀବୀ ମାନସ ଚାନ୍ଦ, ଦୀପକ ପଟ୍ଟନାୟକ, କୁମାରକାନ୍ତ ବେହେରା, କୈଳାସ ପଣ୍ଡା, ସଂଜିତ ପାଣିଗ୍ରାହୀ, ଶିବ ନାରାୟଣ ସାହୁ, ଅନନ୍ତ ନାରାୟଣ ମହାନ୍ତି, ଚକ୍ରଧର ନାହାକ ଓ ଶିବରାମ ପାତ୍ର ପ୍ରମୁଖ ଅଭିଯୁକ୍ତଙ୍କୁ ଜାମିନ ସହିତ ନ୍ୟାୟ ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯିବ ବୋଲି କହିଛନ୍ତି।

# ବିଜୟ ହଜାରେ ଟ୍ରଫିରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ୍‌ର 'ଓମ୍'



ବ୍ରହ୍ମପୁର,୧୬।୧୨(ସମିସ): ବିସିସିଆଇ ଆୟୋଜିତ ବିଜୟ ହଜାରେ ଟ୍ରଫି ଓଡ଼ିଶା ସିନିୟର ପୁରୁଷ ଦଳର ନାମ ଘୋଷଣା ହୋଇଛି। ଏଥିରେ ବ୍ରହ୍ମପୁର ଆଲ୍‌ଫା ସ୍ପୋର୍ଟିଂ କ୍ଲବ୍ ସଦସ୍ୟ ଓମ୍ ଟି. ମୁଣ୍ଡେ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଦୀର୍ଘ ୩୦ବର୍ଷ ବ୍ୟବଧାନରେ ବ୍ରହ୍ମପୁରରୁ ଏହି ଟ୍ରଫି ପାଇଁ ଜଣେ ଖେଳାଳି ଚୟନ ହୋଇଥିବା ଆଲ୍‌ଫା ସୋର୍ଟିଂ କ୍ଲବ୍ ସମ୍ପାଦକ ବିଜୟ ଭାସ୍କର ସିଂହସାମନ୍ତ କହିଛନ୍ତି। ଓମ୍‌ଙ୍କ ଏହି ସଫଳତା ଅନ୍ୟ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବ ଓ ଏହାଦ୍ୱାରା ନୂଆ ପ୍ରତିଭା ସୃଷ୍ଟି ହୋଇପାରିବେ ବୋଲି ସେ କହିଛନ୍ତି। ଓମ୍‌ଙ୍କ ଏହି ସଫଳତା ପାଇଁ କ୍ଲବର ସଭାପତି ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସମ୍ପାଦକ ନୃସିଂହ ପଟ୍ଟନାୟକ, ଆନିସ ବେଗ, ଡେଭିଡ ନିର୍ଭୟ ନାୟକ ଓ ଶାନ୍ତନୁ ମିଶ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ମାର୍ଚ୍ଚ ୫ତାରିଖରେ ବ୍ରହ୍ମପୁର ଠାରେ କ୍ଲବ ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଜୁ ପଟ୍ଟନାୟକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲ୍ଲା ବକ୍ସିଂ ଦଳର ରାଉରକେଲା ଯାତ୍ରା



ବ୍ରହ୍ମପୁର,୧୬।୧୨(ସମିସ): ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଏଲିଟ୍ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଗଞ୍ଜାମ ଜିଲ୍ଲାସ୍ତରୀୟ ବକ୍ସିଂ ଦଳ ଚୟନ ହୋଇଛି। ଦଳରେ ୧୦ଜଣ ପୁରୁଷ ଓ ୫ଜଣ ମହିଳା ବକ୍ସର, କୋଚ୍, ମ୍ୟାନେଜର ଓ ରେଫରୀଙ୍କ ସମେତ ମୋଟ ୧୮ଜଣିଆ ବକ୍ସିଂ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ରାଉରକେଲା ଅଭିମୁଖେ ମଙ୍ଗଳବାର ଯାତ୍ରା କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲା ଆଥେଲେଟିକ ଆସୋସିଏସନର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ଜିଡ଼ିଏର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ପୁରୁଷ ବକ୍ସିଂ ଦଳରେ ଅମନ ପାଢ଼ୀ, ବି. ନୀଳକଣ୍ଠ, ପ୍ରବୀଣ ସେଠୀ, ଏସ. ସାଇ ପ୍ରତାପ, ଏସ. ସାଇ କିରଣ, ସରୋଜ କୁମାର ପଣ୍ଡା, ଶଙ୍କର ବେହେରା, ଏ. ଯୋଗୀ ନନ୍ଦ, ସଂଗ୍ରାମ ସାମଲ ଓ କେ. କରୁଣ କୁମାର ଅଛନ୍ତି। ସେହିଭଳି ମହିଳା ଦଳରେ ଏ. ରିତୁ ରାଓ, ମନସ୍ୱିନୀ ସାବତ, ଶ୍ୟାମା ମୁଖୀ, ରେଣୁ ମହାପାତ୍ର ଓ ସ୍ମୃତିଶା ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ଖେଳାଳିଙ୍କ ସହ କୋଚ୍ ମ୍ୟାନେଜର ଭାବେ ବିପିନି ଗୌଡ଼, ମୁନା ଗୌଡ ଏବଂ ସୁନିମା ପଣ୍ଡା ଯାତ୍ରା କରିଛନ୍ତି। ସେହିପରି ପୂର୍ବତନ ବକ୍ସର ଏବଂ ରାଜ୍ୟ ରେଫରୀ ଜଜ୍ ଶିବରାମ ପାତ୍ର, ବୁଲୁ ପାତ୍ର, ଅନ୍ତର୍ଜାତୀୟ ରେଫରୀ ଶିଶିର କୁମାର ପାଣିଗ୍ରାହୀ ଦଳ ସହ ଯାତ୍ରା କରିଛନ୍ତି। ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରିବେ ବୋଲି କେ. ପ୍ରଭାକର ରାଓ, ଲଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ସୁମନ ଦାଶ, ସଞ୍ଜୀବ ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଆଶା ବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି।

# ପୁରୁଣା ୱାରେଣ୍ଟରେ ୩ ଗିରଫ

ବ୍ରହ୍ମପୁର,୧୬।୧୨(ସମିସ): ଗୋପାଳପୁର ପୁଲିସ ମଙ୍ଗଳବାର ପୁରୁଣା ୱାରେଣ୍ଟ ବଳରେ ୩ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମଚନ୍ଦ୍ରପୁର ଗ୍ରାମର ଶଙ୍କର ଦାସ, ଅଜିତ ଦାସ ଓ ସନ୍ତୋଷ ଦାସ ବୋଲି ପୁଲିସ କହିଛି। ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଗତ ୨୦୧୮ ସେପ୍ଟେମ୍ବର ୩ରେ ହୋଇଥିବା ଏକ ଗଣ୍ଡଗୋଳରେ ପୁଲିସ ନଂ.୧୦୮/୧୮ରେ ମାମଲା ରୁଜୁ କରିଥିଲା। କୋର୍ଟ ଆଦେଶକୁ ଅବମାନନା କରିଥିବାରୁ ଏହି ୩ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ଏନେଇ ଅଭିଯୁକ୍ତକୁ ଧରିବା ପାଇଁ ଗୋପାଳପୁର ଥାନାକୁ ଚଳିତ ବର୍ଷ ଅକ୍ଟୋବର ୩୧ତାରିଖରେ କୋର୍ଟରୁ ନୋଟିସ ଜାରି ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ ରାମଚନ୍ଦ୍ରପୁର ଗ୍ରାମରୁ ୩ଜଣ ଅଭିଯୁକ୍ତକୁ କାବୁ କରି ପୁଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି।




## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ବୈଠକ

# ମହାବିଦ୍ୟାଳୟ ପାଣ୍ଠିକୁ ବ୍ୟବହାର କରିବ ବିଶ୍ୱବିଦ୍ୟାଳୟ



**ହରିହର ମର୍ଦ୍ଦରାଜ ଓ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ନାମରେ ନାମିତ ହେବ ନବନିର୍ମିତ ପରୀକ୍ଷା କେନ୍ଦ୍ର**

ବ୍ରହ୍ମପୁର, ୧୬।୧୨ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ସିଣ୍ଡିକେଟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗ ସହ ପ୍ରଥମ ସମାବର୍ତ୍ତନ ଉତ୍ସବ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ୨୦୨୧ମସିହାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ ବିଭିନ୍ନ କାରଣରୁ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇପାରି ନାହିଁ। ତେବେ ୨୦୨୪ମସିହାରେ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିବା ପରେ ଉତ୍ସବ ଆୟୋଜନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରସ୍ତାବିତ ପ୍ରଥମ ସମାବର୍ତ୍ତନ ଉତ୍ସବରେ ୨୦୨୧ ଓ ୨୦୨୨ମସିହା ବ୍ୟାଚର ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜାନୁଆରୀରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ପଦକ ସହ ସମ୍ମାନିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଗଚ୍ଛିତ ପାଣ୍ଠିକୁ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ନବନିର୍ମିତ ପରୀକ୍ଷା କେନ୍ଦ୍ର କୋଠାକୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ହରିହର ମର୍ଦ୍ଦରାଜ ଓ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ନାମରେ ନାମିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ହିନ୍ଦୀ ଓ ଦର୍ଶନଶାସ୍ତ୍ର ବିଭାଗରେ ନୂତନ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ନେଇ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହା ସହ ବିଶ୍ୱବିଦ୍ୟାଳୟର ସମସ୍ତ ଶ୍ରେଣୀରେ ଇଣ୍ଡିଆନ ନଲେଜ ସିଷ୍ଟମ ନାମକ ଏକ ପେପରକୁ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଯୋଡାଯିବା ନେଇ ଆଲୋଚନା କରାଯାଇଥିଲା। ସେହିପରି ବୈଠକରେ ବିଭିନ୍ନ ପରୀକ୍ଷାର ଫଳାଫଳକୁ ଅନୁମୋଦନ କରାଯାଇଥିଲା। ପୂର୍ବ ସିଣ୍ଡିକେଟ ବୈଠକରେ ମଞ୍ଜୁର ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା ସହ କାର୍ଯ୍ୟକାରୀ କରିବାକୁ ସ୍ଥିର ହୋଇଥିଲା। ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ତାହାର ସମାଧନକୁ ନେଇ ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟ କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ଉପକୁଳସଚିବ ପ୍ରଶାନ୍ତ କୁମାର ନରେନ୍ଦ୍ର, ପିଜି କାଉନସିଲ ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକ, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ନାରାୟଣ ବେହେରା, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ, ଡ. ଯତୀନ ବିଷୋୟୀଙ୍କ ସମେତ ସିଣ୍ଡିକେଟ ସଦସ୍ୟ ଭି. ଶେଷଗିରି ରାଓ, ଡ. ଗୌତମ ସାବତ, ଡ଼. ଅନ୍ନପୂର୍ଣ୍ଣା ସାହୁ, ଡ଼. ପ୍ରଣତି ରଥ, ନାରାୟଣ ପଣ୍ଡା ଓ ରାମଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



# ଧନୁ ସଂକ୍ରାନ୍ତିରେ ଆଖଣ୍ଡଳମଣିଙ୍କୁ ଲାଗି ହେଲା ଧନୁ ମୁଆଁଭୋଗ



ଆରଡି,୧୬ ।୧୧(ସମିସ): ମଙ୍ଗଳବାର ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଶୈବଧାମ ଆରଡି ପୀଠରେ ବାବା ଆଖଣ୍ଡଳମଣିଙ୍କୁ ଲାଗି ହୋଇଛି ଧନୁ ମୁଆଁଭୋଗ। ଏଥିପାଇଁ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ସହ ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି, ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ଭୋଗରେ ଧନୁମୁଆଁ ଲାଗି କରାଯାଇଥିଲା। ପରେ ହଜାର ହଜାର ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଦର୍ଶନ କରିବା ସହ ଧନୁ ମୁଆଁ ଭୋଗ ଲାଗି କରିଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର



ଧାମନଗର,୧୬ ।୧୨(ସମିସ):ଧାମନଗର ଥାନା ଅଧୀନ ଧାମନଗରଠାରୁ ଧାମନଗର ଛକ ଦେଇଯାଇଥିବା ରାଜ୍ୟ ରାଜପଥର ମହୁରା ଛକ ନିକଟରେ ଆଜି ଅପରାହ୍ନ ୩ଟା ସମୟରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଆହତ ହୋଇଛନ୍ତି। ଧୂଷୁରୀ ଥାନା ଅଧୀନ ଗୁଲନଗର ଶାସନ ଗ୍ରାମର ଶେଷଦେବ ମିଶ୍ର ମାରୁତି ସୁଜୁକି କାର୍‌ରେ ସ୍ତ୍ରୀ ସହିତ ଭୁବନେଶ୍ୱର ଯାଉଥିବା ସମୟରେ ଧାମନଗର ଛକ ପୂର୍ବରୁ ମହୁରା ଛକ ନିକଟରେ ଏକ ଟାଟାଏସି ଗାଡି ବାମ ପଟରେ ରାସ୍ତା ଉପରେ ଛିଡା ହୋଇଥିବାରୁ ଶେଷଦେବ ଗାଡ଼ିକୁ ସାମାନ୍ୟ ଡାହାଣକୁ କାଟି ଯିବାକୁ ଚେଷ୍ଟା କରୁଥିବା ସମୟରେ ହଠାତ ଆଗ ପଟରୁ ଅର୍ଥାତ ଧାମନଗର ଛକ ପଟରୁ ଧାମନଗର ଥାନା ଅଧୀନ ପଳିକିରି ଗ୍ରାମର ପବିତ୍ର ଜେନା ବାଇକ୍‌ରେ ସ୍ତ୍ରୀ ସହିତ ଆସୁଥିବା ସମୟରେ ଭରସାମ୍ୟ ହରାଇ କାର୍ ଧକ୍କା ଦେବା ଫଳରେ ଉଭୟ ସ୍ୱାମୀସ୍ତ୍ରୀ ଗୁରୁତର ଆଘାତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ପଠାଇଥିଲେ। ଉଭୟ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଧାମନଗର ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତେବେ ଖବର ଲେଖି ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ବ୍ୟବସାୟୀ ମହାବୀର ଗୁପ୍ତାଙ୍କ ପରଲୋକ



ବନ୍ତ/ଆଗରପଡ଼ା,୧୬।୧୨(ସମିସ):ଆଗରପଡ଼ାର ଲୁଗା ବ୍ୟବସାୟୀ ସ୍ୱର୍ଗତ ଗିରିବର ଗୁପ୍ତାଙ୍କ ପୁଅ ମହାବୀର(୬୧)ଙ୍କ ପରଲୋକ ଘଟିଛି। ସେ ଯାଜପୁରସ୍ଥ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଥିବାବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ଚିକିତ୍ସା ପାଇଁ କଟକ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଯକୃତଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ବ୍ୟବସାୟୀ ବଡ଼ଭାଇ ଶ୍ୟାମ, ଲଚ୍ଛୁ, ପୁତୁରା ଜ୍ଞାନୀଙ୍କ ସମେତ ପତ୍ନୀ, ଏକମାତ୍ର ପୁଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ପରୋପକାରୀ, ଧାର୍ମିକ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ଆଗରପଡ଼ା, ଯାଜପୁର ରୋଡ୍ ଆଦି ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଗଡ଼ଚଣ୍ଡୀ ମନ୍ଦିରରେ ଅଗ୍ନିକାଣ୍ଡ

ବନ୍ତ/ଆଗରପଡ଼ା,୧୬।୧୨(ସମିସ):ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ବିଟିପୁର(ଗଡ଼ସାହୀ) ଗ୍ରାମରେ ଅବସ୍ଥିତ ଡ. ହରେକୃଷ୍ଣ ମହତାବଙ୍କ ଅନ୍ୟତମ କୂଳଦେବୀ ଗଡ଼ଚଣ୍ଡୀଙ୍କ ମନ୍ଦିରରେ ସୋମବାର ବିଳମ୍ବିତ ରାତିରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଚଣ୍ଡିଙ୍କ କିଛି ଲୁଗାପଟା ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଯାଇଥିବା ଜଣାପଡ଼ିଛି। ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟାୟ, ଅନୀତି ବଢ଼ିବାରୁ ଏଭଳି ଅଘଟଣ ଘଟିଲା ବୋଲି ପୁରୁଖା ଗ୍ରାମବାସୀ କହିବାରୁ ମାର୍ଜନା କାର୍ଯ୍ୟ ହୋଇଥିଲା।

## ୩୫ନଂ ଆଖଣ୍ଡଳମଣି ରାଜ୍ୟ ରାଜପଥ

# ସରୁନି କାମ, ବାରମ୍ବାର ଘଟୁଛି ଦୁର୍ଘଟଣା

ଅସୁରାଳି,୧୬ ।୧୨(ସମିସ):

ଭଦ୍ରକ ଜିଲ୍ଲାର ପ୍ରମୁଖ ୩୫ନଂ ଆଖଣ୍ଡଳମଣି ରାଜ୍ୟରାଜପଥ। ଏହା ବାବା ଆଖଣ୍ଡଳମଣି ଧାମକୁ ଯୋଗାଯୋଗର ଜୀବନରେଖା। ଏହି ରାଜପଥ ଦୁର୍ଘଟଣାର ପେଣ୍ଠସ୍ଥଳରେ ପରିଣତ ହୋଇଛି। ପ୍ରାୟ ୫ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନି। ନିମ୍ନମାନର କାମ ଓ ବିଳମ୍ବ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଛି। ପିଚୁ କାମରେ ନିୟମିତତା ନ ଥିବାରୁ ପ୍ରଥମ ପର୍ଯ୍ୟାୟରେ ୨ ଇଞ୍ଚ ମୋଟେଇ ପରିବର୍ତ୍ତେ ୧ ଇଞ୍ଚରୁ କମ୍ ପିଚୁ ପଡୁଛି। ଦୁଇତିନି ଦିନରେ ପିଚୁରୁ ଗୋଡ଼ି ବାହାରି ପଡୁଥିବାରୁ ବାଇକ ଚଳାଇବା ଅସମ୍ଭବ ହେଉଛି। ୩୮ କିମି ରାସ୍ତାକୁ ବସ୍‌ରେ ଯିବାକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି।

୫ ବର୍ଷ ଧରି କାର୍ଯ୍ୟ ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ ସମନ୍ୱୟ ନ ଥିବାରୁ କାମ ଆଗେଇ ପାରୁନି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ମଧ୍ୟ ହୋଇଥିଲା। ମାତ୍ର ପ୍ରଶାସନର ନିଷ୍କ୍ରିୟତା ଆହୁରି ଏକ ଆଗାମୀ ଜନଆନ୍ଦୋଳନକୁ ପ୍ରଶ୍ରୟ ଦେଉଛି। ବେତାଳିଗାଁ ବଜାରରେ ଅଞ୍ଚଳବାସୀଙ୍କ ରାସ୍ତାରୋକ ପରେ ପ୍ରଶାସନ ଓ ଠିକାଦାର ସର୍ତ୍ତରେ ରାଜି ହୋଇଥିଲେ। ଧାମନଗର ବିଡିଓ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ପରେ କାର୍ଯ୍ୟରେ କୌଣସି ସୁଧାର ଆସିନାହିଁ। ପ୍ରଶାସନିକ ପ୍ରତିଶ୍ରୁତି ଅନୁସାରେ ସୂଚନାଫଳକ ଲାଗିବାକୁ କୁହାଯାଇଥିଲେ ମଧ୍ୟ ଏଯାବତ କେଉଁଠି ବି ଲାଗିନାହିଁ। ଅପରପକ୍ଷେ ଦିନକୁ ଦିନ ଦୁର୍ଘଟଣାର ନୂତନ ଘଟଣା ଦେଖିବାକୁ ମିଳୁଛି ଓ ପାଳସାହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ରାସ୍ତା ଅବସ୍ଥାର ଫଟୋ ଉଠାଇ ସୁପରିଟେଣ୍ଡେଣ୍ଟଙ୍କୁ ଅବଗତ କରିବାର କିଛି ସମୟ ପରେ ବେତାଳିଗାଁର ଯୁବକ କୃଷ୍ଣଚନ୍ଦ୍ର ସାହୁ ବାଇକ ସହ ଗୋଡ଼ି ଉପରେ ଭାସି ଗଭୀର ଦଳଗଡିଆରେ ପଡି ଗୁରୁତର ଆହତ ହୋଇଥିଲେ। ବାଇକ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଣୁ ଜିଲ୍ଲା ପ୍ରଶାସନ ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଜୋରଦାର ଦାବି ହେଉଛି। ବୁଦ୍ଧିଜୀବୀ ମହଲ, ବିଭିନ୍ନ ରାଜନୈତିକ ସଂଗଠନ ଓ ସାମାଜିକ କର୍ମୀ ପ୍ରଶାସନକୁ ଗମ୍ଭୀରତାର ସହ ଦୃଷ୍ଟି ଦେବାକୁ ଚେତାବନୀ ଦେଇଛନ୍ତି।



ଆନ୍ଦୋଳନ ପରେ ବି ଚେତୁନି ପ୍ରଶାସନ

### ସେମାନେ ଯାହା କୁହନ୍ତି



୩୮ କିମି ରାସ୍ତା ୫ ବର୍ଷ ଧରି କାମ ହେଉଛି, କିନ୍ତୁ ସମାପ୍ତ ହେବାର ନାଁ ଧରୁନି। ଅଞ୍ଚଳବାସୀଙ୍କ ପାଇଁ ଏହା ସ୍ୱପ୍ନ ଭଳି। ଯଦି ଆଗାମୀ ମାସେ ମଧ୍ୟରେ କାମ ସମାପ୍ତ ନ ହୁଏ, ଧୂଷୁରୀରେ ରାସ୍ତାରୋକ କରାଯିବ। ଡିସେମ୍ବର ମାସ ସୁଦ୍ଧା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜିଲ୍ଲା ପରିଷଦ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ନ ହେବା ଦୁର୍ଭାଗ୍ୟଜନକ।

**ପ୍ରଦୀପ କୁମାର ମଲ୍ଲିକ,** ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ



ଏହି ରାସ୍ତା କାମ ନେଇ ପୁଣିଥରେ ଜନଆନ୍ଦୋଳନ କରା ନ ଗଲେ ପ୍ରଶାସନ ଚେତିବ ନାହିଁ।

**ରମେଶ ବେହେରା,** କଂଗ୍ରେସ ନେତା



ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଅଛନ୍ତି। ତେବେ ଭଦ୍ରକ-ଆରଡି ଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଦୁରାବସ୍ଥା ଦୂର ନ ହେବା ଦୁର୍ଭାଗ୍ୟଜନକ ବିଷୟ।

**ବିମଳା ନାଥ,** ଅନୁକମ୍ପା ମହିଳା ସଂଗଠନ

■ ଅପହୃତା ନାବାଳିକା ନୂଆଦିଲ୍ଲୀରୁ ଉଦ୍ଧାର

# ବିବାହ ପାଇଁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ

ଭଦ୍ରକ, ୧୬ ।୧୨(ସମିସ): ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ନିଜ ଗାଁର ଜଣେ ମହିଳା ଅପହରଣ କରି ନୂଆଦିଲ୍ଲୀ ନେଇଯାଇଥିଲେ। ସେଠାରୁ ମୁକୁଳି ଗାଁକୁ ଫେରିଛନ୍ତି। ସେଠାରେ ନାବାଳିକା ଛାତ୍ରୀଙ୍କୁ ବିବାହ କରାଇ ଦେବାକୁ ମହିଳା ଜଣକ ଚାହୁଁଥିଲେ। ସେ ରାଜି ନ ହେବାରୁ ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ, ଚଳିତ ମାସ ୩ ତାରିଖ ସନ୍ଧ୍ୟାରେ ନାବାଳିକା ଛାତ୍ରୀଙ୍କୁ ସେହି ଗ୍ରାମର ମହିଳା ଗୋଲାପୀ ସେଠୀ ନିଜ ଘରକୁ ଡାକିଥିଲା। ସେ ପହଞ୍ଚିବା ପରେ ମହିଳାଙ୍କ ବୋହୂ ରାଧା ସେଠୀ ଛାତ୍ରୀଙ୍କ ଚୁଟିକୁ ପଛରୁ ଟାଣି ହାତଗୋଡ ବାନ୍ଧି କାର୍ ଯୋଗ ତିହିଡି ନେଇଯାଇଥିଲେ। ପରଦିନ ସକାଳୁ ଷ୍ଟେସନକୁ ନିଆଯାଇଥିଲା। ସେଠାରେ ଥିବା ଗ୍ରାମର ଭରତ ସେଠୀ ଓ ଅନ୍ୟ ଦୁଇଜଣ ଟ୍ରେନରେ ଛାତ୍ରୀଙ୍କୁ ଦିଲ୍ଲୀ ନେଇଯାଇଥିଲେ। ନୂଆଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କୁ ବିବାହ କରିବାକୁ କୁହାଯାଇଥିଲା। ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ଠିକ୍ ଭାବେ ଖାଇବାକୁ ନ ଦେଇ ମାଡ଼ ମରାଯିବା ସହ ଚେଙ୍କ ଦିଆଯାଇଥିଲା ବୋଲି ଛାତ୍ରୀ କହିଛନ୍ତି। ତେବେ ନାବାଳିକା ଛାତ୍ରୀ କୌଣସି ପ୍ରକାରରେ ଘରକୁ ଫୋନ୍‌ରେ କଥା ହେବା ପରେ ତାଙ୍କ ବାପାମାଆ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀ ମଧ୍ୟ ଛାତ୍ରୀଙ୍କୁ ଦିଲ୍ଲୀରୁ ଆଣି ଗାଁରେ ଛାଡିବାକୁ ମହିଳାଙ୍କ ପରିବାର ଉପରେ ଚାପ ପକାଇଥିଲେ। ୯ ତାରିଖରେ ଛାତ୍ରୀଙ୍କୁ ଦିଲ୍ଲୀରୁ ଆଣି ସହରର ବାଇପାସ ଛକରେ ଛାଡ଼ିବା ପରେ ପୁଲିସ ସମସ୍ତ ବିଷୟ ଅବଗତ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଘଟଣାକୁ ନେଇ ଗାଁର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ମିଶନଶକ୍ତି ଗୃହରେ ଆଜି ଏକ ବୈଠକ କରିଥିଲେ। ଅପହୃତା ଛାତ୍ରୀଙ୍କ ମୁହଁରୁ ସବୁକଥା ଶୁଣିବା ପରେ ଗୋଲାପୀ ସେଠୀଙ୍କୁ ଏ ବିଷୟରେ ପଚାରିବାକୁ ମହିଳାମାନେ ଏକଜୁଟ ହୋଇ ତାଙ୍କ ଘରେ ପହଞ୍ଚିଥିଲେ। ତେବେ ସେମାନେ ତାଙ୍କୁ ପାଇ ନ ଥିଲେ। ଏ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଅପହରଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମହିଳା। ଅପରପକ୍ଷରେ ପୁଲିସ ଏହି ଘଟଣାରେ କାହାରିକୁ ଗିରଫ କରିନାହିଁ। ତଦନ୍ତ ଚାଲିଛି ବୋଲି ଗ୍ରାମାଞ୍ଚଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମାଞ୍ଚଳ ଥାନା ଆଇଆଇସି ନିରୋଜ ସାମଲ କହିଛନ୍ତି, ଆମେ ମାମଲା ରୁଜୁ କରିଛୁ। ତେବେ ସମ୍ପୃକ୍ତା ଛାତ୍ରୀ ବାରମ୍ବାର ବୟାନ ବଦଳାଉଥିବାରୁ ତଦନ୍ତ ପ୍ରକ୍ରିୟା ସମୟ ନେଉଛି।

# ଦୁଇଦିନରେ ୨ ହଜାର ଲିଟର ପୋଚ ନଷ୍ଟ କଲା ତିହିଡ଼ି ପୁଲିସ



ତିହିଡ଼ି,୧୬ ।୧୨(ସମିସ): ତିହିଡି ଥାନା ଅଧୀନ ତାଳପଦା ଓ ଗୁଆମାଳର ସୀମା ଭୂୟାଁୱାସରେ ପୁଲିସ ଅତର୍କିତ ଚଢ଼ଉ କରି ହଜାରେ ଲିଟରରୁ ଊର୍ଦ୍ଧ୍ୱ ଗୁଡ ପୋଚ ନଷ୍ଟ କରିଛି। ତିହିଡି ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତର ତାଳପଦା ଗାଁରେ ଥିବା ଦେଶୀମଦ ଭାଟି ଉପରେ ରବିବାର ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟା, ସବଇନ୍ସପେକ୍ଟର ପ୍ରଶାନ୍ତ ନାୟକ ପୁଲିସ ଟିମ୍‌କୁ ନେଇ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଗୁଳ୍ମ ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣରେ ଗୁଡ ପୋଚ ଠାବ କରାଯାଇଥିଲା। ସେହିଭଳି ଆଜି ଭୂୟାଁୱାସରେ ୨୦ଟି ୫୦ ଲିଟିରିଆ ଡ୍ରମ୍‌ରେ ରଖାଯାଇଥିବା ହଜାରେ ଲିଟରରୁ ଅଧିକ ଗୁଡ ପୋଚ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିଲା। ଚଢ଼ଉ ସମୟରେ ଭାଟି ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିଲେ।

ଦୀର୍ଘବର୍ଷ ହେଲା ତିହିଡ଼ି ପୁଲିସ ଦ୍ୱାରା ଭୂୟାଁୱାସ ସମେତ ତାଳପଦା ପଞ୍ଚାୟତରେ ଥିବା ୧୦ରୁ ଅଧିକ ମଦ ଭାଟି ଉପରେ ଚଢ଼ଉ କରି ଭାଟି ଭାଙ୍ଗିବା ସହିତ ଗୁଡ ପୋଚ ନଷ୍ଟ କରିଥାଏ । ବେଆଇନ ମଦ ପ୍ରସ୍ତୁତ ଓ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। ପରେ ଜାମିନରେ ଆସି ପୂର୍ବବତ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା। ବାରମ୍ବାର ଜାମିନରେ ଆସି ଦେଶୀମଦ ପ୍ରସ୍ତୁତ କରୁଥବା ଜଣାପଡ଼ିଛି।

# ଅଗ୍ନିକାଣ୍ଡରେ ୫ ଗୋରୁ ଜୀବନ୍ତ ଦଗ୍ଧ

ବନ୍ତ/ଆଗରପଡ଼ା,୧୬।୧୨(ସମିସ):ଅଗ୍ନିକାଣ୍ଡ ଘଟି ୫ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଏକ ବାଛୁରୀ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବନ୍ତ ତହସିଲ ଅନ୍ତର୍ଗତ ବସନ୍ତିଆ ୧୦ନଂ ୱାର୍ଡର ଅର୍ଜୁନ ଚରଣ ଦାସଙ୍କ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଗୋରୁ ଚିତ୍କାର କରିବାରୁ ଘର ଲୋକ ଉଠିଦେଖିଲା ବେଳକୁ ନିଆଁ ଚାରିଆଡ଼େ ବ୍ୟାପୀ ଯାଇଥିଲା। ଗୋରୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲା। ସେତେବେଳକୁ ୫ଟି ଗୋରୁ ମୃତ୍ୟୁବରଣ କରିଥିବାବେଳେ ଗୋଟିଏ ବାଛୁରୀକୁ ଉଦ୍ଧାର କରାଯାଇଥିଲା। ଖବର ପାଇ ହାଟଡିହି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



● ଆବାସ ନିର୍ମାଣରେ ସରପଞ୍ଚଙ୍କ ନିଆରା ପ୍ରୟାସ

# ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସହାୟତା

ବନ୍ତ/ଆଗରପଡ଼ା,୧୬।୧୨(ସମିସ):ରାଜ୍ୟ ଓ କେନ୍ଦ୍ରର ମିଳିତ ସହଯୋଗରେ ଯାହାର ଭଙ୍ଗା କୁଡ଼ିଆ ଥାଏ ଗରିବ ଓ ଅସହାୟ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତୋଦୟ ଗୃହ ଯୋଜନାରେ ପକ୍କା ଗୃହ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଅତିରିକ୍ତ ଏନଆରଜିଏସ ମାଧ୍ୟମରେ ୨୪ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ଯୁଗରେ ଖର୍ଚ୍ଚ ଅଧିକା ହେଉଥିବାରୁ ସେହି ଟଙ୍କାରେ ଘର ନିର୍ମାଣ କରିବା ଅସମ୍ଭବ ହୋଇପଡୁଛି। ଲୋକେ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଘର ନିର୍ମାଣ ବାବଦ ଅଗ୍ରିମ ୪୦ ହଜାର ଟଙ୍କା ପାଇଥିଲେ ମଧ୍ୟ ଘର ଖଣ୍ଡିଏ କରିପାରୁନାହାନ୍ତି। ଏଭଳି ସ୍ଥଳେ ଘର କରିପାରୁ ନ ଥିବା ଅସହାୟ ଓ ଗରିବ ଲୋକଙ୍କ ପାଇଁ ଦେବଦୂତ ସାଜିଛନ୍ତି ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତର ଯୁବ ସରପଞ୍ଚ ହିରେନ୍ଦ୍ର ଖିଲାର।



ପଞ୍ଚାୟତର ତାଳବରେଇ ଜେନା ସାହିର ଭିନ୍ନକ୍ଷମ ଜନ୍ମରୁ ଦୃଷ୍ଟିବାଧିତ ବିଜୟ କୁମାର ଜେନା ୬ ମାସ ପୂର୍ବରୁ ପାଇଥିବା ଅନ୍ତୋଦୟ ଗୃହ ଯୋଜନାରେ ଘର ଖଣ୍ଡିଏ ପାଇଥିଲେ ମଧ୍ୟ ଘର କରିପାରୁ ନ ଥିଲେ। ସ୍ଥାନୀୟ ୱାର୍ଡ ସଭ୍ୟା ସାନ୍ଧ୍ୟରାଣୀ ବେହେରାଙ୍କ ପାଖରୁ ଯୁବ ସରପଞ୍ଚ ହିରେନ୍ଦ୍ର ବିଜୟଙ୍କ ଦୁଃଖ ଶୁଣିବା ପରେ ମଙ୍ଗଳବାର ବିଜୟଙ୍କ ଘରେ ପହଞ୍ଚି ପକ୍କାଘର ନିର୍ମାଣ ପାଇଁ ଶୁଭ ଦେଇଥିବା ଜଣାପଡ଼ିଛି। ଦୁଇମାସ ମଧ୍ୟରେ ଏହି ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ବିଜୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯୁବ ସରପଞ୍ଚ। ଧାର୍ଯ୍ୟ ଜାଗାରେ ଗୃହ ନିର୍ମାଣ ପାଇଁ ୩ ଲକ୍ଷରୁ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ସ୍ଥଳେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ୪୪ ହଜାର ଟଙ୍କାର ଆର୍ôଥକ ସହାୟତା ମିଳିବ। ତେଣୁ ଆଉ ଯେଉଁ ଅର୍ଥ ଆବଶ୍ୟକ ପଡ଼ିବ, ତାକୁ ସରପଞ୍ଚ ବହନ କରିବାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ରାମକୃଷ୍ଣପୁର ଗ୍ରାମରେ ରାଜକିଶୋର ବାରିକଙ୍କ ଘର ନିର୍ମାଣ କାର୍ଯ୍ୟ ଚାଲିଥିବା କଥା ସରପଞ୍ଚ ହିରେନ୍ଦ୍ର ଖିଲାର ପ୍ରକାଶ କରିଛନ୍ତି। ସରପଞ୍ଚଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

ଜନ୍ମଦିନର ଶୁଭେଚ୍ଛା



ବିଶ୍ୱଜିତ ଗୋସ୍ୱାମୀ
ବିଦ୍ୟାଧରପୁର, କଟକ
ତୋର ଜନ୍ମଦିନ ଅବସରରେ ମୁଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅପାର କରୁଣାରୁ ତୋର ଚଲାପଥ ହେଉ କୁସୁମିତ, ଜୀବନ ହେଉ ଉଦ୍ଭାସିତ।
ଶୁଭେଚ୍ଛା ସହ
ବାପା- ସତ୍ୟଜିତ୍ ଗୋସ୍ୱାମୀ, ମା-ସରୋଜିନୀ ଗୋସ୍ୱାମୀ, ଜେଜେ ମା- କେଳାରାଣୀ, ପିଉସି- ଇତିଶ୍ରୀ, ଆଈ- କମଳା, ଅଜା- ଚକ୍ରଧର, ବନ୍ଧୁ ଓ ପରିବାରବର୍ଗ

## ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

# ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଧାରଣା

ତିହିଡ଼ି,୧୬ ।୧୨(ସମିସ):

ତିହିଡି ବ୍ଲକ ଅଧୀନ ବାରସର ପଞ୍ଚାୟତର ତଳଦପା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକ ଆଜି ପୂର୍ବାହ୍ନରେ ତିହିଡିସ୍ଥ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଛନ୍ତି। ସ୍କୁଲରେ ବେଆଇନ ଭାବେ ନିଯୁକ୍ତ ପାଚିକାଙ୍କୁ ବହିଷ୍କାର, ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସ୍କୁଲରେ ଶିକ୍ଷାଦାନର ସୁପରିଚାଳନା ପାଇଁ ଶିକ୍ଷକ ନିଯୁକ୍ତି ଦାବିରେ ଏହି ଧାରଣା ଦିଆଯାଇଥିବା ଜଣାଯାଇଛି।

ସୂଚନା ମୁତାବକ, ତଳଦପା ପ୍ରାଥମିକ ସ୍କୁଲରେ ନିଯୁକ୍ତି ପାଇଥିବା ପାଚିକାଙ୍କୁ କେତେକ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ସ୍କୁଲର ପ୍ରଧାନଶିକ୍ଷକ ତାଙ୍କୁ ବେଆଇନ ଭାବେ ନିଯୁକ୍ତି ଦେଇଥିବା ସେମାନେ ବିଇଓଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ସେହି ପାଚିକାଙ୍କ ବହିଷ୍କାର କରିବାକୁ କିଛିଦିନ ପୂର୍ବେ କେତେକ ଗ୍ରାମବାସୀ ଦାବି କରିଥିଲେ। ପରେ ଏହି ଘଟଣାକୁ କେନ୍ଦ୍ରକରି ସ୍କୁଲରେ ପ୍ରଧାନଶିକ୍ଷକ ଓ କେତେକ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଏ ସମ୍ପର୍କରେ ଉଭୟ ପକ୍ଷରୁ ପୀରହାଟ ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିଲା। ତେବେ ଗଣ୍ଡଗୋଳ ହେବା ପରଠାରୁ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକଙ୍କ ସମେତ ୩ ଜଣ ଶିକ୍ଷକ ସ୍କୁଲକୁ ଯାଉ ନ ଥିବାବେଳେ ସେମାନଙ୍କ ସ୍ଥାନରେ ଅନ୍ୟ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ଜଣାଯାଇଛି। ତେବେ ସ୍କୁଲକୁ ଶୈକ୍ଷିକ ବାତାବରଣ ଫେରି ନ ଥିବାବେଳେ ବିଇଓଙ୍କ ସାମ୍ନାରେ ଦିଆଯାଇଥିବା ଧାରଣା ପରିସ୍ଥିତିକୁ ଜଟିଳ କରିଥିବା ଦେଖିବାକୁ ମିଳିଛି।



## ଏଟିଏମ୍‌ରୁ ପାଇଥିବା ଟଙ୍କା ପୁଲିସକୁ ହସ୍ତାନ୍ତର



ଧାମନଗର,୧୬।୧୨(ସମିସ): ଏଟିଏମ୍‌ରୁ ପାଇଥିବା ଟଙ୍କା ପୁଲିସକୁ ହସ୍ତାନ୍ତର କରି ସଚ୍ଚୋଟତା ଓ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି ଧାମନଗରର ଜଣେ ଯୁବକ। ଧାମନଗର ଥାନା ସାମ୍ନାରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ କେହି ଜଣେ ଅଜଣା ବ୍ୟକ୍ତି ପ୍ରାୟ ୩ ହଜାର ଟଙ୍କା ଛାଡ଼ି ଚାଲିଯାଇଥିଲେ। ଏଟିଏମ୍‌ରେ ଟଙ୍କା ପଡ଼ିଥିବା ଦେଖି ଯୁବକ ଜଣକ ସେଗୁଡ଼ିକୁ ନେଇ ସଙ୍ଗେସଙ୍ଗେ ଧାମନଗର ଥାନାରେ ପହଞ୍ଚି ପୁଲିସ ଜିମା ଦେଇଥିଲେ। ଏହି ସଚ୍ଚୋଟ କାର୍ଯ୍ୟ ପାଇଁ ଧାମନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଓ ଏଏସ୍‌ଆଇ ସୁଜିତ୍ ରାଉତ ଯୁବକଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁଲିସ ସୂଚନା ଅନୁସାରେ, ଟଙ୍କାର ମାଲିକଙ୍କ ସଠିକ୍ ପରିଚୟ ମିଳିଲା ପରେ ସେହି ଟଙ୍କା ତାଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଟଙ୍କା ପାଇ ଥାନାରେ ଜମା କରିଥିବା ସଚ୍ଚୋଟ ଯୁବକ ଜଣକ ହେଲେ ଧାମନଗର ଥାନା ଅଧୀନ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ଗ୍ରାମର ଶ୍ରୀନିବାସ ରାଉତ। ସେ ମୁମ୍ବଇରେ ରହି କାମ କରିଛନ୍ତି। କିଛିଦିନ ତଳେ ଗାଁକୁ ଆସିଛନ୍ତି। ମଙ୍ଗଳବାର ଟଙ୍କା ଉଠାଇବା ପାଇଁ ଉକ୍ତ ଏଟିଏମ୍‌କୁ ଆସିଥିଲେ।

## ବାରିକପୁର ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଭଣ୍ଡାରିପୋଖରୀ,୧୬।୧୨(ସମିସ): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ସାହୁଙ୍କ ସଂଯୋଜନାରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଶପଥପାଠ ପରେ କ୍ରିକେଟ୍, ୧୦୦ ମିଟର, ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ ଓ ବାଳିକାମାନଙ୍କର ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଗାମୀ ବୁଧବାର ଅବଶିଷ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଗୁରୁବାର ଉଦ୍‌ଯାପନ ହେବ। ଶିକ୍ଷୟିତ୍ରୀ ପ୍ରତିଭା ଶତପଥୀ, ପ୍ରଜ୍ଞାପରମିତା ପତି, ମାଳତୀ ପାଢ଼ୀ, ପ୍ରଭାତୀ ପରିଡ଼ା, ମାନିନୀ ଦାସ, ସଞ୍ଜୁଲତା ବେହେରା, ଶିକ୍ଷକ ପ୍ରଦୀପ ମହାକୁଡ଼ଙ୍କ ସମେତ ଶିକ୍ଷା କର୍ମଚାରୀ ସୁଚିତ୍ରା ସାହୁ କ୍ରୀଡ଼ା ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଣ୍ଡାରିପୋଖରୀ,୧୬।୧୨(ସମିସ): ଏହି ବ୍ଲକ୍‌ର ମହୁରା ସାଧନକେନ୍ଦ୍ର ଅନ୍ତର୍ଗତ ରାଜେନ୍ଦ୍ରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧନକେନ୍ଦ୍ର ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରୁ ବଦଳି ହୋଇ ଯାଇଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ଜେନାଙ୍କ ସ୍ମରଣୀୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଆରତୀ ରାଉତ ବେଦପାଠ, ଲଳିତ ସ୍ୱାଇଁ ଅତିଥି ପରିଚୟ, ପ୍ରଣତୀ ରାଉତ ମାନପତ୍ର ପଠନ ଓ ଶଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ସ୍ମୃତିସଭା

ଭଦ୍ରକ,୧୬।୧୨(ସମିସ): ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ୩୪ତମ ପୁଣ୍ୟତିଥି ଅବସରରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇ ତାଙ୍କର ଦେଶପ୍ରେମ ଓ ତ୍ୟାଗକୁ ସ୍ମରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବେକାର ଯୁବପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ସଭାପତି ଭାବେ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗଦେଇ ସଭାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଦାସଙ୍କ ଦେଶପ୍ରେମ, ତ୍ୟାଗ ଓ ସେବାଭାବକୁ ସ୍ମରଣ କରିଥିଲେ। ସଭାରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ବ୍ରଜସୁନ୍ଦର ରାଉତ ଉପସ୍ଥିତ ରହି ସ୍ୱାଧୀନତା ଆନ୍ଦୋଳନର ସ୍ମୃତିମୟ ଅନୁଭବକୁ ବ୍ୟାଖ୍ୟା କରି ଯୁବପିଢ଼ିଙ୍କୁ ଦେଶପ୍ରେମ ଓ ରାଷ୍ଟ୍ରସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସ୍ମୃତିସଭା ମାୟାଧର ଦାସ ସ୍ମୃତି କମିଟି ଦ୍ୱାରା ତାଙ୍କ ସୁପୁତ୍ର ବଂଶୀଧର ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ପ୍ରଦାନ ସହିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### କ୍ରୀଡ଼ାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କ୍ରୀଡ଼ାର ଭବିଷ୍ୟତ ଅନ୍ଧାର

# ଦୁଇ ପାଚେରି ମଧ୍ୟରେ ସୀମିତ ସହିଦ ଷ୍ଟାଡିୟମ୍ ନିର୍ମାଣ

ଅସୁରାଳି,୧୬।୧୨(ସମିସ): ଗ୍ରାମାଞ୍ଚଳର ଯୁବକ, ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାକୁ ବ୍ଲକ୍‌ରେ ଗୋଟିଏ ମିନି ଷ୍ଟାଡିୟମ୍ ଓ ପଞ୍ଚାୟତସ୍ତରରେ ମଧ୍ୟ ଖେଳ ପଡ଼ିଆର ଉନ୍ନତୀକରଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। କିନ୍ତୁ ଧାମନଗର ବ୍ଲକ୍ ଅନ୍ତର୍ଗତ ଅସୁରାଳିଠାରେ ନିର୍ମାଣାଧୀନ "ସହିଦ୍ ଷ୍ଟାଡିୟମ୍' ନିର୍ମାଣ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି ଷ୍ଟାଡିୟମ୍ ନିର୍ମାଣ ହେଉ ହେଉ ଏମିତି ଅଟକିଯାଇଛି ଯେ ଏହାର ପୂର୍ଣ୍ଣତା ହେବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଅଞ୍ଚଳର କ୍ରୀଡ଼ାପ୍ରେମୀ ଯୁବକ, ଛାତ୍ରଛାତ୍ରୀଙ୍କ ପାଇଁ ଗତ ୫ ବର୍ଷ ତଳେ ତତ୍କାଳିନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତତ୍କାଳୀନ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ସେତେବେଳର ଜିଲ୍ଲାପାଳଙ୍କ ସମେତ ବ୍ଲକ୍ ଓ ଜିଲ୍ଲାସ୍ତରର ବହୁ ଆଗଧାଡ଼ିର ନେତୃମଣ୍ଡଳୀ ୨୦୧୯ ଫେବୃଆରୀ ୧୬ରେ ଏକ ବିରାଟ ସମାବେଶ କରି ଏହି ଷ୍ଟାଡିୟମ୍‌ର ଶିଳାନ୍ୟାସ କରିଥିଲେ। ସେହି ସମୟରେ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ଏକ ମିନି ଷ୍ଟାଡିୟମ୍ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ଯାହାକି ଏହି ଅସୁରାଳି ସମେତ ଆଖପାଖ ୪/୫ଟି ପଞ୍ଚାୟତର କ୍ରୀଡ଼ାପ୍ରେମୀ, ଜନସାଧାରଣ ତଥା ଖେଳାଳିଙ୍କ ଭିତରେ ଅନେକ ଆନନ୍ଦ ଆଣି ଦେଇଥିଲା। ଶିଳାନ୍ୟାସର କିଛି



ଦିନ ପରେ ବିଭାଗ ତରଫରୁ ମାପଚୁପ ଆରମ୍ଭ ହୋଇ ପଡ଼ିଆର ଉଭୟପାଶ୍ୱର୍ରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଓ ପାଚେରି ବି କେତେକାଂଶରେ ନିର୍ମାଣ ହେଲା। ଧୀରେ ଧୀରେ ଅଞ୍ଚଳବାସୀଙ୍କ ଭିତରେ ଆଶା ସଞ୍ଚାର ହେଲା। କିନ୍ତୁ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେଇଗଲା। ଆଉ କୌଣସି ଠିକାଦାର, ବିଭାଗୀୟ ଅଧିକାରୀ, ନେତା, ମନ୍ତ୍ରୀ କାହାରି ପାଦ ଏଠି ପଡ଼ିଲା ନାହିଁ। କେବଳ ଦୁଇପାଖରେ ଦୁଇଟି ପାଚେରି ପରସ୍ପର ଦିଗରେ ମୁହଁ କରି ନିରବରେ ଠିଆ ହୋଇଛନ୍ତି। ଖୋଦ୍ କ୍ରୀଡ଼ାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କ୍ରୀଡ଼ାର ଭବିଷ୍ୟତ ଅନ୍ଧାର ମଧ୍ୟରେ ରହିଥିବା ଜଳଜଳ ହୋଇ ଦେଖାଯାଉଛି।

ଆଶ୍ଚର୍ଯ୍ୟର କଥା, ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ କେଉଁ ବିଭାଗ ଅନୁଦାନ ଦେଇଛି, କାର୍ଯ୍ୟାଦେଶ କିଏ ପାଇଛି, କେତେ ଟଙ୍କାର ଅନୁଦାନ, କେତେଦିନରେ ସରିବ; ତାର କୌଣସି ସୂଚନାଫଳକ ଏଠାରେ ନାହିଁ। ଏଥିପାଇଁ ଲୋକେ କାହାକୁ ପ୍ରଶ୍ନ କରିବେ, କାହାଠାରୁ ସଠିକ୍ ଉତ୍ତର ପାଇବେ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଧାମନଗର ବ୍ଲକ୍‌ରେ ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ ଅସୁରାଳି। ସବୁ ଦୃଷ୍ଟିରୁ ବିଚାର କଲେ ଏହା ପ୍ରମୁଖ ସ୍ଥାନ। ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ବେଷ୍ଟ ଇଞ୍ଜିନିୟରିଂ ସ୍କୁଲ, ଆଇଟିଆଇ, ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅସୁରାଳି ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଶବନ୍ଧୁ ନୋଡାଲ ସାରଦା ଦେବୀ ମହାବିଦ୍ୟାଳୟ ସହିତ ବିଭିନ୍ନ ଯୁବକ ସଂଘ, ସାମାଜିକ ଅନୁଷ୍ଠାନ, ପ୍ରାୟ ୫ଟି ପଞ୍ଚାୟତର କ୍ରୀଡ଼ାପ୍ରେମୀ ଏହି ଷ୍ଟାଡିୟମ୍ ନିର୍ମାଣ ହେଲେ ଉପକୃତ ହେବ। ଶିଳାନ୍ୟାସ ପରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଯେଉଁ ଆନନ୍ଦ ଓ ଉତ୍ସାହ ସୃଷ୍ଟି ହୋଇଥିଲା ତାହା ଏବେ ନିର୍ମାଣର ସ୍ଥାଣୁତା ପାଇଁ ସେ ଆଶା ନିରାଶାରେ ପରିଣତ ହୋଇଛି। ଏହି ଅଞ୍ଚଳର ବିଧାୟକ ଏବେ କ୍ରୀଡ଼ାମନ୍ତ୍ରୀ। ତେଣୁ ସହିଦ ଷ୍ଟାଡିୟମ୍‌ର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ଆଶା ଜାଗ୍ରତ ହୋଇଥିଲା। କିନ୍ତୁ ବହୁଥର ଏ ବିଷୟରେ କହିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯେଉଁ କାରଣରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ବାବା ଆଖଣ୍ଡଳମଣି ପୀଠର ପରିକ୍ରମା ମାର୍ଗ ପାଇଁ ବିସ୍ଥାପିତଙ୍କୁ ଲଟ୍‌କା ଜାରି

## ୭ ଦିନ ମଧ୍ୟରେ ଜାଗା ଛାଡ଼ିବାକୁ କଡ଼ା ନିର୍ଦ୍ଦେଶ

ଭଦ୍ରକ/ଆରଡ଼ି,୧୬।୧୨(ସମିସ): ରାଜ୍ୟର ସର୍ବପୁରାତନ ଶୈବକ୍ଷେତ୍ର ଆରଡ଼ିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଓ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପରିକ୍ରମା ମାର୍ଗ ଓ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବିସ୍ଥାପିତ ପରିବାରଙ୍କୁ ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଲଟ୍‌କା ଜାରି କରାଯାଇଛି। ପରିକ୍ରମା ମାର୍ଗ କାର୍ଯ୍ୟକାରୀ ପାଇଁ ୭ ଦିନ ମଧ୍ୟରେ ଜାଗା ଓ ଘର ଖାଲି କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

**ଜମି ଓ ନୀତିକାନ୍ତି ସାମଗ୍ରୀ ଥଇଥାନ ପାଇଁ ଘର ନ ମିଳିଲେ ଘର ଛାଡ଼ିବେନି ବିସ୍ଥାପିତ**

ସୂଚନା ଅନୁଯାୟୀ, ୨୦୨୩-୨୪ରେ ପୂର୍ବ ସରକାର ୨ ପର୍ଯ୍ୟାୟରେ ଯୋଗାଇ ଦେଇଥିଲେ ୪୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଉକ୍ତ ଟଙ୍କାରେ ଉନ୍ନୟନମୂଳକ କାର୍ଯ୍ୟ କିଛି ପୂର୍ଣ୍ଣାଙ୍ଗ ହୋଇଥିବାବେଳେ ଆଉକିଛି କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। ସେହିପରି ପରିକ୍ରମା ମାର୍ଗ ପାଇଁ ୯୮ ପରିବାରଙ୍କର ୧୦୭ଟି ପ୍ଲଟ୍ ବିସ୍ଥାପିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ଥାପିତଙ୍କ ସହ ଆଲୋଚନା କରାଯିବା ସହିତ ବିସ୍ଥାପିତଙ୍କ ଦାବି ଅନୁଯାୟୀ, ପ୍ରତ୍ୟେକ ବିସ୍ଥାପିତଙ୍କୁ ଜମି ଯୋଗାଇ ଦିଆଯିବା ସହ ବାବାଙ୍କ ସେବାପୂଜା ନିମନ୍ତେ ବ୍ୟବହୃତ ବାସନ, ବଡ଼ବଡ଼ ପିତ୍ତଳ ହଣ୍ଡା ଓ ବାଲ୍‌ଟି ରଖିବା ପାଇଁ ୧୦/୧୦ ଘର ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ତାହାସହ ବିସ୍ଥାପିତ ହେଉଥିବା ସମସ୍ତ ଘର ବାବଦକୁ ୨ଗୁଣରୁ ଅଧିକ ଆର୍‌ଥିକ ସହାୟତା ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବିସ୍ଥାପିତଙ୍କୁ ଥଇଥାନ ପାଇଁ ଜାଗା ଚିହ୍ନଟ କରାଯାଇ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାର ଓ ଦେବୋତ୍ତର କମିଶନରଙ୍କ ଅନୁମୋଦନ ପାଇଁ ଚିଠି ପ୍ରେରଣ କରାଯାଇଥିଲା। ହେଲେ ୨୦୨୪ରେ ରାଜ୍ୟର ସରକାର ବଦଳିବା ପରେ ଆଖଣ୍ଡଳମଣି ପୀଠର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ ଆଗେଇ ନେବା ପାଇଁ ବିସ୍ଥାପିତଙ୍କୁ କିପରି ଭାବେ ଆର୍‌ଥିକ ସହାୟତା ରାଶି ଯୋଗାଇ ଦିଆଯିବ, ସେଥିପାଇଁ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଓ ରାସ୍ତା ଗୃହ ନିର୍ମାଣ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିସ୍ଥାପିତ ହେବାକୁ ଥିବା ରହିତ(ସ୍ଥିତିବାନ), ଦେବୋତ୍ତର ଓ ଟ୍ରଷ୍ଟ ଜମିର ଏଗ୍ରିମେଣ୍ଟ ପାଇଁ ପୁନର୍ବାର ଲଟ୍‌କା ଜାରି କରାଯିବା ସହ ବିସ୍ଥାପିତଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା। ଆଗକୁ ବାବାଙ୍କର ଜାଗରଯାତ୍ରା ଥିବାରୁ ପରିକ୍ରମା ମାର୍ଗ କାର୍ଯ୍ୟ ନିମନ୍ତେ ୭ ଦିନ ମଧ୍ୟରେ ଜାଗା ଓ ଘର ଖାଲି କରିବାକୁ ମଙ୍ଗଳବାର ବିସ୍ଥାପିତମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏବେ ସୁଦ୍ଧା ୯୮ ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ୪୨ ପରିବାର ଆର୍‌ଥିକ ସହାୟତା ପାଇଛନ୍ତି। ଏପରିକି ସେମାନଙ୍କୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସେବାପୂଜା ନିମନ୍ତେ ବ୍ୟବହୃତ ସାମଗ୍ରୀ ରଖିବା ପାଇଁ ଘର ଓ ଜମି ମିଳି ନ ଥିବାରୁ ଜାଗା ଓ ଘର ଛାଡ଼ିବେ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଅନେକ ବିସ୍ଥାପିତ ପରିବାର ସହାୟତା ରାଶି ପାଇପାରି ନାହାନ୍ତି। ଯାହାକୁ ନେଇ ବିସ୍ଥାପିତମାନେ ଜିଲ୍ଲା ପ୍ରଶାସନକୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି।

## କୋଟିଲା ନାୟକାଣୀଙ୍କ ପୀଠକୁ ଜମିଦାନ

**ପରିଚାଳନା ସମିତି ପକ୍ଷରୁ ସମ୍ବର୍ଦ୍ଧନା**



ଅସୁରାଳି,୧୬।୧୨(ସମିସ): ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତ ତିନିଘରିଆ ଗ୍ରାମ ନିକଟରେ ଅବସ୍ଥିତ ୨୦୦ ବର୍ଷର ପ୍ରସିଦ୍ଧ ମା' କୋଟିଲା ନାୟକାଣୀ ପୀଠକୁ ଲାଗି ଥିବା ପୈତୃକ ଜମି ସ୍ୱଇଚ୍ଛାରେ ଦାନ କରାଯାଇଛି। ନଦୀଗାଁ ଡିହସାହି ନିବାସୀ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ବଡ଼ ପୁଅ ଅନନ୍ତ ସାହୁ ତାଙ୍କ ଜମିକୁ ଦାନ କରିଛନ୍ତି। ଏହି ଅବସରରେ ମଙ୍ଗଳବାର ମା'ଙ୍କ ପୀଠ ପରିସରରେ ଶ୍ରୀ ସାହୁଙ୍କୁ ପରିଚାଳନା ସମିତି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ତାଙ୍କ ସାନଭାଇ ନାରାୟଣ ସାହୁ, ନଦୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କାଳନ୍ଦୀ ରାଉତ, ପୂଜକ ଦେବେନ୍ଦ୍ର ପଣ୍ଡା, ଅଶୋକ ପଣ୍ଡା, ବରିଷ୍ଠ ସଦସ୍ୟ ରମାକାନ୍ତ ବସନ୍ତିଆ, ମାନସ ବାରିକ, ମିହିର ଗୋସ୍ୱାମୀ, ବେଣୁଧର ଦାସ, ଦୀନବନ୍ଧୁ ଦାସ, ପ୍ରସନ୍ନ ବସନ୍ତିଆ, ସୌମ୍ୟରଞ୍ଜନ ରାଉତଙ୍କ ସମେତ ପରିଚାଳନା ସମିତିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଧାୟକଙ୍କ ବର୍ଦ୍ଧିତ ଦରମା ଓ ପେନ୍‌ସନ୍ ବିଲ୍‌କୁ ପ୍ରତ୍ୟାହାର ଦାବି




ଭଦ୍ରକ,୧୬।୧୨(ସମିସ): ଆମ ରାଜ୍ୟରେ ଭୟଙ୍କର ବେକାରୀ, ଉତ୍କଟ ଦାରିଦ୍ର୍ୟ, ସାଂଘାତିକ କୃଷି ସଂକଟ, ଚାଷୀ ଆତ୍ମହତ୍ୟା, ଶ୍ରମିକର ନିମ୍ନତମ ମଜୁରୀ, କ୍ରମବର୍ଦ୍ଧିଷ୍ଣୁ ଶିଶୁ ଓ ଗର୍ଭବତୀ ମହିଳାଙ୍କ ମୃତ୍ୟୁହାର, ବନ୍ୟା, ବାତ୍ୟା ଓ ମରୁଡ଼ି ଯୋଗୁଁ କୃଷି ଅର୍ଥନୀତିର ସଂକଟ, ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଆଦି ବହୁ ସମସ୍ୟା ଉପୁଜିବାରେ ଲାଗିଛି। ଏ ସମ୍ପର୍କରେ ବିଧାନସଭାରେ ଆଲୋଚନା ହୋଇ ସ୍ଥାୟୀ ପ୍ରତିକାର ହେବା ପାଇଁ ବ୍ୟୟବରାଦ ହେବା ପରିବର୍ତ୍ତେ ଜନପ୍ରତିନିଧିଙ୍କ ଦରମା, ଭତ୍ତା ଓ ପେନ୍‌ସନ୍ ବୃଦ୍ଧି କରିବା ବିଲ୍‌କୁ ସମର୍ଥନ କରିବା ଏକ ବିଡ଼ମ୍ବନାର ବିଷୟ ବୋଲି ସିପିଆଇ(ଏମ୍) ପକ୍ଷରୁ ଭଦ୍ରକ ଷ୍ଟେଟ୍ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ସଭାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ଧାରା- ୨୦୦ ଉପଧାରା- ୩ର ପ୍ରାବଧାନ ଅନୁଯାୟୀ, ରାଜ୍ୟପାଳ ଏହି ବିଲ୍‌କୁ ପୁନଃବିଚାର ପାଇଁ ବିଧାନସଭାକୁ ଫେରାଇଦେବାକୁ ସିପିଆଇ(ଏମ୍) ନେତୃବୃନ୍ଦ ଦାବି କରିଛନ୍ତି। ଜନତାଙ୍କ ସେବା କରିବା ପାଇଁ ବ୍ୟାକୁଳ ହେଉଥିବା ବିଧାୟକମାନେ ନିଜ ନିଜର ଦରମା, ଭତ୍ତା ଓ ପେନ୍‌ସନ୍ ବୃଦ୍ଧି ପାଇଁ ନିର୍ଲଜ ଭାବେ ଆଣିଥିବା ବିଲ୍‌କୁ ରାଜ୍ୟର ବିଜେପି ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ସିପିଆଇ(ଏମ୍) ଦାବି କରିଛି। ୨୦୦୨ରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ବିଲ୍‌କୁ ବିଧାନସଭାରେ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ୍)ର ତତ୍କାଳୀନ ବିଧାୟକ ପ୍ରଦୀପ୍ତ ପଣ୍ଡା ବିରୋଧ କରିଥିବାବେଳେ ବର୍ତ୍ତମାନର ବଣେଇ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ୍) ବିଧାୟକ କମ୍ରେଡ୍ ଲକ୍ଷ୍ମଣ ମୁଣ୍ଡା ତୀବ୍ର ବିରୋଧ କରୁଛନ୍ତି। ରାଜ୍ୟ ସରକାର ଏହି ଜନବିରୋଧୀ ରାଜ୍ୟ ରାଜକୋଷକୁ ଲୁଣ୍ଠନ ପାଇଁ ଉଦ୍ଦିଷ୍ଟ ଜନପ୍ରତିନିଧି ଦରମା, ଭତ୍ତା ଓ ପେନ୍‌ସନ୍ ବିଲ୍‌କୁ ପ୍ରତ୍ୟାହାର ନ କଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ତୀବ୍ର ହେବ ବୋଲି ସିପିଆଇ(ଏମ୍) ନେତୃତ୍ୱ ପ୍ରକାଶ କରିଛନ୍ତି। ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଭାସ ମହାପାତ୍ର, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ସେକ୍ ସନାଉଲ୍ଲା, ଜୟନୁଲ୍ ଆବେଦିନ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଯୁବନେତା ପ୍ରତାପ ସେଠୀ, ବିପ୍ଳବ ଜେନା, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଶ୍ରମିକ ନେତା ସେକ୍ ସିକୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହି ବିଲ୍‌କୁ ଫେରାଇଦେବାକୁ ଦାବି କରିଥିଲେ।

### ● ପିକ୍‌ନିକ୍ ଋତୁରେ ପର୍ଯ୍ୟଟକଙ୍କ ଭିଡ଼

# ସୌନ୍ଦର୍ଯ୍ୟକରଣ ଅପେକ୍ଷାରେ ଆଦମପୁର ଗ୍ରାମ୍ୟ ଜଙ୍ଗଲ

ବାରିକପୁର,୧୬।୧୨(ସମିସ): ଏବେ ପିକ୍‌ନିକ୍ ଋତୁ ଚାଲିଥିବାବେଳେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକମାନଙ୍କ ଭିଡ଼ ମଧ୍ୟ ବୃଦ୍ଧି ପାଉଛି। ଏହାଛଡ଼ା ଗ୍ରାମାଞ୍ଚଳରେ ଥିବା ଛୋଟ ବଡ଼ ଗ୍ରାମ୍ୟ ଜଙ୍ଗଲଗୁଡ଼ିକରେ ମଧ୍ୟ ବଣଭୋଜିର ମଜା ନେଉଛନ୍ତି ଆଖପାଖ ଅଞ୍ଚଳର ଜନସାଧାରଣ ଏବଂ



ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗ୍ରାମ୍ୟ ଜଙ୍ଗଲରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଭଦ୍ରକ ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମ୍ୟ ଜଙ୍ଗଲରେ ଆଖପାଖ ଅଞ୍ଚଳର ଜନସାଧାରଣ ପ୍ରାୟତଃ ବଣଭୋଜିର ମଜା ନେଉଛନ୍ତି। ଏହାଛଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ମଧ୍ୟ ଲୋକମାନେ ଏଠାକୁ ଧାଇଁ ଆସୁଛନ୍ତି କିଛି ସମୟ ପିକ୍‌ନିକ୍‌ର ଖୁସି ମନାଇବା ପାଇଁ। ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ଥାନଟି ଥିବାବେଳେ ଜିଲ୍ଲା ବାହାର ପର୍ଯ୍ୟଟକମାନେ ମଧ୍ୟ ଅନେକ ସମୟରେ ଏଠାକୁ ଆସି ବଣଭୋଜି କରୁଛନ୍ତି। ୧୯୮୫ ମସିହାରେ କପାଳୀ ନଦୀ କୂଳରେ ୮/୧୦ ଏକର ଜମିରେ ଏହି ଜଙ୍ଗଲ ସୃଷ୍ଟି ହୋଇଥିଲା। ଯାହାକି ଏବେ କିଛି ବର୍ଷ ହେବ ଲୋକମାନଙ୍କ ସକାଶେ ଏହି ଗ୍ରାମ୍ୟ ଜଙ୍ଗଲ ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଅନେକ କିଛି ଆବଶ୍ୟକତା ଥିବାବେଳେ ତାହା ଏଯାଏଁ ସମ୍ଭବ ହୋଇନାହିଁ।

ଜଙ୍ଗଲ ମଧ୍ୟରେ ୨/୩ଟି ନଳକୂଅକୁ ଛାଡ଼ିଦେଲେ ପର୍ଯ୍ୟଟକମାନଙ୍କ ପାଇଁ ଆଉ କୌଣସି ସୁବିଧା ଆଜିଯାଏଁ ହୋଇପାରିନାହିଁ। ବସିବା ପାଇଁ ପକ୍କା ପିଣ୍ଡିଟିଏ ନ ଥିବାବେଳେ ଜଙ୍ଗଲ ସଂଲଗ୍ନ ସ୍ଥାନରେ ଛୋଟ ପାର୍କଟିଏ ମଧ୍ୟ ନିର୍ମାଣ ହୋଇପାରି ନାହିଁ। ଏହାଛଡ଼ା ଜଙ୍ଗଲ ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ହୋଇ ନ ଥିବାବେଳେ ପ୍ରବେଶ ପଥରେ ନବନିର୍ମିତ ଆଧୁନିକ ଶୈଳୀରେ ଏଯାଏଁ ଫାଟକ ତିଆରି ହୋଇନାହିଁ। ଜଙ୍ଗଲଠାରୁ ଅନତି ଦୂରରେ ଥିବା ହନୁମାନ ମନ୍ଦିରରେ ମଧ୍ୟ କୌଣସି ନବନିର୍ମିତ କାର୍ଯ୍ୟ ହୋଇନାହିଁ। ଗ୍ରାମ୍ୟ ଜଙ୍ଗଲକୁ ଲାଗି କପାଳୀ ନଦୀର ଡାହାଣ ପାର୍ଶ୍ୱ ପ୍ରାୟ ୫ଶହ ମିଟର ରହିଛି। ତେଣୁ ନଦୀରେ ପାହାଚ ନିର୍ମାଣ ସହିତ କୂଳ ସୌନ୍ଦର୍ଯ୍ୟକରଣ ଅପରିହାର୍ଯ୍ୟ ହୋଇଛି। ଅବସର ବିନୋଦନ ପାଇଁ ପ୍ରଯୁଜ୍ୟ ଉକ୍ତ କ୍ଷୁଦ୍ର ଜଙ୍ଗଲରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ନିହାତି ଆବଶ୍ୟକ ରହିଛି। ଜିଲ୍ଲା ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ଏହା ଉପରେ ଦୃଷ୍ଟି ଦେଲେ ଉକ୍ତ ସ୍ଥାନଟି ଏକ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀ ଭାବରେ ପରିଗଣିତ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ସେମାନଙ୍କ ମୁହଁରୁ...



▶ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ କିଛି ଦିନ ପୂର୍ବରୁ ଆମକୁ ପଟ୍ଟା ମିଳିଛି। ଆମ ଗ୍ରାମ୍ୟ ଜଙ୍ଗଲର ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା ହୋଇଛି। ଏକ ଗ୍ରାମ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ଏହାକୁ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ।

ନିରଞ୍ଜନ ବାରିକ, ସଭାପତି, ଜଙ୍ଗଲ ଅଧିକାର କମିଟି



▶ ପ୍ରାୟ ୮ଏକର ଜମିରେ ଅବସ୍ଥିତ ଆଦମପୁର ଗ୍ରାମ୍ୟ ଜଙ୍ଗଲ ଏବେ ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହାକୁ ଆଧୁନିକ ରୂପରେଖରେ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବା ଉଚିତ୍।

ବିଜୟ ଖିଲାର, ସମ୍ପାଦକ, ଜଙ୍ଗଲ ଅଧିକାର କମିଟି



▶ ଆମ ବ୍ଲକ୍ ଭିତରେ ଥିବା ଏକମାତ୍ର ବଣଭୋଜି ସ୍ଥଳୀର ବିକାଶ ପାଇଁ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଶାସନିକସ୍ତରରେ ଏହାର ବିକାଶ ହୋଇପାରିଲେ ଏହା ଏକ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଭ କରନ୍ତା।

ଅମୂଲ୍ୟ କୁମାର ନାୟକ, ସ୍ଥାନୀୟ ସରପଞ୍ଚ

## ମାଳତି ଓ ଜେମାମଣିଙ୍କୁ ମିଳିଲା ଭତ୍ତା

**ସକାଳ ପ୍ରଭାବ**

ଦୋଳସାହି,୧୬।୧୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଭତ୍ତା ହିତାଧିକାରୀଙ୍କୁ ପ୍ରଦାନ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସହ ସରକାରୀ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ। ଏନେଇ ଦୈନିକ "ସକାଳ'ରେ ଏକାଧିକ ଖବର ପ୍ରକାଶିତ ପରେ ୨ଜଣ ଭତ୍ତା ଆବେଦନକାରୀ ବୃଦ୍ଧାଙ୍କୁ ଭତ୍ତା ମିଳିଛି।




ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ୭ନମ୍ବର ୱାର୍ଡର ନିରାଶ୍ରୟ ତଥା ବିଧବା ମାଳତି ଜେନାଙ୍କ ପାଖରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ୍ ନ ଥିବା ନେଇ ତାଙ୍କ ଭତ୍ତା ୪ ମାସ ଧରି ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ଏନେଇ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ଗୁଆମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡାଙ୍କ ସହଯୋଗରେ ମାଳତି ଜେନା ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ୍ ବାହାର କରାଯାଇ ବ୍ଲକ୍ ପ୍ରଶାସନ ପାଖରେ ଏହା ପ୍ରଦାନ ପରେ ତାଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିପରି ଗତ ରବିବାର ବିଧବା ଜେମାମଣି ତ୍ରିପାଠୀଙ୍କୁ ଗତ ୬ ମାସ ଧରି ଭତ୍ତା ପ୍ରଦାନ କରାଯାଇ ନ ଥିବା ନେଇ "ସକାଳ'ରେ ପ୍ରକାଶିତ ପରେ ମଙ୍ଗଳବାର ତାଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ଜଣାଯାଇଛି।

# ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ଖୋର୍ଦ୍ଧା,୧୬।୧୨(ସମିସ)



ଟିଏଲସି ରୋଡସ୍ଥିତ ବିଡିଏ ପଡ଼ିଆଠାରେ ସ୍ୱେଚ୍ଛାସେବୀ ସଂଗଠନ ନିୟୁ ଥିଙ୍କିଙ୍ଗ ଫୋରମ ଆନୁକୂଲ୍ୟରେ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ନିୟୁ ଥିଙ୍କିଙ୍ଗ ଫୋରମ୍‌ର ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ପୌରହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜିତେନ୍ଦ୍ରିୟ ନାଥ ମିତ୍ର, ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂ, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ, ଖୋର୍ଦ୍ଧାର ଲଢୁଆ ପାଇକମାନଙ୍କ ବିରତ୍ୱ ସମଗ୍ର ରାଷ୍ଟ୍ର ଓ ଆନ୍ତଃରାଷ୍ଟ୍ରରେ ଅନନ୍ୟ। ଖୋର୍ଦ୍ଧା ମାଟିର ଯୋଗଜନ୍ମା ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳୀ, କୃତିବାସ ପାଟଶାଣୀଙ୍କ ଅବଦାନ ଖୋର୍ଦ୍ଧା ପାଇକ ମାଟିର ଗାଥା ବହନ କରେ। ଖୋର୍ଦ୍ଧା ବୟନ ଶିଳ୍ପର ଗନ୍ତାଘର। ୧୯୯୭ ଓ ୧୯୯୮ ମସିହାରୁ ଉଦ୍ୟମ ହୋଇ ୨୦୦୦ମସିହାରୁ ଖୋର୍ଦ୍ଧା ମହୋତ୍ସବ ଘାତ ପ୍ରତିଘାତ ସତ୍ୱେ ଆଜି ୨୫ ବର୍ଷ ପୂର୍ତି ପାଳନରେ ଖୋର୍ଦ୍ଧା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ସାମାଜିକ ମୂଲ୍ୟବୋଧ, ଅସ୍ମିତାର ନିଦର୍ଶନ ଯାହା ସମଗ୍ର ରାଷ୍ଟ୍ର ଓ ଅନ୍ତରାଷ୍ଟ୍ରରେ ପରିଚିତ। ମନ୍ତ୍ରୀ ଆହୁରି କହିଛନ୍ତି ଖୋର୍ଦ୍ଧା ମହୋତ୍ସବ ଜନଜୀବନର ବାସ୍ତବ ରୂପ, ସଂସ୍କୃତି, କୃଷୀମେଳା, ମୀନା ବଜାର, ପାଇକ ଆଖଡ଼ା, ପାଇକ ଯୁଦ୍ଧାସ୍ତ୍ର ପ୍ରଦର୍ଶନୀ ଯୁବପିଢି ଉଜ୍ଜୀବିତ ରଖି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଅଭିମତରେ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସ୍ୱାଗତ ଭାଷଣ ଓ ମହୋତ୍ସବର ଦୀର୍ଘ ୨୫ ବର୍ଷ ପୂର୍ତ୍ତିର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଅତିଥି ପରିଚୟ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ହୋତା, ବହୁ ଜନପ୍ରତିନିଧି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ବହୁ ସଂଖ୍ୟାରେ ଜନ ସମାଗମ ହୋଇଥିଲା।

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ପ୍ରହସନ

ବାଲୁଗାଁ, ୧୬।୧୨(ସମିସ) : କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଡ଼ିସେମ୍ବର ୧୪ ତାରିଖରେ ପାଳନ କରିଆସୁଛନ୍ତି। ଶକ୍ତି ସଂରକ୍ଷଣ ଦିବସରେ ବିଦ୍ୟୁତ ବ୍ୟବହାର ହ୍ରାସ ଓ ଅପବ୍ୟୟ ରୋକିବା ନିମନ୍ତେ ସରକାର କୋଟି କୋଟି ଟଙ୍କା ବିଜ୍ଞାପନ ବାବଦରେ ଖର୍ଚ୍ଚ କରୁଛନ୍ତି। ବାଲୁଗାଁ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଶକ୍ତି ସଂରକ୍ଷଣ ବଦଳରେ କିପରି ଅପବ୍ୟବହାର କରାଯାଉଛି ତାହାର ଜ୍ୱଳନ୍ତ ଉଦାହରଣ ସ୍ପଷ୍ଟ ଦିବାଲୋକରେ ଅଞ୍ଚଳର ବହୁ ବିଦ୍ୟୁତ ଖୁଣ୍ଟଗୁଡ଼ିକରେ ଲାଇଟ୍ ଜଳୁଥିବା ସତେ ଯେମିତି ଜାତୀୟ ଶକ୍ତି ସଂରକ୍ଷଣ ଦିବସକୁ ପରିହାସ କରାଯାଉଛି। ବାଲୁଗାଁ ବାଣପୁର ଏନଏସି ଏବଂ ବାଣପୁର ଓ ଚିଲିକା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

## ବୋଲଗଡ଼ ଥାନାରେ ନୂତନ ଅଧିକାରୀ

ଖୋର୍ଦ୍ଧା,୧୬।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନାର ନୂତନ ଥାନା ଅଧିକାରୀ ଭାବେ ସୁକାନ୍ତ ଦଳେଇ ଦାୟିତ୍ୱ ଗ୍ରହଣ କରିଛନ୍ତି।



ଥାନା ଅଧିକାରୀ ଶ୍ରୀ ଦଳେଇ ଖୋର୍ଦ୍ଧା ମୁଖ୍ୟ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅପରାଧ ଓ ସାଇବର ୟୁନିଟରେ କାର୍ଯ୍ୟରତ ଥିଲେ। ଏଠାକୁ ବଦଳି ହୋଇ ଆସିଛନ୍ତି। ଏଠାରେ ପୂର୍ବରୁ ବୋଲଗଡ଼ ଥାନା ଅଧିକାରୀ ଥିବା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛନ୍ତି। ପୁଲିସ ଜନତାର ବନ୍ଧୁ, ଜନସାଧାରଣଙ୍କୁ ଶୃଙ୍ଖଳିତ ସେବା ଯୋଗାଇବା ସହିତ ସର୍ବସାଧାରଣଙ୍କୁ ସୁରକ୍ଷା ଦେବା ଓ ବେଆଇନ ନିଶା ଦ୍ରବ୍ୟ କାରବାର ଓ ବେଆଇନ ଗୋଚାଲାଣ ବନ୍ଦ କରିବା, ଆଇନ ଶୃଙ୍ଖଳା ଆଦି ରକ୍ଷା କରିବା ପାଇଁ ଥାନା ପୁଲିସର ଭୂମିକା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନୂତନ ଥାନାଧିକାରୀ ଶ୍ରୀ ଦଳେଇ କହିଛନ୍ତି।

## ସମାଜସେବୀଙ୍କ ପରଲୋକ

ଟାଙ୍ଗୀ,୧୬।୧୨(ସମିସ): କନ୍ଧନୟାଗଡ ଗ୍ରାମର ସ୍ୱର୍ଗତ ଭିକାରି ଚରଣ ନାୟକଙ୍କ ପୁତ୍ର ଧର୍ନୁଜୟ ନାୟକ(ବଗୁ) ୫୬ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ନୟାଗଡ ଖାଉଟି ସୁରକ୍ଷା ଅଦାଲତର ଷ୍ଟେନୋ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ପାର୍ଥିବ ଶରୀର ଗ୍ରାମ୍ୟ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନୟାଗଡ ଜିଲ୍ଲା ଖାଉଟି ସୁରକ୍ଷା ଅଦାଲତର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆଲୋକ ମାନସିଂହ, ନିରଂଜନ ମହାପାତ୍ର, ସଂଜୟ ସିଂହ, ପୂର୍ବତନ ଖାଉଟି ସୁରକ୍ଷା ଅଦାଲତର ଅଧ୍ୟକ୍ଷ ନାରାୟଣ ମହାପାତ୍ର, କନ୍ଧନୟାଗଡ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ଅରୁଣ ରଂଜନ ସୁବୁଦ୍ଧି, ସୁବର୍ଣ ସିଂ, ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ନନ୍ଦ, ଭାଇ ବିପିନ ବିହାରୀ ନାୟକ, ମନୋଜ ନାୟକ, ପ୍ରଶାନ୍ତ ନାୟକ, ରାଜକିଶୋର ନାୟକ, ଏକମାତ୍ର କନ୍ୟା ସୋନି, ଦେବିପ୍ରସାଦ ସାହୁ, ନିର୍ମଳ ମତଗଜସିଂ, ଲିଙ୍ଗରାଜ ରଥ, ମନୋଜ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷଣ କାର୍ଯ୍ୟକ୍ରମ

ଟାଙ୍ଗୀ,୧୬।୧୨(ସମିସ): ସରକାରୀ ବିଦ୍ୟାଳୟମାନଙ୍କରେ ନ୍ୟାସନାଲ ହେଲଥ ମିଶନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ପ୍ରତ୍ୟେକ ବର୍ଷ ଅଧ୍ୟୟନରତ ଶିଶୁମାନଙ୍କର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅଧିକ ଚିକିତ୍ସା ଆବଶ୍ୟକ ଥିବା ଶିଶୁମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇ ଦିଆଯାଇଥାଏ। ଏପରିକି ଚକ୍ଷୁ, ଗ୍ରହଣ ଖଣ୍ଡିଆ, ବଙ୍କାପାଦ, ହାର୍ଟ ଅପରେସନ ମଧ୍ୟ କରାଯାଏ। ଏହି କ୍ରମରେ ଟାଙ୍ଗୀ ବ୍ଲକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆରବିଏସକେ ତରଫରୁ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା।

ଡାକ୍ତର ଶ୍ରୀନାଥ ମହାପାତ୍ର, ଡା. ଗାୟତ୍ରୀ ସେନ, ଷ୍ଟାଫ୍‌ନର୍ସ ସ୍ୱର୍ଣ୍ଣଲତା ସାହୁ ଯୋଗଦେଇ ମୋଟ ୬୯ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୭ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯିବାପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲୀ ପାତ୍ର, ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ନିରାକାରପୁର, ୧୬।୧୨ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ କ୍ଷେତ୍ରବାସୀ ଡିଏଭି କ୍ରୀଡା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ସଂପାଦକ ଓ ପ୍ରଧାନ ଆଚାର୍ଯ୍ୟା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାମଗ୍ରିକ ବିକାଶରେ କ୍ରୀଡାର ଗୁରୁତ୍ୱ ଉପରେ ସଂପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ବକ୍ତବ୍ୟ ରଖିଥିଲେ। ୪୮ଟି ଇଭେଣ୍ଟରେ ବିଦ୍ୟାମନ୍ଦିରର ମୋଟ୍ ୧୦୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ବିଚାରକ ଭାବେ ପ୍ରମୋଦ ଦାସ, ଶରତ ଚନ୍ଦ୍ର ଛୋଟରାୟ, ଆଶିଷ ବିଶ୍ୱାଳ ଓ ଅବିନାଶ ପଟ୍ଟନାୟକ ଯୋଗ ଦେଇଛନ୍ତି।

ବିଦ୍ୟାମନ୍ଦିର ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ, ସଂଜୟ ସେଠୀ, ପବିତ୍ର ରାଉତରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ଅକ୍ଷୟ ମହାପାତ୍ର, ଜିତେନ୍ଦ୍ର ପୃଷ୍ଟି, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନିପତି, ସୁଜାତା ଶ୍ରୀଚନ୍ଦନ, ବୀଣାପାଣି ଦାସ, କବିତା ଜଗଦ୍ଦେବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### ଭାରତ ସ୍କାଉଟ ଗାଇଡ କ୍ୟାମ୍ପୋରିର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ

## ଗାଁ ହାଟରେ ଜମିଲା ବେପାର

ଖୋର୍ଦ୍ଧା,୧୬।୧୨(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ୨୭ତମ ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ ଗାଇଡ କ୍ୟାମ୍ପୋରିର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ମୁଖ୍ୟତଃ ଗାଁ ହାଟରେ ବେପାର, ପୁରୁଣା ସାମଗ୍ରୀର ପ୍ରଦର୍ଶନୀ ଏବଂ ଖାଦ୍ୟମେଳା ବେଶ ମନମୁଗ୍ଧକର ହୋଇଥିଲା। ପ୍ରାରମ୍ଭରୁ ସମସ୍ତ ଶିବିରାର୍ଥୀଙ୍କ ଉପସ୍ଥିତିରେ ଧ୍ୱଜା ଅବତରଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କମିସନର ତଥା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସକାଳ ସମୟରେ ସଂଶାଧକ ଦିବାକର ପଟନାୟକଙ୍କ ଦ୍ୱାରା ଶରୀର ସଞ୍ଚମ କୌଶଳ କାର୍ଯ୍ୟକ୍ରମ ସମସ୍ତ ସ୍କାଉଟ ଗାଇଡ ମାନେ ଅଭ୍ୟାସ କରାଇଥିଲେ। ପରେ ପରେ ବିଭିନ୍ନ ପ୍ରକାର ଦୁଃସାହସିକ କ୍ରୀଡା ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଶାଧକ ପୀତବାସ ପଟନାୟକ ପରିଚାଳନା କରିବା ସହିତ ସ୍କାଉଟ ମାଷ୍ଟର ପ୍ରକାଶ ଚନ୍ଦ୍ର ପଲେଇ, ବିଚିତ୍ରା ନନ୍ଦ ମହାନ୍ତି ଓ ଆଲୋକ ପ୍ରଧାନ, ଗୁରୁ ପ୍ରସାଦ ସାହୁ ସହାୟତା ପ୍ରଦାନ କରିଥିଲେ। ପରେ ରମେଶ କୁମାର ବଳବନ୍ତରାୟଙ୍କ ଦ୍ୱାରା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ କାର୍ଯ୍ୟକ୍ରମରେ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କାଉଟ ଗାଇଡ ମାନେ ଓଡିଶାର ବିଭିନ୍ନ ଲୋପ ପାଇଯାଉଥିବା



ପୁରୁଣା ଜିନିଷ ଯଥା ମୁଦ୍ରା, ତାଳପତ୍ର ପୋଥି, ହାତ ହତିଆ ପ୍ରଦର୍ଶିତ କରିଥିଲେ। ଜିଲ୍ଲା ସ୍କାଉଟ ଗାଇଡ ସମ୍ପାଦକ ସୁଧାକର ମହାପାତ୍ର ଙ୍କ ନେତୃତ୍ୱରେ ଗାଁ ହାଟ ଅନୁଷ୍ଠିତ ହେବା ସହିତ, ମୁଖ୍ୟ କମିସନର ତଥା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ଏହି ହାଟକୁ ଉଦଘାଟନ କରିଥିଲେ। ବିଭିନ୍ନ ଅଂଚଳ ର ମିଳୁଥିବା ଆଂଚଳିକ ଜିନିଷ କୁ ସୁଲଭ ଦରରେ କିଣିବାର ସୁଯୋଗ ସୃଷ୍ଟି କରାଯାଇଥିଲା। ପରେ ସ୍କିଲୋ ରାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସ୍କାଉଟ ଗାଇଡ ବର୍ଜ୍ୟବସ୍ତୁରୁ ସୁନ୍ଦର ସୁନ୍ଦର ଘର କରଣୀ ଓ ଘର ସଜା ଜିନିଷ ମାଟି, ଝୋଟ, କତା, ତାଳପତ୍ର, କାଶୀ, ବାଉଁଶ ପଟିଆ, ପଥରରୁ ତିଆରି ଖେଳନା ଓ ମୂର୍ତ୍ତି ପ୍ରଦର୍ଶିତ ହୋଇଥିଲା।

ଶେଷରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇ ଥିବା ମଜାକୁ ପିଲାମାନେ ବିଶେଷ ଭାବରେ ଉପଭୋଗ କରିଥଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର ବିଭୁ ପ୍ରସାଦ ସେନାପତି, ସୁବାଷ ଚନ୍ଦ୍ର ରାୟ, ମାନସ ବେହେରା, ଭାଗବତ ପାଣ୍ଡେ, ତିଲୋତ୍ତମା ଜେନା, ଆଶିଷ ବିଶ୍ୱାଳ, ଧ୍ରୁବ ଚରଣ ଘଡେଇ, ଲୋକନାଥ ପୃଷ୍ଟି, ଦେବେନ୍ଦ୍ର ଦାସ, ଗତିକୃଷ୍ଣ ବିଶ୍ୱାଳ ଆଦି ସ୍କାଉଟ ମାଷ୍ଟର ମାନେ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗିତାକୁ ମଣ୍ଡଳ ଶିକ୍ଷା ଅଧିକାରୀ ଯଜ୍ଞ ସେନୀ ସାହୁ, ସନାତନ ଜାଲି, ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର, ଅତିରିକ୍ତ ଶିକ୍ଷା ଅଧିକାରୀ ରଶ୍ମୀବାଳା ପରିଡ଼ା, ବିଜୟ ବେହେରା ଓ ମୁଖ୍ୟ ସଂଶାଧକମାନେ ବିଚାରକ ଭାବେ କାର୍ଯ୍ୟ ତଦାରଖ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଗାଧୁ ଚରଣ ସେଠୀ ସହଯୋଗ ପ୍ରଦାନ କରିଥିଲେ।

## ଡେପୁଟେସନରେ ଚାଲିଛି ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ

ଟାଙ୍ଗୀ,୧୬।୧୨(ସମିସ): ଜନସାଧାରଣଙ୍କୁ ହାତ ପାଆନ୍ତାରେ ସେବା ଯୋଗାଇ ଦେବା ପାଇଁ ସରକାର ନାରାବାଜି କରନ୍ତି କିନ୍ତୁ ବାସ୍ତବ କ୍ଷେତ୍ରରେ ପରିଣତ କରିବାକୁ କେବେ ଚିନ୍ତା କରୁନଥିବା ବାସ୍ତବିକ ପରିତାପର ବିଷୟ। ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଏହାର ଏକ ନଗ୍ନ ଉଦାହରଣ। ଏହି କାର୍ଯ୍ୟାଳୟରେ ଅଧିକାରୀଙ୍କ ଠାରୁ ଆରମ୍ଭ କରି କର୍ମଚାରୀ ଡେପୁଟେସନରେ କାର୍ଯ୍ୟ କରୁଥିବାବେଳେ ୩୦ ବର୍ଷ ପରେ ଏକ ପୂର୍ଣ୍ଣାଙ୍ଗ କାର୍ଯ୍ୟାଳୟ ହୋଇପାରିନଥିବା ଦୁର୍ଭାଗ୍ୟଜନକ ଘଟଣା। ୧୯୯୫ ଜାନୁୟାରୀ ପହିଲାରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଛକଠାରେ ଭଡା ଗୃହରେ ପ୍ରଥମେ ଏହି କାର୍ଯ୍ୟାଳୟ ଶୁଭାରମ୍ଭ ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ କିଛି ବର୍ଷ ପରେ ଏବେ ଗତ ଦେଢ ବର୍ଷ ତଳେ ନିଜସ୍ୱ କାର୍ଯ୍ୟାଳୟ ଗୃହରେ ଚାଲିଥିବା ଜଣାପଡିଛି। ଏହି କାର୍ଯ୍ୟାଳୟକୁ ଏକ ସ୍ୱତନ୍ତ୍ର ଆଞ୍ଚଳିକ ପରିବହନ ଅଧିକାରୀ ଙ୍କ କାର୍ଯ୍ୟାଳୟ ଘୋଷଣା କରିବା ଦୂରେ ଥାଉ ଏହି କାର୍ଯ୍ୟାଳୟର ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଭୁବନେଶ୍ୱର ଦୁଇ ଆରଟିଓଙ୍କ କାର୍ଯ୍ୟାଳୟରୁ ଏଠାରେ ଅବସ୍ଥାପିତ। ସେହିପରି ଏଠାରେ ଅବସ୍ଥାପିତ ସହକାରୀ ମୋଟର ଯାନ ନିରୀକ୍ଷକ ଭୁବନେଶ୍ୱର ଆରଟିଓଙ୍କ କାର୍ଯ୍ୟାଳୟରୁ ଆସି ଏଠାରେ ଡେପୁଟେସନରେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଅବସ୍ଥାପିତ ଟ୍ରାଫିକ ସବଇନସପେକ୍ଟର ମଧ୍ୟ ଭୁବନେଶ୍ୱରର ଆରଟିଓରୁ ଡେପୁଟେସନ ରେ ଆସି ଏହି କାର୍ଯ୍ୟାଳୟ ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଏକ ମାତ୍ର ବରିଷ୍ଠ ସହାୟକ ମଧ୍ୟ ଭୁବନେଶ୍ୱର ଆରଟିଓରୁ ଆସି ଏହି କାର୍ଯ୍ୟାଳୟରେ ଅବସ୍ଥାପିତ। ଆବଶ୍ୟକତା ଅନୁସାରେ ଏନଫୋର୍ସମେଣ୍ଟ କର୍ମଚାରୀ ଯୋଗାଇ ଦିଆଯିବା ଦୂରେ ଥାଉ ଏହି କାର୍ଯ୍ୟାଳୟରେ ଅବସ୍ଥାପିତ ଦୁଇ ଜଣ କନଷ୍ଟେବଲ ମଧ୍ୟ ଡେପୁଟେସନରେ ଆସି କାର୍ଯ୍ୟ କରୁଥିବା ବେଳେ କନିଷ୍ଠ ସହାୟକ ପଦ ଖାଲି ପଡ଼ିଛି। ଆସିଷ୍ଟାଣ୍ଟ ପ୍ରୋଗାମର ପଦବୀ ବର୍ଷେ ହେଲା ଖାଲି ପଡିଛି। ପିଅନ ଓ ଡାଇରିଷ୍ଟ ମଧ୍ୟ ପଦବୀ ଦୁଇଟି ବର୍ଷ ବର୍ଷ ଧରି ଖାଲି ପଡିଛି। ବାହାରକୁ ସୁନ୍ଦର ଭିତର ଫମ୍ପା ନ୍ୟାୟ ରେ ସରକାର କାର୍ଯ୍ୟାଳୟ ପାଇଁ ନିଜସ୍ୱ ସୁଉଚ ସୁନ୍ଦର ଅଟାଳିକା ନିର୍ମାଣ କରିଛନ୍ତି ହେଲେ ଏଠି କର୍ମଚାରୀଙ୍କ ଅଭାବ ଯୋଗୁ ଜନସାଧାରଣଙ୍କୁ ସେବା ସଠିକ୍ ସମୟରେ ଯୋଗାଇବାରେ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଏହି କାର୍ଯ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ କାର୍ଯ୍ୟାଳୟର ମାନ୍ୟତା ଦେବା ସହ ଆବଶ୍ୟକତା ଅନୁସାରେ କର୍ମଚାରୀ ଯୋଗାଇ ଦେବାକୁ ଦାବି ହେଉଛି।

## ଆଦର୍ଶଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ



ଖୋର୍ଦ୍ଧା,୧୬।୧୨(ସମିସ): ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ବରିଷ୍ଠ ନାଗରିକ ମଞ୍ଚ ସଭା କକ୍ଷରେ ଆୟୋଜିତ ଆମ ପୁଲିସ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ ନାୟକ ଖୋର୍ଦ୍ଧା ପୌରାଞ୍ଚଳରେ ବସବାସ କରୁଥିବା ୬୬ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ସନ୍ତୋଷ ଦାସ, ହରମୋହନ ମହାପାତ୍ର, ବିଜୟ ପଣ୍ଡା, ନବ କିଶୋର ମହାପାତ୍ର, ଗଦାଧର ଗୋଚ୍ଛି, କ୍ଷେତ୍ରବାସୀ ସାହୁ, ରତ୍ନାକର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ବରିଷ୍ଠ ନାଗରିକ ପରିଚାଳନା କରିଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ପୁଲିସ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟର ଶତବାର୍ଷିକୀ ପାଳନ ପ୍ରସ୍ତୁତି

ବେଗୁନିଆ,୧୬।୧୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶତ ବାର୍ଷିକୀ ପାଳନ କମିଟିର ସଭାପତି ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିବାବେଳେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସମସ୍ୟା ଘେରରେ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ

ଟାଙ୍ଗୀ,୧୬।୧୨(ସମିସ)

### ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଛାତ୍ରଛାତ୍ରୀ



ସମସ୍ୟା ଘେରରେ ୩୦ ବର୍ଷ ତଳର ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ। ବର୍ଷ ବର୍ଷ ଧରି କୌଣସି ପ୍ରତିକାର ନ ହେବାରୁ ଶତାଧିକ ଛାତ୍ରଛାତ୍ରୀମାନଙ୍କ ସ୍ୱାକ୍ଷରିତ ୪ ଦଫା ସମ୍ବଳିତ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ୧୯୯୪ ମସିହାରେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଯାହାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏବେ ୫ ଶହରୁ ଅଧିକ। ଏହି ଛାତ୍ରଛାତ୍ରୀମାନଙ୍କୁ ମାତ୍ର ୫ ଟି ଆଜବେଷ୍ଟସ ଶ୍ରେଣୀ ଗୃହରେ ଶିକ୍ଷାଦାନ କରାଯାଉଛି। ଫଟା ଆଜବେଷ୍ଟସ ଛାତ ଯୋଗୁ ବର୍ଷା ଦିନେ ବର୍ଷା ପାଣି ଓ ଖରାଦିନେ ସୂର୍ଯ୍ୟ କିରଣ ବିନା ପ୍ରତିବନ୍ଧକରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନରେ ବାଧା ସୃଷ୍ଟି କରନ୍ତି। ଏହି ମହାବିଦ୍ୟାଳୟର ନିଜସ୍ୱ ଜମି ନଥିବାରୁ ସରକାରଙ୍କ ତରଫରୁ ଏହି ମହାବିଦ୍ୟାଳୟକୁ କୌଣସି ଆର୍ଥିକ ସହାୟତା ମିଳି ପାରୁନାହିଁ। ଯାହା ଫଳରେ ମହାବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ ନିମନ୍ତେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ସ୍ଥାୟୀ ଜମିକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ୫ ଏକର ଜମି ଯୋଗାଇଦେବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ନିମନ୍ତେ ଶୌଚାଳୟ କି ଛାତ୍ରୀ ସାଧାରଣ କକ୍ଷ ନ ଥିବାରୁ ଏଥିପ୍ରତି ବିଚାର କରିବାକୁ ଦର୍ଶାଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଡିଗ୍ରୀ ମହାବିଦ୍ୟାଳୟରେ ବର୍ଷକୁ ୬ ଟି ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୁଏ। ଯେହେତୁ ଦୁର୍ଗାଚରଣ ଚିଲିକା ଡିଗ୍ରୀ



ମହାବିଦ୍ୟାଳୟ ଓ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋଟିଏ କ୍ୟାମ୍ପସରେ ଚାଲୁଅଛି ତେଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ସମୟରେ ସମସ୍ତ ଶ୍ରେଣୀ ଗୃହ ଗୁଡିକୁ ପରୀକ୍ଷା ନିମନ୍ତେ ବ୍ୟବହାର କରାଯାଉଥିବାରୁ ଦୁଇ ମାସ ପର୍ଯ୍ୟନ୍ତ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହୁଛି। ତେଣୁ ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କ ଶେଷ ତିନୋଟି ସେମିଷ୍ଟାର ପାଠପଢ଼ା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବାରୁ ଡିଗ୍ରୀ ମହାବିଦ୍ୟାଳୟ କ୍ୟାମ୍ପସକୁ ଉଚମାଧ୍ୟମିକ ବିଦ୍ୟାଳୟଠାରୁ ପୃଥକ୍ କରାଯିବା ପାଇଁ ଦାବିପତ୍ର ରେ ଉଲ୍ଲେଖ ରହିଛି। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ଅଭିଯୋଗର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଭୁବନେଶ୍ୱର ସାଂସଦ, ଖୋର୍ଦ୍ଧା ବିଧାୟକ, ଉଚ୍ଚଶିକ୍ଷା ସଚିବ, ନିର୍ଦ୍ଦେଶକଙ୍କ ନିକଟକୁ ଦାବିପତ୍ର ପଠାଯାଇଛି।

### ● ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ

## କେରଙ୍ଗର ଅହମଦିଆ କ୍ଲବ ବିଜୟୀ

ବୋଲଗଡ଼,୧୬।୧୨(ସମିସ): ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ମିନିଷ୍ଟାଡିୟମରେ ବୋଲଗଡ଼ ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଲିଗ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ କେରଙ୍ଗର ଅହମଦିଆ କ୍ଲବ ଫୁଟବଲ ଟିମ ଏବଂ ଆୟୋଜକ ଫ୍ରେଣ୍ଡସ କ୍ଲବ ଫୁଟବଲ ଟିମ ମଧ୍ୟରେ ମ୍ୟାଚ ହୋଇଥିଲା । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା କୌଣସି ଟିମ କାହା ବିପକ୍ଷରେ ଗୋଲ ସ୍କୋର କରିପାରିନଥିଲେ । ଫଳରେ ଟାଇବ୍ରେକର ସହାୟତାରେ କେରଙ୍ଗ ଟିମ ୪-୩ ଗୋଲ ବ୍ୟବଧାନରେ ବିଜୟୀ ଘୋଷିତ ହୋଇଥିଲା । ରେଫରୀ ଭାବେ ଏମ ଏସ ବେଗ ଖେଳ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ଚୌଧୁରୀ ଓ ବୈକୁଣ୍ଠ ମହାପାତ୍ର ଲାଇନ୍ସରେ ସହାୟତା କରିଥିବା ବେଳେ ଭଞ୍ଜକିଶୋର ଯତି ଚତୁର୍ଥ ରେଫରି ଥିଲେ। ଅତିଥି ଭାବେ ବୋଲଗଡ଼ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ବିଜେପି ଯୁବନେତା ବାସୁଦେବ ସାହୁ, ଭାଗିରଥି ବେହେରା ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଖୋର୍ଦ୍ଧା ପାଇକ ତିଗିରିଆର ଏଜେ କ୍ଲବ ଫୁଟବଲ ଟିମ ଏବଂ ବାଇଗୁଣିଆର ୱାଇଏସସି ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହେବ।

## ଶ୍ରୀକ୍ଷେତ୍ର ସିଟି

୧୬/୧୨/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୩୬,୯୮୭/- | ସୁନା: ୦୪.୫୦୦ ଗ୍ରାମ୍ | ରୁପା: ୨୬.୦୦୦ ଗ୍ରାମ୍



# ସିଂହଦ୍ୱାରରେ ବାଜିଲା ତୋତରୀ



ପୁରୀ, ୧୬।୧୨ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ବାଜିଛି ଶିରିଡ଼ିର ପାରମ୍ପରିକ ବାଦ୍ୟ ତୋତରୀ। ମହାରାଷ୍ଟ୍ର ଶିରିଡ଼ିରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ସନ୍ଦୀପ ନାମକ ଜଣେ ଭକ୍ତ ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏହାକୁ ବଜାଇଛନ୍ତି। ତୋତରୀ ଶବ୍ଦରେ ସିଂହଦ୍ୱାର ସମ୍ମୁଖରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତେବେ ଶିରିଡ଼ିରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ଏହି ପାରମ୍ପରିକ ବାଦ୍ୟ ବେଶ୍ ଗୁରୁତ୍ୱ ବହନ କରିଥାଏ। ସେହିପରି ପ୍ରଭୁ ଶିବଙ୍କ ବିବାହ ଉତ୍ସବରେ ମଧ୍ୟ ତୋତରୀ ବାଦ୍ୟ ବାଜିଥାଏ। ମଙ୍ଗଳବାର ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କର ଦୁର୍ଲଭ ଦର୍ଶନ ସହିତ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏହି ପାରମ୍ପରିକ ବାଦ୍ୟ ବଜାଇ ବେଶ୍ ଆନନ୍ଦ ପ୍ରକଟ କରିଥିବା କହିଛନ୍ତି ସନ୍ଦୀପ।

# ଶ୍ରୀମନ୍ଦିରରେ ଆରମ୍ଭ ହେଲା ପହିଲି ଭୋଗ

ପୁରୀ,୧୬।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅର୍ଥାତ୍ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପହିଲି ଭୋଗ। ଏହା ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ପହିଲି ଭୋଗ। ବିରି, ଗହମଚୁନା ଓ ଘୃତରେ ପାଗ ହୋଇଥିବା ବିଭିନ୍ନ ପ୍ରକାର ପିଠା ଓ ଧନୁମୁଆଁ ଲାଗି କରାଯାଇଛି। ସୋମବାର ରାତି ୨ଟା ୩୫ରେ ପହୁଡ଼ ହୋଇଥିଲା। ପହିଲି ଭୋଗ ପାଇଁ ରାତି ୨ଟାରୁ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ହେଲେ ୨ଘଣ୍ଟା ୨୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ଭୋର୍ ୪ଟା ୨୦ରେ ଦ୍ୱାର ଫିଟିଥିଲା। ପ୍ରଥମ ନୀତିରୁ ଆରମ୍ଭ ହୋଇଥିବା ବିଳମ୍ବ ପହିଲି ଭୋଗ ଶେଷରେ ବି ପ୍ରତିଫଳିତ ହୋଇଥିଲା। ଭୋର୍ ସାଢ଼େ ୫ଟାରୁ ସକାଳ ୬ଟା ମଧ୍ୟରେ ପହିଲି ଭୋଗ ଶେଷ ହେବାକୁ ଛତିଶା ନିଯୋଗ ବୈଠକରେ ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ଅଢ଼େଇ ଘଣ୍ଟା ବିଳମ୍ବ ଘଟିଥିଲା। ସକାଳ ସାଢ଼େ ୮ଟାରେ ସରିଥିଲା ପହିଲି ଭୋଗ।

ସେହିପରି ସକାଳ ୬ଟା ୩୦ରୁ ୮ଟା ମଧ୍ୟରେ ସକାଳ ଧୂପ ଲାଗି ନିର୍ଘଣ୍ଟ କରାଯାଇଥିବା ବେଳେ ଏହା ପୂର୍ବାହ୍ଣ ୧୦ଟା ୧୦ ସୁଦ୍ଧା ସରିଥିଲା। ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ଅନ୍ୟପକ୍ଷରେ ଆଜିର ଦିନରେ ମହାପ୍ରଭୁଙ୍କ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳୁଥିବା ବିଶ୍ୱାସ ରହିଥିବାରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

**ପହିଲି ଭୋଗ ଏକ ବାତ୍ସଲ୍ୟ ପ୍ରେମ**

ପହିଲି ଭୋଗ ନୀତି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବିଶ୍ୱାସ ରହିଛି ଧନୁ ସଂକ୍ରାନ୍ତି ପୂର୍ବଦିନଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ମା' ଲକ୍ଷ୍ମୀ ଠାକୁରାଣୀ ବାପଘରକୁ ଯାଇଥା'ନ୍ତି। ଏହି ସମୟରେ ମା' ଯଶୋମତି ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିଥା'ନ୍ତି। ଏଥିପାଇଁ ରାତ୍ର ୨ ଘଡ଼ି ଥାଇ ଶ୍ରୀମନ୍ଦିର ଦ୍ୱାର ଫିଟାଯାଏ। ବାଜା ନ ବାଜି ମଙ୍ଗଳ ଆଳତି ହୁଏ। ମଙ୍ଗଳ ଆଳତି ପରେ ରୋଷହୋମ କରାଯାଏ। ରୋଷରେ ବିରି ଓ ଗହମରେ ଘୃତ ପାକ କରି ୨୩ ପ୍ରକାର ପିଠାପଣା ପହିଲି ଭୋଗ ଲାଗି ପ୍ରସ୍ତୁତ କରାଯାଏ। ଭିତରେ ମହାପ୍ରଭୁଙ୍କର ଅବକାଶ ବଢ଼ି ଘୋଡ଼ଲାଗି କରାଯାଏ। ଠାକୁରମାନଙ୍କୁ ୬ ମୂର୍ତ୍ତି ଅଳଙ୍କାରରେ ବିଭୂଷିତ କରାଯିବା ପରେ ଧୋ ପଖାଳ ହୋଇ ବଲ୍ଲଭ ଭୋଗ ବଢ଼ାଯାଏ। ଏହି ସମୟରେ ରୋଷରୁ ପହିଲି ଭୋଗ ଛେକ ଆସି ବଲ୍ଲଭ ଭୋଗ ସହିତ ପଞ୍ଚୋପଚାର ବିଧିରେ ମହାପ୍ରଭୁଙ୍କୁ ଲାଗି କରାଯାଇଥାଏ। ଏଥିରେ ବଡ଼ ଝିଲ୍ଲି, କାକରା, ଆରିସା, ଅମାଲୁ, ଝଡ଼େଇନେଦା, ମୁଗେଇ, ମଣ୍ଡା, ଲଡୁ, ଗଜା, ଗଇଁଠା, ଏଣ୍ଡୁରି ଇତ୍ୟାଦି ଭୋଗମାନ ଲାଗି ହୋଇଥାଏ। ଏହି ମାସଟି ମା' ଯଶୋମତିଙ୍କ ସେବା। ମା' ଯଶୋମତି ରାତି ନ ପାହୁଣୁ କୁଆ କା ନ କରିବା ପୂର୍ବରୁ ପିଲାମାନଙ୍କୁ ଖୁଆଇପିଆଇ ଶୀତବସ୍ତ୍ର ପିନ୍ଧାଇ ଜଗତ କଲ୍ୟାଣ ନିମନ୍ତେ ପ୍ରସ୍ତୁତ କରାଇଥା'ନ୍ତି। ପିଲାମାନଙ୍କ ପାଇଁ ମା'ର ବାତ୍ସଲ୍ୟ ପ୍ରେମର ଏହା ଏକ ନିଦର୍ଶନ।



### ପୁରୀ ପୁଲିସର ବଡ଼ ଆକ୍ସନ

# ମାଟିରେ ମିଶିଲା ନିଶାମାଫିଆର ଘର

ପୁରୀ,୧୬।୧୨(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଜାରି ରହିଛି। ବ୍ରାଉନ୍‌ସୁଗର, ଗଞ୍ଜେଇ ଆଦି ନିଶା କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଏହି କ୍ରମରେ ନିଶା ମାଫିଆ ଟିକି ଖାଁ ବିରୋଧରେ ବଡ଼ ଆକ୍ସନ ଗ୍ରହଣ କରିଛି ପୁଲିସ। ତା' ଘର ଉପରେ ବୁଲିଛି ବୁଲ୍‌ଡୋଜର। ନୀଳଚକ୍ର ନଗରରେ ବ୍ରାଉନ୍‌ସୁଗର ବେପାରୀ ଟିକି ଖାଁ ଘର ଭାଙ୍ଗିଛି ବୁଲ୍‌ଡୋଜର। ସରକାରୀ ଜମି ଜବରଦଖଲ କରି ନିଶା କାରବାର କରୁଥିବାବେଳେ ପ୍ରଶାସନ ତାଙ୍କ ଘର ଭାଙ୍ଗିଛି। ଶାଶୂଙ୍କ ପରେ ଜ୍ୱାଇଁଙ୍କ ପାଳି ପଡ଼ିଛି ବୋଲି ଚର୍ଚ୍ଚା ହେଉଛି। ଗତ ୪ ତାରିଖରେ ବ୍ରାଉନ୍‌ସୁଗର ବେପାରୀ ସୁକାନ୍ତି ପଣ୍ଡାଙ୍କ ନୀଳଚକ୍ରନଗରସ୍ଥିତ ୪ଟି ଘରକୁ ମାଟିରେ ମିଶାଇ ଦିଆଯାଇଥିଲା। ସୋମବାର ତାଙ୍କ ଜ୍ୱାଇଁ ଟିକି ଖାଁର ୩ଟି ଘରକୁ ଭାଙ୍ଗିଦେଇଛି ପୁଲିସ। ଅପରେସନ ଚକ୍ରରେ ନିଶା ବେପାରୀଙ୍କୁ ସାବାଡ଼୍ କରିବାକୁ ପୁରୀ ପୁଲିସ ଲଗାତାର ଉଦ୍ୟମ ଜାରି ରଖିଛି। ସେହି ପରିପ୍ରେକ୍ଷୀରେ ସୁକାନ୍ତିଙ୍କ ଜ୍ୱାଇଁ ଟିକିର ନୀଳଚକ୍ର ନଗରରେ ଥିବା ଦୁଇଟି ଘର ଏବଂ ହୁଲୁହୁଲିଆ ପୋଲ ପାଖରେ ଥିବା ଗୋଟିଏ ଘରକୁ ଜେସିବି ଲଗାଇ ଭାଙ୍ଗିଦିଆଯାଇଛି। ସମସ୍ତ ନିଶାବେପାରୀଙ୍କୁ ଏହି ବେଆଇନ କାରବାର ଛାଡ଼ିବାକୁ ଆହ୍ୱାନ ଦେଇଛନ୍ତି ଏସ୍‌ପି। ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ବାସିନ୍ଦା। ନିଶା ପାଇଁ ବିଭିନ୍ନ ପ୍ରକାର ଅପରାଧ ଘଟୁଛି। ନିଶା କବଳରେ ଅନେକ ଯୁବପିଢ଼ି ଚୋରି, ଡକାୟତି ଭଳି ଅପରାଧ ଭିଆଉଛନ୍ତି। ଏହିଭଳି କାର୍ଯ୍ୟାନୁଷ୍ଠାନ ଧାରା ଜାରି ରହୁ। ଯେଉଁମାନେ ବେଆଇନ ନିଶା କାରବାର କରୁଛନ୍ତି ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।



**ଶାଶୂ ପରେ ପଡ଼ିଲା ଜ୍ୱାଇଁର ପାଳି**

### 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା

# ଏନ୍‌ଜିଓ ହାତରେ ପରିଚାଳନା ଦାୟିତ୍ୱ

ପୁରୀ,୧୬।୧୨(ସମିସ): ରାଜ୍ୟରେ ଝିଅଙ୍କ ବିବାହ ଲାଗି ଆର୍ଥିକ ସହାୟତା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ଲାଗୁ କରାଯାଇଛି। ଆର୍ଥିକ କ୍ଷେତ୍ରରେ ଦୁର୍ବଳ ବର୍ଗ, ଗରିବଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁବିଧା ସହିତ ସିଧାସଳଖ ବ୍ୟାଙ୍କ ସ୍ଥାନାନ୍ତର ପାଣ୍ଠି, ବିବାହ ଉପହାର କିଟ୍ ଦିଆଯିବ। ଯାହାର ଲକ୍ଷ୍ୟ ବିବାହ ପଞ୍ଜୀକରଣକୁ ପ୍ରୋତ୍ସାହିତ କରିବା ଏବଂ ବାଲ୍ୟବିବାହକୁ ରୋକିବା। ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଓ ୨୧ ବର୍ଷରୁ ଉର୍ଦ୍ଧ୍ୱ ଯୁବକ ପ୍ରଥମ ଥର ବିବାହ ପାଇଁ ଏହି ଅର୍ଥ ଯୋଗାଇ ଦିଆଯିବ। ସେହିପରି ବିଧବାଙ୍କ ପୁନଃବିବାହ ପାଇଁ ମଧ୍ୟ ଏହି ସହାୟତା ମିଳିପାରିବ। ୩୫ ହଜାର ଟଙ୍କା କନ୍ୟାଙ୍କ ଆକାଉଣ୍ଟକୁ ଯିବାକୁ ଥିବାବେଳେ ୧୦ ହଜାର ଟଙ୍କାରେ ବିବାହ ସରଞ୍ଜାମ କିଟ୍ ଓ ୬ ହଜାର ଟଙ୍କାରେ ବିବାହ ସାଜସଜ୍ଜା କରାଯିବ। ସାଧାରଣତଃ ବୟସ/ଆୟ ପ୍ରମାଣପତ୍ର ଭଳି ଆବଶ୍ୟକୀୟ କାଗଜପତ୍ର ସହିତ ଉମଙ୍ଗ ବା ମାଇଁ ସ୍କିମ୍ ପୋର୍ଟାଲ୍ ମାଧ୍ୟମରେ ଆବେଦନକାରୀ ଆବେଦନ କରିପାରିବେ ବୋଲି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଯୋଜନାକୁ ପରିଚାଳନା କରିବା ନିମନ୍ତେ ବେସରକାରୀ ସଂସ୍ଥା ବା ଏନ୍‌ଜିଓକୁ ଚୟନ କରାଯିବ। ଇଚ୍ଛୁକ ଏନ୍‌ଜିଓମାନେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟକୁ ଜିଲ୍ଲା ୱେବ୍‌ସାଇଟ୍ www.puri.odisha.gov.in ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଆସନ୍ତା ୨୬ ତାରିଖ ଅପରାହ୍ଣ ୫ଟା ଧାର୍ଯ୍ୟ କରାଯାଇଛି। ଆଜି ସୁଦ୍ଧା ଜିଲ୍ଲାର ୪୮ ଜଣ ଯୋଗ୍ୟ ପ୍ରାର୍ଥୀ ଚିହ୍ନଟ ହୋଇ ସାରିଥିବାବେଳେ ସେମାନଙ୍କ ମଧ୍ୟରୁ ୩୨ ଜଣ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରାଇ ସାରିଛନ୍ତି।

# ପୁରୀ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ

ପୁରୀ,୧୬।୧୨(ସମିସ): ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ପୁରୀରେ ହେବାକୁ ଯାଉଛି ୨ ଦିନିଆ ପୁରୀ ମହୋତ୍ସବ। ପୁରୀରେ ଥିବା ପାରମ୍ପରିକ ଓ ସାଂସ୍କୃତିକ ଭାବଧାରାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହିତ ଲୋକାଭିମୁଖୀ କରିବା ପାଇଁ ଆସନ୍ତା ୨୦ ଓ ୨୧ ତାରିଖ ସମୁଦ୍ର ବେଳାଭୂମିରେ ହେବାକୁ ଯାଉଛି ପୁରୀ ମହୋତ୍ସବ। ପୁରୀକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସମୁଦ୍ର କୂଳରେ ବିଭିନ୍ନ ଲାଇଫ୍ ସେଭ୍ ଖେଳ ଓ ପାରମ୍ପରିକ ନୃତ୍ୟକୁ ଏହି ମଞ୍ଚ ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ମୁମ୍ବାଇରୁ ଇଣ୍ଡିଆନ୍ ଆଇଡଲ୍‌ରେ ଯୋଗ ଦେଇଥିବା ୩ ଜଣ କଳାକାର ମଧ୍ୟ ସଙ୍ଗୀତ ପରିବେଷଣ କରିବେ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ସର୍କିଟ୍ ହାଉସ୍‌ଠାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା, ଭିଡ଼ ନିୟନ୍ତ୍ରଣ, ପାନୀୟଜଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ ବିଭାଗ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ, ପୌର ପରିଷଦର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୌମ୍ୟରଞ୍ଜନ ବେହେରା, ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ସଭାପତି ବିନୋଦ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ମହୋତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ଶଙ୍କର ପ୍ରତିହାରୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ରବିନାରାୟଣ ସେନାପତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି, ରମେଶ ଚନ୍ଦ୍ର ଦାସ, କେଶବ ଚନ୍ଦ୍ର ସାହୁ, ସୁରେନ୍ଦ୍ର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କିପରି ସରସ ସୁନ୍ଦର କରାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆବାହକ କୃଷ୍ଣ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଯୋଜନା ପଣ୍ଡ; ୫ ଗିରଫ

ପୁରୀ,୧୬।୧୨(ସମିସ): ସମୁଦ୍ରକୂଳ ଥାନା ପୁଲିସ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଥିବାବେଳେ ୫ ଜଣଙ୍କୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଷ୍ଟେସନ ରୋଡ୍ ଧୋବାସାହିର ଏନ୍. ସନ୍ତୋଷ ରେଡ୍ଡୀ, ପି. ମନୋଜ ରାଓ, ଏନ୍. ପୁରୁଷୋତ୍ତମ ରେଡ୍ଡୀ, ଏସ୍. ପହୋଲା ରେଡ୍ଡୀ ଏବଂ ରାମ ମନ୍ଦିର ଛକର ଆର୍. କାନ୍ତରା। ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ସମୁଦ୍ରକୂଳ ଥାନା ପୁଲିସ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୨ଟା ୧୫ରେ ଥାନା କର୍ମଚାରୀ ଚୈତନ୍ୟ ଛକ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ହାପି ହୋମ୍ ଛକ ନିକଟ ଏକ ପରିତ୍ୟକ୍ତ ଘରେ ୫ ଜଣ ବସି ଡକାୟତି ଯୋଜନା କରୁଛନ୍ତି। ବିଳମ୍ବିତ ରାତିରେ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି କରିବେ। ସଙ୍ଗେ ସଙ୍ଗେ ପାଟ୍ରୋଲିଂ କର୍ମଚାରୀ ସେଠାରେ ପହଞ୍ଚି ଉକ୍ତ ୫ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ୍, ୪ଟି ଫାଙ୍କା ବିୟର ବୋତଲ, ଗୋଟିଏ ସିଗାରେଟ୍ ପ୍ୟାକେଟ୍, ଦିଆସିଲି କାଠି, ପ୍ଲାଷ୍ଟିକ୍ ଗ୍ଲାସ୍ ଆଦି ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା (ନଂ.୩୬୬/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ସ୍ୱର୍ଗଦ୍ୱାରରେ ରେକର୍ଡ ଶବଦାହ

# ଦିନକରେ ଜଳିଲା ୧୩୬ ଜୁଇ

ପୁରୀ,୧୬।୧୨(ସମିସ): ସ୍ୱର୍ଗଦ୍ୱାରରେ ଗୋଟିଏ ଦିନରେ ରେକର୍ଡ ଶବଦାହ କରାଯାଇଛି। ରବିବାରଠାରୁ ସୋମବାର ଭୋର୍ ୪ଟା ପର୍ଯ୍ୟନ୍ତ ଜଳିଛି ୧୩୬ ଜୁଇ। ତେବେ ଦିନକୁ ଦିନ ମୃତଦେହ ସଂଖ୍ୟା ବଢୁଥିବାବେଳେ ଉପଯୁକ୍ତ ପରିଚାଳନା ପାଇଁ ସ୍ୱର୍ଗଦ୍ୱାରର ପରିସୀମା ବୃଦ୍ଧି କରିବା ଜରୁରୀ ହୋଇପଡ଼ିଲାଣି। ବିଶେଷକରି ମରଶରୀର ଆଣି ଆସୁଥିବା ପରିଜନମାନଙ୍କ ଗାଡ଼ି ପାର୍କିଂ ଏବେ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଲାଣି। ମୃତଦେହ ଆଣି ଆସୁଥିବା ଲୋକମାନେ ଯେପରି କୌଣସି ପ୍ରକାର ସମସ୍ୟାରେ ନ ପଡ଼ିବେ ସେଥିଲାଗି ସ୍ୱର୍ଗଦ୍ୱାରର ଉନ୍ନତୀକରଣ କରାଯାଇଛି। ଏହାର ସୁପରିଚାଳନା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ଗଠନ ହୋଇଥିବାବେଳେ ସମିତି ଅଧୀନକୁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ଚାଲିଛି। ତେବେ ଉନ୍ନତୀକରଣ ପରେ ଏଠାକୁ ମୃତଦେହ ସଂଖ୍ୟା ଢେର୍ ବଢ଼ିଛି। ତେବେ ଗତ ୫ ବର୍ଷ ମଧ୍ୟରେ ରବିବାର ସ୍ୱର୍ଗଦ୍ୱାରରେ ରେକର୍ଡ ୧୩୬ ଜଣଙ୍କ ଶବଦାହ କରାଯାଇଛି। ଏମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ଯୋଜନାରେ ୧୧୩ ଜଣଙ୍କ ସଂସ୍କାର କରାଯାଇଛି। ତେବେ ପୁରୀ ଜିଲ୍ଲାରୁ ସର୍ବାଧିକ ୪୦ ମୃତଦେହ ଆସିଥିବାବେଳେ ଅନ୍ୟ ଜିଲ୍ଲାରୁ ୯୪ଟି ଏବଂ ରାଜ୍ୟ ବାହାରୁ ୨ଟି ଶବ ଦାହ ପାଇଁ ଆସିଥିବା ସୂଚନା ମିଳିଛି।



### ଏନ୍‌ଏଚ୍‌ଆଇ କାମକୁ ନେଇ ଆପ୍‌ର ଅଭିଯୋଗ

# ବାଇପାସ୍ ରାସ୍ତା କାମରେ ବଡ଼ ଦୁର୍ନୀତି

ପୁରୀ,୧୬।୧୨(ସମିସ): ପୁରୀ ବାଇପାସ୍। ଭୁବନେଶ୍ୱର-ପୁରୀ ୩୧୬ ନଂ. ଜାତୀୟ ରାଜପଥର ବୀରହରେକୃଷ୍ଣପୁର ଛକଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ଲମ୍ବିଥିବା ଏହି ରାସ୍ତାର ଦୈର୍ଘ୍ୟ ପ୍ରାୟ ୧୧ କି.ମି.। ହେଲେ ମେଣ୍ଟେନାନ୍ସ ଏବଂ ସ୍ୱତନ୍ତ୍ର ମରାମତି କାମ ନାଁରେ ମହାଦୁର୍ନୀତି ହୋଇଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ମଙ୍ଗଳବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ କିଭଳି ଦୁର୍ନୀତି କରାଯାଇଛି ତା'ର ପର୍ଦ୍ଦାଫାଶ୍ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଏହି ରାସ୍ତା ମେଣ୍ଟେନାନ୍ସ କାମ ପାଇଁ ଏନ୍‌ଏଚ୍‌ଏଆଇ ୨୦୨୫ ମାର୍ଚ୍ଚ ୨୬ରୁ ଏପ୍ରିଲ୍ ୨୮ ପର୍ଯ୍ୟନ୍ତ ଇ-ଟେଣ୍ଡର ଡାକିଥିଲେ, ଯାହାର ଆନୁମାନିକ ଖର୍ଚ୍ଚ ୨କୋଟି ୬୧ଲକ୍ଷ ଟଙ୍କା ରହିଥିଲା। ଆମେ ଜାଣିଛେ ଅତିବେଶୀରେ ୧୪/୧୫ ପ୍ରତିଶତ କମ୍‌ରେ ଯେ କେହି ଟେଣ୍ଡର ପକାଇଥା'ନ୍ତି। କିନ୍ତୁ ଏହି ଟେଣ୍ଡରକୁ ୪୨.୩୦ ପ୍ରତିଶତ କମ୍‌ରେ ଅର୍ଥାତ୍ ୧କୋଟି ୫୦ଲକ୍ଷ ୫୯ ହଜାର ଟଙ୍କାରେ ଅଭିସ୍ୱା କନ୍‌ଷ୍ଟ୍ରକ୍‌ସନ୍‌କୁ ମିଳିଛି। ଏହି କାମ ଗତବର୍ଷ ଜୁନ୍ ୨୮ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୦୨୬ ଜୁନ୍ ୩୦ରେ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। କିନ୍ତୁ କାମର ଅବଧି ପୂରିବା ପୂର୍ବରୁ ଏନ୍‌ଏଚ୍‌ଏଆଇ ଦ୍ୱାରା ପୁଣି ଏକ ଟେଣ୍ଡର ସେହି ୧୧ କିଲୋମିଟର ରାସ୍ତା ସ୍ୱତନ୍ତ୍ର ମରାମତି ପାଇଁ ବାହାର କରାଯାଇଥିଲା। ଏହି ଟେଣ୍ଡର ଗତବର୍ଷ ସେପ୍ଟେମ୍ବର ୩୦ରୁ ଆସନ୍ତାବର୍ଷ ଅକ୍ଟୋବର ୨୯ ତାରିଖ ପର୍ଯ୍ୟନ୍ତ ଖୋଲାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସେହି କମ୍ପାନୀ ଅଭିସ୍ୱା କନ୍‌ଷ୍ଟ୍ରକ୍‌ସନକୁ ପୁଣି କାମ ମିଳିଛି। ଆଉ ଏହାର ଆନୁମାନିକ ଖର୍ଚ୍ଚ ୧୧ କୋଟି ୨୧ଲକ୍ଷ ୪୧ହଜାର ଟଙ୍କା ରହିଥିବାବେଳେ କମ୍ପାନୀ ୩୫ ପ୍ରତିଶତ କମ୍‌ରେ ଟେଣ୍ଡର ପକାଇ ୭କୋଟି ୨୮ ଲକ୍ଷ ୯୧ ହଜାର ଟଙ୍କାରେ କାମ ପାଇଛି। ତେବେ ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଏହି ବାଇପାସ୍ ରାସ୍ତାର ମେଣ୍ଟେନାନ୍ସ କାମ ମିଳିବା ଏବଂ ଏହାର ଅବଧି ପୂରି ନ ଥିବାବେଳେ ପୁଣି ସ୍ୱତନ୍ତ୍ର ମରାମତି ପାଇଁ ଟେଣ୍ଡର ବାହାରିବାକୁ ନେଇ ପ୍ରଶ୍ନ ଉଠାଇଛି ଆପ୍। ଆଉ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ସେହି ଏକା କମ୍ପାନୀ ମରାମତି ପାଇଁ ଟେଣ୍ଡର ପକାଇ କାମ ପାଇବା ତାହା ପୁଣି ୩୫ରୁ ୪୨ ପ୍ରତିଶତ ମଧ୍ୟରେ ବୋଲି ସନ୍ଦେହ ପ୍ରକଟ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ନିୟନ୍ତ୍ରଣରେ ଥିବା ସମସ୍ତ କାମ ଯଦି ସର୍ବାଧିକ ୧୪.୯୯ ପ୍ରତିଶତ କମ୍ ଦାମ୍‌ରେ ଟେଣ୍ଡର କାମ ନେବାର ନିୟମ ଅଛି, ତେବେ ଏନ୍‌ଏଚ୍‌ଏଆଇର କ'ଣ ନିୟମ ଅଛି? ଯଦି ଏନ୍‌ଏଚ୍‌ଏଆଇରେ ସେମିତି କୌଣସି ନିୟମ ନାହିଁ, ତେବେ ଏତେ କମ୍‌ରେ କାମ ନେଲେ କାମର ମାନ କ'ଣ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଉ ଗୋଟିଏ ସଙ୍ଗିନ ଅଭିଯୋଗ ହେଉଛି ଏହି ବାଇପାସ୍ ରାସ୍ତାରେ ୫ହଜାର ଗଛ ଲାଗିଛି ବୋଲି କୁହାଯାଉଛି। କିନ୍ତୁ ବାସ୍ତବତା ହେଉଛି ଭିନ୍ନ। ଯେ କେହି ଏହି ରାସ୍ତାର ଉଭୟ ପାଶ୍ୱର୍ ଦେଖିଲେ ଏହାର ସତ୍ୟତା କ'ଣ ତାହା ପରଖି ପାରିବେ। ଉଦ୍‌ବେଗର ବିଷୟ ହେଉଛି ପ୍ରଥମ ଟେଣ୍ଡରରେ ପିଚୁ କାମ ପାଇଁ ୧ କୋଟି ୭୫ ହଜାର ୮୦୦ ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ଆଶ୍ଚର୍ଯ୍ୟର କଥା ୪ ମାସ ପରେ ପୁନଶ୍ଚ ସେହି ରାସ୍ତା ପାଇଁ ନୂଆ ଟେଣ୍ଡରରେ ପିଚୁ ରାସ୍ତା କାମ ପାଇଁ ୭ କୋଟି ୭୬ଲକ୍ଷ ୪୫ହଜାର ୭୩୬ଟଙ୍କା ବ୍ୟୟବରାଦ ହୋଇଛି। ଏଠି ସମସ୍ତଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ପୂର୍ବ ଟେଣ୍ଡରର ୧କୋଟି ଟଙ୍କାର ରାସ୍ତା କାମ କୁଆଡ଼େ ଗଲା ବୋଲି କହିଛନ୍ତି ସଞ୍ଜୀବ। ସେହିପରି ଏହି ରାସ୍ତା କାମ ପାଇଁ ଦୁଇଥର ଟେଣ୍ଡର ହେଲାଣି। ହେଲେ କାମର ସ୍କାନର କୌଣସି ସ୍ଥାନରେ କାହିଁକି ଲଗାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନ୍‌ଏଚ୍‌ଏଆଇର ଏହିଭଳି ନିମ୍ନମାନର କାମକୁ ପ୍ରଶ୍ରୟ ଦେଉଛନ୍ତି କି? ସମାନ ଭାବେ ପୁରୀର ସାଂସଦ ଭାବେ ଡ. ସମ୍ବିତ୍ ପାତ୍ର ପୁରୀ ବାଇପାସ୍ ରାସ୍ତା କାମ ଲାଗି ଟେଣ୍ଡର ଏବଂ କାମରେ ଏଭଳି ଠକେଇ କିପରି କରାଯାଇଛି ତା' ଉପରେ ଉତ୍ତର ରଖିବେ କି ବୋଲି ସଞ୍ଜୀବ ପ୍ରଶ୍ନ କରିଛନ୍ତି। ଆପ୍‌ର ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ପୁରୀ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, ମିଡିଆ ସଂଯୋଜକ ଅନିଲ୍ ସେନାପତି ଉପସ୍ଥିତ ଥିଲେ।



# ପଞ୍ଚୁପଲ୍ଲୀ ଓ ଶୈଳଙ୍ଗ ଶୀତବସ୍ତ୍ର ସହାୟତା

ଆନନ୍ଦପୁର, ୧୬।୧୨ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ଓ ପୌରାଞ୍ଚଳର ଶୈଳଙ୍ଗରେ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରାଯାଇଛି। ଯୁବ ବିଜେପି ନେତା ତଥା ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଆଜି ପଞ୍ଚୁପଲ୍ଲୀରେ ୭୦ ଜଣ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧା ଏବଂ ଶୈଳଙ୍ଗରେ ୮୭ ଜଣଙ୍କୁ ଏହି ସହଯୋଗ କରାଯାଇଛି। ଶୈଳଙ୍ଗଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ସତ୍ୟନାରାୟଣ ସାହୁ, ରଞ୍ଜନ ପୁହାଣ, ଯଜ୍ଞଦତ୍ତ ପଣ୍ଡା, ଜଗନ୍ନାଥ ଦାସ, ପ୍ରଦୀପ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚୁପଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବିଜେପି ନେତା ହିମାଂଶୁ ଶେଖର ଜେନା, ରବୀନ୍ଦ୍ର ରାଉତ, ପାକୁ ଜେନା, କେଶବ ଦେହୁରୀ, ଅନାଦି ଖଟୁଆ, ଶ୍ୟାମସୁନ୍ଦର ମହାନ୍ତି, ରୋଗା ସାମଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯଜ୍ଞପ୍ରସାଦ ସାହୁଙ୍କ ଏଭଳି ସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ୩ ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ

**ଗହଣା ଦୋକାନୀ ଘରେ ସଶସ୍ତ୍ର ଡକାୟତି**

ଘଟଗାଁ, ୧୬।୧୨ (ସମିସ): କେନ୍ଦୁଝର ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡ଼ା ଥାନାଠାରୁ ଅଳ୍ପ ଦୂରରେ ଥିବା ସଞ୍ଜୟ ଜ୍ୱେଲେରୀ ମାଲିକ ଘରେ ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ତିନି ଜଣ ମୁହଁରେ ମୁଖା ପିନ୍ଧି ବନ୍ଧୁକ ଓ ଭୁଜାଲି ମାଡ଼ କରି ମାତ୍ର ୧୫ ମିନିଟ ମଧ୍ୟରେ ଲୁଟ୍ କରି ପଳାଇଛନ୍ତି। ଉକ୍ତ ଗହଣା ଦୋକାନର ମାଲିକ ସଞ୍ଜୟ ରଣା ଗତକାଲି ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସଉଦା କିଣିବାକୁ ଯାଇଥିବା ସମୟରେ ଏକ ଚାରିଚକିଆ ଗାଡ଼ିରେ ୩ ଜଣ ଦୁର୍ବୃତ୍ତ ଏହି ଲୁଟ୍ କରିଥିବା ଜଣାପଡ଼ିଛି। ବାପା ରଣଜିତ ରଣା ଓ ମାଆ ଦିରବତୀଙ୍କୁ ମାଡ଼ ମାରି ଗୋଟିଏ ଘରେ ପୁରାଇ ବାହାରୁ ଶିକୁଳି ଦେଇଥିଲେ। ସଞ୍ଜୟ ଫେରି ଦେଖିଲା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପାଣ୍ଡପଡା ଥାନାଧିକାରୀ ଲକ୍ଷ୍ମୀଧର ପ୍ରଧାନ ସଦଳବଳେ ପହଞ୍ଚି ତନାଘନା କରିଥିଲେ। ପୁଲିସ ବିଭିନ୍ନ ରାସ୍ତା ଓ ଟୋଲଗେଟ୍‌ଗୁଡ଼ିକର ଯାଞ୍ଚ କଡ଼ାକଡ଼ି କରିଛି। କେନ୍ଦୁଝର ଏଏସପି ପ୍ରତ୍ୟୁଷ ମହାପାତ୍ର ଆଜି ଦିନତମାମ ବିଭିନ୍ନ ସ୍ଥାନକୁ ଯାଇ ସିସିଟିଭି ଯାଞ୍ଚ କରିଛନ୍ତି। ଦୁଇଟି ସାଇଣ୍ଟିଫିକ ଦଳ ଦ୍ୱାରା ଦଦନ୍ତ ଜାରି ରହିଛି। ସଂଜୟଙ୍କ ଅଭିଯୋଗ ଅନୁଯାୟୀ, ୨୦୦ ଗ୍ରାମ ସୁନା, ୧୨ କେଜି ରୁପା, ଓ ନଗଦ ୪.୫୦ ହଜାର ଟଙ୍କା ଲୁଟ ହୋଇଛି। ପଣ୍ଡାପଡ଼ା ଦୋକାନରେ ଥିବା ସଞ୍ଜୟଙ୍କ ଜୁଏଲାରୀ ଦୋକାନରେ ଆଗରୁ ଦୁଇ ଦୁଇ ଥର ଡକାୟତ ଉଦ୍ୟମ କରି ବିଫଳ ହୋଇଥିଲେ।

# ଗୋରୁ ବୋଝେଇ ପିକଅପ୍ ଦୁର୍ଘଟଣାଗ୍ରସ୍ତ; ୧ ଗୋରୁ ମୃତ, ୧ ଆହତ

ଶୁଳିଆପଦା,୧୬।୧୨(ସମିସ):ଶୁଳିଆପଦା ବ୍ଲକ୍ କୋଷ୍ଟା କଲେଜ ଛକ (ମହୁଲି ଛକ) ନିକଟରେ ଏକ ବେଆଇନ ଗୋରୁ ବୋଝେଇ ପିକଅପ୍ ରାସ୍ତା କଡ଼ରେ ଥିବା ଏକ ଗଛ ସହିତ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଆହତ ହୋଇଛି। ଗତକାଲି ରାତି ୩ଟା ସମୟରେ ଶୁଳିଆପଦା ଥାନା ଏଏସଆଇ ରୂପଶ୍ରୀ ସ୍ୱାଇଁ ରାତ୍ର ପାଟ୍ରୋଲିଂରେ ଯାଉଥିବାବେଳେ କୋଷ୍ଟା କଲେଜ ଛକରେ ଦ୍ରୁତ ଗତିରେ ଯାଉଥିବା ପିକଅପ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ଗାଡ଼ି ଚାଳକ ପୁଲିସକୁ ଦେଖି ପିକଅପ୍‌କୁ ପଛ ପଟେ ବୁଲାଇବାକୁ ଚେଷ୍ଟା କରୁଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା। ପିକ୍‌ଅପ୍‌ରେ ୧୦ଟି ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ସେଥିରୁ ଗୋଟିଏ ଗୋରୁ ମରିଯାଇଥିବାବେଳେ ଗୋଟିଏ ଆହତ ହୋଇଛି। ଚାଳକ ଫେରାର ହୋଇଯାଇଥିବାପାବେଳେ ସହଯୋଗୀ ବଡସାହି ବ୍ଲକ୍ ଅଧୀନ ବାଲିଜୁଡା ଅଞ୍ଚଳର ଗୋପାଳ ସିଂଙ୍କ ପୁଅ ରୁହିୟା ସିଂ ଥାନାରେ ଅଟକ ରହିଛି।

# ବଳରାମପୁରରେ ସାଂସଦ ଖେଳ ମହୋତ୍ସବ



ଆନନ୍ଦପୁର,୧୬।୧୨(ସମିସ): ଘସିପୁରା ବ୍ଲକ ବଳରାମପୁରରେ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିଜେପି ନେତା ଡ ଶମ୍ଭୁନାଥ ରାଉତଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ରୂପେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ବଳରାମପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଅନିଲ ନାୟକ ଓ ଖେଳ ଶିକ୍ଷକ ବିଜୟ କୁମାର ସାହୁ, ପ୍ରକାଶଚନ୍ଦ୍ର ବିଶ୍ୱାଳ, ଭଞ୍ଜ ସୋରେନ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୨୫୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

# ପଦ୍ମନାଭପୁର ଟୋଲ କର୍ମଚାରୀଙ୍କ ଆକ୍ରମଣରେ ଟ୍ରକ୍ ଚାଳକ ଆହତ



ବୈଶିଙ୍ଗା,୧୬।୧୨(ସମିସ): ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲଗେଟରେ ଟୋଲ କର୍ମଚାରୀ ଜଣେ ଟ୍ରକ ଚାଳକଙ୍କୁ ଅଧିକ ଟଙ୍କା ଦାବିକରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରି ୩ ହଜାର ଟଙ୍କା ଛଡାଇନେବା ଘଟଣାରେ ଟ୍ରକ ଚାଳକଙ୍କ ଏତଲା କ୍ରମେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବୈଶିଙ୍ଗା ପୁଲିସ। ଏତଲାକାରୀ ଉତ୍ତରପ୍ରଦେଶ ମୋରାଦାବାଦ ଜିଲ୍ଲା ରୂପପୁର ଅଞ୍ଚଳର ସାଇବାନ ବାବୁଙ୍କ ଅଭିଯୋଗ ମୁତାବକ ସେ କଣ୍ଟେନରରେ ମାଲ ଲୋଡ୍ କରି ଯାଉଥିବାବେଳେ ପଦ୍ମନାଭପୁର ଟୋଲଗେଟରେ ଟୋଲ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଓଭରଲୋଡ୍ ଅଛି କହି ଅଧିକ ଟଙ୍କା ମାଗିଥିଲେ। ମନା କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଅଭିଯୋଗ ପାଇ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ବିପଦସଙ୍କୁଳ ପୋଲର ମରାମତି ଦାବି

ରାଇରଙ୍ଗପୁର,୧୬।୧୨(ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ପଞ୍ଚାୟତର ଯୋଡ଼ାପୋଖରୀ କେନାଲ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ମଙ୍ଗଳବାର ଖବର ପ୍ରକାଶ ପାଇବା ପରେ ମରାମତି କାର୍ଯ୍ୟ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ପୋଲ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଙ୍କୁଳ ଅବସ୍ଥାରେ ପଡ଼ିଛି। ଏହି ପୋଲ ଦେଇ କୌଣସି ଭାରୀଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ରହିଛି। ପୋଲ ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତିଦିନ ଶତାଧିକ ଭାରୀଯାନ ଏହି ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ମଧ୍ୟ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ନେତା, ସରକାରୀ ବାବୁ ଯିବାଆସିବା କରୁଥିଲେ ମଧ୍ୟ ପୋଲ ଅବସ୍ଥା ଉପରେ କାହାର ନଜର ପଡୁନାହିଁ। ଏହାର ମରାମତି ନିମନ୍ତେ ମାସା ସଂଗଠନ ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମରାମତି ନେଇ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ



ରାଇରଙ୍ଗପୁର,୧୬।୧୨(ସମିସ): ଯଶିପୁର ବ୍ଲକସ୍ଥ ସୁଆଁପାଳ ଆଶ୍ରମ ବିଦ୍ୟାଳୟକୁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଳି ପରିଦର୍ଶନ କରିଛନ୍ତି। ଆଶ୍ରମ ବିଦ୍ୟାଳୟ ପରିସର ଉଭୟ ବୁଲି ଦେଖିଥିଲେ। ଏ ଗସ୍ତ ଅବସରରେ ବିଦ୍ୟାଳୟ ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରଦାନ ହେଉଥିବା କମ୍ବଳ ଓ ମଶାରୀ ଅନୁଧାନ କରିଥିଲେ। ଶିକ୍ଷାଦାନ ବ୍ୟବସ୍ଥା ନେଇ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିଲାଙ୍କ ସହ ଆଲୋଚନା କରିଥିଲେ। ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ କରଞ୍ଜିଆ ଉପଜିଲ୍ଲାପାଳ, ଯଶିପୁର ବିଡିଓ ଓ ଅନ୍ୟାନ୍ୟ ଜିଲ୍ଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ସୋଲଗଡିଆ ପ୍ରକଳ୍ପ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

କପ୍ତିପଦା,୧୬।୧୨(ସମିସ): କପ୍ତିପଦା ବ୍ଲକ ଅଧୀନ ସୋଲଗଡିଆ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ୨୭୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ କପ୍ତିପଦା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କ୍ରୀଡ଼ା ଶାରୀରିକ ଓ ମାନସିକ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ସଭାପତି କହିଥିଲେ।



ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷିତୀଶ ନାୟକ ବିଶିଷ୍ଟ ଅତିଥି, ସିଆରସିସି ଦଶରଥ ମୁର୍ମୁ ମୁଖ୍ୟବକ୍ତା, ଶିକ୍ଷକ ସଂଗ୍ରାମ କେଶରୀ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବାବୁରାମ ସେଠୀ, ଶିକ୍ଷୟିତ୍ରୀ ତୁଳସୀ ସାମଲ, କମଳାମଣି ଦାସ, ସିପ୍ରା ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ପ୍ରଧାନଶିକ୍ଷକ ରାଜକିଶୋର ବେହରାଙ୍କ ସଭାପତିତ୍ୱରେ ଏହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବାବୁରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

# ଦ୍ୱିତୀୟ ପର୍ଯ୍ୟାୟରେ ଯିବେ ରମେଶ୍ୱରମ-ମଦୁରାଇ

ବାରିପଦା, ୧୬।୧୨(ସମିସ):ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷକରି ଯେଉଁମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ହେତୁ ତୀର୍ଥଯାତ୍ରାରୁ ବଞ୍ଚିତ ହେଉଥିଲେ ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ଏହି ମନୋନୀତ ବରିଷ୍ଠ ନାଗରିକ ଆସନ୍ତା ବର୍ଷ ଜାନୁଆରୀ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ତୀର୍ଥଯାତ୍ରାରେ ରାମେଶ୍ୱରମ-ମଦୁରାଇ ଯିବାକୁ ଥିବାବେଳେ ୬ ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକଙ୍କୁ ଆଣି ସକାଳ ୮ ଘଟିକା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ପରେ ସକାଳ ୯ ଘଟିକା ସମୟରେ ଡାକ୍ତରୀ ପରୀକ୍ଷା କରାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯାତ୍ରା କରିବା ପାଇଁ ଯେଉଁମାନେ ଶାରୀରିକ ଭାବେ ସୁସ୍ଥ ବିବେଚିତ ହେବେ ସେମାନଙ୍କୁ ତୀର୍ଥ ଯାତ୍ରା ପାଇଁ ଅନୁମତି ଦିଆଯିବ। ଅପରାହ୍ନ ୩ଘଟିକା ସମୟରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱରରେ ରାତ୍ର ରହଣୀ ପରେ ପରଦିନ ୭ ତାରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ରମେଶ୍ୱରମ-ମଦୁରାଇ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ସେମାନଙ୍କ ସହିତ ଯିବାର ବ୍ୟବସ୍ଥା ହୋଇଛି। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୧୨ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀଣୀ ସତ୍ୟଭାମା ବେହେରା ସୂଚନା ଦେଇଛନ୍ତି।

# ଏମ୍‌ସିଏମ୍‌ର ଆନ୍ତଃମହାବିଦ୍ୟାଳୟ କ୍ରିକେଟ କୋଚିଂ ଶିବିର



ବାରିପଦା,୧୬।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟରେ ନିକଟ ଅତୀତରେ ଏକ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ୨୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଦୁଇଦିନ ଧରି ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ରାଇରଙ୍ଗପୁର ମହାବିଦ୍ୟାଳୟ, ଉଦଳା ଡିଗ୍ରୀ କଲେଜ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରପୋଷି, ପିଏସ କଲେଜ, ଶୁଳିଆପଦା, ସୀମାନ୍ତ କଲେଜ, ଝାରପୋଖରିଆ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଓ ୟୁଏନ କଲେଜ, ନଳଗଜାର ଛାତ୍ର ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳନା କରାଯାଇଥିଲା। ଖେଳ ଅଧିକାରୀ ସମ୍ବିତ ମିଶ୍ର ଓ ବାସ୍ତବ ମହାନ୍ତ ଏହାର ପରିଚାଳନା ଦାୟିତ୍ୱରେ ଥିଲେ। ଏହି ଶିବିରରୁ ୧୬ ଜଣ ପିଲାଙ୍କୁ ଚୟନ କରଯାଇ ସେମାନେ ଆଗାମୀ ଜୋନ୍‌ସ୍ତରୀୟ ମ୍ୟାଚରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିବିରକୁ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସିର ଅଧକ୍ଷ ପ୍ରଦୀପ ନାୟକ, ବିଶ୍ୱବିଦ୍ୟାଳୟ ଖେଳ ଅଧିକାରୀ ପ୍ରଦୀପ୍ତ ଦାସ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ସଦସ୍ୟ ତଥା ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ସୁନୀଲ ଜେନା, ମୟୂରଭଞ୍ଜ ଜିଲ୍ଲାର ପୁରୁଖା ଖେଳାଳି ରଂଜିତ ନାୟକ ଉଦଘାଟନ କରିଥିଲେ।

**ଅବକାରୀ ବିଭାଗର ଚଢ଼ଉ**

# ମହୁଲ ପୋଚ ନଷ୍ଟ, ଦେଶୀ ମଦ ଜବତ



ବେତନଟୀ, ୧୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବଡ଼ସାହି ଥାନା ଅଧୀନ ଚହଲାପଦା ଓ ବର୍ଡ଼ନାଠାରେ ଚଢ଼ଉ କରାଯାଇ ସେଠାରୁ ବେଆଇନ ଦେଶୀ ମଦ ଓ ମହୁଲ ପୋଚ, ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରା ଓ ଉଦଳା ଅବକାରୀ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ, ବାରିପଦା ମୋବାଇଲ ଟିମ ମିଳିତ ଭାବେ ଦୁଇଟି ପୃଥକ ପୃଥକ ସ୍ଥାନ ଚହଲାପଦା ଓ ବର୍ଡ଼ନା ଜଙ୍ଗଲରେ ଚଢ଼ଉ କରିଥିଲେ। ଗୋଟିଏ ସ୍ଥାନରେ ୧୨, ୨୦୦ ଓ ଅନ୍ୟ ସ୍ଥାନରେ ୨, ୭୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବାବେଳେ ଦୁଇଟି ସ୍ଥାନରୁ ୭୮୦ ଓ ୨୪୦ ଲିଟର ଲେଖାଏଁ ବେଆଇନ ଦେଶୀ ମଦ ଜବତ କରିବା ସହ ସେଠାରୁ ବାହାରିଥିବା ବିଭିନ୍ନ ପ୍ରକାର ମଦ ତିଆରି ସାମଗ୍ରୀକୁ ନଷ୍ଟ କରାଯାଇଛି। ଚଢ଼ଉ ବେଳେ ବେତନଟୀ ଥାନା ଛଚିନାପଦା ଗ୍ରାମର ଛତିଶ ଚନ୍ଦ୍ର ମହାନ୍ତଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ନିକଟରୁ ୧୪ ଲିଟର ଦେଶୀ ମଦ ମିଳିଥିବା ସୂଚନା ମିଳିଛି।

# କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସାର ତୃତୀୟ ସନ୍ଧ୍ୟା



ଉଦଳା,୧୬।୧୨(ସମିସ): ସ୍ଥାନୀୟ ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସା-୨୦୨୫ର ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ସୁଧନ୍ୟା ନାଏକ, ଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟଜିତ ରାଉତ ପ୍ରମୁଖ ଯୋଗଦେଇ କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଐତିହ୍ୟ, ପରମ୍ପରା, ଭାଷା, କଳା ଓ ସଂସ୍କୃତିର ନିଦର୍ଶନ ସାଜିଛି ବୋଲି ପ୍ରକାଶ କରିଥିଲେ। ଉପଖଣ୍ଡର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ଏହି ମହୋତ୍ସବ। ତୃତୀୟ ସନ୍ଧ୍ୟାର ଆୟୋଜକର ଦାୟିତ୍ୱ ତୁଲାଇଥିଲେ ଖୁଣ୍ଟା ପଞ୍ଚାୟତ ସମିତି। ମୁଖ୍ୟ ଆକର୍ଷଣ ଥିଲା ସିନେ ତାରକା ସ୍ୱରାଜ ବାରିକ ଓ ମନିସାଙ୍କ କାର୍ଯ୍ୟକ୍ରମ। ସେହିପରି ସ୍ୱର ଓଡ଼ିଶାର କଳିଙ୍ଗ ଷ୍ଟାର ଗାୟକ ତାପସ ବିଦ୍ଧାଣୀ ଓ ଗାୟିକା ଲିପିଙ୍କ ଗୀତରେ ଝୁମିଥିଲେ ଦର୍ଶକ। ସ୍ୱତନ୍ତ୍ର ଆକର୍ଷଣ ଥିଲା ସାନ୍ତାଳୀ ଗାୟିକା ପୋରାୟନି ସରେନ ଓ ଗାୟକ ଗୋପୀଙ୍କ ସଙ୍ଗୀତ ପରିବେଷଣ।

# ବିଦ୍ୟାଳୟ ଓ ଗଣଶିକ୍ଷା ଉପନର୍ଦ୍ଦେଶକଙ୍କ ପରିଦର୍ଶନ

ତୁରୁମୁଙ୍ଗା, ୧୬।୧୨(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଫୁଲକଅଁଳେଇ ଉଚ୍ଚବିଦ୍ୟାଳୟ ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ରେଟିଂ ପ୍ରକ୍ରିୟାରେ ଚଳିତବର୍ଷ ପଞ୍ଚତାରକା ପ୍ରମାଣପତ୍ର ପାଇଥିବାରୁ ମଙ୍ଗଳବାର ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଜେନା ଗସ୍ତ କରି ଭିନ୍ନ ଭିନ୍ନ କ୍ଷେତ୍ର ଯାଞ୍ଚ କରିଥିଲେ। ବିଦ୍ୟାଳୟର ଶୌଚାଳୟ, ପାନୀୟଜଳ, ବର୍ଷାଜଳ ଅମଳ ପ୍ରକଳ୍ପ, ସୌର ବିଦ୍ୟୁତ ପ୍ରକଳ୍ପ, ଶିଶୁ ଉଦ୍ୟାନ, ପରିବା ବଗିଚା, ଔଷଧୀୟ ବଗିଚା, ଶ୍ରେଣୀଗୃହ ପାଠାଗାର, ଜଳଛତ୍ର, ପରିମଳ ଜଳ ପରିଚାଳନା ଜୈବସାର ପ୍ରସ୍ତୁତି ଆଦି ପ୍ରକଳ୍ପ ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଯତ୍ନଶୀଳ ହେବା ପାଇଁ ଉପଦେଶ ଦେଇଥିଲେ। ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଜେନାଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତା ତ୍ରିପାଠୀ, ବୈଷୟିକ ସହାୟକ ସୂର୍ଯ୍ୟକାନ୍ତ ସୁତାର, ଜିଲ୍ଲା ସଂଯୋଜକ ରଶ୍ମିରଞ୍ଜନ ସାହୁ ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତଙ୍କ ସହ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବେଲବାହାଳିରେ ଜବରଦଖଲ ଉଚ୍ଛେଦ

ଆନନ୍ଦପୁର, ୧୬।୧୨ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବେଲବାହାଳିରେ ଜବରଦଖଲ ଉଚ୍ଛେଦ ହୋଇଛି। ବିରୋଧ ସତ୍ତ୍ୱେ ଦୀର୍ଘ ଦିନରୁ ଲାଗିରହିଥିବା ବିବାଦର ସମାଧାନ ଏବେ ଅନ୍ତିମ ପର୍ଯ୍ୟାୟରେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଭୁକ୍ତ ବେଲବାହାଳି ଗ୍ରାମର କାଳୀ ମନ୍ଦିର ଉଚ୍ଛେଦ ପ୍ରକ୍ରିୟା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଜାରି ହୋଇଛି। ବେଲବାହାଳି ଗ୍ରାମର ଆମୋଦ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ସମ୍ମୁଖରେ ସେହି ଗ୍ରାମର ମୋହନ ଚରଣ ସାହୁ ସରକାରୀ ଜାଗା ଜବରଦଖଲ କରି ସେଠାରେ ମନ୍ଦିର ଓ ପାଚେରି ନିର୍ମାଣ କରିଛନ୍ତି। ଏହାକୁ ଆମୋଦ ବିରୋଧ କରି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଛି। ଦୀର୍ଘବର୍ଷର ଭାବାବେଗ ଦୃଷ୍ଟିରୁ ଗ୍ରାମବାସୀ କାଳୀ ମନ୍ଦିର ଉଚ୍ଛେଦକୁ ବିରୋଧ କରି ଦୀପ ଜାଳି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଗ୍ରାମବାସୀ ଓ ଘର ମାଲିକଙ୍କ ସହଭାଗିତାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ପ୍ରଶାସନ ପକ୍ଷରୁ ଆମୋଦ ବିଶ୍ୱାଳଙ୍କ ଘରକୁ ଅବରୋଧ କରୁଥିବା ପାଚେରି ଉଚ୍ଛେଦ କରାଯାଇଛି।

# ଜମୁଛି ଆନନ୍ଦପୁର ବାଣିଜ୍ୟ ମହୋତ୍ସବ



ଆନନ୍ଦପୁର,୧୬।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ହୋଇଛି। ମନୋହରୀ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ତହସିଲଦାର ପଲ୍ଲବୀ ପ୍ରିୟ ଦର୍ଶନୀ ହାଟଡିହି ବିଡ଼ିଓ ରଶ୍ମିରଞ୍ଜନ ପରିଡା ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗାଗୁରୁ ଅନ୍ନଦା ଶଙ୍କର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ସରଗମ ନୃତ୍ୟାନୁଷ୍ଠାନ, ଢେଙ୍କାନାଳ ଓ ସାଇକଳାନୃତ୍ୟାନୁଷ୍ଠାନ, ଯାଜପୁରରୋଡର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବ୍ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ମିତେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା, ୧୬।୧୨(ସମିସ): ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦଘାଟିତ ହୋଇଛି। ସାଧାରଣ ସମ୍ପାଦକ ବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କ୍ରୀଡା ଶାରୀରିକ ତଥା ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ ବେହେରା, ବକ୍ସିଂ ସମ୍ପାଦକ ରବୀନ୍ଦ୍ର ମହାନ୍ତି, ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ଫୁଟବଲ ସମ୍ପାଦକ ଅମର ସେଠୀ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ କ୍ରୀଡ଼ାବିତ ମଣ୍ଟୁ ଦା, ଭାନୁପ୍ରତାପ ଭଞ୍ଜଦେଓ ଓ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୩୦ ଜଣ କ୍ରୀଡା ପ୍ରଶିକ୍ଷକ ଖେଳ ପରିଚାଳନା କରୁଛନ୍ତି। ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ ବାଳକ/ବାଳିକା ଓ ପୁରୁଷ/ମହିଳା ବିଭାଗରେ ଦୌଡ଼, ଲମ୍ବଡିଆଁ, ଡିସ୍କସ, ସଟପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରାଇରଙ୍ଗପୁର ଓ କରଞ୍ଜିଆ ସବଡିଭିଜନରୁ ପୂର୍ବତନ ଜାତୀୟ କ୍ରୀଡ଼ାବିତ ଦିଗେଶ୍ୱର ମହାନ୍ତ ଓ ତ୍ରିଲୋଚନ ମହାନ୍ତ ଖେଳାଳିଙ୍କ ସହ ଯୋଗଦେଇଥିଲେ।

# ଶବ ହୋଇ ଫେରିଲେ ଦାଦନ ଶ୍ରମିକ

ଠାକୁରମୁଣ୍ଡା,୧୬।୧୨ (ସମିସ): ଦିଗଧର ପଞ୍ଚାୟତ ଅନ୍ତର୍ଗତ ସୁନିନ୍ଦା ଗ୍ରାମର ଅକ୍ଷୟ ନାୟକ ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ। ଅସୁସ୍ଥ ହେବାରୁ ତାଙ୍କୁ କୋଲାର ଜିଲ୍ଲା ନରସିଂହରାଜ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶବକୁ ଗ୍ରାମକୁ ଆଣିବାକୁ ତାଙ୍କ ସ୍ତ୍ରୀ ସକ୍ଷମ ନ ଥିଲେ। ଏ ନେଇ ଠାକୁରମୁଣ୍ଡା ସୁନିନ୍ଦା ଗ୍ରାମରେ ଥିବା ତାଙ୍କ ପରିବାରର ସଦସ୍ୟ ସାଂସଦ ଅନନ୍ତ ନାୟକଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିଥିଲେ। ସାଂସଦଙ୍କ ହସ୍ତକ୍ଷେପ ପରେ ତାଙ୍କ ଶବ ଗ୍ରାମକୁ ଅଣାଯାଇଥିବା ଜଣାପଡ଼ିଛି।

**ପୃଥକ ଦୁର୍ଘଟଣା**

# ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ସହ ୨ ମୃତ

ଯୋଡ଼ା/ଆନନ୍ଦପୁର, ୧୬।୧୨(ସମିସ): ଦୁଇ ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କର ପ୍ରାଣହାନି ହୋଇଛି। କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ କଣ୍ଡରା କାରଣସାହି ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକ କିଶୋର କୁମାର ନାଏକଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ପୁଲିସ ମୃତଦେହକୁ ନିକଟ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ୨୦ ନମ୍ବର ଜାତୀୟ ରାଜପଥର ଅଧାଗଡ଼ା ରାସ୍ତାରେ ଘଟିଥିବା ଅନ୍ୟ ଏକ ଦୁର୍ଘଟଣାରେ ଜଣେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଆନନ୍ଦପୁର ବ୍ଲକ୍ ଟୁକୁଣା ଗାଁର ପଣ୍ଡିତ ରାମଚନ୍ଦ୍ର ମିଶ୍ର (୮୪)ଙ୍କ ମୃତ୍ୟୁ ହୋଇଛି। ଦିନ ସାଢେ ଗୋଟାଏବେଳେ ଶ୍ରୀ ମିଶ୍ର ବଡ଼ପୁଅ ଶିକ୍ଷକ କାଳୀପଦ ମିଶ୍ରଙ୍କ ସହ ବାଇକ୍‌ରେ ଯାଉଥିବାବେଳେ ଶାଳପଡ଼ା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଶ୍ରୀ ମିଶ୍ରଙ୍କୁ ସଙ୍ଗେସଙ୍ଗେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାପରେ କିଛିସମୟପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଘସିପୁରା ପୁଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ୍ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପୈତୃକ ଗ୍ରାମ ଟୁକୁଣାକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର କାଳୀପଦଙ୍କ ସମେତ ମଧ୍ୟମ ପୁଅ ସାମ୍ବାଦିକ ଦିଲ୍ଲୀପ ମିଶ୍ର, ସାନପୁଅ ଅଶୋକ ମିଶ୍ର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୈତରଣୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ମିଶ୍ର ଦୀର୍ଘବର୍ଷ ଧରି ଆନନ୍ଦପୁର ବିଏନ୍ ହାଇସ୍କୁଲରେ ସଂସ୍କୃତ ଶିକ୍ଷକଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ପକ୍ଷରୁ ଶୋକ ପ୍ରକାଶ ପାଇଛି।



### ଉଦଳା ପୌରାଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

# ରାସ୍ତା କଡ଼ରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା



ଉଦଳା, ୧୬ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ଉଦଳା ସହର ପୌରପାଳିକା ମାନ୍ୟତା ପାଇଁ ଅଣ୍ଟା ଭିଡୁଥିବାବେଳେ ରାସ୍ତା କଡ଼ରେ ପକା ହେଉଛି ଅଳିଆ ଆବର୍ଜନା। ସ୍ୱଚ୍ଛ ଓ ସୁସ୍ଥ ପରିମଳ ବ୍ୟବସ୍ଥା ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳର ମୌଳିକ ଦାୟିତ୍ୱ। ଏ କ୍ଷେତ୍ରରେ ଉଦଳା ବିଜ୍ଞାପିତ ଅଞ୍ଚଳର ଅବହେଳା ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଏହି ଆଭିମୁଖ୍ୟ ପାଇଁ ସହରର ପରିବେଶ ଓ ବାୟୁ ପ୍ରଦୂଷିତ ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି।

ଉଦଳା ବିଜ୍ଞାପିତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାବେଳେ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ଯେମିତି ଦିଗହରା ହୋଇଯାଉଛି। ପରିଚ୍ଛନ୍ନତା ନାଁରେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା। ଏପରି ଅଳିଆ ପଡୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି ଉଦଳା ଅଠଣଗାଁ ସଂଯୋଗ କରୁଥିବା ରାସ୍ତା ବସ୍‌ଷ୍ଟାଣ୍ଡ ନିକଟରେ। ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଭିନ୍ନ ଦୋକାନ ପାଇଁ କୌଣସି ଆବର୍ଜନା କୁଣ୍ଡ ନ ଥିବା ଭଳି ଦୃଶ୍ୟମାନ ହେଉଛି। ରାସ୍ତା କଡ଼ ହୋଟେଲର ଅଇଁଠା ଖଳିପତ୍ର ପଡୁଥିବା କାରଣରୁ ଯାତାୟତରେ ଅସୁବିଧା ହେଉଛି। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିୟୋଜିତ ସଫେଇ ଠିକା ସଂସ୍ଥାର ଅବହେଳା ନା ବିଜ୍ଞାପିତ ଅଞ୍ଚଳ ପରିଷଦର ତଦାରଖର ଅବହେଳା ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ କେବେ ସୁଧୁରିବ ବିଜ୍ଞାପିତ ଅଞ୍ଚଳର ପରିବେଶ ଦେଖିବାକୁ ବାକି ରହିଲା।

## ହାତୀ ଆକ୍ରମଣରୁ ବର୍ତ୍ତିଲେ ଯୁବକ

ଉଦଳା, ୧୬।୧୨(ସମିସ): ଘର ଓଳିରେ ପଶି ଧାନ ଖାଉଥିଲା ହାତୀ। ହାତୀକୁ ଦେଖି ଘଉଡ଼ାଇବା ପାଇଁ ପାଟି କରିବାରୁ ହାତୀ ଆକ୍ରମଣ କଲା। ତଳେ ପଡ଼ିଯିବାରୁ ଯୁବକଙ୍କ ହାତ ଉପରେ ଚଢ଼ିଗଲା ହାତୀ। ଏଭଳି ଘଟଣା କପ୍ତିପଦା ବନାଞ୍ଚଳ ଗଣ୍ଡୀଦର ଗ୍ରାମରେ ଘଟିଛି। ଗ୍ରାମର ନୀଳକଣ୍ଠ ପାଣିଆଳିଆ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଶବ୍ଦ ଶୁଣିବାକୁ ପାଇଥିଲେ। ବାଡ଼ିକୁ ଯାଇ ଦେଖିବାରୁ ହାତୀ ଧାନ ଖାଉଥିଲା। ହାତୀ କବଳରୁ ଧାନକୁ ବଞ୍ଚାଇବା ପାଇଁ ଘଉଡ଼ାଇବାରୁ ହାତୀ ନୀଳକଣ୍ଠଙ୍କୁ ଆକ୍ରମଣ କରିଥିଲା। ନୀଳକଣ୍ଠଙ୍କୁ ହାତୀ ଗୋଡ଼ାଇବାରୁ ସେ ତଳେ ପଡ଼ିଯାଇଥିଲେ। ହାତୀଟି ନୀଳକଣ୍ଠଙ୍କ ହାତ ଉପରେ ଚଢ଼ି ଦଳି ଦେଇଥିବାବେଳେ ଅଳ୍ପକେ ଜୀବନ ରକ୍ଷା କରିପାରିଥିଲେ। ନୀଳକଣ୍ଠଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଏବେ ସୁଦ୍ଧା ବନ ବିଭାଗ ତାଙ୍କ ନିକଟରେ ପହଞ୍ଚିନାହିଁ।

## ସରସ୍ୱତୀ ଶିଶୁମନ୍ଦିରରେ ପୁରସ୍କାର ବିତରଣ ଉତ୍ସବ



କୁଆମରା, ୧୬।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିବରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ରମେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଗୋପବନ୍ଧୁନଗର ପ୍ରେସ କ୍ଲବ୍ ସଭାପତି ନିମାଇଁ ଦାଶ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପରିଡ଼ା, ସମ୍ପାଦକ ମନମୋହନ ମହାପାତ୍ର, ପୂର୍ବତନ ସମ୍ପାଦକ କୁଳମଣି ବେହେରା, ଉଜ୍ଜ୍ୱଳ ସେନ, ଅରୁଣ ମଡୁଆଳ, ଦୀନବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇ ୨୪୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା




କୁଆମରା, ୧୬ ।୧୨(ସମିସ): ଗୋପବନ୍ଧୁନଗର ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା ଖୁଣ୍ଟା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ, କନିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ବିଭକ୍ତ କରାଯାଇଥିଲା। ପୁରସ୍କାର ବିବରଣୀ ସଭାରେ ଅତିଥି ଭାବେ ବିଆରସିସି କୁଳମଣି ନାଏକ, ସାନଖୁଣ୍ଟା ସରପଞ୍ଚ ସୁମି ହାଁସଦା, ଖୁଣ୍ଟା ବିଦ୍ୟାଳୟର ଭାରପ୍ରାପ୍ତପ୍ରଧାନଶିକ୍ଷୟିତ୍ରୀ ସବିତା ପାତ୍ର, ସିଆରସିସି ଯତୀନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ବିଭାଗର ଆଦିତ୍ୟ ଜେନା, କନିଷ୍ଠ ବିଭାଗର ପୂଜାସ୍ମିତା ମହାପାତ୍ର ଓ ସର୍ବକନିଷ୍ଠ ବିଭାଗର ଦୀପାଞ୍ଜଳି ସେଠୀ ପ୍ରଥମ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ବଙ୍କିମ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ସଞ୍ଜିତ ଦେ, ଚିତ୍ତରଞ୍ଜନ ପୁଥାଳ, ଦୋଳଗୋବିନ୍ଦ ନାୟକ, କୃଷ୍ଣଚନ୍ଦ୍ର ଦଳେଇଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସି ସହଯୋଗ କରିଥିଲେ।

## ହେରିଟେଜ ସ୍କୁଲରେ ଆଉଟରିଚ୍ ଡେ, ସ୍କିଲ୍ ଡେମୋ ଓ ସଚେତନତା



ମହୁଲଡିହା, ୧୬।୧୨(ସମିସ): ଡନ ବସ୍କୋ ଟେକ୍ ଠାକୁରମୁଣ୍ଡା ସେଣ୍ଟର ପକ୍ଷରୁ ହେରିଟେଜ ଇଂଲିଶ ମିଡିୟମ ସ୍କୁଲରେ କମ୍ୟୁନିଟି ଆଉଟରିଚ୍ ଡେ, ସ୍କିଲ୍ ଡେମୋ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡି.ବି. ଟେକ୍ ୨୦ ବର୍ଷ ପାଳନର ଏକ ଅଂଶ ଭାବେ ଆୟୋଜିତ ହୋଇଥିଲା। ସେଣ୍ଟର ମୁଖ୍ୟ ଶରତ ତ୍ରିପାଠୀ, ସହ କର୍ମଚାରୀ ରଶ୍ମିତା ବେହେରା ଓ ଗୋଲାପ ବେହେରା ନେତୃତ୍ୱ ଦେଇଥିଲେ। ଇଲେକ୍ଟ୍ରିସିଆନ୍ ଡୋମେଷ୍ଟିକ୍ ସୋଲ୍ୟୁସନ୍ସ (ଇଡିଏସ) ଟ୍ରେନିଂ ଛାତ୍ରଛାତ୍ରୀଙ୍କୁ ପ୍ରାୟୋଗିକ କାର୍ଯ୍ୟଦକ୍ଷତା ଦେଖାଇ ସଚେତନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ସ୍ୱଚ୍ଛ ହାତରେ ସ୍ୱିଚ୍ ସ୍ପର୍ଶ କରିବା ସମସ୍ୟା, ସକେଟ୍ ଓଭରଲୋଡ୍ ନ କରିବା, ଚାର୍ଜର ଓ ଅନ୍ୟାନ୍ୟ ବିଦ୍ୟୁତ ଉପକରଣର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନ ହୋଇଥିଲେ। ୩୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟୁତ ସୁରକ୍ଷା ସଚେତନତା ବଢ଼ାଇବାରେ ସଫଳ ହୋଇଥିଲା।

## ମିସ୍ ଉଦଳା ବିଜେତାଙ୍କୁ ସମ୍ବର୍ଦ୍ଧନା



ଉଦଳା, ୧୬।୧୨(ସମିସ): ଉଦଳା ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା କପ୍ତିପଦା ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ମିସ୍ ଉଦଳା ଫେସନ୍ ସୋ'ରେ ଅଂଶଗ୍ରହଣ କରି ବିଜେତା ହୋଇଛନ୍ତି ନନ୍ଦିନୀ ଗୁପ୍ତା। ସେ ଏବେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ +୩ର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ସେ ଧୁମୁସା ମଞ୍ଚରେ ମିସ୍ ଉଦଳା କ୍ରାଉନ୍ ପିନ୍ଧିବା ସହ ୫ ହଜାର ଅର୍ଥରାଶି ସହ ମାନପତ୍ର ହାସଲ କରିଥିଲେ। ସେ ବିଜେତା ହେବା ପରେ ଏବେ ସବୁ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ଏ ଅବସରରେ ନିଜ କଲେଜକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଏହି ମହାବିଦ୍ୟାଳୟରୁ ଫେସନ୍ ସୋ'ରେ ଭାଗ ନେଇ ଦ୍ୱିତୀୟ ରନର୍ସଅପ୍ ହୋଇଥିବା ମାନସୀ ପୃଷ୍ଟିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀ, ଗିରିଜା ଶଙ୍କର ପାତ୍ର ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ରାଣୀପୋଖରୀ ବିଦ୍ୟାଳୟରେ ଶିକ୍ଷାସଭା

ଶରତ, ୧୬।୧୨(ସମିସ): 'ଆସ ସ୍କୁଲ ଯିବା' ଅଭିଯାନ ଆନୁକୂଲ୍ୟରେ ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ରାଣୀପୋଖରୀ ବିଦ୍ୟାଳୟରେ ଶିକ୍ଷାସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ଗତ ମଇ ମାସରେ ହୋଇଥିବା ସର୍ଭେରେ ଚିହ୍ନଟ ହୋଇଥିବା ୬ରୁ୧୮ ବର୍ଷ ବୟସର ପିଲାଙ୍କୁ ବୟସ ଅନୁଯାୟୀ ଶ୍ରେଣୀରେ ନାମ ଲେଖାଇ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମରେ ସେମାନଙ୍କ ନାମଲେଖାକୁ ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ରାଣୀପୋଖରୀ ସରପଞ୍ଚ ଭଞ୍ଜୀ ସିଂ ବଦ୍ରା, ବିଭିନ୍ନ ୱାର୍ଡର ୱାର୍ଡମେମ୍ବର, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଫୁଲମଣି ନାୟକ, ରାଣୀପୋଖରୀ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ସଭାକୁ ପରିଚାଳନା କରିବା ସହ ସିଆରସିସି ରତନ ମାରାଣ୍ଡି ସଭାର ଆଭିମୁଖ୍ୟ ରଖିଥିଲେ। ଶିକ୍ଷକ ରଘୁନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିସି ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବେତନଟୀ, ୧୬।୧୨(ସମିସ): ସ୍ଥାନୀୟ ଏମ୍‌ପିସି ହାଇସ୍କୁଲର ୨୦୦୧ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବେତନଟୀ ନିକଟସ୍ଥ ପାଉଁଶିଆବନ୍ଧଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଏକଜୁଟ ହୋଇଥିଲେ। ଆସନ୍ତା ନୂତନ ବର୍ଷରେ ସମସ୍ତ ସଦସ୍ୟଙ୍କୁ ନେଇ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ୨୫ ବର୍ଷ ପରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଅନୁଷ୍ଠିତ ହୋଇଯାଇଥିବାବେଳେ ପ୍ରତିବର୍ଷ ଏହା ବଜାୟ ରଖିବାକୁ ଆଲୋଚନା ହୋଇଥିଲା।

## ଏଆଇଡିଏସଓ ପକ୍ଷରୁ ସେଭ୍ କ୍ୟାମ୍ପସ ଡେମୋକ୍ରାସି ଡେ' ପାଳିତ




ବାରିପଦା, ୧୬।୧୨(ସମିସ): ଆସାମର ତେଜପୁର ବିଶ୍ୱବିଦ୍ୟାଳୟର ଦୁର୍ନୀତିଗ୍ରସ୍ତ କୁଳପତିଙ୍କୁ ବହିଷ୍କାର ତଥା ଅନ୍ୟାନ୍ୟ ଶିକ୍ଷାଗତ ସମସ୍ୟା ସମାଧାନ ଦାବିରେ ୮୫ ଦିନ ଧରି ଚଳାଇ ରଖିଥିବା ଛାତ୍ର, ଶିକ୍ଷକ, ଶିକ୍ଷା-କର୍ମଚାରୀଙ୍କ ଐକ୍ୟବଦ୍ଧ ଗଣତାନ୍ତ୍ରିକ ଆନ୍ଦୋଳନ ସମର୍ଥନରେ ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସଓ କେନ୍ଦ୍ରୀୟ ପରିଷଦ ପକ୍ଷରୁ ଦେଶ ବ୍ୟାପୀ ସେଭ୍ କ୍ୟାମ୍ପସ ଡେମୋକ୍ରାସି ଡେ ପାଳନ କରିବାକୁ ଆହ୍ୱାନ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ କମ୍ରେଡ ଫୁଲଚାନ୍ଦ ଲୋହାର, ଜିଲ୍ଲା କମିଟି ସଦସ୍ୟ ଅମରେନ୍ଦ୍ର ମହାନ୍ତ, ବାପୁନ ବାନରା ଓ ଗୋବିନ୍ଦ ମୁଣ୍ଡାରୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜିଲ୍ଲା ବରିଷ୍ଠ ନାଗରିକ ସମିତିର ବାର୍ଷିକ ସମ୍ମିଳନୀ

ସାରସକଣା/ଝାରପୋଖରିଆ, ୧୬ ।୧୨(ସମିସ):ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସମିତିର ପଞ୍ଚମ ବାର୍ଷିକ ସମ୍ମିଳନୀ ଝାରପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ବରିଷ୍ଠ ନାଗରିକ ସମିତି କାର୍ଯ୍ୟକୁ ପ୍ରଶଂସା କରି ଝାରପୋଖରୀଆ ସ୍ଥାୟୀ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ସୀମାନ୍ତ ମହାବିଦ୍ୟାଳୟର ସଭାପତି ଇଞ୍ଜିନିୟର ଅଶୋକ ବସା, ବିଶେଷ ଅତିଥି ମନୁମେଣ୍ଟ ଅଥରିଟି ଅଫ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କିଶୋର ବସା, ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ଡାକ୍ତର ବୁଡାନ ମୁର୍ମୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠଙ୍କ ସହ ଭାବ ବିନିମୟ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ଏ ଅବସରରେ ମୁଖପତ୍ର ଭଞ୍ଜବରିଷ୍ଠ ଓ ସମିତି ଲୋଗୋ ଉନ୍ମୋଚିତ ହୋଇଥିଲା। ବିଚ୍ଛିନ୍ନାଞ୍ଚଳ ସାହିତ୍ୟ ପରିଷଦର ଲକ୍ଷ୍ମଣ ଗିରିଙ୍କ ରଚିତ ଅଭୁଲା ସ୍ମୃତି ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ସାରସକଣା ଅଞ୍ଚଳର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ବିବରଣୀ ପାଠ ସହିତ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅଭ୍ୟର୍ଥନା କମିଟି ସଭାପତି ଜୟହରି ଘୋଷ ଉପସ୍ଥିତ ଥିଲେ। ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘ ଗଠନ



ରାଇରଙ୍ଗପୁର, ୧୬।୧୨(ସମିସ): ବାମନଘାଟୀ ଓ ପଞ୍ଚପୀଢ ଉପଖଣ୍ଡର ଠିକାଦାରଙ୍କୁ ନେଇ ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘ ଗଠିତ ହୋଇଛି। ଏ ନେଇ ସୋମବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ବୈଠକରେ ଠିକାଦାରଙ୍କ ଦୁରବସ୍ଥା ଓ ବର୍ତ୍ତମାନର ଟେଣ୍ଡର ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବିଶେଷକରି ୧୪.୯୯ ପ୍ରତିଶତ କମ୍‌ରେ କାମ କରାଯିବା ପ୍ରଣାଳୀକୁ ସମସ୍ତ ଠିକାଦାର ସର୍ବସମ୍ମତି କ୍ରମେ ବିରୋଧ କରିଥିଲେ। ସମସ୍ତ ନିର୍ମାଣ କାମରେ ମାନରକ୍ଷା କରାଯିବା ସହ ଆଗାମୀ ଦିନରେ ୧୪.୯୯ ପ୍ରତିଶତ କମ୍‌ରେ କାମ ବର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ନିର୍ଦ୍ଧାରିତ ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ଭରିବା ଓ ସ୍ଥାନୀୟ ଅଞ୍ଚଳର ଠିକାଦାରଙ୍କ ବ୍ୟତୀତ ଅନ୍ୟ ଅଞ୍ଚଳର ଠିକାଦାରଙ୍କୁ ନିମ୍ନମାନର କାମ ଓ ଟେଣ୍ଡର ଭରିବାକୁ ବିରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଯଦି କେହି ବାହାର ଲୋକ କାମ କରିବେ, ସ୍ଥାନୀୟ ସଂଘ ସହ ଆଲୋଚନା କରି କାମ କରିବେ ବୋଲି କୁହାଯାଇଛି। ଯଦି କେହି ଏହାକୁ ଅବମାନନା କରନ୍ତି, ତେବେ ସଂଘ ତରଫରୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ସଂଘ ତରଫରୁ ଦୁର୍ନୀତି ନିବାରଣ ବିଭାଗକୁ ଅଭିଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ବିଭିନ୍ନ ବିଭାଗର ଯେଉଁସବୁ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ହେବ, ସେଥିରେ କେହି ମଧ୍ୟ ୧୪.୯୯ ପ୍ରତିଶତ କମ୍‌ରେ ଟେଣ୍ଡର ନ ପକାଇବାକୁ ସଂଘ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛି। ବିଶେଷତଃ ସ୍ପେଶାଲ ଶ୍ରେଣୀଭୁକ୍ତ ଏ, ବି, ସି ଓ ଡି ଠିକାଦାର ସରକାରଙ୍କ ନିର୍ଦ୍ଧାରିତ ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ପକାଇବେ ବୋଲି ନିଷ୍ପତ୍ତି ହୋଇଛି। ପରେ ସର୍ବସମ୍ମତି କ୍ରମେ ଉକ୍ତ ବୈଠକରେ ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘର ସଭାପତି ପଦ ପାଇଁ ପ୍ରସନ୍ନ ସାହୁ, ଉପସଭାପତି ପଦ ପାଇଁ ଯଜ୍ଞେଶ୍ୱର ମହାନ୍ତ ଓ ବସନ୍ତ କୈବର୍ତ୍ତ, ସମ୍ପାଦକ ବିଜୟ ମଣ୍ଡଳ, ସୁଜିତ ବିଶୋଇ, ମନୋରଞ୍ଜନ ପୃଷ୍ଟି, ହୋରଗୋବିନ୍ଦ ସାହୁ, କୋଷାଧ୍ୟକ୍ଷ ସଚିନ ଅଗ୍ରୱାଲ ଓ ମିଡ଼ିଆ ସେଲ୍‌ଫ ପାଇଁ କିଶୋର ରଜକ ଓ ପରାମର୍ଶଦାତା ଭାବେ ପ୍ରଫୁଲ୍ଲ ସାହୁ, ସୁବାଷ ମଣ୍ଡଳ, ମନୋଜ ମହାନ୍ତି, ରାଜେନ୍ଦ୍ର ମହାକୁଡ଼, ହରିହର ଗିରି, ମନୋଜ ଦାସ, ବିପ୍ଳବ ଗିରିଙ୍କୁ ମନୋନୀତ କରାଯାଇଛି।

## ବାରିପଦା ବ୍ଲକ୍‌ସ୍ତରୀୟ ମାସିକ ସମୀକ୍ଷା ବୈଠକ




ବାରିପଦା, ୧୬ ।୧୨(ସମିସ): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାରିପଦା ବ୍ଲକସ୍ତରୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ବୈଠକରେ ଡାଏଟ, ମୟୂରଭଞ୍ଜର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଓ ଏଫଏଲଏନ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଯୋଗେଶ୍ୱର ଘୋଷ ମହାପାତ୍ର ଯୋଗଦେଇ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମୌଳିକ ସଂଖ୍ୟା ଓ ଭାଷା ଜ୍ଞାନ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ବିଆରସିସି ତପସ୍ୱିନୀ ଦାଶ ଛାତ୍ରଛାତ୍ରୀଙ୍କ ନିରନ୍ତର ଶୈକ୍ଷିକ ସ୍ତରର ମୂଲ୍ୟାୟନ, ଲାଇବ୍ରେରୀ ପୁସ୍ତକ ପଠନ, ସ୍କୁଲରେ ନାମ ଲେଖାଇ ନ ଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରଜମୋହନ ମୁର୍ମୁ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟରେ ନିୟମିତ ଉପସ୍ଥାନ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ବୈଠକରେ ବାରିପଦା ବ୍ଲକର ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ତା'ର ସମାଧାନ ଉପରେ ନିଜର ମତ ରଖିଥିଲେ।

## ଚିତ୍ତରଞ୍ଜନ ବେହେରା ପଶ୍ଚିମ ମୟୂରଭଞ୍ଜ ଏସି ସେଲ ଅଧ୍ୟକ୍ଷ

ରାଇରଙ୍ଗପୁର, ୧୬।୧୨(ସମିସ): କଂଗ୍ରେସ ପକ୍ଷରୁ ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲାର ଅନୁସୂଚିତ ଜାତି ଅଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ବେହେରାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ଓ ଜିଲ୍ଲା ନେତୃତ୍ୱଙ୍କ ଅନୁମୋଦନକ୍ରମେ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ବିଜ୍ଞପ୍ତି ଜରିଆରେ ନାମ ଘୋଷଣା କରିଛନ୍ତି। ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ନୂତନ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି। ନୂତନ ଦାୟିତ୍ୱ ପ୍ରଦାନ ନେଇ ରାଜ୍ୟ ସଭାପତି ଭକ୍ତଚରଣ ଦାସ, ରାଜ୍ୟ ଏସି ସେଲ ସଭାପତି ମାନସ ମଲ୍ଲିକ, ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ ଗୌତମ ଓ ପଶ୍ଚିମ ମୟୁରଭଞ୍ଜ ଜିଲ୍ଲା ସଭାପତିଙ୍କ ସମେତ ଅନ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ରାଷ୍ଟ୍ରପତିଙ୍କୁ ଭେଟିଲେ ଆସେକା କର୍ମକର୍ତ୍ତା

# ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା

ରାଇରଙ୍ଗପୁର, ୧୬।୧୨(ସମିସ): ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା)ର ୫ଟି ରାଜ୍ୟର ମୁଖ୍ୟ କାର୍ଯ୍ୟାଳୟ କର୍ମକର୍ତ୍ତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶା ମୁଖ୍ୟ କାର୍ଯ୍ୟାଳୟ କାର୍ଯ୍ୟକର୍ତ୍ତାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଆସାମ ଓ ଝାଡ଼ଖଣ୍ଡ ଆସେକାର ମୁଖ୍ୟ କାର୍ଯ୍ୟକର୍ତ୍ତା ନୂଆଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଆଦିବାସୀଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରିଛନ୍ତି। ସାମାଜିକ, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ କିପରି ଉନ୍ନତି ଓ ବିକାଶ ସାଧିତ ହୋଇପାରିବ, ସେ ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଦିବାସୀଙ୍କ ସମସ୍ୟା ସମାଧାନ ଦିଗରେ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି।



ଆଲୋଚନା ସମୟରେ ସଭାପତି ମନୋରଞ୍ଜନ ମୁର୍ମୁ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଥ ହାଁସଦା, ସାମାଜିକ ଅଧ୍ୟକ୍ଷ ସୂର୍ଯ୍ୟ ହେମ୍ବ୍ରମ, ସାଂସ୍କୃତିକ ଅଧ୍ୟକ୍ଷ ରବୀନ୍ଦ୍ର ହେମ୍ବ୍ରମ, ସାଂସ୍କୃତିକ ସମ୍ପାଦକ ଶଙ୍ଖ ହେମ୍ବ୍ରମ, ଆଜୀବନ ସଭ୍ୟ ରାମଚନ୍ଦ୍ର ହେମ୍ବ୍ରମ, ଆଜୀବନ ସଭ୍ୟ ତଥା ପୂର୍ବତନ ଶିକ୍ଷା ସମ୍ପାଦକ ନିମାଇଁ ହାଁସଦା, ଆଜୀବନ ସଭ୍ୟ ତଥା ଡାଳିମା ପୀଢ ପାର୍ଗାନା ଲକ୍ଷ୍ମଣ ମାଣ୍ଡି, ତିରିଂ ପୀଢ଼ ପାର୍ଗାନା ଛୋଟରାୟ ହେମ୍ବ୍ରମ, ଝାଡ଼ଖଣ୍ଡ ରାଜ୍ୟ ଆସେକ ସଭାପତି ସୁବାସ ଚନ୍ଦ୍ର ମାର୍ଣ୍ଡି, ଆସେକା କୃଷି ଓ କ୍ରୀଡ଼ା ସମ୍ପାଦକ କାହ୍ନାଇ ଲାଲ ହେମ୍ବ୍ରମ, ପଶ୍ଚିମବଙ୍ଗ ରାଜ୍ୟ ଆସେକା ସାଧାରଣ ସମ୍ପାଦକ ଡା ସୁବୋଧ ହାଁସଦା, ସମ୍ପାଦକ ସୁଶାନ୍ତ ହାଁସଦା, ବିହାର ରାଜ୍ୟ ଆସେକା ସାଧାରଣ ସମ୍ପାଦକ ରାଜେଶ କୁମାର, ସମ୍ପାଦକ ରାଜ ମାଣ୍ଡି, ଆସାମ ରାଜ୍ୟ କାର୍ଯ୍ୟକାରୀ ସଭାପତି ଗଣେଶ ମୁର୍ମୁ, ଉପସଭାପତି ଡମ୍ବୁରୁଧର ସୋରେନ, ଡାନିଏଲ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ମାମଲା

# ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ

■ ତଦନ୍ତ କରିବ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା

■ ରେକର୍ଡ ହସ୍ତାନ୍ତର କଲା ମହିଳା ଥାନା ପୁଲିସ

■ ଅଭିଯୁକ୍ତଙ୍କ ପଦୋନ୍ନତି ରଦ୍ଦ କରିଥିଲେ ଡିଜିପି

ଭୁବନେଶ୍ୱର, ୧୬।୧୨(ସମିସ): ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ମାମଲାରେ ଅଭିଯୁକ୍ତ ସବ୍ ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଆଚାର୍ଯ୍ୟଙ୍କ ଲାଗି ଅଡୁଆ ବଢ଼ିଛି। ପୂର୍ବରୁ ମହିଳା ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ବେଳେ ଏବେ ସେହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଛି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁଓ ସିଡବ୍ଲ୍ୟୁ) ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜଣେ ପୁରୁଷ ପୁଲିସ ଅଧିକାରୀଙ୍କ ଦ୍ୱାରା ମହିଳା ପୁଲିସ ଅଧିକାରିଣୀ ପ୍ରତାରଣାର ଶିକାର ହୋଇଥିବାରୁ ଘଟଣାକୁ ସମ୍ବେଦନଶୀଳ ବୋଲି ବିବେଚନା କରାଯାଇଛି। କ୍ରାଇମବ୍ରାଞ୍ଚ ଏହି ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛି।

ସୂଚନା ଅନୁସାରେ, କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା ସବ୍ ଇନ୍ସପେକ୍ଟର ଓ ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଗୋଟିଏ କଲେଜରେ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ୨୦୧୩ ମସିହାରେ ତୋଷବନ୍ତ ଡେପୁଟି ସୁବେଦାର ଭାବେ ଯୋଗ ଦେଇଥିବା ବେଳେ ପୀଡ଼ିତା ୨୦୧୭ ରେ ସବ୍ ଇନ୍ସପେକ୍ଟର ଭାବେ ଚାକିରି ଆରମ୍ଭ କରିଥିଲେ। ଉଭୟ ଚାକିରି ପାଇବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏମିତିକି ପୀଡ଼ିତା ଗର୍ଭବତୀ ହୋଇଯିବାରୁ ତୋଷବନ୍ତ ଔଷଧ ଦେଇ ତାଙ୍କ ଗର୍ଭ ନଷ୍ଟ କରିଥିଲେ। ଦୀର୍ଘ ୮ ବର୍ଷ ଧରି ପ୍ରେମ ସମ୍ପର୍କ ଚାଲିଥିବା ବେଳେ ମହିଳା ସବ୍ ଇନ୍ସପେକ୍ଟର ଜଣକ ବାରମ୍ବାର ବିବାହ କରିବାକୁ ଦାବି କରି ଆସୁଥିଲେ। ହେଲେ ତୋଷବନ୍ତ ତାଙ୍କୁ ବିବାହ କରିବା ପରିବର୍ତ୍ତେ ବର୍ଷେ ତଳେ ଅନ୍ୟତ୍ର ବିବାହ କରି ଦେଇଥିଲେ। ତୋଷବନ୍ତ ବିବାହ କରି ସାରିଥିବା ଜାଣିବା ପରେ ପୀଡ଼ିତା ସବ୍ ଇନ୍ସପେକ୍ଟର ଗତ ଅକ୍ଟୋବର ମାସରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତୋଷବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଗିରଫ ହେବା ପରେ ତୋଷବନ୍ତଙ୍କୁ ନିଲମ୍ବନ କରାଯାଇଥିଲା। ସବ୍ ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଅକ୍ଟୋବର ମାସରେ ପଦୋନ୍ନତି ପାଇବା ପରେ ତାଙ୍କର ନବମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାଟାଲିୟନ (୯ମ ଆଇଆରବି)କୁ ବଦଳି ହୋଇଥିଲା। ସେ ୭ ଦିନ ଟ୍ରାନଜିଟ୍ ନେଇଥିଲେ ମଧ୍ୟ ଉକ୍ତ ସମୟସୀମା ମଧ୍ୟରେ ସେଠାରେ ଯୋଗ ଦେଇ ପାରିନଥିଲେ। ଏହି ୭ ଦିନ ମଧ୍ୟରେ ମହିଳା ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା। ସେ ପଦୋନ୍ନତି ପାଇ ମଧ୍ୟ ଉଚ୍ଚ ପଦବୀରେ ଯୋଗ ଦେଇନଥିବାରୁ ପୁଲିସ ଡିଜି ନିକଟରେ ତାଙ୍କ ପଦୋନ୍ନତିକୁ ରଦ୍ଦ ଦେଇଥିଲେ।



ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁଓ ସିଡବ୍ଲ୍ୟୁ) କେସ୍ ନଂ - ୧୦/୨୫ ରେ ଏକ ମାମଲା ରୁଜୁ କରିବା ସହ ଡିଏସପି ରଶ୍ମିତା ପଟେଲଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ମହିଳା ଥାନା ପୁଲିସ ମାମଲା ସମ୍ପର୍କୀତ କାଗଜପତ୍ର ତଦନ୍ତକାରୀ ଅଧିକାରିଣୀ ଶ୍ରୀମତୀ ପଟେଲଙ୍କୁ ହସ୍ତାନ୍ତର କରିଛି। ପୀଡ଼ିତା ଏସ୍ଆଇ ଦେଇଥିବା ଏଫ୍ଆଇଆର୍, ୧୮୦ ଓ ୧୮୩ ବିଏନ୍ଏସ୍ଏସରେ ରେକର୍ଡ ହୋଇଥିବା ବୟାନ, ଡାକ୍ତରୀ ମାଇନା ରିପୋର୍ଟ, ଆରେଷ୍ଟ ମେମୋ ଓ ସିଜର୍ ଲିଷ୍ଟ ଆଦି ଜବତ କରିଛନ୍ତି ଡିଏସପି ଶ୍ରୀମତୀ ପଟେଲ।

## ବାଣୀବିହାରରୁ ବସ୍ତି ଉଚ୍ଛେଦ ଦାବିରେ ବିକ୍ଷୋଭ



ଭୁବନେଶ୍ୱର, ୧୬।୧୨(ସମିସ): ବାଣୀବିହାର ପରିସରରେ ବସ୍ତି ଉଚ୍ଛେଦ ଦାବିରେ ପୁଣି ଛାତ୍ର ଆନ୍ଦୋଳନ ଜୋର୍ ଧରିଛି। ଅଭିଯୋଗ ଅନୁଯାୟୀ, ବସ୍ତି ବାସିନ୍ଦା ବିଶ୍ୱବିଦ୍ୟାଳୟ ପରିସରରେ ବେପରୁଆ ଗାଡି ଚାଳନା କରୁଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ବାରଣ କରିବାରୁ ମଙ୍ଗଳବାର ସଂଘର୍ଷ ଘଟିଛି। ଫଳରେ କ୍ୟାମ୍ପସ ପରିସରରୁ ସମସ୍ତ ବସ୍ତି ଉଚ୍ଛେଦ କରିବା ପାଇଁ ଛାତ୍ରମାନେ ମଙ୍ଗଳବାର ସନ୍ଧ୍ୟାରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୁଖ୍ୟ ଫାଟକକୁ ବନ୍ଦ କରି ନିଆଁ ଲଗାଇଛନ୍ତି। କ୍ୟାମ୍ପସରୁ ବସ୍ତି ଉଚ୍ଛେଦ କରିବା ପାଇଁ ନାରାବାଜି କରିଛନ୍ତି। ଏପରିକି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ବସ୍ତି ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟକାରୀ କରୁନାହାଁନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବିପଦରେ ପଡୁଛି। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଏଣୁ ବାଣୀବିହାର ପରିସରରୁ ସମସ୍ତ ବସ୍ତିକୁ ଉଚ୍ଛେଦ କରିବା ପାଇଁ ଆନ୍ଦୋଳନକାରୀ ଛାତ୍ରମାନେ ଦାବି କରିଛନ୍ତି। ଅପରପକ୍ଷରେ କୌଣସି ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ନ କରି ସିଧାସଳଖ ମୁଖ୍ୟ ଫାଟକ ବନ୍ଦ କରିବାକୁ ବହୁ ଛାତ୍ରଛାତ୍ରୀ ନାପସନ୍ଦ କରିଛନ୍ତି।

● ବନ୍ଧୁକ କାରବାରରେ ମାମୁ ଓ ଭଣଜା ଗିରଫ ଘଟଣା

## ଏସ୍‌ଟିଏଫ୍ ସ୍କାନରରେ କାର୍ପେଟଦାର ସଞ୍ଜୟ ପ୍ରସାଦ

ଭୁବନେଶ୍ୱର, ୧୬।୧୨ (ସମିସ): ବାଙ୍କୁଆଳ ବାଲିଯାତ୍ରା ପଡ଼ିଆରୁ ମାମୁ ପିଣ୍ଟୁ କୁମାର ଓ ଭଣଜା ଗିରଫ ମାମଲାର ତଦନ୍ତକୁ ଜୋରଦାର କରିଛି ଏସଟିଏଫ୍। ମାମୁଁ ଭଣଜାଙ୍କ ପଛରେ ମାଷ୍ଟରମାଇଣ୍ଡ ଇନ୍ଦ୍ରଦେବ ସିଂ ଓ ସଞ୍ଜୟ ପ୍ରସାଦଙ୍କ ସମ୍ପୃକ୍ତଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଇନ୍ଦ୍ରଦେବ ଜେଲରେ ଥିବା ବେଳେ ସଞ୍ଜୟକୁ ଧରିବାକୁ ଜାଲ ବିଛାଇଛି ଏସଟିଏଫ୍।

ସୂଚନା ଅନୁସାରେ, ଗତ ୧୧ ତାରିଖ ଦିନ ବିହାରର ପିଣ୍ଟୁ କୁମାର ଓ ତା'ର ନାବାଳକ ଭଣଜା ବନ୍ଧୁକ ବିକ୍ରି କରିବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ଏସଟିଏଫ୍ ଛାପା ମାରିଥିଲା। ସେଠାରୁ ୨ ଜଣଙ୍କୁ ଗିରଫ କରିବା ସହ ୬ଟି ବନ୍ଧୁକ ଓ ୭ଟି ଗୁଳି ଜବତ କରିଥିଲା। ଗିରଫ ପରେ ସେମାନଙ୍କୁ ଜେରା କରିବା ବେଳେ ନୂଆ ନୂଆ କଥା ପଦାକୁ ଆସିଛି। ବିହାରର ଇନ୍ଦ୍ରଦେବ ସିଂ ହିଁ ଏହି ବନ୍ଧୁକ କାରବାରର ମୁଖ୍ୟ ବୋଲି ଏସଟିଏଫ୍ ଜାଣିବାକୁ ପାଇଛି। ସେ ନିଜେ କାରାଖାନାରେ ବନ୍ଧୁକ ତିଆରି କରି ସେଗୁଡ଼ିକ ଚାଲାଣ ବିକ୍ରି କରିବାକୁ ଗ୍ୟାଙ୍ଗ୍ ଗଢ଼ିଛି। ସହଯୋଗୀ ଓ ବିଭିନ୍ନ ଦଲାଲମାନଙ୍କ ମାଧ୍ୟମରେ ଓଡ଼ିଶା ଓ ଅନ୍ୟ ରାଜ୍ୟକୁ ବେଆଇନ ଭାବେ ବନ୍ଧୁକ ଚାଲାଣ କରୁଛି। ଇନ୍ଦ୍ରଦେବ ନାମରେ ବିହାରର ବିଭିନ୍ନ ଥାନାରେ ବନ୍ଧୁକ କାରବାର, ହତ୍ୟା, ଡକାୟତି, ରାହାଜାନୀ ଭଳି ମାମଲା ରହିଛି। ବିହାର, ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ହରିୟାଣା ଆଦିର ମାମଲାରେ ଇନ୍ଦ୍ରଦେବର ସମ୍ପୃକ୍ତି ରହିଥିବା ବେଳେ ବିଭିନ୍ନ ରାଜ୍ୟ ପୁଲିସର ମୋଷ୍ଟୱାଣ୍ଟେଡ ତାଲିକାରେ ତା' ନାମ ରହିଛି।

ବନ୍ଧୁକ କାରବାର ମାମଲାରେ ବିହାର ମୁଙ୍ଗେରର ଜମଲପୁର ଥାନା ପୁଲିସ ଗତମାସରେ ଇନ୍ଦ୍ରଦେବକୁ ଗିରଫ କରିଛି। ସେବେଠାରୁ ସେ ଜେଲରେ ରହିଛି। ଇନ୍ଦ୍ରଦେବ ଜେଲରେ ଥିବାରୁ ତା'ର ଘନିଷ୍ଠ ସହଯୋଗୀ ତଥା ଜମଲପୁର ଥାନା ଅଧୀନ ଛୋଟି ଲେତପୁର ସଞ୍ଜୟ ପ୍ରସାଦ ଏବେ ଗ୍ୟାଙ୍ଗ ଅପରେଟ କରୁଛି। ଜେଲରେ ଥିବା ଇନ୍ଦ୍ରଦେବର ନିର୍ଦ୍ଦେଶ ମୁତାବକ ସଞ୍ଜୟ ବିଭିନ୍ନ ଏଜେଣ୍ଟମାନଙ୍କୁ ବନ୍ଧୁକ ଯୋଗାଉଛି ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଏସଟିଏଫ୍ ଦ୍ୱାରା ଗିରଫ ହୋଇଥିବା ପିଣ୍ଟୁ କୁମାର ଓ ତା'ର ନାବାଳକ ଭଣଜା ମଧ୍ୟ ସେମାନଙ୍କ ଠାରୁ ବନ୍ଧୁକ ଆଣିଥିବା କଥା ଜଣାପଡ଼ିବା ପରେ ଇନ୍ଦ୍ରଦେବ ଓ ସଞ୍ଜୟ ଏବେ ଏସ୍‌ଟିଏଫ୍ ସ୍କାନରକୁ ଆସିଛନ୍ତି। ବିହାର ଜେଲରେ ଥିବା ଇନ୍ଦ୍ରଦେବକୁ ରିମାଣ୍ଡରେ ଆଣିବାକୁ ଏସଟିଏଫ୍ ଯୋଜନା କରୁଥିବା ବେଳେ ସଞ୍ଜୟକୁ ଧରିବାକୁ ସ୍ୱତନ୍ତ୍ର ଟିମ୍ ବିହାର ଯାଇଥିବା ଜଣାପଡ଼ିଛି।

## ପଛକୁ ପଛ ପିଟିହେଲା ୩ ଗାଡ଼ି

ଭୁବନେଶ୍ୱର, ୧୬।୧୨ (ସମିସ): ଷୋହଳ ନମ୍ବର ଜାତୀୟ ରାଜପଥର ତମାଣ୍ଡୋ ନିକଟରେ ସିରିଜ୍ ଦୁର୍ଘଟଣା ଘଟିଛି। ମଦ୍ୟପ କାର ଚାଳକର ବେପରୁଆ ଗାଡ଼ି ଚାଳନା ଲାଗି ୩ ଟି ଗାଡ଼ି ପଛକୁ ପଛ ପିଟି ହୋଇଛନ୍ତି। ଟାଟାଏସ୍ ଚାଳକ ଓ ହେଲପର ଆହତ ହୋଇଥିବା ବେଳେ ୫ ଜଣ କନିଷ୍ଠ ଖଣି ଅଧିକାରୀ ଏବଂ ତାଙ୍କ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ଅନଙ୍ଗ ଉଦୟ ନାୟକ, ପ୍ରେମାନନ୍ଦ ବେହେରା, ଅମରେନ୍ଦ୍ର ବେହେରା, ବିଶ୍ୱଜିତ ସାହୁ ଓ ଚାଳକ ଯୋଗେଶ ମହାରଣା ଚଢ଼ଉ କରିବାକୁ ବୋଲେରୋ ଗାଡ଼ିରେ ବାଲିଅନ୍ତା ଆଡ଼କୁ ଯାଉଥିବା ବେଳେ ସମାନ ଦିଗରେ ଏକ ମାଲବାହୀ ଟାଟାଏସ୍ ତାଙ୍କ ପଛରେ ଯାଉଥିଲା। ସେହିପରି ଜଟଣୀରେ ହୋଟେଲ କରିଥିବା କେରଳର ଯଦୁକ୍ରିଷ୍ଣା ପୁଷ୍ପରାଜ ଓ ତାଙ୍କ ବନ୍ଧୁ ମଦ୍ୟପ ଅବସ୍ଥାରେ ଏକ କାର ଚଳାଇ ଆସୁଥିଲା। ୩ଟି ଯାକ ଗାଡ଼ି ଖୋର୍ଦ୍ଧା - ଭୁବନେଶ୍ୱର ଜାତୀୟ ରାଜପଥର ତମାଣ୍ଡୋ ହ୍ୟୁଣ୍ଡାଇ ସୋରୁମ୍ ସାମ୍ନାରେ ପାଇଥିବା ବେଳେ ଟାଟାଏସ୍ ଗାଡ଼ି ପଛକୁ ଯଦୁକ୍ରିଷ୍ଣାଙ୍କ କାର ଧକ୍କା ଦେଇଥିଲା। ଫଳରେ ଟାଟାଏସ୍ ଗାଡ଼ି ଭାରସାମ୍ୟ ହରାଇ କନିଷ୍ଠ ଖଣି ଅଧିକାରୀଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। କାରର ଗତି ଏତେ କ୍ଷୀପ୍ର ଥିଲା ଯେ, ଟାଟାଏସ୍ ଗାଡ଼ି ଧକ୍କା ଦେବା ଫଳରେ କନିଷ୍ଠ ଖଣି ଅଧିକାରୀଙ୍କ ବୋଲେରୋ ଡିଭାଇଡର ଡେଇଁ ଭୁବନେଶ୍ୱର - ଖୋର୍ଦ୍ଧା ସର୍ଭିସ୍ ରାସ୍ତା କଡ଼ରେ ଥିବା ଏକ ଖାଲ ଭିତରକୁ ପଶି ଯାଇଥିଲା। ସେପଟେ ଟଟାଏସ୍ ଗାଡ଼ି ମଧ୍ୟ ଡିଭାଇଡର ଡେଇଁ ଭୁବନେଶ୍ୱର - ଖୋର୍ଦ୍ଧା ଜାତୀୟ ରାଜପଥକୁ ପଳାଇଥିଲା। ଦୁର୍ଘଟଣାରେ ଟାଟାଏସ୍ ଚାଳକ ଓ ହେଲପରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କନିଷ୍ଠ ଖଣି ଅଧିକାରୀ ଓ ତାଙ୍କ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ଘଟାଇଥିବା କାରଟି ଡିଭାଇଡର ଉପରେ ଅଟକି ଯାଇଥିଲା। ଦୁର୍ଘଟଣାର ଏତେ ଭୟଙ୍କର ଥିଲା ଯେ, କାରର ଏୟାର ବ୍ୟାଗ୍ ବାହାରି ଯାଇଥିଲା। ଫଳରେ ଚାଳକ ଯଦୁକ୍ରିଷ୍ଣା ଓ ତାଙ୍କ ବନ୍ଧୁ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ଛାତିଥରା ଦୁର୍ଘଟଣା ଫଳରେ ଜାତୀୟ ରାଜପଥରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟାଟାଏସ୍ ଚାଳକ ଓ ହେଲପରଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲା। ଗାଡ଼ି ଗୁଡ଼ିକ ରାସ୍ତାରୁ ହଟାଇବା ସହ ଚଳାଚଳକୁ ସ୍ୱାଭାବିକ କରିଥିଲା। ଦୁର୍ଘଟଣା ଘଟାଇଥିବା କାର ସମେତ ୩ଟି ଗାଡ଼ିକୁ ଜବତ କରିଛି ପୁଲିସ। ଏଥିସହିତ କାର ଚାଳକ ଯଦୁକ୍ରିଷ୍ଣାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ଅଟକ ରଖିଛି।



■ ଡିଭାଇଡର୍ ଡେଇଁ ରାସ୍ତା ସେପଟକୁ ପଳାଇଲା ଦୁଇ ଗାଡ଼ି

■ ଟାଟାଏସ୍ ଚାଳକ ଓ ହେଲ୍‌ପର ଆହତ

■ ଅଳ୍ପକେ ବର୍ତ୍ତିଲେ ୫ କନିଷ୍ଠ ଖଣି ଅଧିକାରୀ

## ଘରେ ନିଆଁ ଲଗାଇ ମାଆ ଓ ଝିଅକୁ ହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୬।୧୨ (ସମିସ): ଘରେ ନିଆଁ ଲଗାଇ ମାଆ ଓ ଝିଅକୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ କୁହା ଗ୍ରାମର ଅଜିତ ମଲ୍ଲିକ (୩୬)।

ପୁଲିସ ସୂଚନା ଅନୁସାରେ, ଅଜିତ ଓ ସ୍ତ୍ରୀ ବବିତା ମଲ୍ଲିକଙ୍କ ମଧ୍ୟରେ କିଛି ମାସ ହେବ ବିବାଦ ଲାଗି ରହିଥିଲା। ଏହାକୁ ନେଇ ପୂର୍ବରୁ ଏୟାରଫିଲ୍ଡ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ମଙ୍ଗଳବାର ଭୋର ସମୟରେ ସ୍ତ୍ରୀ ଓ ଝିଅ ଘରେ ଶୋଇଥିବା ବେଳେ ଅଜିତ କ୍ରୋଧିତ ହୋଇ ଘରେ ନିଆଁ ଲଗାଇ ଦେଇଥିଲା। ନିଆଁ ଓ ଧୂଆଁ ଦେଖି ମାଆ ଓ ଝିଅ ଘରୁ ବାହାରି ଆସିବା ସହ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ଅଜିତ୍ ଏକ କୁରାଢ଼ି ଧରି ସମସ୍ତଙ୍କୁ ମାରିଦେବାକୁ ଗୋଡ଼ାଇଥିଲା। ପ୍ରାୟ ଏକ ଘଣ୍ଟା ଧରି ଅଜିତ ସେଠାରେ ଆତଙ୍କ ଖେଳାଇ ଥିବା ବେଳେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁଲିସ ତାକୁ ଗିରଫ କରିଥିଲା। ଅଜିତ୍ ନିଆଁ ଲଗାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସ୍ତ୍ରୀ ବବିତା ଏନେଇ ଅଭିଯୋଗ କରିବା ପରେ ଏୟାରଫିଲ୍ଡ ଥାନା ପୁଲିସ ମାମଲା ରୁଜୁ କରି ଅଜିତକୁ କୋର୍ଟ ଚାଲାଣ କରିଛି।

## ଦାଦାବଟି ପାଇଁ ଠିକାଦାରଙ୍କୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୬।୧୨ (ସମିସ): ଦାଦାବଟି ଲାଗି ଠିକାଦାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୮ ଅଞ୍ଚଳରେ ରହୁଥିବା କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ବସ୍ତିଙ୍ଗିଆ ଗାଁର ଚିନ୍ମୟ ପ୍ରଧାନ ଓରଫ୍ ଶରତ (୩୮)। ପୁଲିସ ସୂଚନା ଅନୁସାରେ, ଗତ ସେପ୍ଟେମ୍ବର ୧୭ ତାରିଖ ଅପରାହ୍ଣରେ ଜଳସେଚନ ବିଭାଗର ଜଣେ ଠିକାଦାର ଚିନ୍ମୟ ମହାନ୍ତି ଡେଲଟା ପାଣି ଟାଙ୍କି ନିକଟରେ ବିଶ୍ୱକର୍ମା ପୂଜା କରିବା ସହ ପ୍ରସାଦ ସେବନ କରୁଥିଲେ। ସେହି ସମୟରେ ଶରତ ଓ ତା'ର ଦୁଇ ସହଯୋଗୀ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଚିନ୍ମୟ କାରଣ ପଚାରିବାରୁ, କାହିଁକି ଦାଦାବଟି ଦେଇନୁ ବୋଲି ଶରତ ପ୍ରଶ୍ନ କରିବା ସହ ଧମକ ଦେଇଥିଲା। ପରେ ୩ ଜଣ ଯାକ ମିଶି ଚିନ୍ମୟଙ୍କୁ ମାଡ ମାରିବା ସହ ଏକ ଲକ୍ଷ ଟଙ୍କା ଦାଦାବଟି ନଦେଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଚିନ୍ମୟ ସାହାଯ୍ୟ ପାଇଁ ଡାକ ପକାଇବାରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଏନେଇ ଚିନ୍ମୟ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ଶରତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଶରତ ନାଁରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ଶାନ୍ତିସ୍ତୂପ ଚାରିପଟେ ପଞ୍ଝାପଞ୍ଝା ନିଶାଡ଼ି

ଭୁବନେଶ୍ୱର, ୧୬।୧୨(ସମିସ): ଧଉଳି ଲଜ୍ଜାରେ ପଛରେ ରହିଥିଲା ଲିଙ୍ଗିପୁରୁ ନଦୀ ପଠାରେ ଚାଲିଥିବା ନିଶାଡି ଖଟି ସଦସ୍ୟମାନଙ୍କ ହାତ। ନିଶାଶକ୍ତ ଅବସ୍ଥାରେ ୪ରୁ ୫ଜଣ ଜେଲ ଫେରନ୍ତା ଖଟି ସଦସ୍ୟ ଅତ୍ୟନ୍ତ ନୃଶଂସ ଭାବେ ନାବାଳିକାଙ୍କୁ ଦୁଷ୍କର୍ମ କରିବାରେ ସକ୍ଷମ ହେଲେ। ଯାହାକୁ ନେଇ ମାନବ ଜାତି ଏବେ ଲଜ୍ଜିତ। ଲଙ୍ଗିପୁର ଠାରେ ନିଶାଡିଙ୍କ ଏଭଳି ଖଟି ବହୁ ଦିନ ହେବ ଚାଲିଛି। ଏମାନଙ୍କ ପାଇଁ ଏଠାରେ ବହୁ ଅପରାଧ ବି ଘଟିଛି। ବିଗତଦିନରେ ବହୁ ଲୋକ ଲୁଟ୍‌ପାଟ୍‌ର ଶିକାର ହୋଇଛନ୍ତି। ରାଜଧାନୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଧଉଳି ପାଖରେ ଏଭଳି ଏକ ନିଶାଡି ଖଟି ବହୁଦିନ ହେବ ଚାଲୁଥିବା ପୁଲିସ ଜାଣିଥିଲେ ମଧ୍ୟ ଏଠାରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଗଲା ନାହିଁ। ଯାହାର ପରିଣାମ ପରିବର୍ତ୍ତି ସମୟରେ ଭୟଙ୍କର ରୂପ ନେଲା।

ଅନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଧଉଳିର ନାମ ରହିଛି। ଶାନ୍ତିସ୍ତୂପର ଆକର୍ଷଣ ଆଉ ଏହାର ପାରିପାର୍ଶ୍ୱିକ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଅନେକାଂଶରେ ଆକୃଷ୍ଟ କରିଥାଏ। ବେଙ୍ଗଲ, ବିହାର, ମଧ୍ୟପ୍ରଦେଶ, ଛତିଶିଗଡ଼ ସମେତ ଦେଶବିଦେଶରୁ ବହୁ ପର୍ଯ୍ୟଟକ ପୁରୀ ବୁଲିବା ପରେ ଧଉଳିରେ ମୁହଁମାରି ଘର ବାହୁଡା କରନ୍ତି। ଏଣୁ ଧଉଳିରୁ ବାହାରିବା ବେଳକୁ ପ୍ରାୟତଃ ସନ୍ଧ୍ୟା ହୋଇଯାଏ। ଏହା ଜଙ୍ଗଲିଆ, ନିଛାଟିଆ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଏକ ଅଭୁ୍ୟଦ ଅନୁଭବ ଦେଇଥାଏ। ଏହି ରାସ୍ତାରେ ଗଲା ବେଳେ ଗାଡିର କାଚ ଖୋଲି ପର୍ଯ୍ୟଟକ ନଈ ପଠାର ଥଣ୍ଡା ହାୱା ଓହୋ ପଦେ କହିଥାନ୍ତି। ହେଲେ ଶାନ୍ତିସ୍ତୁତ ନିକଟସ୍ଥ ଶାନ୍ତ ପରିବେଶ ଏବେ ନିଶାଡିଙ୍କ କବଜାକୁ ଚାଲିଯାଇଛି। ପୁଲିସ ଏଠାରେ ନିୟମିତ ଭାବେ ପେଟ୍ରୋଲିଂ ବଢ଼ାଇବାର ଆବଶ୍ୟକତା ଥିଲା। ନିଶାଡିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ଏବଂ ଏହାର ଆଖପାଖକୁ ସୁରକ୍ଷୀତ କରିବା ବଦଳରେ ପୁଲିସ ଏହାକୁ ନିଛାଟିଆ ବୋଲି କହି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ବବସିଛି।

ରାଜଧାନୀରେ ପ୍ରତ୍ୟେକ ଦିନ ୩୨୦ରୁ ଅଧିକ ଛୋଟ ବଡ ନିଶାଡି ଖଟିର ଆସର ଜମୁଛି। କୂଆଖାଇ ନଦୀ ପଠା, ବେଆଇନ୍ ମଦ ଦୋକାନ, ମଦ ଦୋକାନ କଢରେ ଥିବା ଚାଖଣା ଦୋକାନ, ପରିତ୍ୟକ୍ତ ସରକାରୀ କ୍ୱାର୍ଟର୍ସ, ପାର୍କ ପାଖ, ଜାତୀୟ ରାଜପଥ କଡ ପ୍ରଭୃତିରେ ଏଭଳି ଖଟି ଜମୁଛି। ସନ୍ଧ୍ୟା ହେଲା ମାତ୍ରେ ଗୋଟିଏ ପରେ ଗୋଟିଏ ମଦୁଆ, ନିଶାଡି ଖଟିକୁ ଆସୁଛନ୍ତି। ଭାଗ ବାଣ୍ଟି ମଦ କିଣୁଛନ୍ତି। ଅନ୍ଧାର ଥିବାରୁ ମୋବାଇଲ ଲାଇଟ୍ ଜଳାଇ ମଦ ଗ୍ଲାସକୁ ପରସ୍ପର ମଧ୍ୟରେ ବାଡେଇ ନିଶାଶକ୍ତ ହୋଇଯାଉଛନ୍ତି। ସାଙ୍ଗରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଆଣି ଆସୁଛନ୍ତି। ମଦ ପିଇ ସାରି କିଏ ଗଞ୍ଜେଇ ଟାଣୁଛି। ଆଉ ଚରସ ନେଉଛି। ଆଉ କିଏ ଡେନ୍‌ଡ୍ରାଇଡ୍ ବି ଶୁଙ୍ଘି ଫୁଟି ଯାଉଛି। ନିଶାଶକ୍ତ ଅବସ୍ଥାକୁ ଗଲା ପରେ ଆରମ୍ଭ ହେଉଛି ଉତ୍ପାତ। କାହାକୁ ଲୁଟୁଛନ୍ତି, କାହାର ବେକ କାଟୁଛନ୍ତି। କେତେବେଳେ ରାଜରାସ୍ତାରେ ସିରିଜ ଦୁର୍ଘଟଣା ଘଟାଉଛନ୍ତି। ଆଉ କେତେବେଳେ ବିନା କାରଣରେ ଗଣ୍ଡଗୋଳ କରି ରାଜଧାନୀକୁ ଅଶାନ୍ତ କରୁଛନ୍ତି।

■ ରାଜଧାନୀରେ ନିୟମିତ ବସୁଛି ୩୨୦ ନିଶାଖଟି

■ ବନ୍ଦ ହୋଇପଡ଼ିଛି ପୁଲିସର ସ୍ୱତନ୍ତ୍ର ଡ୍ରାଇଭ୍



କମିଶନରେଟ୍ ପୁଲିସ ବିଗତ ଦିନରେ ଏକ ଡ୍ରାଇଭ୍ ଆରମ୍ଭ କରିଥିଲା। ଏହି ଡ୍ରାଇଭ୍ ଜରିଆରେ ଏକାଧିକ ବରିଷ୍ଠ ଅଧିକାରୀମାନେ କିଛି ସେକ୍ସନ୍ ପୁଲିସ ଫୋର୍ସ ଧରି ରାଜଧାନୀର ନିଶାଡି ଖଟିରେ ଅତର୍କିତ ଭାବେ ଚଢାଉ କରୁଥିଲା। ବେଆଇନ୍ ଭାବେ ରାସ୍ତା ଉପରେ ନିଶା ଖାଉଥିବା ଲୋକଙ୍କ ଠାରୁ ଫାଇନ୍ ଆଦାୟ କରୁଥିଲା। ସେମାନେଙ୍କ ଫଟୋ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ସେୟାର କରୁଥିଲା। ପୁଲିସର ଏଭଳି ଆକ୍ସନ ଅପରାଧୀଙ୍କ ମଧ୍ୟରେ ଭୟ ସୃଷ୍ଟି ଏକ ପ୍ରକାର ସୃଷ୍ଟି କରିଥିଲା। ସହରକୁ ଶାନ୍ତ ରଖିବାକୁ ବହୁଦିନ ଧରି ପୁଲିସ ଏଭଳି ଡ୍ରାଇଭ୍ ଚଳାଇଥିଲା। ଯେଉଁଦିନ ଡ୍ରାଇଭ୍ ହେଉଥିବା ୧୦ରୁ ସଦସ୍ୟ ଖଟି ଛାରଖାର ହୋଇଯାଉଥିଲା। ଖଟି ସଦସ୍ୟମାନେ ଛାରଖାର ହେଇଯାଉଥିଲା। ପରବର୍ତ୍ତୀ ସମୟରେ ଏହି ଡ୍ରାଇଭ୍‌କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଗଲା। ତେବେ ବେଆଇନ୍ ମଦ୍ୟ ବ୍ୟବସାୟଙ୍କ ଚାପ ଯୋଗୁଁ ଏଭଳି ଡ୍ରାଇଭ୍‌କୁ ବନ୍ଦ କରିଦିଆଗଲା ବୋଲି ସାଧାରଣରେ ଚର୍ଚ୍ଚା ହେଲା କିନ୍ତୁ ଏହି ଚର୍ଚ୍ଚାକୁ ପୁଲିସ ଖାତିର ନକରି ନିଶାଡି ଖଟି ଡ୍ରାଇଭ୍‌କୁ ବନ୍ଦ ରଖିବାକୁ ଉଚିତ୍ ମନେ କଲା। ତେବେ ରାଜଧାନୀରେ ଗଣଦୁଷ୍କର୍ମ ମାମଲା ପରେ ନିଶାଡି ଖଟିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସ୍ୱତନ୍ତ୍ର ଡ୍ରାଇଭ୍ ଏବଂ ନିଶାଡି ଆଡ୍ଡାରେ ବୁଲଡୋଜର ଚଢ଼ାଇବା ଭଳି ପୁଲିସ କାର୍ଯ୍ୟାନୁଷ୍ଠାନ ଦେହାରାଇବାକୁ ପୁଣିଥରେ ଦାବି କରାଯାଇଛି।





# ଭୁବନେଶ୍ୱର ସିଟି

## ନନ୍ଦନକାନନରେ ଶୀତୁଆ ଖରା
# ବତକ ଝାଡୁଛି ପର; ହାଇ ମାରୁଛି କୁମ୍ଭୀର



ନନ୍ଦନକାନନ, ୧୬।୧୨(ସମିସ): ମଣିଷ ମାନଙ୍କ ଭଳିଆ ଏହି ଭଳି ନନ୍ଦନକାନନରେ ବାଘ ବାଘୁଣୀ, ସିଂହ ସିଂହୀ, ହେଟାବାଘ, ଜିରାଫ, ସାପ, କୁମ୍ଭୀର ଶୀତୁଆ ସକାଳରେ ଖରା ସୁଖ ନେଉଥିବାର ଦୃଶ୍ୟ ଅତି ମନୋରଞ୍ଜନ ସହ ମନୋରମର ଖୋରାକ ନିଶ୍ଚୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

ଏଠାରେ ଥିବା ଜୀବଜନ୍ତୁମାନଙ୍କ ଖରାରେ ମେଳି ହେବା ସତେ ଯେମିତି ସେମାନେ ଏହି ପରି କଥାବାର୍ତ୍ତା ହେଉଛନ୍ତି। ଶୀତ ତ ଆସିବ। ପ୍ରକୃତିର ୬ ଋତୁରୁ ଶୀତ ଋତୁ ବି ଶରୀର ପାଇଁ ପରିବେଶ ସନ୍ତୁଳନ ପାଇଁ ଭଲ। ଆମମାନଙ୍କୁ ଶୀତ ହେଉଛି ଆଉ ମଣିଷମାନଙ୍କୁ ମଧ୍ୟ ଶୀତ ହେଉଛି। ମଣିଷମାନେ ଶୀତରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ବ୍ୟବହାର କରୁଛନ୍ତି। ଆଉ ନନ୍ଦନକାନନରେ ଜୀବଜନ୍ତୁଙ୍କୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶୀତବସ୍ତ୍ର, ଗରମ ଖାଦ୍ୟ, ରୁମ ହିଟର, ବଲବ, ଝୋଟ ଅଖା, ନଡା ବିଛଣା, ଶକ୍ତି ବର୍ଦ୍ଧକ ଔଷଧ, ଇଞ୍ଜେକ୍ସନ, ବଟିକା ଆଦି ଯୋଗାଇ ଦେଉଛନ୍ତି। ଶୀତରେ କାଳେ ଥଣ୍ଡା, କାଶ, ସଂକ୍ରମଣ ରୋଗ ନ ହେବ ସେଥିପାଇଁ ଡାକ୍ତରୀ ଦଳ ନିୟମିତ ଭାବେ ନନ୍ଦନକାନନ ଜୀବଜନ୍ତୁଙ୍କୁ ପରୀକ୍ଷା କରୁଛନ୍ତି ଆଉ ରୋଗ ଦେଖି ଔଷଧ ଦେଉଛନ୍ତି। କୁମ୍ଭୀର ଖୁଆଡ଼ରେ କୁମ୍ଭୀରମାନେ ଦଳ ଦଳ ପରିବାରରେ ମୁରବୀ କୁମ୍ଭୀରଟି ଅନ୍ୟ ମା କୁମ୍ଭୀର, ବାପା କୁମ୍ଭୀରକୁ ଏମିତି କହୁଥିବ! ଛୁଆ କୁମ୍ଭୀରଗୁଡିକ ପାଣି ପହଁରି ପହଁରି



କାଲୁଆ ପଡ଼ି ଗଲାବେଳେ ସେମାନଙ୍କୁ ଖରାକୁ ଡାକି ଦେଉଛି ମାଆ କୁମ୍ଭୀର। କୁମ୍ଭୀରମାନେ ପାଣିରେ ବେଶୀ ସମୟ ନ ରହି ବାହାରେ କୁମ୍ଭୀରମାନେ ଖରା ପୁଇଁବାର ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟକୁ ପର୍ଯ୍ୟଟକ ବେଶ ମନୋଭରି ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। ବେଳେ ସେଲ୍‌ଫି ଫଟୋ ଉଠାଇବାକୁ ଭୁଲୁ ନାହାନ୍ତି। ସେମିତି ବାଘ ଖୁଆଡ଼ରେ ବାଘ ବାଘୁଣୀ ବି ଶୀତ କମ୍ପି ଯାଉଥିଲା ବେଳେ ଦିନ ବେଳା ଖରା ସୁଖ ପାଇଁ ଉକାଡକି ହେଉଛନ୍ତି।



ବାଘ ଗଛପତ୍ରଦେଇ ପଡୁଥିବା ସୂର୍ଯ୍ୟ କିରଣକୁ ଖୋଜି ଖୋଜି ଆସି ସେଠାରେ ଶୋଇପଡ଼ି ବିଶ୍ରାମ ନେଉଥିବା ବେଳେ ବାଘୁଣୀ ଖୁଆଡ଼ ସାରା ଘୂରି ଦେହକୁ ଉଷ୍ମ ରଖୁଛି। ହେଟାବାଘ, ଗଧିଆ, ବିଲୁଆ ମାନଙ୍କ ଶୀତ ଋତୁ ପ୍ରଜନନ ଋତୁ ହୋଇଥିବା ବେଳେ ଏମାନେ ପ୍ରେମ କରିବା ପାଇଁ ଖୁଆଡ଼ ଭିତରେ ପଡୁଥିବା ଖରାଟିଆ ନିରୋଳା ଜାଗାରେ ଯାଇ ଉଷ୍ମ ହୋଇଯାଉଛନ୍ତି। ଜିରାଫ ଖୁଆଡ଼ରେ ଖୁସି ଆଉ ଆସି ଥିବା ଦୁଇ ଜିରାଫ ବି ସେମିତି ଘର ଭିତରେ ନ ରହି, ଖରାକୁ ପଳେଇ ଆସୁଛନ୍ତି। ଡେଙ୍ଗା ଡେଙ୍ଗା ବେକକୁ ବଢ଼ାଇ କାନ ହଲେଇ ହଲେଇ ଗଛ ଡାଳରୁ ପତ୍ର ଚୋବେଇ ଖାଉଛନ୍ତି। ଏହାକୁ ଦେଖିବାକୁ ପର୍ଯ୍ୟଟକ ମାନେ ଭିଡ଼ ଲଗେଇ ଦେଉଛନ୍ତି। ଶରୀସୃପ ଉଦ୍ୟାନ ରେ ବି ସେମିତି ସାପ ମାନେ ଗୁଡିଆ ଗୁଡ଼ି ହୋଇ ଖୁଆଡ଼ ଉପର ଦେଇ ଆସୁଥିବା ଖରାରେ ଟିକେ ଗାଲେଇ ପଡ଼ିଯାଉଛନ୍ତି। ଶୀତ ଦିନିଆ କଅଁଳ ଖରାର ମଜା ନେବା ସହ ବଡ ବଡ ପାଟି ମେଲେଇ ହାଇ ମାରୁଛନ୍ତି। ଯାହାକୁ ପର୍ଯ୍ୟଟକ ମାନେ ନିଜ ନିଜ କ୍ୟାମେରା ରେ ଫଟୋ ଉଠାଇ ରଖୁଛନ୍ତି। ରାଜ୍ୟରେ ଶାଗୁଣା ମାନଙ୍କ ବଂଶ ଲୋପ ପାଇଥିବା କୁହାଯାଉଛି। ଶୀତଋତୁ ପର୍ଯ୍ୟଟନ ଋତୁ ହୋଇଥିବା ବେଳେ ନନ୍ଦନକାନନକୁ ଶାଗୁଣାଙ୍କୁ ଦେଖିବାକୁ ବହୁ ପର୍ଯ୍ୟଟକ ଆକୃଷ୍ଟ ହୋଇ ଆସିଥାନ୍ତି। ଶାଗୁଣାମାନେ ବି ଗଛରେ ନବସି ତଳେ ଖରା ପଡୁଥିବା ଜାଗାରେ ରୁଣ୍ଡ ହୋଇ ଯାଉଛନ୍ତି। ଖରା ଖାଇବା ସାଙ୍ଗକୁ ମାଂସଖଣ୍ଡ ଖାଇବାକୁ ନିଜ ନିଜ ଭିତରେ ଭିଡା ଓଟରା



ହେଉଛନ୍ତି। ଶାଗୁଣାଙ୍କୁ ରୁଣ୍ଡ ହେବାର ଦେଖି ବିଗତ ଦିନରେ ଗାଁ ପଡ଼ିଆରେ ପଡ଼ିଥିବା ମଢ଼କୁ ଖାଇବାକୁ ଯେମିତି ଶାଗୁଣାମାନେ ମେଳି ହୁଅନ୍ତି, କାମୁଡା କାମୁଡି ହୁଅନ୍ତି ସେହି କଥା ମନେ ପକାଇ ପର୍ଯ୍ୟଟକମାନେ କିଛି ସମୟ ରହି ଶାଗୁଣା ମାନଙ୍କୁ ଦେଖି ଖୁସି ହେବା ଶହ ପୁରୁଣା ଦିନର ବହୁ କଥା ଆଲୋଚନା କରୁଛନ୍ତି।

## ଆନନ୍ଦ ଶଙ୍କରଙ୍କ 'ନାଟକ ସମଗ୍ର'ଲୋକାର୍ପିତ




ଭୁବନେଶ୍ୱର, ୧୬।୧୨(ସମିସ): ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ରାଜଧାନୀ କଳା ବିକାଶ କେନ୍ଦ୍ର ସଭାଗୃହରେ ଲେଖକ ସାମ୍ମୁଖ୍ୟର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'ନାଟକ ତଥାପି ବଞ୍ଚିଛି' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଶତାବ୍ଦୀର କଳାକାରର ପତିଷ୍ଠାତା ଧିର ମଲ୍ଲିକ ଯୋଗ ଦେଇ ଓଡ଼ିଶାର ୧୪୭ ଜଣ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ଅସ୍ମିତା ଭବନ ନିର୍ମାଣ କରିବାକୁ ଦାବି କରିଥିଲେ। ସଭାରେ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାସଙ୍କ ନାଟକ ସମଗ୍ର ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନବୀନ ପରିଡ଼ା, ପ୍ରଫେସର ପ୍ରମୋଦ ମହାପାତ୍ର, କମଳାକାନ୍ତ ମହାପାତ୍ର ଓ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର ଯୋଗଦେଇଥିଲେ। ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅଭିନେତା ପ୍ରେମାଞ୍ଜନ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ଡ. ଅଭୟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କର ପୁତ୍ର ପାର୍ଥ ସାରଥୀ ଦାସ, ଇନ୍ଦିରା ଦାଶ, ପୀତବାସ ରାଉତରାୟ, ଅଭିନ୍ନ ଭାରତରାୟ ପ୍ରମୁଖ ବହୁ ସାହିତ୍ୟକ ଓ ନାଟ୍ୟକାର ଉପସ୍ଥିତ ଥିଲେ। ଲେଖକ ସାମ୍ମୁଖ୍ୟର ଯୁଗ୍ମ ସମ୍ପାଦକ ସଞ୍ଜୟ ମହାନ୍ତି ସଭା ପରିଚାଳନା କରିଥିଲେ। ସାହିତ୍ୟକ ଭାସ୍କର ଜେନା ଧନ୍ୟବାଦ ଦେଇଥିଲେ।

## ସତ୍ୟ ବିଚାରରେ 'ଗାନ୍ଧୀ ଚର୍ଚ୍ଚା'



ଭୁବନେଶ୍ୱର, ୧୬।୧୨(ସମିସ): ଗାନ୍ଧିଜୀ କେବଳ ଏକ ବ୍ୟକ୍ତିତ୍ୱ ନୁହଁନ୍ତି, ସେ ଏକ ବିଚାର। ଭାରତ ଅଚିରେ ବିଶ୍ୱଗୁରୁର ଲକ୍ଷ୍ୟକୁ ହାସଲ କରିପାରନ୍ତା। ସୌହାର୍ଦ୍ଦ୍ୟ ଓ ସମସ୍ୟାମୁକ୍ତ ସମାଜ ଗଠନରେ ମହାତ୍ମା ଗାନ୍ଧୀଙ୍କ ବିବିଧ ଓ ବହୁମୁଖୀ ଦୃଷ୍ଟିକୋଣର ପ୍ରୟୋଗାତ୍ମକ ଅନୁଶୀଳନର ସମ୍ଭାର ନେଇ ଚଳିତ ରାଜ୍ୟ ସପ୍ତମ ପୁସ୍ତକମେଳାକୁ ଆସିଛି 'ସତ୍ୟ ବିଚାର'। ବିଶିଷ୍ଟ ଗାନ୍ଧୀ ଗବେଷକ ଡ. ଗୌରାଙ୍ଗ ଚରଣ ପରିଡ଼ା ଓ ତାଙ୍କ ସୁପୁତ୍ର ଡ. ଅବଶ ପରିଡ଼ାଙ୍କ ଗାନ୍ଧୀ ବିଚାର ସମ୍ବଳିତ ପୁସ୍ତକଗୁଡ଼ିକ ପାଠକମାନଙ୍କ ମଧ୍ୟରେ ସତ୍‌ଚିନ୍ତନର ଆଶାଟିଏ ସୃଷ୍ଟି କରିପାରୁଛି।

ବର୍ତ୍ତମାନ ଶ୍ରୀ ପରିଡ଼ାଙ୍କ ଘରେ ଗାନ୍ଧୀ ବିଚାର ଉପରେ ୩ହଜାର ପୁସ୍ତକ ରହିଥିବା ବେଳେ ଉକ୍ତ ପୁସ୍ତକ ଗୁଡ଼ିକ ପାଠ କରି ସେଥିରୁ ସାରାଂଶ କାଢ଼ି ବାପା ଗୌରାଙ୍ଗ ପରିଡ଼ା ଅନେକ ଛୋଟ ଛୋଟ ପୁସ୍ତକ ରଚନା କରିଛନ୍ତି। ଗୌରାଙ୍ଗ ଚରଣ ପରିଡ଼ାଙ୍କ ଲିଖିତ ବା ଓ ପୁ, ଗାନ୍ଧୀ ଚର୍ଚ୍ଚା, ମହାତ୍ମାଙ୍କ ମନକଥା, ଗାନ୍ଧୀ ମହାତ୍ମା, ଆମେରିକା ଭ୍ରମଣ କାହାଣୀ, ମୋହନରୁ ମହାତ୍ମା, ସମୟ ସୁଅ ଆଦି ୧୫ଟି ପୁସ୍ତକ ଏହି ଷ୍ଟଲରେ ସ୍ଥାନୀତ ହୋଇଛି। ସେହିପରି ଡ. ଅବଶ ପରିଡ଼ାଙ୍କ ୪ଟି ପୁସ୍ତକ ସ୍ଥାନୀତ ହୋଇଛି। ରହିଥିବା ଉକ୍ତ ପୁସ୍ତକ ଗୁଡ଼ିକ ହେଉଛି, ବ୍ଲିସ୍ ଅଫ ଇଗ୍‌ନୋରାନ୍ସ (ଆଫ୍ରିକା ଓ ଭାରତୀୟ ସ୍ଥାନୀୟ ସଂସ୍କୃତି ପର୍ଯ୍ୟବେଶିତ ଗବେଷଣା ପୁସ୍ତକ), ଅନ ଦି ସ୍କାୟାର (ସ୍ତମ୍ଭ ସାହିତ୍ୟ), ଅନଫୋଲଡିଂ (ଗବେଷଣା ଭିତ୍ତିକ ସ୍ତମ୍ଭ ସାହିତ୍ୟ ପୁସ୍ତକ) ନବୀନ ଆଟ୍‌୨୫ ( ଏକ ଅଧ୍ୟାୟ) ଆଦି ପୁସ୍ତକ ପାଠକଙ୍କୁ ଏହି ଷ୍ଟଲକୁ ଟାଣି ଆଣିଛି। ଏହାସହିତ ଡ. ପରିଡ଼ାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ 'ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ' ବେଶ୍ ଚର୍ଚ୍ଚାରେ ରହିଛି। ଏଥିରେ ଦୈନିକ 'ସକାଳ'ରେ ପ୍ରକାଶ ପାଇଥିବା ଗାନ୍ଧୀଙ୍କ ଉପରେ ଆଧାରିତ ୭୨ଟି ଆଲେଖ୍ୟ ସ୍ଥାନୀତ ହୋଇଛି।

## ରାମକୃଷ୍ଣ ମିଶନ ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୧୬।୧୨(ସମିସ): ପରିବେଶ ସୁରକ୍ଷା ଓ ଜୀବନ ସୁରକ୍ଷା ଏକ ଆଲୋଚନାଚକ୍ରରେ ପରିବେଶ ପ୍ରଦୂଷଣ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ଏହାକୁ ଏକ ଆହ୍ୱାନ ଭାବେ ନିଆଯାଇଛି। ମୁଖ୍ୟ ଅତିଥି ଏମ୍ସ ଅଧିକ୍ଷକ ପ୍ରଫେସର ଡା. ଦିଲୀପ କୁମାର ପରିଡ଼ା କହିଲେ ପ୍ରକୃତି ତା ବାଟରେ ଚାଲିଛି ଆମେ ତାକୁ ରୋକିବା ପାଇଁ ସବୁବେଳେ ଚେଷ୍ଟା କରୁଛୁ। ମୁଖ୍ୟବକ୍ତା ପୂର୍ବତନ କୁଳପତି ଡଃ କୁମର ବର ଦାସ, ଆଇଏମ୍‌ଏମଟି ବୈଜ୍ଞାନିକ ମନୀଷ କୁମାର, ବରିଷ୍ଠ ସାମ୍ବାଦିକ ସ୍ୱରୂପ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ଓ ଜୀବନ ରକ୍ଷା ବିଷୟରେ ବକ୍ତୃତା ପ୍ରତିଯୋଗିତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଥିରେ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସମାଜସେବୀ, ସାମ୍ବାଦିକ ଓ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଓଡ଼ିଆ ଅସ୍ମିତାର ପରିଚୟ ଅ ରୁ କ୍ଷ' ପ୍ରଦର୍ଶନୀ



ଭୁବନେଶ୍ୱର, ୧୬।୧୨(ସମିସ): ବିଦ୍ୟା ଫାଉଣ୍ଡେସନ୍ ପକ୍ଷରୁ 'ଓଡିଆ ଅସ୍ମିତାର ପରିଚୟ ଅ ରୁ କ୍ଷ' ଶୀର୍ଷକ ସ୍ତମ୍ଭଆଲେଖ୍ୟ ପ୍ରଦର୍ଶନୀ ମଙ୍ଗଳବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ସ୍ତମ୍ଭକାର ପ୍ରହ୍ଲାଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳ ଉପସଭାପତି ଦୀପକ ମାଳବ୍ୟ, ଅଧ୍ୟାପକ ବିଶ୍ୱରଞ୍ଜନ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରଗତିବାଦୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଡିଜି ସୁଧାଂଶୁ ଷଡ଼ଙ୍ଗୀ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍ ଅଧ୍ୟକ୍ଷା ଡା. ସୁଦୀପ୍ତା ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ, ସମ୍ପାଦିକା ସିମନ୍ତିନି ଜେନା ଓଡିଆ ଅସ୍ମିତା ଓ ସ୍ତମ୍ଭ ଆଲେଖ୍ୟ ସମ୍ପର୍କରେ ଓ ସଂଗଠକ ଦେବୀପ୍ରସାଦ ପୃଷ୍ଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ବାବଦରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଇତିଶ୍ରୀ ନାୟକ ଓ ଗାର୍ଗୀ ଶତପଥିଙ୍କୁ 'ଲେଖନୀ ଧାରା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କଲେଜ୍ ଓ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ। ସଙ୍ଗୀତା ଦାସ ଧନ୍ୟବାଦ୍ ଦେଇଥିଲେ।

## ● ୧୪ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍
## ୩-୦ ଗୋଲ୍‌ରେ ରାଜଧାନୀ ଏଫ୍‌ସି ବିଜୟୀ



ବଡ଼ରଘୁନାଥପୁର, ୧୬।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲାକ ଟାଇଗର ଭୁବନେଶ୍ୱର ଓ ରାଜଧାନୀ ଏଫ୍‌ସି ଜଗତସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜଧାନୀ ଏଫ୍‌ସି ୩-୦ ଗୋଲରେ ବ୍ଲାକ ଟାଇଗର ଭୁବନେଶ୍ୱରକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଜଳନ୍ଧର ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଆଜିର ଏହି ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ଜଟଣୀ ନିର୍ବାଚନ ମଣ୍ଡଳୀର ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଶାରଳା ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ସେଖବତ ଖାଁ, ମଙ୍ଗଳ ସିଂ, ସୁଜିତ୍ ରଂସ୍ ପରିଚାଳନା କରିଥିଲେ। ଆସନ୍ତା କାଲିର ମ୍ୟାଚ୍ ବକ୍ସର ୱାରିଅର୍ସ ବିହାର ଓ ଜଗା ୟୁନାଇଟେଡ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

## 'ବିଜୁବାବୁଙ୍କ ସହ କାମ କରିଛନ୍ତି ପ୍ରଶାନ୍ତ ମହାପାତ୍ର'



ଭୁବନେଶ୍ୱର, ୧୬।୧୨(ସମିସ): ଗୀତ ଗୋବିନ୍ଦ ସଦନରେ ମଙ୍ଗଳବାର ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ପ୍ରଶାନ୍ତ ମହାପାତ୍ରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ପୁରୁଣା ଭୁବନେଶ୍ୱରର ଏହି ଯୁବ ନେତା ପ୍ରଶାନ୍ତ ମହାପାତ୍ର ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଅତି ନିକଟତର ଥିଲେ। ବିଜୁବାବୁ ଯେଉଁ ସମୟରେ ଯେଉଁ ଦାୟିତ୍ୱ ଦେଉଥିଲେ ସେ ତାହାକୁ ସଠିକ୍ ଭାବେ ନିର୍ବାହ କରୁଥିଲେ ଏବଂ ସେ କେବେ ହେଲେ ନିଜ ସ୍ୱାର୍ଥପ୍ରତି ଧ୍ୟାନ ଦେଉ ନ ଥିଲେ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମାଜସେବା, ସାମ୍ବାଦିକତା, ଶିଳ୍ପୀ, ଓ ଆଇନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫ ଜଣଙ୍କୁ ପ୍ରଶାନ୍ତ ମହାପାତ୍ର ସ୍ମୃତି କମିଟି ତରଫରୁ ସାମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥିଭାବେ ବିଜେଡି ନେତା ଅରୂପ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ସମାଜସେବୀ ହରପ୍ରିୟା ପାଣିଗ୍ରାହୀ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜନତା ଦଳର ପୂର୍ବତନ ଛାତ୍ରନେତା ସମରେନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ ଅଧ୍ୟକ୍ଷତା କରିଥିଲେ କମିଟିର ଆବାହକ ଶ୍ରୀହର୍ଷ ହୋତା। ସ୍ୱର୍ଗତ ପ୍ରଶାନ୍ତ ମହାପାତ୍ରଙ୍କ ଧର୍ମପତ୍ନୀ ରଶ୍ମୀ ମହାପାତ୍ର କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସରୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ଫାଇନାଲରେ ଜଗା ୟୁନାଇଟେଡ



ନନ୍ଦନକାନନ/ବାରଙ୍ଗ, ୧୬।୧୨(ସମିସ): ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର କୁଆଖାଇ ନଦୀପଠା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦିବସରେ ସହରାଞ୍ଚଳ ବିଭାଗରେ ଭୁବନେଶ୍ୱର ଜଗା ୟୁନାଇଟେଡ଼ ଫାଇନାଲକୁ ଯାଇଛି। ତୃତୀୟ ଦିନରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ସହରାଞ୍ଚଳ -୨ଟି, ଗ୍ରାମାଞ୍ଚଳ-ଏ ୪ଟି ଓ ଗ୍ରାମାଞ୍ଚଳ -ବିର ୪ଟି ମୋଟ ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ସହରାଞ୍ଚଳ ମ୍ୟାଚଟି ଓଡ଼ିଶା ପୁଲିସ ସହିତ ଜଗା ୟୁନାଇଟେଡ଼ ମଧ୍ୟରେ କଡା ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ଜଗା ୟୁନାଇଟେଡ଼ ଏକ ଫିଲଡ ସ୍କୋର କରି ଆଗୁଆ ରହିଥିବାବେଳେ ଖେଳକୁ ସମାନ ସ୍ତରକୁ ଆଣିବା ପାଇଁ ଗୋଟିଏ ଗୋଲ ପିଛା ଦର୍ଶକ ଦରବାର ପକ୍ଷରୁ ୫ହଜାର ଟଙ୍କାର ଅର୍ଥରାଶି ଗୋଷଣା କରାଯାଇଥିଲା। ଓଡ଼ିଶା ପୁଲିସ ଦ୍ୱିତୀୟାର୍ଦ୍ଧରେ ଗୋଲଟି ପରିଶୋଧ କରି ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲା। ଟାଏ ବ୍ରେକର ଜରିଆରେ ଖେଳ ନିର୍ଣ୍ଣାୟକ କରାଯାଇଥିଲା। ଏଥିରେ ଜଗା ୟୁନାଇଟେଡ଼ ୫-୪ ଗୋଲରେ ବିଜୟ ହୋଇ ଫାଇନାଲ ଖେଳିବାକୁ ପ୍ରଥମ ଦଳ ଭାବେ ଜାଗା ପକା କରିଛି। ଗ୍ରାମାଞ୍ଚଳ 'ଏ'ଡିଭିଜନର ପ୍ରଥମ ମ୍ୟାଚରେ ମୁଣ୍ଡମୁହାଣ କ୍ଲବ ୨-୦ଗୋଲରେ ପୂରଣ କ୍ଲବକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି। ଦ୍ୱିତୀୟ ମ୍ୟାଚ ବେଲଗଛିଆ ସହିତ ପ୍ରତାପ ନଗରୀ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ପ୍ରତାପନାଗରୀ ୩-୨ଗୋଲରେ ବେଲଗଛିଆକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି। ଗ୍ରାମାଞ୍ଚଳର-ବି'ରେ ଟାଙ୍ଗିବନ୍ତ ଟାଇ ବ୍ରେକର ଜରିଆରେ ୪-୩ ଗୋଲ ବଳରେ ଦେଉଳିକୁ ହରାଇ କ୍ୱାର୍ଟରକୁ

**■ କ୍ୱାର୍ଟରକୁ ଗଲେ ଟାଙ୍ଗିବନ୍ତ, ବୋଧପୁର, ମୁଣ୍ଡମୁହାଁଣ, ପ୍ରତାପନଗରୀ**

ଉନ୍ନୀତ ହୋଇଛି। ଦ୍ୱିତୀୟ ମ୍ୟାଚରେ ବୋଧପୁର ୫-୩ଟାଏ ବ୍ରେକର ଜରିଆରେ ଇସଲାମଚାନ୍ଦକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ଶ୍ରୀମୟୀ ମିଶ୍ର ଯୋଗଦେଇଥିବାବେଳେ ସମ୍ମାନୀତ ଅଥିତିଭାବେ ବାରଙ୍ଗ ଟ୍ରକ ଆସୋସିଏସନ ସଭାପତି ବିଜୟ ପଣ୍ଡା, ଭାସ୍କର ଚନ୍ଦ୍ର ରାଉତ, ଜିତେନ୍ଦ୍ର ସେନାପତି, ମନୋଜ ଦାସ, କାଶୀନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡିକୁ ରେଫରୀ ସୁଦୀପ୍ତ ଦାସ, ବ୍ରହ୍ମାନନ୍ଦ ଭୋଇ, ସଞ୍ଜୀବ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ।

## ୧୯୭୧ ଯୁଦ୍ଧର ୫୪ ତମ ବିଜୟ ଦିବସ



ବାଲିପାଟଣା, ୧୬।୧୨(ସମିସ): ଭେଟରାନ ସୋଲ୍ଡର ସଂଗଠନ ତରଫରୁ ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଳିଶି ଶାସନସ୍ଥିତ ଗୋପୀନାଥ ଯୁବ ସଙ୍ଘ କାର୍ଯ୍ୟାଳୟ ପରିସରରେ ୧୯୭୧ ବାଂଲାଦେଶ ଯୁଦ୍ଧର ବିଜୟ ଦିବସ ପାଳନ କରାଯାଇଛି। ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ସାମରିକ ଅଧିକାରୀ ଜଗବନ୍ଧୁ ବେହେରା, ମହେଶ୍ୱର ସେଠୀ, ଶଙ୍କର ବାରିକ, ରମେଶ ଚନ୍ଦ୍ର ଚଇନି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନା ଓ ଅଜୟ କୁମାର ଦାସ, ବିନୋଦ ବେହେରା, ଚିତ୍ତରଞ୍ଜନ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ବହୁ ଭେଟରାନ ସୈନିକ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଜୟ ଦିବସ ସମ୍ପର୍କରେ ବକ୍ତୃତା ଦେଇଥିଲେ। ସଫଳ ବ୍ୟକ୍ତିମାନଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଷ୍ମନ୍ତ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୧୧ ଦିନରେ ରାଜ୍ୟ ପୁସ୍ତକ ମହୋତ୍ସବ
# ଷ୍ଟଲରେ ଲିଙ୍ଗରାଜ ମନ୍ଦିରର ଅଭିଲେଖ

ଭୁବନେଶ୍ୱର, ୧୬।୧୨(ସମିସ): ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫' ୧୧ ଦିନରେ ପହଞ୍ଚିଛି। ଚଳିତ ବର୍ଷ ପୁସ୍ତକମେଳାରେ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଖୋଲାଯାଇଥିବା ଷ୍ଟଲରେ ପ୍ରଦର୍ଶିତ ହୋଇଛି ଲିଙ୍ଗରାଜ ମନ୍ଦିରର ଅଭିଲେଖ। ୧୧୩୪ ଖ୍ରୀଷ୍ଟାବ୍ଦର ଏହି ଅଭିଲେଖାରେ ବର୍ଣ୍ଣନା କରାଯାଇଛି ଯେ, ରାଜା ଚୋଡ଼ଗଙ୍ଗଦେବ ମହିଷୀ ସତ୍ୟ କିର୍ତ୍ତୀବାସେଶ୍ୱର ବା ଲିଙ୍ଗରାଜଙ୍କୁ ଏକ ଅଖଣ୍ଡ ଦୀପ ପ୍ରଦାନ କରିଥିଲେ। ଏଥିପାଇଁ ସେ କୋଟିବ ବିଷୟରେ ଥିବା ଗନ୍ଧବଣ ଗ୍ରାମବାସୀଙ୍କ ନିକଟରେ ୫ଟି ସୁବର୍ଣ୍ଣମାଢ(ମୁଦ୍ରା) ଜମା ରଖିଥିଲେ। ଏହି ଅର୍ଥରୁ ମିଳିଥିବା ସୁଧ ରାଶିରୁ ବର୍ଷକୁ ୩କୁଞ୍ଚ ତେଲ ଏହି ଦୀପରେ ଜଳିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଶିଳାଲେଖ ପ୍ରତ୍ନ ନାଗରୀ ଲିପି ଓ ସଂସ୍କୃତି ଭାଷାରେ ଲିଖିତ ଥିବା ବେଳେ ଲିଙ୍ଗରାଜ ମନ୍ଦିର ଉତ୍ତରପଟରେ ରହିଥିବା ଜଗମୋହନରେ ରହିଛି। ସେହିପରି ପ୍ରଦର୍ଶିତ ହୋଇଥିବା ୧୧୩୧ ଖ୍ରୀଷ୍ଟାବ୍ଦର




ଅଭିଲେଖରେ ଗଙ୍ଗବଂଶର ରାଜା ଚୋଡ଼ଗଙ୍ଗଦେବ ଶ୍ରୀ କୀର୍ତ୍ତିବାସଙ୍କ ନିକଟରେ ଏକ ଅଖଣ୍ଡ ଦୀପ ପ୍ରଦାନ କରିଥିଲେ। ଏଥିନିମନ୍ତେ ସେ କଳମ୍ବୋର ବିଷୟରେ ରଙ୍ଗି ଗ୍ରାମ ନିବାସୀ ପ୍ରାଧାନ୍ୟ କୁମାର ଦେବ ସମୟ ରାୟ ଓ ବିନୟ ନାରାୟଣ ପ୍ରଭୃତିଙ୍କ ଉପସ୍ଥିତିରେ ୫ଟି ସୁବର୍ଣ୍ଣମାଢ଼(ମୁଦ୍ରା) ପ୍ରଦାନ କରିଥିଲେ। ଏହି ଅର୍ଥରୁ ମିଳିଥିବା ସୁଧ ରାଶିରୁ ୩୦କୁଞ୍ଚ ତେଲ ଏହି ଅଖଣ୍ଡ ଦୀପ ପ୍ରଜ୍ୱଳନ ନିମନ୍ତେ ବ୍ୟବସ୍ଥା କରିଥିବାର ଅଭତିଲେଖରୁ ଦସୂଚନା ମିଳେ। ଏହାସହ ଦ୍ୱାଦଶ ଶତାବ୍ଦୀର ଚୋଡ଼ଗଙ୍ଗଦେବଙ୍କର ଉତ୍ତରାଧିକାରୀ ରାଘବଦେବଙ୍କ ଅଭିଲେଖରୁ ଜଣାଯାଏ ଯେ, ମେଢ଼ମଦେବୀଙ୍କ ନାମରେ ଜଣେ ସମ୍ଭ୍ରାନ୍ତବଂଶୀୟ ମହିଳା ନିଜର ଏବଂ ପିତାମାତାଙ୍କର ପୁଣ୍ୟ ଅଭିବୃଦ୍ଧି ନିମନ୍ତେ କୃତିବାସ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ ପାଇଁ ଦେବଧରପୁର ଅନ୍ତର୍ଭୁକ୍ତ ବାହାଡ଼େ ଖଣ୍ଡକ୍ଷେତ୍ର ନାମରେ ଏକ ଖଣ୍ଡ ଜମି, କୁର୍ମପାଟକ ନିବାସୀ ଶ୍ରେଷ୍ଠୀ ପ୍ରଧାନ ଜୟଦେବଙ୍କ ସହିତ ମିଳିତ ଭାବେ ଦାସପୁର ଗ୍ରାମର ଶ୍ରେଷ୍ଠୀଙ୍କ ଠାରୁ କ୍ରୟ କରି ଉକ୍ତ ମନ୍ଦିର ଉଦ୍ଦେଶ୍ୟରେ ଦାନ କରିଥିଲେ। ଏସେହିପରି ୧୧୧୨ରେ ଶତାବ୍ଦୀରେ ଅନନ୍ତବର୍ମ ଦେବଙ୍କ ଦ୍ୱାରା ଲେଖାଯାଇଥିବା ଗଙ୍ଗବଂଶର ପ୍ରଥମ ଅଭିଲେଖ ମଧ୍ୟ ପ୍ରଦର୍ଶିତ ହୋଇଛି। ଯାହାକି କେବଳ ପୁସ୍ତକ କିଣିବାକୁ ଆସୁଥିବା କିମ୍ବା ପାଠକଙ୍କୁ ନୁହେଁ ବିଶେଷ କରି ଗବେକେଙ୍କୁ ବେଶ୍ ଆକୃଷ୍ଟ କରୁଛି।

## ଟୋକନ ସମସ୍ୟାକୁ ନେଇ ହନ୍ତସନ୍ତ ଅନ୍ନଦାତା

# ଧାନ୍ ଘିନରେ ଧାନ୍ ଘିନ, ସରକାର୍ ନାଇଁ ଘିନ୍‌ବାର୍ ଧାନ୍ ଘିନ







ସମ୍ବଲପୁର, ୧୬।୧୨ (ସମିସ) :

ସମ୍ବଲପୁର ଜିଲ୍ଲାରେ ଖରିଫ ଧାନ ବିକ୍ରୟ କରିବାକୁ ନେଇ ହନ୍ତସନ୍ତ ହେଉଛି ଚାଷୀ। ପୁଣି ରବି ଫସଲ ପାଇଁ ପହ୍ଲା ପକା, ରୁଆଆଦିର ସମୟ ହୋଇଯାଇଛି। ଧାନନେଇ ଜଗି ବସିଛି ଚାଷୀ, ସରକାର ଦେଉନାହାନ୍ତି ଟୋକନ। ଟୋକନ ଦାବିକରି ୧୨ ତାରିଖରେ ଚାଷୀମାନେ ରାସ୍ତାରୋକ କରିଥିଲେ। ସରକାର ସମାଧାନ କରିବା ବଦଳରେ ଚାଷୀଙ୍କୁ ଗିରଫ କରିଥିଲା। ଏବେ ଟୋକନ ସମସ୍ୟାକୁ ନେଇ ଚାଷୀ ଆନ୍ଦୋଳନମୁହାଁ। ଆସନ୍ତା ୧୯ ତାରିଖ

### ରାସ୍ତାରେ ଧାନ ବିକିଲେ ଚାଷୀ

ଚାଷୀ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ପୁଣି ଆଜି ପୂର୍ବାହ୍ନରେ ଚାଷୀମାନେ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ରାଜରାସ୍ତାରେ ଧାନବସ୍ତା ନେଇ ଖେଜା (ପୁଡ଼ିଆ), ତାମ୍ବି, ତରାଜୁ ସହ ଧାନ ବିକ୍ରୟ କରିଥିଲେ। ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ସମ୍ବଲପୁର ବିଧାୟକ ଆସି ଟୋକନ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଚାଷୀମାନେ ତାହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଚାଷୀମାନେ ଆସନ୍ତା ୧୮ ତାରିଖରେ ବାଇକ୍ ରାଲି ଏବଂ ୧୯ ତାରିଖରେ ସମ୍ବଲପୁର ବନ୍ଦ କରିବେ ବୋଲି ସୂଚନା ଦେଇଛନ୍ତି।

ଆଜି ଚାଷୀର ଅସନ୍ତୋଷ ଏବଂ ଚାଷୀର ରୋଶ ପଦାକୁ ପଡ଼ିଥିଲା। ପ୍ରଥମଥର ପାଇଁ ରାଜରାସ୍ତାକୁ ଓହ୍ଲାଇଥିଲା ଚାଷୀ। ରାସ୍ତାରେ ବସି ଧାନ ବିକ୍ରୟ କରିଥିଲା। ଧାନ ବିକ୍ରୟ କରିବାସହ ସେମାନେ ଅନ୍ନଦାତା କିଭଳି ସରକାରଙ୍କ ଅବହେଳାର ଶିକାର ହେଉଛି ସେନେଇ ସାଧାରଣ ଜନତାଙ୍କୁ ଅବଗତ କରିଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଆସି ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସଂଲଗ୍ନ ରାସ୍ତା ଏବଂ କଚେରୀ ଛକରେ ଧାନ ବସ୍ତା ଧରି ବସି ରହିଥିଲେ। ଏହାସହ ସେମାନେ ଧାନ ପୁଡ଼ିଆ, ମାଣ ଏବଂ ଓଜନ ପାଇଁ ତରାଜୁ ରଖିଥିଲେ। ଚାଷୀମାନେ ସ୍ଲୋଗାନ ଦେଇଥିଲେ - ସରକାର ନାଇଁ ଘିନ୍‌ବାର୍ ଧାନ ଘିନ ଧାନ ଘିନ, ମୋହନ ମାଝି ସରକାର୍ ହାଏ ହାଏ, କୃଷ୍ଣ ପାତ୍ର ହାଏ ହାଏ, ଧାନ ନାଇଁ ଘିନ୍‌ବାର କୃଷ୍ଣ ପାତ୍ର ଗାଦି ଛାଡ଼, ଶସ୍ତା ହେଲାରେ ଧାନ ଘିନ, ଧାନ ଘିନରେ ଧାନ ଘିନ, ଆମର୍ ଦାବି ନ୍ୟାର୍ଯ୍ୟ ଦାବି - ସରକାର ତୁମେ ମାନିନିଅ, ଲଢ଼େଙ୍ଗେ-ଜିତେଙ୍ଗେ ଆଦି ସ୍ଲୋଗାନ ଦେଇଥିଲେ। ଚାଷୀମାନଙ୍କ ଏହି ପ୍ରତିବାଦସ୍ଥଳକୁ ପ୍ରଶାସନିକ ଅଧିକାରୀ କେହି ଆସିନଥିଲେ। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଅନ୍ୟ ବିଜେଡି କର୍ମକର୍ତ୍ତା ଓ କର୍ମୀମାନଙ୍କ ସହ ଆନ୍ଦୋଳନସ୍ଥଳକୁ ଆସି ଚାଷୀମାନଙ୍କ ଟୋକନ ବିରୋଧି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆସି ଆଜି ସମସ୍ତ ଚାଷୀଙ୍କ ଟୋକନ ଆସିଯିବ ବୋଲି କହିବାସହ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଦୁଇଦିନ ମଧ୍ୟରେ ଏବଂ ବଳକା ଟୋକନ ତା'ପରେ ଆସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ, ଚାଷୀମାନେ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ବିଧାୟକ ଉପସ୍ଥିତ ଥିବା ସମୟରେ ମଧ୍ୟ ଚାଷୀମାନେ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଥିଲା। ଏହାପରେ ବିଧାୟକ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବାକୁ ଯାଉଛି ବୋଲି ସେଠାରୁ ଚାଲି ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚାଷୀମାନଙ୍କ ଧାନକିଣା ପ୍ରସଙ୍ଗ ମଧ୍ୟରେ ଭୁବନେଶ୍ୱରରେ ସମସ୍ତ ନିଷ୍ପତ୍ତି ନନେଇ ସ୍ଥାଣୁ ହୋଇଯାଇଥିବା ଜିଲ୍ଲାସ୍ତରୀୟ ଧାନସଂଗ୍ରହ ସମିତି (ଡିଏଲପିସି)କୁ ଧାନକିଣା ଓ ଟୋକନ ଆଦିର କ୍ଷମତା ଦେବା ଦାବି ରହିଛି। ଅପରାହ୍ଣ ପ୍ରାୟ ୧ଟାବେଳେ ଚାଷୀମାନେ ପରିବା ଓ ଅନ୍ୟ ବିକାଳି ଭଳି ସେମାନଙ୍କ ଧାନବସ୍ତା ନେଇ ଘରକୁ ଫେରି ଯାଇଥିଲେ।

ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଜିଲ୍ଲାର ୬୫ ହଜାରରୁ ପ୍ରାୟ ୨ ହଜାର ଆସିନାହିଁ। ଏହାସହ ପ୍ରାୟ ୩୦ରୁ ୪୦ ହଜାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର ଟୋକନ ଆସିନାହିଁ। ବିଧାୟକ ଆସି କହିଲେ, ବଳକା ଟୋକନ ଆସିଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଦୁଇଦିନ ମଧ୍ୟରେ ଆସିବ ଏବଂ ବଳକା ଟୋକନ ପରେ ଆସିବ। ପୂର୍ବରୁ ଫୁଡ୍ ପୋର୍ଟାଲରେ ଚାଷୀର ସମସ୍ତ ପର୍ଯ୍ୟାୟ ଟୋକନ ଅନ୍‌ଲାଇନରେ ଦେଖାଯାଉଥିଲା। ଏବେ ତାହାକୁ ବନ୍ଦ କରିଦିଆଯାଇଛି। ପୂର୍ବଭଳି ଚାଷୀ ସମସ୍ତ ଟୋକନ ଏକସମୟରେ ଦେଖିପାରିବା ଭଳି ବ୍ୟବସ୍ଥା ତୁରନ୍ତ କରାଯାଉ। କେବଳ ଦ୍ୱିତୀୟ ଟୋକନ ଆସିଗଲେ ସମସ୍ୟାର ସମାଧାନ ହେବନାହିଁ। ଆଜି ରାସ୍ତାରେ ପ୍ରତିବାଦ ଆନ୍ଦୋଳନ କରାଯାଇଛି, ୧୮ରେ ବାଇକ୍ ରାଲି କରି ସମସ୍ତ ଜନସାଧାରଣ ତଥା ସମସ୍ତ ସଂଘଙ୍କୁ ଅନ୍ନଦାତା ମାନଙ୍କ ସହ ୧୯ ତାରିଖ ବନ୍ଦରେ ସହଯୋଗ ପାଇଁ ଅନୁରୋଧ କରାଯିବ। ଯୋଗାଣ ମନ୍ତ୍ରୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ବିରୋଧ କରି ଶ୍ରୀ ଠାକୁର କହିଲେ ଯେ, ଯୋଗାଣ ମନ୍ତ୍ରୀ ପ୍ରଥମେ କୃଷି ବିଭାଗକୁ ବନ୍ଦ କରନ୍ତୁ ଯେଉଁମାନେ ଧାନ ଉତ୍ପାଦ ବଢ଼ାଇବା ପାଇଁ ହାଇବ୍ରିଡ ବିହନ, ଭିଟାମିନ ଆଦି ବତାଇବା ସହ ଚାଷୀକୁ ତାଲିମ ଦେଉଛନ୍ତି। ଯେତେବେଳେ ଉତ୍ପାଦନ ହେବ ସେତେବେଳେ ତାଲିମ ଦେବ ଏବଂ ଚାଷୀ ଉତ୍ପାଦନ କରିବାପରେ କହିବ ରାସ୍ତାରେ ଫିଙ୍ଗିଦିଅ, ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଥିଲେ।

ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଛନ୍ତି, ଚାଷୀମାନଙ୍କ ସ୍ୱାର୍ଥ ପୂରଣ ହେଉ ଏହା ଆମର ଏକମାତ୍ର ଲକ୍ଷ୍ୟ। ତାଙ୍କ ପ୍ରତି ଯେଉଁ ଅନ୍ୟାୟ ହେଉଛି ମୋହନ ସରକାରଙ୍କ ଦ୍ୱାରା ତାହାର ନ୍ୟାୟ ମିଳୁ। ଚାଷୀମାନଙ୍କୁ ଟୋକନ ମିଳୁ ଏବଂ ସେମାନଙ୍କ ଧାନ ବିକ୍ରୟ ହେଉ। ବିଜେପିର ନେତାମାନେ ବିଗତ ଦିନରେ ଆସି ଚାଷୀ ଆନ୍ଦୋଳନରେ ସାମିଲ ହେଉଥିଲେ କିନ୍ତୁ ଏବେ ସେମାନଙ୍କର ଦେଖାନାହିଁ। ଆମେ ସରକାରରେ ଥିବାବେଳେ ଚାଷୀମାନଙ୍କ ସମସ୍ତ ଆନ୍ଦୋଳନରେ ଆସି ଛିଡ଼ା ହୋଇଛୁ, ଆଜି ବି ଅଛୁ ଏବଂ ଆଗକୁ ମଧ୍ୟ ସମର୍ଥନ ରହିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ବିଷୟରେ ଜଣାଇଲେ, ସେମାନେ ସହମତ ହେଉନାହାନ୍ତି, ମୁଁ ପୁଣି ସରକାରଙ୍କ ସହ କଥାବାର୍ତ୍ତା ହେବି। ସମାଧାନର ସୂତ୍ର ଶୀଘ୍ର ବାହାର କରାଯିବ। ସରକାର ୭୫ କ୍ୱିଣ୍ଟାଲର ଟୋକନ ଦେଇ ସାରିଛନ୍ତି, ଆଜି କିମ୍ବା କାଲି ସୁଦ୍ଧା ଆଉ ୭୫ କ୍ୱିଣ୍ଟାଲର ଟୋକନ ଦିଆଯିବ, ପରେ ବଳକା ଧାନର ଟୋକନ ଦିଆଯିବ। ସାତଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ତାଙ୍କ ଧାନ ଉଠାଇ ଦିଆଯିବ। ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ବିଷୟରେ ବିଧାୟକ ଶ୍ରୀ ମିଶ୍ର କହିଲେ ଯେ, ତାହାକୁ ଭୁଲ ଇଣ୍ଟରପ୍ରିଟ୍ କରାଯାଇଛି।

### ୧୯ରେ ସମ୍ବଲପୁର ବନ୍ଦ

ସମ୍ବଲପୁର ଜିଲ୍ଲାରେ ଗତ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିବା ସତ୍ତ୍ୱେ ଧାନ କିଣାବିକା ଆରମ୍ଭ ହୋଇନଥିଲା। ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଜାତୀୟ ରାଜପଥଠାରେ ଅର୍ଥନୈତିକ ଅବରୋଧ କରିବାପରେ ହିଁ ଧାନ ଉଠିଥିଲା। ତେବେ, ଟୋକନ ନ ମିଳିବାରୁ ପୁଣି ଚାଷୀମାନେ ଗତ ୧୨ ତାରିଖ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଓ ଧମା ହୁମା ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଚାଷୀମାନଙ୍କୁ ପୁଲିସ ଗିରଫ କରିଥିଲା। ଏଥିରେ ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା ସତ୍ତ୍ୱେ ମଣ୍ଡି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିନପାରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଗତ ରବିବାର ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ବରେଇପାଲି ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଟୋକନ ପାଇଁ ଆସନ୍ତା ୧୯ ତାରିଖରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ୧୮ ତାରିଖରେ ଚାଷୀମାନେ ସମ୍ବଲପୁରରେ ବିଶାଳ ବାଇକ୍ ରାଲି କରିବେ। ସମ୍ବଲପୁର ବନ୍ଦରେ ସହରବାସୀ, ଶ୍ରମିକ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସହ ଜଡ଼ିତ ସମସ୍ତ ଅନୁଷ୍ଠାନ, ସାମାଜିକ- ସାଂସ୍କୃତିକ ସଂଗଠନଙ୍କୁ ଯୋଡ଼ିବାକୁ ଚାଷୀମାନେ ଉଦ୍ୟମ କରୁଛନ୍ତି।

# ଚାଷୀ ଆନ୍ଦୋଳନ ଭଣ୍ଡୁର କରିବାକୁ ଚକ୍ରାନ୍ତ:ବିଜେଡି



ସମ୍ବଲପୁର, ୧୬।୧୨ (ସମିସ) : ଆସନ୍ତା ୧୯ ତାରିଖ ସମ୍ବଲପୁର ବନ୍ଦ କରିବେ ଚାଷୀ। ଏହାକୁ ଭଣ୍ଡୁର କରିବାକୁ ବିଜେପି ପକ୍ଷରୁ ଉଦ୍ୟମ କରାଯାଉଥିବା ବିଜେଡି ଅଭିଯୋଗ କରିଛି। ଏହାସହ ବିଜେଡି ପକ୍ଷରୁ ଚାଷୀ ସମସ୍ୟା ତଥା ସମ୍ବଲପୁରର ବିଭିନ୍ନ ସମସ୍ୟାରେ ବିଜେପିର ମିଥ୍ୟା ଆକ୍ଷେପକୁ ପ୍ରତିବାଦ କରାଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ଠାରେ ମଙ୍ଗଳବାର ଅପରାହ୍ଣରେ ବିଜେଡି ଜିଲ୍ଲା ଉପସଭାପତି ବସନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀ ସମସ୍ୟାଠାରୁ ଆରମ୍ଭ କରି ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଓ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଭଳି ବିଭିନ୍ନ ପ୍ରସଙ୍ଗ ଉଠାଯାଇଥିଲା।

ଚାଷୀମାନଙ୍କ ସମସ୍ୟାକୁ ନେଇ ବେଣୁଧର ଦାସ କହିଲେ ଯେ, ବିଜେପି ଶାସିତ ସରକାରୀ ଦଳର କିଛି କର୍ମୀ ଓ କର୍ମକର୍ତ୍ତା ଯେଉଁଭଳି ଭାବରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀଙ୍କୁ ବିଭିନ୍ନ ମିଥ୍ୟା ଆରୋପ ଲଗାଇ ଚାଷୀ ତଥା ଜନସାଧାରଣଙ୍କ ଭିତରେ ପ୍ରଚାର କରିବା ପାଇଁ ଯେଉଁ ଚେଷ୍ଟା କରୁଛନ୍ତି ତାହା ନିନ୍ଦନୀୟ। ବିଜେପି କର୍ମୀ ଓ କର୍ମକର୍ତ୍ତା ସତ୍ୟାସତ୍ୟ ନଜାଣି ଇଂ ପୂଜାରୀ ଟୋକନ୍ ସମସ୍ୟା କଥା ବିଗତଦିନରେ ବିଧାନସଭାରେ ନଉଠାଇବା ଏବଂ ଚାଷୀ ଆନ୍ଦୋଳନକୁ ବିଗତ ଦିନରେ ସମର୍ଥନ ନକରିବା କଥା ପ୍ରସଙ୍ଗ କରୁଛନ୍ତି। ହାଇକୋର୍ଟ ବେଞ୍ଚ ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିନ୍ଦା କରାଯାଉଥିଲା। କିନ୍ତୁ ବିଜେପି ସରକାର ଆସିବାର ୧୮ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ବଲପୁର ବା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ କୌଣସି ପଦକ୍ଷେପ ନିଆ ନଯିବା ଡବଲ ଇଞ୍ଜିନ ସରକାରର ମାନସିକତାକୁ ଦର୍ଶାଉଛି। ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା କଥାକୁ ନେଇ ବିଗତ ରାଜ୍ୟ ସରକାର ଚିଠି ଓ ପ୍ରସ୍ତାବ ଦେଇ ସାରିଥିବାବେଳେ କ'ଣ ପାଇଁ ଓ କିଭଳି ଏହାକୁ ଅନୁମୋଦିତ କରିବାପାଇଁ କିଛି ପଦକ୍ଷେପ ନେଉଛନ୍ତି ତାହା ଜନସାଧାରଣ ଅନୁଭବ କରିଲେଣି ବୋଲି ମତପ୍ରକାଶ ପାଇଥିଲା।

ଚାଷୀ ବାରମ୍ବାର ଏଥର ଖରିଫ ଋତୁରେ ଆନ୍ଦୋଳନ କଲାବେଳେ ବିଜେପିର କୌଣସି ବରିଷ୍ଠ ନେତୃତ୍ୱ ଓ କର୍ମୀ ତଥା ପ୍ରଶାସନ ସେମାନଙ୍କ ସମସ୍ୟାର ସମାଧାନ କରିନଥିଲେ। ଏହା ପରିବର୍ତ୍ତେ ସେମାନଙ୍କୁ ଗିରଫ କରାଯାଇଥିଲା। ଆଜି ଚାଷୀ ଆନ୍ଦୋଳନବେଳେ ବହୁଦିନ ପରେ ବିଧାୟକ ଜୟ ନାରାୟଣ ମିଶ୍ର ସେଠାରେ ପହଞ୍ଚି ହୀନ ରାଜନୀତି କରିଛନ୍ତି ବୋଲି ବିଜେଡି କହିଛି। ସର୍ବପ୍ରଥମେ ଚାଷୀମାନଙ୍କ ସମସ୍ୟାର ସମାଧାନ ହେଉ ବୋଲି ଇଂ ପୂଜାରୀ ଦାବି କରିଛନ୍ତି। ବିଜେପି ନେତାମାନେ ପ୍ରତ୍ୟେକ ଘଟଣାର ମୂଳକୁ ଯାଇ ତଥ୍ୟସଂଗ୍ରହ କରି ବିବରଣୀ ପ୍ରଦାନ କରନ୍ତୁ, କେବଳ ବିରୋଧୀ ଦଳ ବା ଏହାର ସଭାପତି ଇଂ ରୋହିତ ପୂଜାରୀଙ୍କୁ ଆକ୍ରମଣ ଓ ବିରୋଧ କରିବା ପାଇଁ ମିଥ୍ୟା ତଥ୍ୟ ପ୍ରଦାନ କରନ୍ତୁ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ ନେତା ଅଶୋକ ସେନାପତି, ବେଣୁଧର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ସୁରୁବାବୁ ମେହେର, ଜୋନ ସୋସିଆଲ ମିଡ଼ିଆ ସଂଯୋଜକ ସୁବାସ ଜେନା, ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାସ, ଜୋନ ଯୁବ ସଭାପତି ଦେବାଶିଷ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ଯୁବ ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ ମରେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦ ଡାକରାକୁ ଶ୍ରମିକ ସଙ୍ଗଠନର ସମର୍ଥନ



ସମ୍ବଲପୁର, ୧୬।୧୨ (ସମିସ) : ସାମ୍ବାଦିକ ଭବନଠାରେ ଆଜି ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଡିସେମ୍ବର ୧୯ରେ କୃଷକ ସଂଗଠନ ପକ୍ଷରୁ ହେବାକୁଥିବା ବନ୍ଦ ଡାକରାକୁ ସମର୍ଥନ କରିବା ପାଇଁ ଆଲୋଚନା ହୋଇଥିଲା। ଆଲୋଚନାରେ ଧାନ ବିକ୍ରୟରେ ବିଳମ୍ବ, ଟୋକନ ପାଇଁ ମଣ୍ଡିରେ ଅବ୍ୟବସ୍ଥା, ରାଜ୍ୟସ୍ତରରୁ ମଣ୍ଡିକୁ ନିୟନ୍ତ୍ରଣ, କଟନୀଛଟନୀ, ରାଜ୍ୟସ୍ତରୀୟ ନିୟନ୍ତ୍ରଣ ପରିବର୍ତ୍ତେ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟିକୁ କ୍ଷମତା ପ୍ରଦାନ ପ୍ରଭୃତି ଦାବି ପାଇଁ ଆନ୍ଦୋଳନର ଡାକରା ଯଥାର୍ଥ ଅଟେ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ। ଏହାପୂର୍ବରୁ ସମ୍ବଲପୁରରେ ହୋଇଥିବା ରାସ୍ତାରୋକ ଆନ୍ଦୋଳନରେ ଚାଷୀମାନଙ୍କୁ ଗିରଫ କରାଯିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ବୈଠକରେ ହିନ୍ଦ ମଜଦୁର ସଭାର ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ସିଟୁର ମହେଶ୍ୱର ଷଣ୍ଢ, ଲଳିତ ପଟ୍ଟନାୟକ, ଏଆଇଟିୟୁସିରୁ ରବୀନ୍ଦ୍ର ମହାନ୍ତି, ଅରୁଣ ଖୁଣ୍ଟିଆ, ଓସ୍ମୁରୁ ସତ୍ୟଜିତ ମହାନ୍ତି, ସୁଶାନ୍ତ ପଟ୍ଟନାୟକ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘରୁ ପ୍ରଣୟ ନାୟକ, ବିଏଜିବିରୁ ଭି ରାମରାଓ, ପ୍ରଦୀପ ପଣ୍ଡା, ପୋଷ୍ଟାଲ ୟୁନିୟନରୁ ରୁପେଶ ବାଘ, ଛାତ୍ରନେତା ମିଲନ ହୋତା, ଓକେକେଏସରୁ ଦେବଜ୍ୟୋତି ପଟ୍ଟନାୟକ, ବିଜୟ ଅଜମେରିଆ, ସୁଶୀଲ ପାଢ଼ୀ, ଅଟୋ ଚାଳକ ମହାସଂଘର ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨୦ ଅଙ୍ଗନବାଡ଼ିକୁ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ସମ୍ବର୍ଦ୍ଧନା



ସମ୍ବଲପୁର, ୧୬।୧୨ (ସମିସ) : ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଓ ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍ (ସିଆଇଏନଆଇ) ମିଳିତ ଭାବରେ ୨୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଆଦ୍ୟ ଶୈଶବ୍ୟ ଯତ୍ନ ଓ ଶିକ୍ଷା ପ୍ରକଳ୍ପ (ଇସିସିଇ) କାର୍ଯ୍ୟକ୍ରମ ଅଧୀନରେ ଆଇଏସଓ ସାର୍ଟିଫିକେସନ୍ ହାସଲ କରିବା ପାଇଁ ଡିସେମ୍ବର ୧୦ରେ ଖଡିଆପାଲିରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବ୍ଲକ୍‌ର ଚାରୋଟି ପଞ୍ଚାୟତର ୧୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମର ଅଙ୍ଗନବାଡି କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛି। ଶିଶୁଙ୍କ ସାମଗ୍ରିକ ବିକାଶ, ଶିଶୁ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ଗୁଣାତ୍ମକ ସେବା ପ୍ରଦାନ କରିଥିବାରୁ ଅଙ୍ଗନୱାଡି ଏହି ପୁରସ୍କାର ହାସଲ କରି ପାରିଛ। କାର୍ଯ୍ୟକ୍ରମରେ ଆଶା। କର୍ମୀ, ଏଏନଏମ, ଏସଏଚ୍‌ଜି, ଅଭିଭାବକ ଏବଂ ପିଲାମାନେ ଉପସ୍ଥିତ ଥିଲେ। ସମ୍ବଲପୁର ଝାରସୁଗୁଡ଼ାର ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ମୁଖ୍ୟ ବିଶାଳ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁରର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଞ୍ଜୁକ୍ତା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସିଆଇଏନଆଇ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳିକା ସାସ୍ୱତୀ ନାୟକ ମହାପାତ୍ର ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରୟାସକୁ ଗୁରୁତ୍ୱାରୋପ କରିଥିଲେ।



ଚାଷୀଙ୍କ ଆନ୍ଦୋଳନ ସମୟରେ ସମ୍ବଲପୁରରେ ପଞ୍ଜାବ ଭାରତୀ କିଷାନ ୟୁନିଅନର ଚାଷୀ ହରପାଲ ସିଂହ ଓ ସରବଜିତ ସିଂହ

# ଛତୁଚାଷୀଙ୍କ ବୈଠକ

ସମ୍ବଲପୁର, ୧୬।୧୨ (ସମିସ) : ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚେରୁଆପଡ଼ା ଛକ ସ୍ଥିତ ଉଦ୍ୟାନ ବିଭାଗର ଡେପୁଟି ଡାଇରେକ୍ଟରଙ୍କ ଅଫିସ ସମ୍ମିଳନୀ କକ୍ଷରେ ଛତୁ ଚାଷୀମାନଙ୍କ ନିମନ୍ତେ ଏକ ବୈଠକ ଆୟୋଜନ ହୋଇଥିଲା। ସଭାରେ ସମ୍ବଲପୁର ଜିଲ୍ଲାର ଛତୁଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ତଥା ଛତୁକୁ ନେଇ କିପରି ବିଭିନ୍ନ ପ୍ରକାରର ଉପ-ଉତ୍ପାଦ ତିଆରି କରାଯାଇପାରିବ ସେବିଷୟରେ ଆଲୋଚନା କରାଯାଇଥିଲା। ଛତୁ ଚାଷୀମାନଙ୍କୁ ସଂଗଠିତ କରିବା ପାଇଁ ବୈଜ୍ଞାନିକ ତଥା ଓୟୁଏଟିର ଅବସରପ୍ରାପ୍ତ ପ୍ରଫେସର ଡଃ ଅଦ୍ୱୈତ କୁମାର ପାତ୍ର ପରାମର୍ଶ ଦେବାସହ ମାର୍ଗଦର୍ଶନ ମଧ୍ୟ କରିଥିଲେ। ଉଦ୍ୟାନ ବିଭାଗ ମୁଖ୍ୟ ବିଭିନ୍ନ ସରକାରୀ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ବୈଠକରେ ଚାଷୀ ହେମନ୍ତ ନାୟକଙ୍କୁ ଜିଲ୍ଲା ସଭାପତି ଏବଂ ଚାଷୀ ଦିବ୍ୟରାଜ ବେରିହାଙ୍କୁ ଜିଲ୍ଲା ସଚିବ ଭାବେ ଚୟନ କରାଯାଇଥିଲା। ସଭାକାର୍ଯ୍ୟ ପରିଚାଳନାରେ ଛତୁଚାଷୀ ଶାନ୍ତି ପ୍ରକାଶ ପ୍ରଧାନ ସହଯୋଗ କରିଥିଲେ।

# ୧୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଭିସୁଟ୍ ପକ୍ଷରୁ 'ଅମୃତ-ପିଢ଼ି: ଛାତ୍ର ଗ୍ଲୋବାଲ୍ ସମିଟ୍'



ସମ୍ବଲପୁର, ୧୬।୧୨ (ସମିସ) : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୁର୍ଲା ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସହଯୋଗରେ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରେକ୍ଷାଳୟରେ 'ଅମୃତ-ପିଢ଼ି: ଛାତ୍ର ଗ୍ଲୋବାଲ୍ ସମିଟ୍ ୨୦୨୫' ଆୟୋଜନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ସମିଟ୍‌କୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସମର୍ଥନ କରୁଛି ଏବଂ ଏହାର କେନ୍ଦ୍ର ବିଷୟ ହେଉଛି 'କୃତ୍ରିମ ବୁଦ୍ଧିମତା (ଏଆଇ) ର ଶାସନ ଓ ନୀତି'।

ଏହି ସମିଟ୍‌ଟି ନବଗଠିତ ସମ୍ବଲପୁର ଶିକ୍ଷା କ୍ଲଷ୍ଟରର ଅନ୍ତର୍ଗତ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ସହ ନିକଟ ସହଯୋଗରେ ଆୟୋଜିତ ହେଉଛି। ଏହାସହିତ ବିଜୁ ପଟ୍ଟନାୟକ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଓ କିଟ୍ ଡିମ୍‌ଡ୍-ଟୁ-ବି ବିଶ୍ୱବିଦ୍ୟାଳୟ ପରି ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଶିକ୍ଷାଗତ ସାଥୀ ଭାବେ ଯୋଗ ଦେବେ। ତିନିଦିନିଆ ଏହି ଗ୍ଲୋବାଲ୍ ଶିକ୍ଷାଗତ ଓ ଯୁବ ନେତୃତ୍ୱ ସମିଟ୍‌ର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀ, ନବୋନ୍ମେଷକ, ନୀତିନିର୍ଦ୍ଧାରକ, ଶିକ୍ଷାବିଦ, ଶିଳ୍ପ ନେତା, ଗବେଷକ ଓ ଆନ୍ତର୍ଜାତୀୟ ବିଶେଷଜ୍ଞମାନଙ୍କୁ ଏକତ୍ର କରି କୃତ୍ରିମ ବୁଦ୍ଧିମତାର ନୀତିମୂଳକ, ସାମାଜିକ ଓ ଶାସନାତ୍ମକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା। ଛାତ୍ରଛାତ୍ରୀମାନେ ପ୍ରମୁଖ ବର୍ଗ - ଯୁବ ସ୍ୱଦେଶୀ ନବାଚାର ପ୍ରଦର୍ଶନୀ (ଷ୍ଟାର୍ଟଅପ୍, ନବୋନ୍ମେଷ ଓ ପ୍ରଯୁକ୍ତି ପ୍ରଦର୍ଶନୀ), ଭଏସେସ୍ ଅଫ୍ ଫ୍ୟୁଚର୍ (ନୀତି ଆଲୋଚନା) ଆଦିରେ ପଞ୍ଜୀକରଣ କରିଛନ୍ତି। ଓଡ଼ିଶା ଡାନ୍ସ ଆକାଡେମି, ବାରାଣାସୀ ଡାନ୍ସ ଗ୍ରୁପ୍, ମୀନା ସପେରା ଓ ତାଙ୍କ ଦଳଙ୍କ ଦ୍ୱାରା ରାଜସ୍ଥାନୀ ଲୋକନୃତ୍ୟ, ସୁଗ୍ୟେନୀ ମହାପାତ୍ର ଓ ସୌରଭ ଭାରଦ୍ୱାଜଙ୍କ ପ୍ରଦର୍ଶନ ସହ ଭବ୍ୟ ସାଂସ୍କୃତିକ ସନ୍ଧ୍ୟା ଏବଂ ନେଟୱର୍କିଂ ସୁଯୋଗ ରହିବ। ନବୋନ୍ମେଷକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ, ଯୁବ ସ୍ୱଦେଶୀ ନବାଚାର ପ୍ରଦର୍ଶନୀରେ ପ୍ରଦର୍ଶିତ ଶ୍ରେଷ୍ଠ ପାଞ୍ଚଟି ନବୋନ୍ମେଷ ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ହୋଇଛି।

ଭିସୁଟ୍ କୁଳପତି ପ୍ରଫେସର ସାହୁ କହିଛନ୍ତି ଯେ, ଏହି ସମିଟ୍‌ଟି ଯୁବ-ନିର୍ଦ୍ଦେଶିତ ଏବଂ ନୀତି-ନିର୍ମାଣକୁ ସୂଚିତ କରୁଥିବା ଏକ ଗ୍ଲୋବାଲ୍ ମଞ୍ଚ, ଯାହା ପ୍ରଯୁକ୍ତିଗତ ନବୋନ୍ମେଷକୁ ନୀତି, ଦାୟିତ୍ୱ ଓ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ୨୦୪୭ ପରି ଜାତୀୟ ପ୍ରାଥମିକତା ସହ ସମନ୍ୱୟ କରେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଜଗନେଶ୍ୱର ଦଣ୍ଡପାଟ କହିଛନ୍ତି ଯେ, ଏହି ସମିଟ୍‌ର ଆୟୋଜନ ଉତ୍କଳ ବିଶ୍ୱବିଦ୍ୟାଳୟର ନୀତିମୂଳକ ପ୍ରଯୁକ୍ତି ଆଲୋଚନା, ଅନୁଶାସନାନୁଶାସନିକ ସହଯୋଗ ଏବଂ କୃତ୍ରିମ ବୁଦ୍ଧିମତା ପରି ଉଦୟମାନ କ୍ଷେତ୍ରରେ ଗ୍ଲୋବାଲ୍ ଶିକ୍ଷାଗତ ସଂପୃକ୍ତତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ଜନ୍ମଦିନର ଶୁଭେଚ୍ଛା



ବିଶ୍ୱଜିତ ଗୋସ୍ୱାମୀ
ବିଦ୍ୟାଧରପୁର, କଟକ
ତୋର ଜନ୍ମଦିନ ଅବସରରେ ମୁଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଅପାର କରୁଣାରୁ ତୋର ଚଲାପଥ ହେଉ କୁସୁମିତ, ଉଜ୍ଜ୍ୱଳ ହେଉ ଭବିଷ୍ୟତ।
ଶୁଭେଚ୍ଛା ସହ
ବାପା- ସତ୍ୟଜିତ୍ ଗୋସ୍ୱାମୀ, ମା-ସରୋଜିନୀ ଗୋସ୍ୱାମୀ, ଜେଜେ ମା- ବେଲାରାଣୀ, ପିଉସି- ଲତିଶ୍ରୀ, ଆଈ- କମଳା, ଅଜା- ଚକ୍ରଧର, ବନ୍ଧୁ ଓ ପରିବାରବର୍ଗ

# ସଡ଼କ ସୁରକ୍ଷା ସମିତିର ଶେଷ ବୈଠକ

ବରଗଡ଼, ୧୬।୧୨(ସମିସ)




ଜିଲ୍ଲା ସଡକ ସୁରକ୍ଷା କମିଟି ଚଳିତ ବର୍ଷର ଶେଷ ବୈଠକ ମଙ୍ଗଳବାର ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଜାତୀୟ ରାଜପଥ ଉପରେ ଥିବା ଜାଗା ଗୁଡିକରେ ବାରମ୍ବାର ଦୁର୍ଘଟଣା ହୋଇ ଜୀବନ ହାନି ହେଉଛି। ସେ ସ୍ଥାନରେ ସ୍ବତନ୍ତ୍ର ଭାବେ ଧ୍ୟାନ ଦେବା ସହ ତାର ପ୍ରତିକାର ପାଇ ଜାତୀୟ ରାଜପଥ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବରଗଡ଼ ସହର ମଧ୍ୟରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ପ୍ରଚେଷ୍ଟା କ୍ରମେ ଅନେକ ରାସ୍ତାର ପ୍ରଶସ୍ତୀକରଣ ଚାଲିଛି। ଆଗକୁ ଟ୍ରାଫିକ ସମସ୍ୟା ଦେଖା ଦେବ ନାହିଁ ବୋଲି ଆଶା ରହିଛି। ମୁଖ୍ୟତଃ ଭଟଲି ଛକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଏବେ ବେଶି ଟ୍ରାଫିକ ସମସ୍ୟା ଦେଖା ଦେଉଛି। ସେଥିପାଇଁ ଧନୁଯାତ୍ରା ପୂର୍ବରୁ ସମାଧାନ ପାଇ ଟ୍ରାଫିକ ଇନ୍ସପେକ୍ଟରଙ୍କୁ କୁହାଯାଇଛି। ସହରର ବିଭିନ୍ନ ଛକରେ ଏବେ ସିସି କ୍ୟାମେରା ଲାଗିଛି। ଏହାସହ ଧନୁଯାତ୍ରାକୁ ଦୃଷ୍ଟିରେ ରଖି ଭିଡ ରହୁଥିବା ଗଳି ରାସ୍ତା ଗୁଡିକରେ ଅଧିକରୁ ଅଧିକ ସିସି କ୍ୟାମେରା ଲଗାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ଗତ ୨୦୨୪ ମସିହା ଅପେକ୍ଷା ୨୦୨୫ରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଅଧିକ ହୋଇଥିବାରୁ ତାହା କେମିତି ହ୍ରାସ ପାଇବା ସେଥିପାଇଁ ଜିଲ୍ଲା ପୁଲିସ ପ୍ରଶାସନ ତଥା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଡ. ଜସ୍ବିର ସିଂ ସୈନି, ବସ ମାଲିକ ସଂଘ ସଭାପତି ବିନୋଦ ମହାପାତ୍ର, ବରଗଡ଼ ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ନିର୍ମଳ କର, ସୁଶାନ୍ତ ଦାଶ, ବର୍ଷାରାଣୀ ମୁଣ୍ଡ, ପ୍ରଦୀପ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବୁଡ଼ାମାଲ-ବେହେରାଟାଲ ରାସ୍ତା ନିର୍ମାଣ ପାଇଁ ଉପଜିଲ୍ଲାପାଳଙ୍କୁ ସରପଞ୍ଚଙ୍କ ଚିଠି



ଦହିତା, ୧୬।୧୨(ସମିସ): ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକ ବୁଡାମାଲ ପଞ୍ଚାୟତର ବୁଡାମାଲରୁ ବେହେରାଟାଲ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଏହିରାସ୍ତା ଦେଇ ୫ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ବ୍ୟବହାର କରିଥାନ୍ତି। ଦୈନନ୍ଦିନ ଭାବେ ହସ୍ପିଟାଲ, ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପଦ୍ମପୁର ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଶହ ଶହ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ମଧ ଏହି ରାସ୍ତାରେ ପଦ୍ମପୁରକୁ ଯିବା ଆସିବା କରନ୍ତି। ଖାଲ ଖମା ଗେଟି ଉପୁଡି ପଡ଼ିଥିବା ଏହି ରାସ୍ତା ହିଁ ଅଞ୍ଚଳବାସୀଙ୍କ ଏକମାତ୍ର ସାହା ଭରସା ରହିଛି। ଏହିରାସ୍ତାର ମରାମତି ତଥା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହିରାସ୍ତାର ମରାମତି ଅଥବା ନୂତନରାସ୍ତା ନିର୍ମାଣ କରିବାକୁ ବୁଡାମାଲ ପଞ୍ଚାୟତ ସରପଞ୍ଚ ଟିକେଶ୍ୱରୀ ସେଠ ଲିଖିତ ଭାବେ ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ସେ ଅନୁରୋଧ କରିଛନ୍ତି।

## ହତ୍ୟା ଅଭିଯୁକ୍ତ ରାଷ୍ଟ୍ର ବାରିକଙ୍କୁ ଆଜୀବନ ଜେଲ୍

ପଦ୍ମପୁର, ୧୬।୧୨(ସମିସ): ପଦ୍ମପୁର ଅତିରିକ୍ତ ଜିଲ୍ଲା ଏବଂ ଦୌରା ବିଚାରପତି ଅଭିଯୁକ୍ତ ରାଷ୍ଟ୍ର ବାରିକଙ୍କୁ ହତ୍ୟା ଅଭିଯୋଗରେ ଆଜୀବନ ଜେଲଦଣ୍ଡ (ଆରଆଇ) ଏବଂ ୨୫୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଛଅ ମାସ (ଆଇଡି) ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଜୁନ୍ ୨୬ରେ ବରଗଡ଼ ଜିଲ୍ଲା ସୋହେଲା ଥାନା ଅଧୀନ କେନ୍ଦମୁଣ୍ଡି ଗାଁର ରିକେଶ ବିଶ୍ୱାଲ (୧୧ ବର୍ଷ) ପିତା ଖିରୋଦ ବିଶ୍ୱାଲ ସାଇକଲରେ ଖେଳୁଥିବା ସମୟରେ ଅଭିଯୁକ୍ତ ରାଷ୍ଟ୍ର କଙ୍କ୍ରିଟ୍ ରାସ୍ତାରେ ତାଙ୍କୁ ୨ ଥର କଚାଡି ମାରିଥିବା ଅଭିଯୋଗ ହୋଇଥିଲା। ୨୬ ଜଣ ସାକ୍ଷୀଙ୍କୁ ଜେରା କରିବା ପରେ ୧୮ଟି ଦସ୍ତାବେଜ ପ୍ରସ୍ତୁତ କରାଯାଇଥିଲା ଏବଂ ୪ଟି ଏମ୍‌ଓ ଚିହ୍ନଟ କରାଯାଇଥିଲା। ଉପଲବ୍ଧ ପ୍ରମାଣର ବିଚାର କରି ଏଡିଜେ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ଏହି ଦଣ୍ଡ ଏବଂ ଜରିମାନା ରାୟ ଦେଇଛନ୍ତି। ମାମଲାର ତଦନ୍ତ ପୁଲିସ ଅଧିକାରୀ ଅମିତ ସେସ୍ କରିଥିଲେ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ହରେଶ ସୁନାନୀ ମାମଲାର ପରିଚାଳନା କରୁଥିଲେ।

## କଟାବନ୍ଧରୁ ବେଆଇନ ମାଛଧରା ବନ୍ଦ ଦାବି

ପଦ୍ମପୁର, ୧୬।୧୨(ସମିସ): ଜଳ ହିଁ ଜୀବନ। ପାନୀୟ ଜଳ ହେଉ ବା ପୋଖରୀ ବନ୍ଧ କଟାର ଜଳ ହେଉ ସେଗୁଡ଼ିକୁ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ। ହେଲେ ପଦ୍ମପୁର ସହର ସ୍ଥିତ କଟାବନ୍ଧର ଅବସ୍ଥା ସଙ୍କଟାପନ୍ନ। କଟାବନ୍ଧରେ ଚାଲିଥିବା ବେଆଇନ ମାଛ ମରା ରୋକିବା ସହିତ ସୌନ୍ଦର୍ଯ୍ୟକରଣ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୱାର୍ଡ ନମ୍ବର ୧୦ର କାଉନସିଲର ସଂଯୁକ୍ତା ପୁଷ୍ଟି ଏବଂ ପୂର୍ବତନ ଏନଏସି ଚେୟାରମ୍ୟାନ ପ୍ରିତମ ମେହେର ଲିଖିତ ଭାବେ ଜଣାଇଛନ୍ତି। ଏହି ପୋଖରୀର ପାଣିରେ ସହରର ଅଧିକାଂଶ ଲୋକେ ଗାଧୋଇବା ପାଇଁ ନିର୍ଭର କରନ୍ତି। ବର୍ତ୍ତମାନ ମାଛ ଚାଷ କରାଯାଉଥିବା ବେଳେ ସହରର ଅନେକ ନର୍ଦ୍ଦମାକୁ ସଂଯୋଗ କରାଯାଉଥିବାରୁ ପୋଖରୀ ପାଣି ଅତ୍ୟନ୍ତ ଦୁର୍ଗନ୍ଧମୟ ହୋଇପଡ଼ିଛଇ। ଲୋକେ ଏହି ପାଣି ବ୍ୟବହାର କରି ଜଳ ବାହିତ ରୋଗରେ ପୀଡିତ ହେଉଛନ୍ତି। ଏହି ବନ୍ଧ ବାବଦକୁ ନିଲାମ ମାଧ୍ୟମରେ ଏନଏସିକୁ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ସ୍ୱଚ୍ଛତା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଦୃଷ୍ଟି ନ ଦେବା ଅଞ୍ଚଳବାସୀଙ୍କ କ୍ଷୋଭର କାରଣ ହୋଇଛି। ଖୋଲା ନିଲାମ ହୋଇ ମାଛ ଚାଷ ହେବାର ପ୍ରକ୍ରିୟା ଥିବା ବେଳେ କେବେ ନିଲାମ ହେଲା ତାହା ସର୍ବସାଧାରଣରେ କାହାରିକୁ ଅବଗତ କରା ହୋଇ ନଥିବା ଅଭିଯୋଗ ହୋଇଛି। କଟାବନ୍ଧର ସୌନ୍ଦର୍ଯ୍ୟକରଣ ସହିତ ମାଛ ମରା ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିଜାଡୋଲରେ ଓଷ୍ଟା ବ୍ଲକ୍‌ସ୍ତରୀୟ ଶିଶୁମେଳା

ଝାରବନ୍ଧ, ୧୬।୧୨(ସମିସ): ଝାରବନ୍ଧ ବ୍ଲକ ଓଷ୍ଟା ତରଫରୁ ବ୍ଲକ ସ୍ତରୀୟ ଶିଶୁ ମେଳା ଓଷ୍ଟା ବ୍ଲକ ସଭାପତି କିଶୋର ଦୀପଙ୍କ ସଭାପତିତ୍ୱରେ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ବିଜାଡ଼ୋଲ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଝାରବନ୍ଧ ଏବିଇଓ ବିସିକେଶନ ଶତପଥୀ, ସମ୍ମାନିତ ଅତିଥି ଭାବେ ଗୋକୁଳାନନ୍ଦ ଡନସନା ଉପଦେଷ୍ଟା ଓଷ୍ଟା ବରଗଡ଼, ହୃଦାନନ୍ଦ ଭୋଇ ଓଷ୍ଟା ଉପଦେଷ୍ଟା, ଭୁବନେଶ୍ୱର ପ୍ରଧାନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ମୁଖ୍ୟବକ୍ତା ଭାବେ ନନ୍ଦଲାଲ ନାୟକ ପୂର୍ବତନ ଜିଲ୍ଲା ସଭାପତି ଓଷ୍ଟା ବରଗଡ଼ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ପ୍ରଧାନ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ବିଜାଡ଼ୋଲ, ଲକ୍ଷ୍ମନ ଚୌହାନ ସମ୍ପାଦକ ଓଷ୍ଟା ଝାରବନ୍ଧ, ଟିକେଶ୍ୱର ପଟେଲ ପ୍ରଧାନଶିକ୍ଷକ ଡଭା ହାଇସ୍କୁଲ, ଜୀବର୍ଧନ ବିଶି ସମ୍ପାଦକ ଓଷ୍ଟା ପାଇକମାଳ, ଦୟାନିଧି ସାହୁ ପ୍ରଧାନଶିକ୍ଷକ ପଞ୍ଚାୟତ ହାଇସ୍କୁଲ ଝାରବନ୍ଧ ପ୍ରମୁଖ ମଞ୍ଚସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧାଡଙ୍ଗର ପଞ୍ଚାୟତ ସରପଞ୍ଚ ସୁନୀଲ ରାୟ, ସମ୍ମାନିତ ଅତିଥି ଭାବେ ଭବାନୀ ଶଙ୍କର ଭୋଇ ରାଜ୍ୟକାରୀ ସଦସ୍ୟ ଯୋଗ ଦେଇଥିଲେ। ଝାରବନ୍ଧ ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ପ୍ରଥମ ସ୍ଥାନ ଅଧିକାର ୧୦ ଜଣ କୃତୀ ପ୍ରତିଯୋଗୀ ଚଳିତ ଡିସେମ୍ବର ୨୧ରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଓଷ୍ଟା ଶିଶୁ ମେଳାରେ ଯୋଗ ଦେବାର ସୂଚନା ରହିଛି। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଓଷ୍ଟାର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପାଇକମାଲ ବିଡିଓଙ୍କ ବିଭିନ୍ନ ଧାନମଣ୍ଡି ପରିଦର୍ଶନ

ପାଇକମାଲ, ୧୬।୧୨(ସମିସ): ଚାଷୀଙ୍କୁ ସୁବିଧାଜନକ ଓ ସୂଚାରୁ ଧାନ କ୍ରୟ ବ୍ୟବସ୍ଥା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ପାଇକମାଳ ପଞ୍ଚାୟତ ସମିତି ବିଭିନ୍ନ ଧାନମଣ୍ଡିକୁ ପାଇକମାଳ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ ଅଦୁ ପରିଦର୍ଶନ କରିଛନ୍ତି। ପରିଦର୍ଶନରେ ପାଇକମାଳ ବ୍ଲକ ଅଧୀନ ଟେମରୀ, ବୁକୁରାମୁଣ୍ଡା, ସରେଇକେଲା ଓ ଲଖମରା ଧାନମଣ୍ଡିଗୁଡିକୁ ଯାଇ ପରିସ୍ଥିତି ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ ବିଡିଓ ଶ୍ରୀ ଅଦୁ ଧାନମଣ୍ଡିରେ ଚାଷୀଙ୍କ ପାଇଁ ପିଇବା ପାଣି, ବସିବା ବ୍ୟବସ୍ଥା, ଛାଉଣୀ, ଶୌଚାଳୟ ଓ ସ୍ୱଚ୍ଛତା ସମ୍ପର୍କିତ ବ୍ୟବସ୍ଥାଗୁଡିକର ତଦାରଖ କରିଥିଲେ। ଧାନ କ୍ରୟ ଋତୁ ଚାଲି ଥିବାରୁ ଚାଷୀ ଯେମିତି କୌଣସି ପ୍ରକାରର ଅସୁବିଧାର ସମ୍ମୁଖିନ ନ ହୁଅନ୍ତୁ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରୟାସ କରାଯାଉଛି ବୋଲି ସେ କହିଥିଲେ। ବିଡିଓ ଧାନମଣ୍ଡିରେ ଉପସ୍ଥିତ ଥିବା ସ୍ଥାନୀୟ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରି ତାଙ୍କ ସମସ୍ୟା, ଅଭିଯୋଗ ଓ ପ୍ରସ୍ତାବ ଗୁଡିକୁ ଶୁଣିଥିଲେ। ଚାଷୀ ଧାନ ଓଜନ, ଓଜନ ମାପ, ଧାନ ଭର୍ତ୍ତି ପ୍ରକ୍ରିୟା, ଅନଲାଇନ ଟୋକନ ବ୍ୟବସ୍ଥା ଓ ଧାନର



ଉଚିତ ମୂଲ୍ୟ ସମ୍ପର୍କରେ ନିଜ ମତାମତ ରଖିଥିଲେ। ସେମାନଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ସମାଧାନ ପାଇଁ ସମ୍ପୃକ୍ତ କର୍ମଚାରୀ ଓ ମଣ୍ଡି ଚଳାଉଥିବା କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହିତ ବିଡିଓ ମଣ୍ଡି ଚଳାଉଥିବା ସଂସ୍ଥା ମାନଙ୍କୁ ସରକାରୀ ନିୟମ ଓ ନିର୍ଦ୍ଦେଶାବଳୀକୁ କଡାକଡି ଭାବେ ପାଳନ କରିବାକୁ ଓ ଚାଷୀଙ୍କୁ ସମ୍ମାନ ସହିତ ସେବା ଦେବାକୁ ଉପଦେଶ ଦେଇଥିଲେ।

## ସ୍କୁଲରେ ଝୁଲୁଛି ତାଲା, ଫେରୁଛନ୍ତି ଛାତ୍ରଛାତ୍ରୀ

ଅତାବିରା, ୧୬।୧୨(ସମିସ): ଅତାବିରା ବ୍ଲକ ନଘାପାଲି-ଗଡ଼ମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଗତ ଦୁଇ ଦିନ ହେଲା ତାଲା ଝୁଲୁଛି। ଫଳରେ ଛାତ୍ରଛାତ୍ରୀ ନିରାଶ ହୋଇ ଫେରି ଆସୁଥିବା ଭଳି ଚିତ୍ର ଦେଖିବାକୁ ମିଳିଛି। ଲରମ୍ଭା ହାଇସ୍କୁଲ ସଂଲଗ୍ନ ଏହି ଗାଁ ଦ୍ୱୟ ଶିକ୍ଷିତ ଗାଁ ଭାବେ ବେଶ ଜଣାଶୁଣା। ବର୍ତ୍ତମାନ ଏହି ସ୍କୁଲରେ ପାଖାପାଖି ୨୫ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକ ହିମାଂସୁ ମହାନନ୍ଦ ଓ ମିନତି ସାହୁ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦୁଇ ଶିକ୍ଷକ ମଧ୍ୟରେ ପଡୁ ନଥିବାରୁ ସେମାନେ ଦୀର୍ଘ ଦିନ ହେଲା ମାସାଧିକାଳ ଛୁଟିରେ ରହିଛନ୍ତି। ଗତ ନଭେମ୍ବର ୩ରେ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ଶିବିରରେ ଗ୍ରାମବାସୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଜଣେ ସିଆରସିସି ସାମୟିକ ଭାବେ ଯାଇ ସ୍କୁଲ କାର୍ଯ୍ୟ କରୁଥିଲେ। ହେଲେ ଗତ ଦୁଇ ଦିନ ହେଲା ସ୍କୁଲ ଖୋଲା ସମୟରେ କୌଣସି ଶିକ୍ଷକ ଆସୁ ନଥିବାରୁ ପିଲାମାନେ ଖେଳାବୁଲା କରି ଘରକୁ ଫେରି ଆସୁଛନ୍ତି। ବର୍ତ୍ତମାନର ଦୁଇ ଶିକ୍ଷକଙ୍କ ବଦଳରେ ଅନ୍ୟ ଶିକ୍ଷକ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନୂତନ ଶିକ୍ଷକ ଦେଲେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ଗ୍ରାମବାସୀ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ବିଇଓ ମିଶ୍ରାଣୀ କୁମ୍ଭାରଙ୍କୁ ପଚାରିବାରୁ ସ୍କୁଲର ସମସ୍ୟା ବାବଦରେ ଅବଗତ ଅଛି। ସ୍କୁଲର ୨ ଦିନ ବନ୍ଦ ଥିବା ଜଣାନାହିଁ। ଦାୟିତ୍ୱରେ ଥିବା ସିଆରସିସିଙ୍କ ବିବିଧ କାମ ଥିବାରୁ କିଛି ଅସୁବିଧା ହୋଇଥାଇ ପାରେ, ଆଗାମୀ ୨/୪ ଦିନ ଭିତରେ ଶିକ୍ଷକ ଦେବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ବିଦ୍ୟାସାଗର ଏକାଡେମୀରେ ବାର୍ଷିକ କ୍ରୀଡ଼ା

ବରଗଡ଼, ୧୬।୧୨(ସମିସ): ବରଗଡ଼ ବିଦ୍ୟାସାଗର ଏକାଡେମୀର ୨୦ତମ ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ କ୍ରୀଡା




ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ଶ୍ରୁତିଶିଖା ତ୍ରିପାଠୀ ଓ ସମୀକ୍ଷା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାସାଗର ଏକାଡେମୀର ଚେୟାରମ୍ୟାନ ବଳରାମ ବିଶି, ପ୍ରଶାସନିକ ନିର୍ଦ୍ଦେଶିକା ଶୁଭ୍ରନିତା ବିଶି, ଡାଇରେକଟର ଡ.ଜୟଦେବ ଭୋଇ, ସୁଧାମୟୀ ଭୋଇ, ସିବିଏସଇ ଅଧ୍ୟକ୍ଷ ଦିଲୀପ ମିଶ୍ର, ସିଏଚଏସଇ ଅଧ୍ୟକ୍ଷ ବିକାଶ ସେନ, ଉପାଧ୍ୟକ୍ଷ ପ୍ରଦୀପ ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହାପରେ ଖେଳ ଶିକ୍ଷକ ସୁଧୀର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ଛାତ୍ରଛାତ୍ରୀଙ୍କ ଦ୍ୱାରା ରିଲେ ରେସ, ଜିଲେବି ରେସ ହେବା ସହ ଅଭିଭାବକ, ଶିକ୍ଷକ ଓ ସହଯୋଗୀ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଛାତ୍ର ଆଖ୍ୟାଂଶ ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଛାତ୍ରୀ ସୋନାକ୍ଷୀ ମଳିକ, ନନ୍ଦିନୀ କଠାର ପୁରସ୍କାର ବିତରଣୀ ସଭାରେ ସଂଯୋଜନା କରିଥିଲେ। ଚେୟାରମ୍ୟାନ ଶ୍ରୀ ବିଶି ଅଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଶିକ୍ଷକ ଆଶିଷ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮ ରେ ଫକୀର ପଟ୍ଟନାୟକ ସୁରତା ଉତ୍ସବ

ବିଜେପୁର, ୧୬।୧୨(ସମିସ): ବରଗଡ଼ ଜିଲ୍ଲା ବିଜେପୁର ସହରରେ ଚଳିତ ମାସ ୨୮ରେ ସଙ୍ଗୀତ ଜଗତର ବାଦଶାହା ଫକୀର ମୋହନ ପଟ୍ଟନାୟକ ସୁରତା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନ, ନୂପୁର କ୍ଲବ୍ ବରପାଲିର ସମ୍ପାଦକ ସଙ୍ଗୀତଜ୍ଞ ବୁଲୁ ସ୍ୱାଇଁ, ଉପ ସଭାପତି ଅଜିତ ଛତ୍ରିଆ, ସାମ୍ବାଦିକ ପାଣ୍ଡବ ପଧାନ, କଳାକାର ରାଜେଶ୍ୱର ବେହେରା, ନବୀନ ସାହୁ, ନୀଳମଣି ମେହେର, ତାପସ ଗଡ଼ତୀୟା ପ୍ରମୁଖ ଆଲୋଚନାରେ ସାମିଲ ଥିଲେ। କାର୍ଯ୍ୟକ୍ରମରେ ଗଗନ ବାଗ, ରେମାରାଣୀ ଦାଶ, ଜଗତ ଗର୍ଡ଼ିଆ, ସସ୍ମିତା ରାଉତ, ନୂପୁର, ପୁଷ୍ପରାଜ ପ୍ରମୁଖ କଣ୍ଠଶିଳ୍ପୀ ଫକୀର ମୋହନ ପଟ୍ଟନାୟକଙ୍କ ପ୍ରସିଦ୍ଧ ସଙ୍ଗୀତ ପରିବେଷଣ କରିବେ। ସେହିପରି ବରଗଡ଼ର କଳାଜୀବୀ ଓ ସମ୍ବଲପୁରର ପଞ୍ଚବାଦ୍ୟ ଅନୁଷ୍ଠାନ ଲୋକନୃତ୍ୟ ପରିବେଷଣ କରିବାକୁ ନିଷ୍ପତ୍ତି ହୋଇଛି। ସମାବେଶରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଜେପୁର ବିଧାୟକ ସନତ ଗଡ଼ତୀୟା ଅତିଥି, ସମ୍ବଲପୁରର ଗବେଷକ ସପନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେବେ। ଏହି ଅବସରରେ ସମ୍ବଲପୁରର ନାଟ୍ୟକାର ପ୍ରଦୀପ ପଣ୍ଡା, ବିଜେପୁରର ସଙ୍ଗୀତ କଳାକାର ସନ୍ତୋଷ ଦେହେରୀଙ୍କୁ ଫକୀର ମୋହନ ପଟ୍ଟନାୟକ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସାମ୍ବାଦିକଙ୍କୁ ପେନସନ ଓ ଭତ୍ତା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ନିବେଦନ

ପଦ୍ମପୁର, ୧୬।୧୨(ସମିସ): ପଦ୍ମପୁର ପଞ୍ଚମ ଲୋକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଓଡ଼ିଶାର ଯୁବ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିବା ସାମ୍ବାଦିକ ମାନଙ୍କୁ ଶେଷ ରଜନୀରେ ସମ୍ମାନିତ କରିଥିଲେ। ଏହି ଅବସରରେ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀଙ୍କ ସହ ଅନ୍ୟ ସାମ୍ବାଦିକ ମାନେ ମନ୍ତ୍ରୀ ସୁରଜଙ୍କୁ ଓଡ଼ିଶାର ସମସ୍ତ ସାମ୍ବାଦିକ ମାନଙ୍କୁ ସରକାର ଉପଯୁକ୍ତ ପେନସନ ଓ ଭତ୍ତା ଦେବା ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ସୁରଜ ସାମ୍ବାଦିକଙ୍କ ଦାବିକୁ ଯଥାର୍ଥ କହିବା ସହ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ଆଶ୍ୱାସନା ଦେଇଥିଲେ। ଏହି ସମୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଅନ୍ୟାନ୍ୟ ବରେଣ୍ୟ ଅତିଥି ମଧ୍ୟ ଉପସ୍ଥିତ ଥିଲେ।

## ହାଇସ୍କୁଲରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ

ଗାଇସିଲେଟ, ୧୬।୧୨(ସମିସ): ଗାଇସିଲଟ ବ୍ଲକ ଅଧୀନ ବାପୁଜୀ ଉଚ୍ଚ ବିଦ୍ୟାଳୟ ଗୁଦେରପାଲି ଠାରେ ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ଭୋଇଙ୍କ ଅଧ୍ୟକ୍ଷତାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୈଳବାଳା ଦେବତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କଳା ଶିକ୍ଷକ ପ୍ରଜାପତି ପ୍ରଧାନ, ଭୂଗୋଳ ଶିକ୍ଷକ କିଶୋର ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣିତ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ପ୍ରଦ୍ୟୁମ୍ନ ନାଏକ, ରୁକ୍ମଣ ଭୁଏ ମଞ୍ଚାସୀନ ଥିଲେ। ଉର୍ଜା ସଂରକ୍ଷଣର ଆବଶ୍ୟକତା, ଉପକାରିତା, କିପରି ସଂରକ୍ଷଣ କରିବା ତାହା ବାଖ୍ୟା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ତିଆରି, ସ୍ଲୋଗାନ ଲିଖନ, କୁଇଜ, ସେମିନାର, ନିବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ ଉର୍ଜା ଅପଚୟ ନକରିବା ଓ ଏହାର ସଂରକ୍ଷଣ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଉନ୍ନିତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।



**ଅମ୍ବାଭୋନା :** ଶକ୍ତିର ସୁବିନିଯୋଗ ସହିତ ଶକ୍ତି ସଞ୍ଚୟ କରିବା ଦିଗରେ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶକ୍ତି କ୍ଲବ୍‌ର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ଶକ୍ତି କ୍ଲବ୍, ଗଣିତ କ୍ଲବ୍, ବିଜ୍ଞାନ କ୍ଲବ୍ ଓ ଇକୋ କ୍ଲବ୍‌ର ସଦସ୍ୟ ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଗାଁ ପରିକ୍ରମା କରିବା ସହ ସ୍ଲୋଗାନ ମାଧ୍ୟମରେ ଶକ୍ତି ସଂରକ୍ଷଣ ନିମନ୍ତେ ସଚେତନତାର ବାର୍ତ୍ତା ଦେଇଥିଲେ। ଆୟୋଜିତ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଦିପ୍ତିମୟୀ ଗଡ଼ତିଆ, ଲିପସାମୟୀ ସା ଓ ବିଜିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଏକ ଫୁଲଚାରା ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବୋଧରାମ ବିଶ୍ୱାଳ, ତେଜରାମ ସା, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଶ୍ରୀପତି ସାହୁ, ଈଶ୍ୱର ପଧାନ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରାରେ ଦାସକାଠିଆ କଳାକାର ଗୌରହରିଙ୍କୁ ସୁଯୋଗ ଦାବି

● ବ୍ଲକ୍ ସାମ୍ବାଦିକ ଓ କଳାକାର ସଂଘ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଅମ୍ବାଭୋନା, ୧୬।୧୨(ସମିସ): ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଆଞ୍ଚଳିକ କଳାକାରଙ୍କୁ, ବିଶେଷକରି କଂସ ଦରବାରରେ ପରିବେଷଣ ପାଇଁ ସୁଯୋଗ ଦିଆଯାଉ ବୋଲି ଜିଲ୍ଲାପାଳଙ୍କ ଠାରେ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ ଓ କଳାକାର ସଂଘ ଅନୁରୋଧ କରିଛନ୍ତି। ସଂଘ ପକ୍ଷରୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଲିଖିତ ଭାବେ ଦାବି ରଖାଯାଇଛି। ଉଲ୍ଲେଖଯୋଗ୍ୟ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ସାହସବଗା ଗାଁର ଦାସକାଠିଆ କଳାକାର



ଗୌରହରି ଖମାରୀ ଜଣେ ଉଚ୍ଚକୋଟୀର ଓ ପ୍ରତିଷ୍ଠିତ କଳାକାର। ସେ ପୁରାତନ ଦାସକାଠିଆ କଳାର ଉଜ୍ଜୀବିତ ରଖିବା ପାଇଁ ଦୀର୍ଘବର୍ଷ ଧରି ସାଧନାରତ ରହିଛନ୍ତି। ବର୍ତ୍ତମାନ ସେ ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘର ପଶ୍ଚିମ ଓଡ଼ିଶା ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଗତ ୨୦୧୫ ମସିହାରୁ ସେ ସମ୍ବଲପୁର ଆକାଶବାଣୀରେ ନିୟମିତ ଭାବେ ଦାସକାଠିଆ ପରିବେଷଣ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବହୁ ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି। ଗଞ୍ଜାମର ବେଲଗାଁ ମହୋତ୍ସବ, କେନ୍ଦୁଝରର ରାହସ ଉତ୍ସବ, ସମ୍ବଲପୁର ସ୍ୱୀକାର, ପୁରୀ ରଥଯାତ୍ରାର ବଡଦାଣ୍ଡ, କୋଣାର୍କ ମହୋତ୍ସବ ସହ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ମଞ୍ଚରେ ସେ ସମ୍ମାନିତ ହୋଇସାରିଛନ୍ତି। ଏପରି ଏକ ପ୍ରତିଭାଶାଳୀ କଳାକାରଙ୍କୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ଦରବାରରେ ପରିବେଷଣର ସୁଯୋଗ ଦିଆଯିବା ଏକାନ୍ତ ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି। ବୈଠକରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହାଙ୍କ ସହ ଅମ୍ବାଭୋନା ବ୍ଲକ ସାମ୍ବାଦିକ ସଂଘ ସଦସ୍ୟ ହେମନ୍ତ ପଧାନ, ରଞ୍ଜିତ ଦାଶ, ଉମେଶ ସେଠ, ପ୍ରକାଶ ରଥ, ଅଜୟ ସାହୁ, ଚନ୍ଦ୍ରମଣୀ ବେହେରା ଏବଂ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦର ସମ୍ପାଦକ ରବିଶଙ୍କର ବେହେରା ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଗଣଦୃଷ୍ଟି ମିଡିଆ ପକ୍ଷରୁ ନିଆରା କାର୍ଯ୍ୟକ୍ରମ

# ଧନୁଯାତ୍ରା ମହୋତ୍ସବରେ ରିପୋର୍ଟିଂ କରିବେ ଛାତ୍ରଛାତ୍ରୀ

ବରଗଡ଼, ୧୬।୧୨(ସମିସ)



ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ଏଥର ସ୍କୁଲ ଛାତ୍ରଛାତ୍ରୀ ନ୍ୟୁଜ୍ ରିପୋର୍ଟିଂ କରିବେ। ସେମାନେ ବିଭିନ୍ନ ନ୍ୟୁଜ୍ ଚାନେଲ ସହ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ, ଫେସବୁକ, ଏକ୍ସ, ୟୁଟ୍ୟୁବ ଜରିଆରେ ହିନ୍ଦୀ, ଇଂରାଜୀ, ଓଡ଼ିଆ, ସମ୍ବଲପୁରୀ ଆଦି ଭାଷାରେ ରିପୋର୍ଟ ପ୍ରସ୍ତୁତ କରିବେ। ଧନୁଯାତ୍ରାର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏ ନେଇ ଗଣଦୃଷ୍ଟି ମିଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ଗଣଦୃଷ୍ଟି ମିଡିଆର ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବରଗଡ଼ର ଗାନ୍ଧୀ ସ୍ମୃତି ପାଠାଗାର ଠାରେ ଆୟୋଜିତ କର୍ମଶାଳାକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରି ଗଣ ଦୃଷ୍ଟିର ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ। କର୍ମଶାଳାରେ ମମତା ପାତ୍ର, ସାମ୍ବାଦିକ ଜୟ ପ୍ରକାଶ ଶତପଥୀ ଓ ବରଗଡ଼ ସାମ୍ବାଦିକ ସଂଘର ଉପ ସଭାପତି ତଥା ସାମ୍ବାଦିକ ବୀରେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପାୱାର୍ ଅଫ୍ ଦିବ୍ୟାଙ୍ଗର ସଭାପତି ଆଡଭୋକେଟ୍ ଶ୍ୟାମ ସୁନ୍ଦର ଅଗ୍ରୱାଲ, ବରଗଡ଼ ପଞ୍ଚାୟତ କଲେଜ୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର୍ ପତିତପାବନ ସାହୁଙ୍କ ଦିଗ୍‌ଦର୍ଶନରେ ଅନୁଷ୍ଠିତ କର୍ମଶାଳାକୁ ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ ସରୋଜ ମହାପାତ୍ର ସଂଯୋଜନା କରିଥିଲେ। କର୍ମଶାଳାରେ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍କୁଲ୍ କଲେଜ୍‌ର ୪୦ରୁ ଅଧିକ ଛାତ୍ରଛାତ୍ରୀ ତାଲିମ୍ ଗ୍ରହଣ କରିଥିଲେ।